

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar



ଶେହବାଜ୍‌ଙ୍କ ହୋସ୍ ଉଡାଇଲେ ଶାହ | ୬

ODISHA BHASKAR ଯାହା ଆପଣଙ୍କ କଥା କହେ

ଆତ୍ମାକୁ ସଂଯୋଗ କରେ ଯୋଗ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୨ Vol. 22 No-82 22 JUNE 2025 SUNDAY, BHUBANESWAR ରବିବାର, ୨୨ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦





ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର





କଟକ(ଭାସ୍କର ନ୍ୟୁଜ୍): ମୋକିମ ଫାଉଣ୍ଡେସନ ପକ୍ଷରୁ ସିଡିଏ ସ୍ଥିତ ଉଇଣ୍ଡସର ପ୍ୟାଲେସ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି । ଏଥିରେ କଟକ ବିଭିନ୍ନ ସଙ୍ଗଠନ, ବୟୋଜ୍ୟେଷ୍ଠ, ମହିଳା, ଛୋଟ ଛୋଟ ପିଲା ଆସି ଯୋଗ ଦିବସ ପାଳନ କରିଥିଲେ । ଏହି ଅବସରରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ଆମେ ଶାରୀରିକ, ମାନସିକ ଓ ଆତ୍ମିକ ଉନ୍ନତି ପାଇଁ ପ୍ରତିଦିନ ଯୋଗ କରିବା ବୋଲି କହିଥିଲେ । ପ୍ରାରମ୍ଭରେ ମୋକିମ ଫାଉଣ୍ଡେସନ ଟ୍ରଷ୍ଟି ବିଧାୟିକା ସୋଫିଆ ଫିରଦୋସ ଉପସ୍ଥିତ ସମସ୍ତଙ୍କୁ ଯୋଗ ଦିବସ ଉପଲକ୍ଷେ ସ୍ୱାଗତ କରିଥିଲେ । ଏଥିରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅଭିନେତା ଶୁଭାଶିଷ ଶର୍ମା, ଦୀପକ ଦାସ, ଅଭିନେତା ପୁନମ ମିଶ୍ର, ମେଘନା ମିଶ୍ର, ଶୀତଲ ପାତ୍ର ଏହି ଯୋଗ ଦିବସରେ ଯୋଗଦେଇ ଲୋକଙ୍କୁ ପ୍ରେରଣା ଦେଇଥିଲେ। ଶେଷରେ ଫାଉଣ୍ଡେସନର ଅନ୍ୟତମ ଟ୍ରଷ୍ଟି ମହମ୍ମଦ ଅଲିମ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

# ଯୋଗ ଆତ୍ମ-ସଚେତନତାକୁ ଜାଗ୍ରତ କରେ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଭବନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଶନିବାର ସକାଳେ ନ୍ୟୁ ଅଭିଷେକ ହଲ୍ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ସାମିଲ ହେବା ସହ ଯୋଗ ଅଭ୍ୟାସ କରିଥିଲେ । ଚଳିତ ବର୍ଷ 'ଏକ ପୃଥିବୀ ଏବଂ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଶୀର୍ଷକକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତଙ୍କ ସମେତ ରାଜଭବନର ଅଧିକାରୀ/ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ 'ଯୋଗ କେବଳ ଏକ ଶାରୀରିକ କାର୍ଯ୍ୟକଳାପ ନୁହେଁ, ଏହା ଏକ ଜୀବନଶୈଳୀ ଯାହା ଅନ୍ତରରେ ଶାନ୍ତି, ସ୍ଥିରତା ଏବଂ ଆତ୍ମ-ସଚେତନତାକୁ ଜାଗ୍ରତ କରେ। ପ୍ରାଚୀନ ଭାରତୀୟ ଜ୍ଞାନର ମୂଳ ଯୋଗ ଶରୀର, ମନ ଏବଂ ଆତ୍ମାରେ ସମନ୍ୱୟ ଆଣେ ଏବଂ ପ୍ରକୃତି ସହିତ ଆମର ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି କହିବା ସହିତ ଯୋଗ ପରି କାଳଜୟୀ ଅଭ୍ୟାସ ସମସ୍ତଙ୍କୁ ଉତମ ସ୍ୱାସ୍ଥ୍ୟ ଏବଂ ସନ୍ତୁଳିତ ଜୀବନ ଆଡକୁ ମାର୍ଗଦର୍ଶନ କରିବ ବୋଲି ରାଜ୍ୟପାଳ କହିଛନ୍ତି। ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବାପାଇଁ ଯୋଗର ଆବଶ୍ୟକତା ଏବଂ ଏହାର ବିଭିନ୍ନ ପଦ୍ଧତି ସମ୍ପର୍କରେ ଯୋଗ ପ୍ରଶିକ୍ଷକ ଅଜିତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଡ଼. ସୁଶୀଲ ପଟ୍ଟନାୟକ ଏବଂ କ୍ରିତିଷ୍ଠା ମହାପାତ୍ର ଯୋଗ ଶିକ୍ଷା ପ୍ରଦାନ କରିଥିଲେ ।

## ଭିଏସ୍‌ଏସ୍ ନଗର

ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ସ୍ଥାନୀୟ ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ଅଧ୍ୟକ୍ଷତାରେ ଯୋଗ ଶିବିରରେ ଯୋଗଗୁରୁ ଇଂ ସୁରେଶ ଚନ୍ଦ୍ର କର ଯୋଗ ଦିବସର ବାର୍ତ୍ତା ସମ୍ପର୍କରେ ସୂଚନା ଦେଇଥିଲେ ।

## ଓଏଚ୍‌ପିସିରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଜଳ ବିଦ୍ୟୁତ ନିଗମର କର୍ପୋରେଟ କାର୍ଯ୍ୟାଳୟ ଏବଂ ୟୁନିଟଗୁଡିକରେ ଆଜି ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏହି ଅବସରରେ ଭୁବନେଶ୍ୱର ସ୍ଥିତ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟର ସହଭାଗୀତାରେ ଓଏଚପିସି ପ୍ରଶିକ୍ଷଣ କେନ୍ଦ୍ରରେ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ' ପାଇଁ ଯୋଗ ସମ୍ପର୍କିତ ବିଷୟବସ୍ତୁ ଉପରେ ଏକ ଯୋଗ ପ୍ରଶିକ୍ଷଣ ତଥା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସକାଳ ଅଧିବେଶନରେ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ପକ୍ଷରୁ ଯୋଗ ଗୁରୁ ପ୍ରକାଶ ଚନ୍ଦ୍ର ଗଜେନ୍ଦ୍ର ଏବଂ ଆୟସାକାନ୍ତା ଦାସଙ୍କ ଦ୍ୱାରା ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ଓଏଚପିସିର ମାନବ ସମ୍ବଳ ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକଙ୍କ ଗରିମାମୟ ଉପସ୍ଥିତିରେ ଉଦ୍ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ପ୍ରକାଶ ଚନ୍ଦ୍ର ଗଜେନ୍ଦ୍ର ଏକ ଯୋଗ ସଚେତନତା ଉପରେ ଆଲୋକପାତ କରିବା ସହିତ ସୁସ୍ଥ ଜୀବନ ପାଇଁ ଯୋଗର ଗୁରୁତ୍ୱ ଏବଂ ଏହା କିପରି ଶାରୀରିକ ଏବଂ ମାନସିକ ସୁସ୍ଥତା ବଜାୟ ରଖିବାରେ ସାହାଯ୍ୟ କରେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ମାନସିକ ସୁସ୍ଥତା ପାଇଁ ଶୁଭେନ୍ଦୁ କୁମାର ବିଶ୍ୱାଳ ଯୋଗ ନିଦ୍ରା ପ୍ରଦର୍ଶନ କରିଥିଲେ।

## ଯୋଗ ପ୍ରାଚୀନ ଭାରତୀୟ ପରମ୍ପରାର ଏକ ଅମୂଲ୍ୟ ଉପହାର : ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯୋଗ ପ୍ରାଚୀନ ଭାରତୀୟ ପରମ୍ପରାର ଏକ ଅମୂଲ୍ୟ ଉପହାର । ପ୍ରଧାନମନ୍ତ୍ରୀଙ୍କ ପ୍ରଚେଷ୍ଟା ଯୋଗୁ ୫ହଜାର ବର୍ଷର ପ୍ରାଚୀନ ଯୋଗ ସାରା ବିଶ୍ୱରେ ସ୍ୱିକୃତୀ ଲାଭ କରିଛି । ଯୋଗ ଦିବସରେ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତି, ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ସାଂସଦ ବଳଭଦ୍ର ମାଝୀ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ, ସ୍ୱଚ୍ଛ ଭାରତ ଅଭିଯାନ ସଂଯୋଜକ ମହେଶ ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।

## ଏମ୍ସ ଭୁବନେଶ୍ୱରରେ ଅନ୍ତର୍ଜାତୀୟ ଯୋଗ ଦିବସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏମ୍ସ ଭୁବନେଶ୍ୱରରେ ଉତ୍ସାହପୂର୍ଣ୍ଣ ବାତାବରଣ ମଧ୍ୟରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଆୟୁଷ ବିଭାଗ ଦ୍ୱାରା ଆୟୋଜିତ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଶୀର୍ଷକରେ ଅନୁଷ୍ଠିତ ହୋଇଥିଲା, ଯାହା ପାରମ୍ପରିକ ଯୋଗ ଜ୍ଞାନ ଏବଂ ଆଧୁନିକ ଚିକିତ୍ସା ବିଜ୍ଞାନର ସମନ୍ୱୟ ମାଧ୍ୟମରେ ସାମଗ୍ରିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ସହ ଯୋଗ-ଆଧାରିତ ପଦ୍ଧତିକୁ ସଂଯୋଜିତ କରିବା ପାଇଁ ପ୍ରତିଷ୍ଠାନର ଚାଲିଥିବା ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଟିପିସିଓଡିଏଲ୍ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟିପିସିଓଡିଏଲ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଟିପିସିଓଡିଏଲର କର୍ପୋରେଟ କାର୍ଯ୍ୟାଳୟ ସମେତ ସମସ୍ତ ସର୍କଲ, ଡିଭିଜନ ଓ ଟେକନୋଲୋଜି ସେଣ୍ଟରରେ ଏହି ଯୋଗ ଦିବସ ପାଳିତ ହୋଇଛି। ଟିପିସିଓଡିଏଲ ସିଇଓ ଅରିଭିନ୍ଦ୍ ସିଂହଙ୍କ ନେତୃତ୍ୱରେ ଟିପିସିଓଡିଏଲ କର୍ମଚାରୀ ଓ ଅଧିକାରୀମାନେ ସାମିଲ ହୋଇ ଯୋଗ କରିଥିଲେ। ଚଳିତ ବର୍ଷ ଯୋଗ ଦିବସ ଉପଲକ୍ଷେ ଥିମ୍ ରହିଛି ଵଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'। ଏହି ଅବସରରେ ଶ୍ରୀ ସିଂହ କହିଥିଲେ ଯେ ଯୋଗ ଏକ ସୁସ୍ଥ, ଶାରୀରିକ ଓ ମାନସିକସ୍ତରରେ ରହିବା ପାଇଁ ସର୍ବୋତ୍ତମ ଉପାୟ। ଉନ୍ନତ ସ୍ୱାସ୍ଥ୍ୟ, ଶକ୍ତି ଓ ଶାନ୍ତି ପାଇଁ ଯୋଗକୁ ନିୟମିତ ଅଭ୍ୟାସ କରିବା ଆବଶ୍ୟକ। ନିଜର ଓ ପରିବାର ସ୍ତରରେ ଉତ୍ତମ ସ୍ୱାସ୍ଥ୍ୟର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ଶରୀର, ମନ, ସମାଜ ଓ ଆଧ୍ୟାତ୍ମିକ ଜୀବନ ପାଇଁ ଯୋଗ ହେଉଛି ଏକ ସର୍ବୋତ୍କୃଷ୍ଟ ମାଧ୍ୟମ । ଯୋଗ ହିଁ ଏକମାତ୍ର ମାଧ୍ୟମ ଯାହା ମନକୁ ଶାନ୍ତ କରିଥାଏ । ଦୁନିଆକୁ ଆମର ଏହି ପ୍ରାଚୀନ କଳା ଓ ଏହାର ସୁଫଳ ସମ୍ପର୍କରେ ଅବଗତ କରାଇବା ପାଇଁ ଆମ ଦେଶର ନେତୃତ୍ୱରେ ପୁରା ବିଶ୍ୱ ପାଳନ କରୁଛି ଯୋଗ ଦିବସ । ୨୦୧୫ରୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ଜୁନ୍ ୨୧ ତାରିଖକୁ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି ।

## କଟକ ଜିଲ୍ଲା ପ୍ରଶାସନର ଅନ୍ତର୍ଜାତୀୟ ଯୋଗ ଦିବସ




କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୋଗାଭ୍ୟାସକୁ ଦୈନନ୍ଦିନ ଜୀବନର ଅଭ୍ୟାସ ଭାବେ ଆପଣାଇବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଓ ଡିସିପି ଋଷିକେଶ ଖିଲାରୀ ଚାରାରେ ଜଳଦାନ ପୂର୍ବକ ଶୁଭାରମ୍ଭ କରିଥିଲେ ।

## ପାର୍କ ଆସୋସିଏସନ୍ ପକ୍ଷରୁ ଯୋଗ ଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଧୁନିକ ଜୀବନର ଚାପ, ବିଭିନ୍ନ ରୋଗ ଏବଂ ଭାବପ୍ରବଣତା ଅଶାନ୍ତି ବୃଦ୍ଧିର ପ୍ରମୁଖ କାରଣ। ଏଥିପାଇଁ ଯୋଗ ଶାରୀରିକ, ମାନସିକ ଶାନ୍ତି ଭାବପ୍ରବଣତା ନିୟନ୍ତ୍ରଣ ଓ ସ୍ଥିରତା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ। ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବିଜୁ ପଟ୍ଟନାୟକ ପାର୍କ ପରିସରରେ ପାର୍କ ଆସୋସିଏସନ ତରଫରୁ ଦୁର୍ଯ୍ୟୋଧନ ପରିଡା, ଉତ୍କଳ କୁମାର ଆଇଚ, ଅନିରୁଦ୍ଧ ସାହୁ, ନାରାୟଣ ସାହୁ, ପୂର୍ଣ୍ଣ ରଥ,ରାଜେଶ, ବିଜୟ, ମନୋଜ ପାତ୍ର, ଏବଂ ଦିବାକର ମିଶ୍ର ପ୍ରମୁଖ ପାଳନ କରୁଛନ୍ତି।

## ଉପମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କୁ ଭେଟିଲେ ନନ୍ଦିତା ଦାସ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଲୋକସେବା ଭବନରେ ଅଭିନେତ୍ରୀ ଏବଂ ଚଳଚ୍ଚିତ୍ର ନିର୍ମାତା ନନ୍ଦିତା ଦାସ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସାକ୍ଷାତ କରିଛନ୍ତି । ସାକ୍ଷାତକାରରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଉପସ୍ଥିତ ଥିଲେ । ଓଡ଼ିଶାର କଳା, ସଂସ୍କୃତିକୁ ବିଶ୍ୱବିଦିତ କରାଇବା ଓ ଓଡ଼ିଶା ମାଟିକୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଶ୍ରୀମତୀ ଦାସ କିଛି ପ୍ରସ୍ତାବ ଉପମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଛନ୍ତି ।

## ନବୀନ ବାବୁଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରଦୀପ ପ୍ରଜ୍ୱଳନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ରାମ ମନ୍ଦିର ପ୍ରାଙ୍ଗଣରେ ଭୁବନେଶ୍ୱର ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସଂଯୋଜନାରେ ଶନିବାର ସଂଧ୍ୟାରେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରଦୀପ ପ୍ରଜ୍ୱଳନ ସହ ହନୁମାନ ଚାଳିଶା ପାଠ କରାଯାଇଥିଲା । ଶ୍ରୀ ପଟ୍ଟନାୟକ କିଭଳି ଶୀଘ୍ର ସୁସ୍ଥ ହୋଇ ଭୁବନେଶ୍ୱର ଫେରିବେ ସେଥିପାଇଁ ପ୍ରଭୁ ଶ୍ରୀରାମଙ୍କ ନିକଟରେ ସମୂହ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗୀନ ଛୁରିଆ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ପ୍ରବଣ ବଳବନ୍ତରାୟ, ସାଧାରଣ ସମ୍ପାଦକ ବିଜୟ ନାୟକ, ମନ୍ମଥ ରାଉତରାୟ, ନାରୀ ନେତ୍ରୀ ସୁମିତ୍ରା ଜେନା, କସ୍ତୁରୀ ମହାପାତ୍ର, ପ୍ରୀତିନନ୍ଦା ରାଉତରାୟଙ୍କ ସହିତ ବହୁ କର୍ପୋରେଟର, ଯୁବଛାତ୍ର, ବିଭିନ୍ନ ନାଗରିକ ସଂଗଠନର କାର୍ଯ୍ୟକର୍ତ୍ତା ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

## ଡବଲ ଇଞ୍ଜିନ, ଡବଲ ବିକାଶ ନୁହେଁ: ବିଜେଡି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଓ ତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ଓଡ଼ିଶାର ଭିଜନ ଡକ୍ୟୁମେଣ୍ଟ ଉପରେ ପ୍ରତିକ୍ରିୟା ରଖି ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଏକବର୍ଷର ବିଫଳତାକୁ ରାଜ୍ୟବାସୀଙ୍କ ସମ୍ମୁଖରେ ରଖିବା ସହ ଡବଲ ଇଂଜିନ ସରକାର ରାଜ୍ୟବାସୀଙ୍କ ପାଇଁ ଡବଲ ଧୋକା ଓ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି ବୋଲି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଦଳର ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି।

## କର୍ମଚାରୀଙ୍କୁ ସଡ଼କ ନିରାପତ୍ତାର ଶପଥ ପାଠ କରାଇଲେ ଉଷା ପାଢ଼ୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସଡ଼କ ନିରାପତା ସୁନିଶ୍ଚିତ କରିବା ପାଇଁ ଏହାର ଅତୁଟ ପ୍ରତିବଦ୍ଧତାର ଏକ ଅଂଶ ଭାବରେ, ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (କ୍ରୁଟ୍) 'ଶୂନ ଦୁର୍ଘଟଣା ଦିବସ' ପଦକ୍ଷେପ ଅଧୀନରେ ଏହାର ପ୍ରୟାସକୁ ତୀବ୍ର କରିଛି। ସମସ୍ତ ସିଆରୟୁଟି ଡିପୁ ଏବଂ କାର୍ଯ୍ୟକ୍ଷମ ଟର୍ମିନାଲରେ ଦୈନିକ କାଉନସେଲିଂ ଅଧିବେଶନ ଏବଂ ସଡ଼କ ସୁରକ୍ଷା ପ୍ରତିଶ୍ରୁତିର ପ୍ରଶାସନ ଶୃଙ୍ଖଳିତ ଭାବରେ ପରିଚାଳିତ ହେଉଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କ୍ରୁଟ୍ ନରାଜ ଡିପୋକୁ ପରିଦର୍ଶନ କରି ଏକ ଇଣ୍ଟରାକ୍ଟିଭ୍ ଅଧିବେଶନରେ କ୍ୟାପଟେନ ଏବଂ ଗାଇଡମାନଙ୍କ ସମେତ ଅନ୍ୟ ସଦସ୍ୟ ମାନଙ୍କ ସହ ଯୋଗ ଦେଇଥିଲେ। ସେ ସେବା ଓ ନିରାପତାର ସର୍ବୋଚ୍ଚମାନ ବଜାୟ ରଖିବାକୁ କର୍ମଚାରୀଙ୍କୁ ଅବଗତ ଓ ପରାମର୍ଶ ଦେଇ ସଡ଼କ ନିରାପତା ଶପଥ ପାଠ କରାଇଥିଲେ।

## ଆଳାପ କଲଚରାଲ୍ ଟ୍ରଷ୍ଟର ନବମ ବାର୍ଷିକ ମହୋତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶୀ ସଙ୍ଗୀତର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଓଡିଶାର ଲବ୍ଧ ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ ଓ ଗୁରୁ ନିମାକାନ୍ତ ରାଉତରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଆଳାପ କଲଚୁରାଲ ଟ୍ରଷ୍ଟର ନବମ ବାର୍ଷିକ ମହୋତ୍ସବ ଗୁରୁ ଶ୍ରୀ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଉତ୍କଳ ରଙ୍ଗମଞ୍ଚରେ ଦୁଇଦିନ ଧରି ଅନୁଷ୍ଠିତ ହେଉଛି । ପ୍ରଥମ ଦିବସରେ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ନାରାୟଣ ଚନ୍ଦ୍ର ସାହୁ, ବିଶିଷ୍ଟ ଓଡ଼ିଶୀ ଗବେଷକ ଡଃ କୀର୍ତ୍ତନ ନାରାୟଣ ପାଢ଼ୀ, ବିଶିଷ୍ଟ ଲେଖିକା ଲକ୍ଷ୍ମୀ ମିଶ୍ର, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ବିଶିଷ୍ଟ ସମାଜସେବୀ ମାନସ କୁମାର ଜେନା, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡଃ ଅଳକା ନନ୍ଦ ପ୍ରମୁଖ ମହୋତ୍ସବକୁ ଉଦଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ତଥା ସଂକେତର ପ୍ରତିଷ୍ଠାତା ବଦ୍ରିନାରାୟଣ ମହାନ୍ତି ଅତିଥିଙ୍କୁ ସ୍ୱାଗତ କରି ଅନୁଷ୍ଠାନର ଦୀର୍ଘ ନଅ ବର୍ଷର କାର୍ଯ୍ୟକ୍ରମ ସହିତ ଆଳାପର ଲକ୍ଷ୍ୟ ଓ ଉଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ମଞ୍ଚାସୀନ ଅତିଥି ମାନେ ଓଡ଼ିଶୀ ସଙ୍ଗୀତର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ, ଓଡ଼ିଆ ଭାଷାରେ ଅସ୍ମିତା ଓଡ଼ିଶୀ ସଙ୍ଗୀତ, ଓଡ଼ିଶୀ ସଙ୍ଗୀତର ଏକ୍ତୁଡ଼ିଶାଳ ଶ୍ରୀମନ୍ଦିର, ଓଡ଼ିଶୀ ସଙ୍ଗୀତ ର ସ୍ୱତନ୍ତ୍ରିତା ଆଦି ସଂପର୍କରେ ଉଦ୍‌ବୋଧନ ଦେଇଥିଲେ। ଗୁରୁ ନିମାକାନ୍ତ ରାଉତରାୟଙ୍କ ଶିଷ୍ୟ, ପ୍ରଶିଷ୍ୟଙ୍କ ଦ୍ୱାରା ଭକ୍ତି ବୈରାଗ୍ୟ ପର୍ଯ୍ୟାୟରେ ଓଡ଼ିଶୀ ସଙ୍ଗୀତ ଛାନ୍ଦ, ଚମ୍ପୁ, ଚଉପଦୀ, ଚଉତିଶା, ଗୀତଗୋବିନ୍ଦ, ଭଜନ ପରିବେଷଣ ହୋଇଥିଲା । ଚଳିତ ବର୍ଷ ଓଡ଼ିଶୀ ନୃତ୍ୟ ନିପୁଣା ଡଃ ସ୍ନେହପ୍ରଭା ସାମନ୍ତରାୟଙ୍କୁ ବିଷ୍ଣୁ ଚରଣ ରାଉତ ଆଳାପ ସମ୍ମାନ, ସୁଦକ୍ଷ ତବଲା ବାଦକ ଗୁରୁ ମନୋଜ କୁମାର ସାହୁଙ୍କୁ ଶରତ ଚନ୍ଦ୍ର ମହାପାତ୍ର ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ସମ୍ମାନ ବାବଦକୁ ପ୍ରତ୍ୟେକଙ୍କୁ ନଗଦ ୫ ହଜାର ଟଙ୍କାର ଅର୍ଥ ରାଶି, ଫଳକ, ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କାରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଯୋଜନ କରିଥିଲେ ଡଃ ମୃତ୍ୟୁଞ୍ଜୟ ରଥ ଓ ଅନୁଶୟା ସାହୁ ।

## 'ରଥ ଯାତ୍ରା ପରେ ବିଜେପି ରାଜ୍ୟ ସଭାପତି ଚୟନ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି ରାଜ୍ୟ ସଭାପତି ଚୟନ ପ୍ରସଙ୍ଗରେ ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ବଡ ସୂଚନା ଦେଇଛନ୍ତି। ରଥ ଯାତ୍ରା ପରେ ବିଜେପି ରାଜ୍ୟ ସଭାପତି ଚୟନ ହେବ ବୋଲି କହିଛନ୍ତି ତୋମାର। ସେ କହିଛନ୍ତି ଜିଲ୍ଲା ସଭାପତି ଚୟନ ଶେଷ ହୋଇଛି। ଖୁବଶୀଘ୍ର ନୂଆ ରାଜ୍ୟ ସଭାପତି ନାଁ ଘୋଷଣା ହେବ। ଏନେଇ କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତ୍ତି ନେବେ।

## ଦୁଇ ଶିଶୁଙ୍କୁ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରସୁଲଗଡ଼ ଜିଜିପି କଲୋନୀରେ ଦୁଇ ଛୋଟ ଛୁଆଙ୍କୁ ସେମାନଙ୍କର ବାପା ଓ ଜେଜେମା ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ମଞ୍ଚେଶ୍ୱର ଥାନା ପୋଲିସ ଦୁଇ ଶିଶୁଙ୍କୁ ଉଦ୍ଧାର କରିଛି। ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି ଦୁଇ ଶିଶୁଙ୍କ ମେଡିକାଲ ଟେଷ୍ଟ ହେବା ପରେ ସିଡବ୍ଲୁସିରେ ହାଜର କରାଯିବ।

## ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି ଓ ଜିଲ୍ଲା ପରାମର୍ଶଦାତା ସମିତି ବୈଠକ




କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି ଓ ପରାମର୍ଶଦାତା ସମିତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ମାର୍ଚ୍ଚ-୨୦୨୫ବର୍ଷ ଅବଧି ପାଇଁ କରଯାଇଥିବା ବାର୍ଷିକ କ୍ରେଡିଟ୍ ପ୍ଲାନର ଲକ୍ଷ୍ୟ, ବଣ୍ଟନ ଓ ଅନୁଷ୍ଠାନ ଉପରେ ଆଲୋଚନା କରି ସାଂସଦ ଶ୍ରୀ ମହତାବ କ୍ରେଡିଟ୍-ଡିପୋଜିଟ୍ ଅନୁପାତ, ଶାସନ ପ୍ରୋତ୍ସାହିତ ଋଣ ଦେୟ ଓ ମୁକ୍ତି, ଏବଂ ବ୍ଲକ୍ ସ୍ତରୀୟ ବ୍ୟାଙ୍କ ବୈଠକ ଉପରେ ଆଲୋଚନା ପୂର୍ବକ ସମୀକ୍ଷା କରିଥିଲେ। ପଦକ୍ଷେପ ସ୍ୱରୂପ ସେ ଆଗାମୀ ମାର୍ଚ୍ଚ -୨୦୨୬ ବର୍ଷ ପାଇଁ କ୍ରେଡିଟ ପ୍ଲାନ ମଧ ଉଦଘାଟନ କରିଥଲେ। କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଏହି ସମୀକ୍ଷା ବୈଠକରେ ଯୋଗଦେଇ ବ୍ଲକସ୍ତରରେ ଆର୍ଥିକ ସାକ୍ଷରତା କ୍ୟାମ୍ପେନ୍ ଓ ବିଏଲ୍‌ବିସି ବୈଠକ ପାଇଁ ବ୍ୟାଙ୍କମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯିବା ନେଇ ମତରଖି ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତରେ ଆଗତ ଥିବା ପ୍ରସ୍ତାବ ଗୁଡ଼ିକ ଅନୁମୋଦନ ପୂର୍ବକ ଋଣ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ବୈଠକରେ ଉପସ୍ଥିତ ରହି ମୁଦ୍ରାରଣ ମାଧ୍ୟମରେ ନୂତନ ଉଦ୍ୟୋଗୀମାନେ ସମଗ୍ର କଟକ ଜିଲ୍ଲାରେ କିପରି ଉନ୍ନତି କରିପାରିବେ ବୋଲି ମତବ୍ୟକ୍ତ କରିବା ସହ ସମସ୍ତ ବ୍ୟାଙ୍କ ପାଇଁ ମଧ ଲକ୍ଷ୍ୟ ନିର୍ଦ୍ଧାରଣ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଲିଡ ଜିଲ୍ଲା ପ୍ରବନ୍ଧକ ରମଣୀ ରଞ୍ଜନ ମଲ୍ଲିକଙ୍କ ସଂଯୋଜନା କରିବା ସହ ଚଳିତ ଆର୍ଥିକ ବର୍ଷରେ କଟକ ଜିଲ୍ଲା ବାର୍ଷିକ କ୍ରେଡିଟ ପାରାମିଟର୍ସରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିବା ସଂମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓରମାସ ଯୁଗ୍ମ କାର୍ଯ୍ୟନିର୍ବାହୀ ବିପିନ୍ ରାଉତ, ୟୁକୋ ବ୍ୟାଙ୍କ ଜୋନାଲ ପ୍ରବନ୍ଧକ ବର୍ଷା, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ, ସୁଚିଶ୍ମିତା ତ୍ରିପାଠୀଙ୍କ ସମେତ ଆରବିଆଇ, ନାବାର୍ଡ ଏବଂ ବିଭିନ୍ନ ବ୍ୟାଙ୍କର ଅଧିକାରୀ ତଥା ମୁଖ୍ୟ ଜିଲ୍ଲା କୃଷି ଅଧକାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ପ୍ରତିଭା ସମ୍ମାନ ସମାରୋହରେ ବିଷ୍ଣୁଦେବ | ୬


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store






ଧୋନୀଙ୍କ ରେକର୍ଡ ଭାଙ୍ଗିଲେ ପନ୍ତ | ୭


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୨ Vol. 22 No-82 22 JUNE 2025 SUNDAY, BHUBANESWAR ରବିବାର, ୨୨ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୨୫ରେ ସମ୍ବିଧାନ ହତ୍ୟା ଦିବସ

ଭୁବନେଶ୍ୱର, ୨୧।୬(ଭାସ୍କର ନ୍ୟୁଜ): ଆସନ୍ତା ୨୫ ତାରିଖରେ ପାଳନ ହେବ ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ। ଏଥିନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଏହି ଦିବସ ପାଳନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପରେ ଏହି ପଦକ୍ଷେପ ନିଆଯାଇଛି।

### ଘର ସମ୍ମୁଖରେ ବ୍ୟବସାୟୀଙ୍କୁ ଗୁଳିମାଡ଼

ଭଦ୍ରକ, ୨୧।୬(ଭାସ୍କର ନ୍ୟୁଜ): ଶନିବାର ଅପରାହ୍ନରେ ଭଦ୍ରକ ଚରମ୍ପା ରାମମନ୍ଦିର ନିକଟରେ ଘର ସମ୍ମୁଖରେ ଜଣେ ବ୍ୟବସାୟୀଙ୍କୁ ଗୁଳିକରି ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗୁରୁତର ବ୍ୟବସାୟୀଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ପତ୍ନୀଙ୍କୁ ହତ୍ୟା କଲା ସ୍ୱାମୀ

ନୟାଗଡ଼, ୨୧।୬(ଭାସ୍କର ନ୍ୟୁଜ): ପାରିବାରିକ କଳହକୁ କେନ୍ଦ୍ରକରି ଖଣ୍ଡପଡ଼ା ରାଣୀଛେଲି ପଞ୍ଚାୟତ ନୂଆସାହିରେ ସ୍ୱାମୀ ସ୍ତ୍ରୀକୁ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତ ମହିଳାଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ୨୫ରୁ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ୍

ଭୁବନେଶ୍ୱର, ୨୧।୬(ଭାସ୍କର ନ୍ୟୁଜ): ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ ଓଡ଼ିଶା ପର୍ଯ୍ୟଟନ କନକ୍ଲେଭ୍। ଏଥିରେ ଓଡ଼ିଶା ପର୍ଯ୍ୟଟନ ଶିଳ୍ପର ବିକାଶ ନେଇ ଆଲୋଚନା ସହ ଭିତ୍ତିଭୂମି ବିକାଶ ଓ ପର୍ଯ୍ୟଟନ ସ୍ଥଳରେ ହୋଟେଲ ନିର୍ମାଣର ଲକ୍ଷ୍ୟ ରଖାଯାଇଛି।

ସେନ୍‌ସେକ୍ସ: ୮୨,୪୦୮.୧୭
ସର୍ବାଧିକ: ୩୪.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

### ୨୧।୬।୨୦୨୫ ର ମତାମତ

ରାଜ୍ୟରେ ଘଟୁଥିବା ଗଣଦୁଷ୍କର୍ମ ଘଟଣାରେ ପୋଲିସ ଠୋସ୍ ପଦକ୍ଷେପ ନେବା ଉଚିତ ନୁହେଁ କି?

| ହଁ | ନା |
|---|---|
| ୯୫% | ୦୫% |

### ଆଜିର ପ୍ରସଙ୍ଗ

ପର୍ଯ୍ୟଟନ କନକ୍ଲେଭ ରାଜ୍ୟର ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ହଇଜା ପରେ ବନ୍ୟା ଭୟ

# ଉଚ୍ଛୁଳୁଛି ସୁବର୍ଣ୍ଣରେଖା



- ବିପଦ ସଂକେତ ଉପରେ ପ୍ରବାହିତ
- ୩ ବ୍ଲକ ଜଳବନ୍ଦୀ, ପ୍ରଭାବିତ
- ବନ୍ୟା ପାଣିରେ ଭାସିଯାଇ ଯୁବକ ନିଖୋଜ
- ସ୍ଥିତି ଉପରେ କଡ଼ା ନଜର: ମୁଖ୍ୟ ମନ୍ତ୍ରୀ
- ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ
- ଛୁଟିରେ ଥିବା କର୍ମଚାରୀଙ୍କୁ ଯୋଗ ଦେବାକୁ ନିର୍ଦ୍ଦେଶ

ବାଲେଶ୍ୱର/ଭୁବନେଶ୍ୱର, ୨୧।୬ (ଭାସ୍କର ନ୍ୟୁଜ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ହଇଜା ସ୍ଥିତି ଭୟଙ୍କର ରୂପ ନେଇଥିବାବେଳେ ଏବେ ବନ୍ୟାସ୍ଥିତି ଲୋକଙ୍କୁ ଅଧିକ ଭୟଭୀତ କରି ପକାଇଛି। ଗତ ୩ ଦିନ ହେବ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ରାଜଘାଟ ନିକଟରେ ସୁବର୍ଣ୍ଣରେଖା ବିପଦସଂକେତ ଉପରେ ପ୍ରବାହିତ ହେଉଛି। ସେଠାରେ ବିପଦସଂକେତ ୧୦.୩୬ ମିଟର ରହିଥିବାବେଳେ ୧୧.୩୫ ମିଟର ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହାଛଡ଼ା ଗାଁ ଭିତରେ ବନ୍ୟାପାଣି ପଶିଥିବାରୁ ଲୋକେ ଏକରକମ ଜଳବନ୍ଦୀ ହୋଇ ପଡ଼ିଛନ୍ତି। ତିନୋଟି ବ୍ଲକ ଯଥା- ବସ୍ତା, ବାଲିଆପାଳ ଓ ଭୋଗରାଇ ପ୍ରଭାବିତ ହୋଇଛି। ଭୋଗରାଇ ବ୍ଲକର ଖଳାବଡ଼ିଆ, କୁହ୍ଲା, ବାଉଁଶଖଣା ଗାଁରେ ବନ୍ୟାପାଣି ପଶିଛି। ଭୋଗରାଇ ବ୍ଲକର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଜଳମଗ୍ନ ହେବା ସହ ବ୍ୟାପକ ଚାଷଜମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ରାସ୍ତା ଉପରେ ୪ ଫୁଟର ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଲୋକେ ପିଲାଛୁଆ ଓ ଗୃହପାଳିତ ପଶୁଙ୍କୁ ନେଇ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ସେହିପରି ବସ୍ତା ଓ ବାଲିଆପାଳ ବ୍ଲକର ବିଭିନ୍ନ ଗାଁରେ ବନ୍ୟାପାଣି ପଶି କ୍ଷତି ଘଟାଇଥିବା ସୂଚନା ମିଳିଛି। ଶୁକ୍ରବାରଠାରୁ ଲୋକଙ୍କ ଘରେ ପାଣି ପଶିଥିବାରୁ ବହୁ ଲୋକ ଅଖିଆ ଅପିଆ ରହିଛନ୍ତି। ବନ୍ୟାରେ କିଛି ପରିବାରର ଆସବାବପତ୍ର ଭାସି ଯାଇଥିବାବେଳେ ଲୋକେ ବର୍ଷକର ଫସଲ ଧାନ ଆଦିକୁ ଖଟ ଉପରେ ରଖି ବସିଛନ୍ତି। ତେବେ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ • ପୃଷ୍ଠା ୫ ଦେଖନ୍ତୁ

## ଭିଡିଓ ଜାରି କରିବାକୁ ମନା କଲେ ଇସିଆଇ

# ଭୋଟରଙ୍କ ଗୋପନୀୟତାର ଉଲ୍ଲଂଘନ





ନୂଆଦିଲ୍ଲୀ, ୨୧।୬: ମତଦାନ କେନ୍ଦ୍ରର ୱେବକାଷ୍ଟିଂ ଫୁଟେଜ୍ ସାର୍ବଜନୀନ କରିବା ଭୋଟରଙ୍କ ଗୋପନୀୟତାର ଉଲ୍ଲଂଘନ ବୋଲି ମତ ରଖିଛନ୍ତି ଜାତୀୟ ନିର୍ବାଚନ କମିଶନ। ଶନିବାର ନିର୍ବାଚନ କମିଶନଙ୍କ ଜଣେ ଅଧିକାରୀ କହିଛନ୍ତି ଯେ ଏଭଳି ପଦକ୍ଷେପ ମତଦାତାଙ୍କ ଗୋପନୀୟତା ଓ ସୁରକ୍ଷା ସମ୍ବନ୍ଧିତ ଚିନ୍ତାର ଉଲ୍ଲଂଘନ। ସେ ଆହୁରି କହିଛନ୍ତି ଯେ ଏପରି ଦାବି ଯେଉଁମାନେ କହିଛନ୍ତି, ତାହା ସେମାନଙ୍କ ଧାରଣା ପାଇଁ ହୁଏତ ଠିକ୍, ଯାହା ଭୋଟର ଅନୁକୂଳ ପରି ମନେ ହୁଏ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାର ସୁରକ୍ଷା ପାଇଁ ଉପଯୁକ୍ତ। କିନ୍ତୁ ବାସ୍ତବରେ ଏହାର ଲକ୍ଷ୍ୟ ହେଉଛି ଠିକ୍ ବିପରୀତ ଉଦ୍ଦେଶ୍ୟ ହାସଲ କରିବା। ଏହି ଅଧିକାରୀ ଜଣକ ଆହୁରି କହିଛନ୍ତି ଯେ ଯାହାକୁ ଯୁକ୍ତିଯୁକ୍ତ ଦାବି ଭାବେ ଉପସ୍ଥାପନ କରାଯାଉଛି ତାହା ବାସ୍ତବରେ ମତଦାତାଙ୍କ ଗୋପନୀୟତା ଓ ସୁରକ୍ଷା ଚିନ୍ତାର ଉଲ୍ଲଂଘନ ସହିତ ଜନପ୍ରତିନିଧିତ୍ୱ ଅଧିନିୟମ-୧୯୫୦ ଓ ୧୯୫୧ରେ ନିର୍ଦ୍ଧାରିତ ଆଇନର ସ୍ଥିତି ଓ ଶୀର୍ଷ କୋର୍ଟର ନିର୍ଦ୍ଦେଶର ସଂପୂର୍ଣ୍ଣ ବିପରୀତ। ମତଦାତାଙ୍କ ଫୁଟେଜ ସେୟାର କରିବା ଫଳରେ ମତଦାତା ଓ ମତଦାତା ନଥିବା ଲୋକ ଅସାମାଜିକ ବ୍ୟକ୍ତିଙ୍କ ଟାର୍ଗେଟକୁ ଆସିବାର ସମ୍ଭାବନା ରହିଛି। ଏହାଫଳରେ ଯେକୌଣସି ଗୋଷ୍ଠୀ କିମ୍ବା ବ୍ୟକ୍ତିପାଇଁ ମତଦାତାଙ୍କୁ ଚିହ୍ନଟ କରିବା ସହଜ ହେବ। ପରିଣାମ ଘୋଷଣାର ୪୫ଦିନ ପରେ କୌଣସି ବି ନିର୍ବାଚନକୁ ଚାଲେଞ୍ଜ କରାଯାଇପାରିବ ନାହିଁ। ଏଥିପାଇଁ ଏହି ଅବଧି ପରେ ଅଧିକ ସମୟ ଯାଏ ରଖିବା ଦ୍ୱାରା ଭୁଲ ଓ ଦୁର୍ଭାଗ୍ୟପୂର୍ଣ୍ଣ ଖବର ପ୍ରଚାର କରିବା ସାମଗ୍ରୀ ରୂପେ ମଧ୍ୟ ଏହାକୁ ଦୁରୁପଯୋଗ କରାଯାଇପାରେ। ୪୫ ଦିନ ଭିତରେ କୌଣସି ନିର୍ବାଚନ ଉପରେ ଯଦି ଯାଚିକା ଦାଖଲ କରାଯାଏ ତେବେ ସିସିଟିଭି ଫୁଟେଜକୁ ସୁରକ୍ଷିତ ରଖାଯାଏ। ଆବଶ୍ୟକସ୍ଥଳେ ଏହା ଅଦାଲତରେ ମଧ୍ୟ ଉପସ୍ଥାପନ କରାଯାଇଥାଏ। ଅଧିକାରୀଜଣକ କହିଥିଲେ, ମତଦାତାଙ୍କ ଗୋପନୀୟତା ବଜାୟ ରଖିବା ନିର୍ବାଚନ ଆୟୋଗଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆଇନରେ ନିର୍ଦ୍ଧାରିତ ଏହି ଜରୁରି ନୀତି ଉପରେ କେବେ ବି ସାଲିସ କରାଯାଇନି, ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ବଜାୟ ରଖିଛନ୍ତି। ଏଥିସହ ନିର୍ବାଚନ ଆୟୋଗ ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ୪୫ ଦିନ ଭିତରେ ଯଦି କୌଣସି ମାମଲା କୋର୍ଟରେ ନ ପହଞ୍ଚେ ତେବେ ସିସିଟିଭି କ୍ୟାମେରା, ୱେବକାଷ୍ଟିଂ ଓ ଭିଡିଓ ଫୁଟେଜକୁ ନଷ୍ଟ କରିଦେବା ଜରୁରି।

# ବଢ଼ିଲା ଓମ୍‌ଫେଡ୍ କ୍ଷୀର ଦର





### ପ୍ରିମିୟମ୍ ଓ ଟୋନ୍ଡ କ୍ଷୀର ଲିଟର ୨ ଟଙ୍କା ବୃଦ୍ଧି

### ଗୋଲ୍ଡ କ୍ଷୀର ଲିଟର ପିଛା ୪ ଟଙ୍କା

ଭୁବନେଶ୍ୱର, ୨୧।୬ (ଭାସ୍କର ନ୍ୟୁଜ): ଓମ୍‌ଫେଡ୍ କ୍ଷୀର ଦର ବଢ଼ାଯାଇଛି। ଖାଉଟିମାନେ ଲିଟର ପିଛା ୫୨ ଟଙ୍କା ଦେଉଥିଲା ବେଳେ ଏବେ ୫୪ ଟଙ୍କା ଦେବେ। ଆଜିଠାରୁ ଓମ୍‌ଫେଡ୍ କ୍ଷୀର ଲିଟର ପ୍ରତି ଦାମ୍ ବୃଦ୍ଧି ପାଇଛି ଓ ବଜାରକୁ ଆସିଛି ଓମଫେଡର ନୂଆ ଦର। ପ୍ରିମିୟମ୍ ଓ ଟୋନ୍ଡ କ୍ଷୀର ଲିଟର ୨ ଟଙ୍କା ବୃଦ୍ଧି ପାଇଥିବାବେଳେ ଗୋଲ୍ଡ କ୍ଷୀର ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି। ବାସ୍ତବରେ ବିଶ୍ୱ ଦୁଗ୍ଧ ଦିବସ ପାଳନ ଅବସରରେ କ୍ଷୀର ମୂଲ୍ୟ ବଢ଼ିବ ବୋଲି କୁହାଯାଇଥିଲା, କିନ୍ତୁ ସେତେବେଳେ ଏହା ବଢ଼ିନଥିଲା। ମୁଖ୍ୟମନ୍ତ୍ରୀ ସେତେବେଳେ କହିଥିଲେ ଯେ କ୍ଷୀର ଲିଟର ପିଛା ୪ ଟଙ୍କା ବଢ଼ାଯାଉଛି। କିନ୍ତୁ ଖାଉଟିମାନଙ୍କ ଉପରେ ଏହି ବର୍ଦ୍ଧିତ ଦର ଲଦି ଦିଆଯିବ ନାହିଁ। ଏଥିରୁ ୨ ଟଙ୍କା ସରକାର ବହନ କରିବେ। ଖାଉଟିମାନେ ଲିଟର ପିଛା ଅଧିକ ଦୁଇ ଟଙ୍କା ଦେଇ କ୍ଷୀର କିଣିବେ। ତେବେ ସେତେବେଳେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇ କହିଥିଲେ ଯେ ଏହି ବର୍ଦ୍ଧିତ ଦର ତତ୍‌କାଳ ଲାଗୁ ହେବ ନାହିଁ। ଓମ୍‌ଫେଡ୍‌ର ସମସ୍ତ ସମବାୟ ସମିତି ଓ କମିଟିର ବୈଠକ ପରେ ଆବଶ୍ୟକତାକୁ ନଜରରେ ରଖି କ୍ଷୀର ଦର ବୃଦ୍ଧି ହେବ ବୋଲି ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇଥିଲେ। ଆଉ ଶନିବାର ଠାରୁ ଏହି ନୂଆ ମୂଲ୍ୟ ଲାଗୁ ହୋଇଛି। ଉଲ୍ଲେଖ ଥାଉ କି ୨୦୨୪-୨୫ ଆର୍ଥିକ ବର୍ଷରେ ଓମଫେଡ୍ ସର୍ବକାଳୀନ ରେକର୍ଡ ପରିମାଣରେ କାରବାର କରିଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ସଂସ୍ଥା ୮୫୫ କୋଟି ଟଙ୍କାର କାରବାର କରିଥିବା ବେଳେ ଗତ ଆର୍ଥିକ ବର୍ଷ ୨୦୨୪-୨୫ରେ ୧୦୨୮ କୋଟି ଟଙ୍କାର କାରବାର କରିଥିଲା। ଅର୍ଥାତ୍ ଗତ ଆର୍ଥିକ ବର୍ଷରେ ୧୭୦ କୋଟି ଟଙ୍କା ଅଧିକ କାରବାର କରିଥିଲା।

## ବିଶ୍ୱ ଯୋଗ ଦିବସରେ ମୋଦୀଙ୍କ ସମ୍ବୋଧନ

# ଯୋଗ ହେଉଛି ଶାନ୍ତିର ପଥ



ବିଶାଖାପାଟଣା, ୨୧।୬: ଆଜି ସାରା ବିଶ୍ୱ ଏକପ୍ରକାର ଚାପ ମଧ୍ୟଦେଇ ଗତି କରୁଛି। ଅନେକ କ୍ଷେତ୍ରରେ ଅଶାନ୍ତି ଏବଂ ଅସ୍ଥିରତା ବୃଦ୍ଧି ପାଉଛି। ଏପରି ସ୍ଥିତିରେ ଯୋଗ ଆମକୁ ଶାନ୍ତିର ଦିଗଦର୍ଶନ ଦେଇଥାଏ। ଯୋଗ ହେଉଛି ଶାନ୍ତିର ପଥ ବୋଲି ଶନିବାର ଆନ୍ଧ୍ରର ବିଶାଖାପାଟଣାଠାରେ ଆୟୋଜିତ ଯୋଗ ଦିବସରେ ଯୋଗଦେଇ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ କହିଛନ୍ତି, ଯୋଗ ଅଶାନ୍ତ ସମୟରେ ମନରେ ଶାନ୍ତି ଆଣି ଦେଇଥାଏ। ସେ ଆହୁରି କହିଥିଲେ ଯେ ସ୍ଥୂଳତା ବୃଦ୍ଧି ସମଗ୍ର ବିଶ୍ୱପାଇଁ ଏକ ଚାଲେଞ୍ଜ। ମୁଁ ମନ କି ବାତ କାର୍ଯ୍ୟକ୍ରମରେ ଏ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲି। ଏଥିପାଇଁ ମୁଁ ମୋ ଖାଦ୍ୟରେ ୧୦ ପ୍ରତିଶତ ତେଲ ହ୍ରାସ କରିବା ପାଇଁ ଏକ ଚାଲେଞ୍ଜ ମଧ୍ୟ ଆରମ୍ଭ କରିଥିଲି। ମୁଁ ପୁଣିଥରେ ସାରା ବିଶ୍ୱର ଲୋକଙ୍କୁ ଏହି ଚାଲେଞ୍ଜରେ ଯୋଗ ଦେବାକୁ ଆହ୍ୱାନ ଦେଉଛି। ଯୋଗ କେବଳ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ ନାହିଁ ବରଂ ଏହା ପରିବେଶଗତ ଏବଂ ପରିବେଶଗତ ସନ୍ତୁଳନ ବିଷୟରେ ସଚେତନତା ମଧ୍ୟ ବୃଦ୍ଧି କରେ। ଯୋଗ ଆମକୁ ପାରମ୍ପରିକ ସଂଯୋଗ ବିଷୟରେ ସଚେତନ କରାଇବା ସହ ଆମକୁ ଏହା ମଧ୍ୟ ଶିଖାଏ ଯେ ଆମେ ପୃଥକ ବ୍ୟକ୍ତି ନୁହେଁ ବରଂ ପ୍ରକୃତିର ଅଂଶ। ମୋଦୀ ଆହୁରି କହିଥିଲେ ଯେ ଆଜି ୧୧ତମ ବିଶ୍ୱ ଯୋଗ ଦିବସ। ଯୋଗର ସରଳ ଅର୍ଥ ହେଉଛି ସଂଯୋଗ କରିବା। ଯୋଗ କିପରି ସମଗ୍ର ବିଶ୍ୱକୁ ଯୋଡ଼ିପାରିଛି ତାହା ଦେଖିବା ଖୁବ୍ ଆନନ୍ଦଦାୟକ। ଯେତେବେଳେ ଆମର ଦିବ୍ୟାଙ୍ଗ ବନ୍ଧୁମାନେ ଯୋଗଶାସ୍ତ୍ର ଅଧ୍ୟୟନ କରନ୍ତି ସେତେବେଳେ ମୁଁ ଗର୍ବ ଅନୁଭବ କରେ। ବୈଜ୍ଞାନିକମାନେ ମହାକାଶରେ ଯୋଗ କରନ୍ତି। ତେଣୁ ଆସନ୍ତୁ ଆମେ ସମସ୍ତେ ମିଶି ଯୋଗକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା। ଏହି ଆନ୍ଦୋଳନ ବିଶ୍ୱକୁ ଶାନ୍ତି, ସ୍ୱାସ୍ଥ୍ୟ ଓ ସମନ୍ୱୟ ଆଡକୁ ନେଇଯିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଯେଉଁ ବ୍ୟକ୍ତି ଯୋଗ ସହିତ ଦିନ ଆରମ୍ଭ କରେ ସେ ଜୀବନରେ ସନ୍ତୁଳନ ରକ୍ଷା • ପୃଷ୍ଠା ୫ ଦେଖନ୍ତୁ

### କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ

## ସମସ୍ତଙ୍କ ପାଇଁ ଯୋଗ ଜରୁରି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୧।୬(ଭାସ୍କର ନ୍ୟୁଜ): ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ରାଜ୍ୟ ସ୍ତରୀୟ ଯୋଗ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମବେତ ଯୋଗାଭ୍ୟାସ କରିବା ସହିତ ଯୋଗ ହେଉଛି ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାର୍ଘ୍ୟ ଉପହାର ବୋଲି କହିଛନ୍ତି। ଏହି ଅବସରରେ ଭିଡିଓ କନଫରେନସିଂ ମାଧମରେ ପ୍ରଧାନମନ୍ତ୍ରୀ • ପୃଷ୍ଠା ୫ ଦେଖନ୍ତୁ

### ମୋହନ ସରକାରଙ୍କ ଆଉ ଏକ ପଦକ୍ଷେପ

# ଗାଁରେ ବାଜିବ ସହରୀ ଛାପ

ଭୁବନେଶ୍ୱର, ୨୧।୬(ଭାସ୍କର ନ୍ୟୁଜ): ପଛୁଆ ରାଜ୍ୟ ଓଡ଼ିଶାରୁ ବିକଶିତ ଓଡ଼ିଶା। ଦୀର୍ଘ ୧୦୦ ବର୍ଷର ଯାତ୍ରା ଭିତରେ ୨୦୩୬ରେ ଓଡ଼ିଶା କେଉଁଠି ଥିବ। ଦଶନ୍ଧି ଦଶନ୍ଧି ଧରି ଦାରିଦ୍ର୍ୟ, ଅନଟନ, ଅପପୁଷ୍ଟିର ଅପବାଦର ବୋଝ ମୁଣ୍ଡାଇଥିବା ଓଡ଼ିଶାକୁ ଶିଖରରେ ପହଞ୍ଚାଇବା ପାଇଁ ୨୦୩୬ ଭିଜନର ନକ୍ସା ପ୍ରସ୍ତୁତ କରିଛନ୍ତି ଡବଲ ଇଞ୍ଜିନ ସରକାର। ଜନତା ମଇଦାନରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଆଙ୍କିଛନ୍ତି ବିକାଶର ରଙ୍ଗୀନ କାନଭାସ୍। ୨୦୩୬ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନକୁ ୧୦୦ବର୍ଷ ପୂରିବ। ସେତେବେଳକୁ ଓଡ଼ିଶାର ସ୍ଥିତି କିପରି ଥିବ ଓ ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ ଚିତ୍ର କେଉଁ ସ୍ତରରେ ପହଞ୍ଚିଥିବ। ଏଭଳି ମାଳ ମାଳ ପ୍ରଶ୍ନ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ମନରେ ଉଙ୍କି ମାରୁଥିବାବେଳେ ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଓଡ଼ିଶାର ଉତ୍ପାଦନ ବୃଦ୍ଧିଲାଗି ସମସ୍ତଙ୍କ ପାଇଁ ଜଳସେଚନ ବ୍ୟବସ୍ଥା, ସମସ୍ତଙ୍କ ପାଇଁ ବାସଯୋଗ୍ୟ ଘର, ଆରୋଗ୍ୟ ଓଡ଼ିଶା ମାଧ୍ୟମରେସୁଲଭ ଓ ଶସ୍ତାରେ ସ୍ୱାସ୍ଥ୍ୟସେବା। ସବୁଜ ଓଡ଼ିଶାପାଇଁ ଜଳବାୟୁ ପ୍ରଭାବ, ଜୀବିକା ଓ ବିକାଶ ଲକ୍ଷ୍ୟରେ ଜଙ୍ଗଲ ସୃଷ୍ଟି, ବିକଶିତ ଓଡ଼ିଶା ପାଇଁ ପରବର୍ତ୍ତୀ ପିଢ଼ିର ଭିତ୍ତିଭୂମି ଗଠନ, ଓଡ଼ିଆ ଅସ୍ମିତାକୁ ଆଗକୁ ନେବାପାଇଁ ଓଡ଼ିଆ ଶାଶ୍ୱତ ଆତ୍ମାର ସମ୍ମାନ, ୨୦୩୬ ସୁଦ୍ଧା ଓଡ଼ିଶା ଅର୍ଥନୀତିର ଆକାର ୫୦ ହଜାର କୋଟି ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। ସେହିପରି ୨୦୪୭ ସୁଦ୍ଧା ୬୦ ପ୍ରତିଶତରୁ ଅଧିକ ସ୍ନାତକଙ୍କୁ ଚାକିରି, ଓଡ଼ିଶାର ୨ଟି ବିଶ୍ୱବିଦ୍ୟାଳୟକୁ • ପୃଷ୍ଠା ୫ ଦେଖନ୍ତୁ

## ଡାଇରିଆ ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଦଶହରା ପର୍ଯ୍ୟନ୍ତ ପ୍ରସ୍ତୁତ ରୁହ



ଭୁବନେଶ୍ୱର, ୨୧।୬(ଭାସ୍କର ନ୍ୟୁଜ): ରାଜ୍ୟର ଛଅଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଇଥିବା ଡାଇରିଆ ପରିସ୍ଥିତି ଓ ଏହାର ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନ ଠାରେ ସମୀକ୍ଷା କରିଛନ୍ତି। ରାଜ୍ୟରେ ପରିସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣାଧୀନ ଓ ନୂତନ ସଂକ୍ରମିତଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ହ୍ରାସ ପାଇଥିବା ନେଇ ବୈଠକରୁ ଜଣାପଡିଛି ଏବଂ ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାରେ ଡାଇରିଆ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବା ସହିତ ଜନଜୀବନ ସ୍ୱାଭାବିକ ସ୍ଥିତିକୁ ଫେରି ଆସୁଛି। ବୈଠକରେ ସରକାରଙ୍କ ବିଭିନ୍ନ ବିଭାଗର ସମନ୍ୱିତ • ପୃଷ୍ଠା ୫ ଦେଖନ୍ତୁ

# ଯୁଦ୍ଧଗ୍ରସ୍ତ ଇରାନରେ ୨ଟି ଭୂମିକମ୍ପ

ନୂଆଦିଲ୍ଲୀ, ୨୧।୬: ତୀବ୍ର ହେଉଛି ଇରାନ ଓ ଇସ୍ରାଏଲ ମଧ୍ୟରେ ସଂଘର୍ଷ। ସାମରିକ ଉତ୍ତେଜନା ମଧ୍ୟରେ ଇରାନରେ ଲଗାତାର ସୃଷ୍ଟି ହୋଇଛି ଦୁଇଟି ଭୂମିକମ୍ପ। ଶୁକ୍ରବାର ରାତିରେ ଇରାନର ସେମନାନ ଏବଂ ଏହା ପୂର୍ବରୁ ଫୋର୍ଡୋ ନିକଟରେ ଭୂମିକମ୍ପ ହୋଇଥିବା ସୂଚନା ମିଳିଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ଯଥାକ୍ରମେ ୫.୧ ଓ ୨.୫ ଥିବା ରେକର୍ଡ କରାଯାଇଛି। ତେବେ ଏହି ଲଗାତାର ଭୂମିକମ୍ପକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ଭୂମିକମ୍ପ ୧୦ କିଲୋମିଟର ଗଭୀରତାରେ ଥିଲା, ଯାହାକି ତେହେରାନ ସମେତ ଅନ୍ୟ ଅଞ୍ଚଳରେ ଝଟ୍‌କା ଦେଇଥିଲା। ତେବେ ଏହି ଭୂମିକମ୍ପ ଇସ୍ରାଏଲର ବାୟୁସେନା ଆକ୍ରମଣ ପରେ ଆସିଥିଲା ବୋଲି ସୂଚନା ଦିଆଯାଇଛି। ବିଶେଷକରି ନାଟାନ, ଇସଫାହାନ ଓ ଫୋର୍ଡୋ ଭଳି ପରମାଣୁ ସ୍ଥାନ ଉପରେ ଇସ୍ରାଏଲ ଆକ୍ରମଣର ରିପୋର୍ଟ ପ୍ରକାଶ ପାଇବା ପରେ ସନ୍ଦେହ ଅଧିକ ଘନୀଭୂତ ହୋଇଥିଲା। ସାଟେଲାଇଟ୍ ଚିତ୍ରଗୁଡ଼ିକରେ ମଧ୍ୟ ଅପୂରଣୀୟ କ୍ଷତିର ନଜର ଆସିଥିଲା। ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ ଇରାନ ଆଲପାଇନ-ହିମାଳୟାନ ଭୂକମ୍ପୀୟ ବଳୟରେ ଅବସ୍ଥିତ। ପ୍ରତିବର୍ଷ ହାରାହାରି ଏଠାରେ ୨ ହଜାରରୁ ଅଧିକ ଭୂମିକମ୍ପ ହୋଇଥାଏ। ୨୦୦୬ରୁ ୨୦୧୫ ମଧ୍ୟରେ ଇରାନରେ ୯୬ ହଜାରରୁ ଅଧିକ ଥର ଭୂମିକମ୍ପ ହୋଇଥିଲା। ଯେତେବେଳେ ପରମାଣୁ ବିସ୍ଫୋରଣ ହୋଇଥାଏ ସେତେବେଳେ କିଛି ପରିମାଣର ତରଙ୍ଗ ମଧ୍ୟ ସୃଷ୍ଟି ହୋଇଥାଏ। ଏଥିପୂର୍ବରୁ ଭାରତ-ପାକିସ୍ତାନ ଉତ୍ତେଜନା ସମୟରେ ମଧ୍ୟ ସମାନ ଗୁଜବ ଶୁଣିବାକୁ ମିଳିଥିଲା। ସେହିଭଳି ଇରାନ ଭୂମିକମ୍ପର ପରମାଣୁ ପରୀକ୍ଷଣ କିମ୍ବା ସାମରିକ କାର୍ଯ୍ୟକଳାପ ସହିତ କୌଣସି ସମ୍ପର୍କ ଥିବା ମନେ କରାଯାଉନାହିଁ। କିନ୍ତୁ ଉତ୍ତେଜନାପୂର୍ଣ୍ଣ ଅଞ୍ଚଳରେ ଯେଉଁଠାରେ ଗୁଜବ ସତ୍ୟ ଅପେକ୍ଷା ଦ୍ରୁତଗତିରେ ବ୍ୟାପିଥାଏ। ତେଣୁ ଗୁଜବ ପ୍ରତି ସତର୍କ ନଜର ରଖିବାକୁ ପରାମର୍ଶ ଦିଆଯାଇଛି।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ




ସରକାର ଭଲ କାମ କରୁଛନ୍ତି
ପ୍ରଶଂସା କରିଲେ ପିଏମ ମୋଦୀ,
ବର୍ଷକ ଭିତରେ ବହୁତ କଲେଣି
ଯେବେଠୁଁ ସମ୍ଭାଳି ଅଛନ୍ତି ଗାଦୀ।
ଲୋକେ ଦେଇଛନ୍ତି ଦାୟିତ୍ୱ ଲଦି,
ଡବଲ ଇଞ୍ଜିନି ବୋହି ବୋହି ନେବ
ସରକାରଙ୍କର ରହିଛି ଜିଦି!

ଓଡ଼ିଶା ଭାସ୍କର
ଦୃଷ୍ଟିପାତ



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର



# ଭୋଜି ଆଡ଼ମ୍ବରରୁ ସିଂହାସନଚ୍ୟୁତି : ଇରାନୀୟ କାହାଣୀ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ପୃଥିବୀର ଏମିତି କୌଣସି ରାଜତନ୍ତ୍ର ଇତିହାସ ପ୍ରଜାମାନଙ୍କର ଶୋଷଣପୀଡ଼ନ ଏବଂ ଅକଥନୀୟ ଦୁର୍ଦ୍ଦଶା ଭିତରେ ସମ୍ରାଟମାନଙ୍କର ବିଳାସବ୍ୟସନର କାହାଣୀରୁ ବାଦ୍ ପଡ଼ିଛନ୍ତି। ସାଧାରଣଜନତାର ଅକଥନୀୟ ଦୁର୍ଦ୍ଦଶା ଯେତେବେଳେ ସହନର ସୀମା ଅତିକ୍ରମ କରିଛି ସେତେବେଳେ ଆସିଛି ବିପ୍ଲବ। ଇତିହାସ ହୋଇଛି ରକ୍ତରଞ୍ଜିତ, ଶାସକ ହୋଇଛନ୍ତି ସିଂହାସନଚ୍ୟୁତ। ପ୍ରଜାଙ୍କ ଆକ୍ରୋଶ ବଳରେ କେତେକ ଜୀବନ ବିକଳରେ ଦେଶ ତ୍ୟାଗ କରି ପଳାୟନ କରିଛନ୍ତି ତ ଅନ୍ୟ କେତେକଙ୍କ ଭାଗ୍ୟରେ ସେତକ ଜୁଟିନି। ସର୍ବସମକ୍ଷରେ ସେମାନେ ପାଇଛନ୍ତି ମୃତ୍ୟୁଦଣ୍ଡ। ବଦଳି ଯାଇଛି ଶାସନ ଏବଂ ଦେଶର ସଂପୂର୍ଣ୍ଣ ଇତିହାସ।

ଆଜିର ଇରାନ ଅଢ଼େଇହଜାର ବର୍ଷ ପୂର୍ବେ ଏକ ମହାନ୍ ସଭ୍ୟତାର ଦେଶ ପାରସ୍ୟ ଥିଲା। ପଶ୍ଚିମରେ ବଲ୍‌କାନ୍ ଏବଂ ମିଶର ଠାରୁ ସିନ୍ଧୁନଦୀର ଉପତ୍ୟକା ପର୍ଯ୍ୟନ୍ତ ବ୍ୟାପ୍ତ ପାରସ୍ୟସାମ୍ରାଜ୍ୟ ଆକେମେନିଡ୍ ସାମ୍ରାଜ୍ୟର ମହାନ ସମ୍ରାଟ ସାଇରସ୍‌ଙ୍କ ଦ୍ୱାରା ଖ୍ରୀ.ପୂ. ୫୫୦ରେ ସ୍ଥାପିତ ହୋଇଥିଲା। ଉଦାର ପାର୍ସୀ ଧର୍ମ ଦେଶର ଧର୍ମ ଥିଲା। ଐତିହାସିକ ମତରେ ଏହି ଧର୍ମ ଅନୁସାରେ ଦେଶର ନାମ ପାରସ୍ୟ ରଖାଯାଇଥିଲା। ବିଭିନ୍ନବଂଶର ରାଜାମାନେ ସେଠାରେ ରାଜୁତି କରୁଥିଲେ। ସାଇରସ୍ ଏବଂ ଡେରିଆସ୍‌ଙ୍କ ପରି ସମ୍ରାଟଙ୍କ ପତନ ପରେ ଅଭ୍ୟୁଥାନ ହେଲା ସସନିଦ୍ ରାଜବଂଶ। ଦେଶର ଶେଷ ରାଜବଂଶ ଶାହା ବଂଶ ବିଂଶ ଶତାବ୍ଦୀର ଅଶୀଦଶକ ପର୍ଯ୍ୟନ୍ତ ଶାସନରେ ଥିଲେ। ଇସଲାମ୍ ଧର୍ମ ବହୁତପଛରେ ଆସିଲା। ପ୍ରଥମେ ସୁନ୍ନି ସଂପ୍ରଦାୟ ଶାସନ କରୁଥିଲେ। ପରେ ସିଆ ସଂପ୍ରଦାୟ ଦେଶର ଶାସନ ଅକ୍ତିଆର କଲେ। ୧୯୩୫ ମସିହା ମାର୍ଚ୍ଚ ମାସ ୨୧ ତାରିଖରେ ପାରସ୍ୟ ଦେଶର ନାମ 'ଇରାନ'ରେ ପରିବର୍ତ୍ତିତ ହେଲା।

୧୯୭୧ ମସିହା। ଦେଶ ୨୫୦୦ ବର୍ଷରେ ପଦାର୍ପଣ କରିଥିଲା। ଇରାନର ଶାସକ ମହମ୍ମଦ ରଜା ଶାହା ପହଲ୍‌ଭି ଏଥିପାଇଁ ଆୟୋଜନ କରିଥିଲେ ଏକ ବର୍ଣ୍ଣାଢ଼୍ୟଉତ୍ସବ। ଦେଶର ଇତିହାସର ଚାରଣ ଏବଂ ସ୍ମରଣ ଅପେକ୍ଷା ଭୋଜିର ଉଦ୍ଦେଶ୍ୟ ଥିଲା ନିଜର ନାମ ଇତିହାସରେ ଲିପିବଦ୍ଧ କରେଇବାର ଅଭିଳାଷ। ବିଶ୍ୱର ସମସ୍ତ ଦେଶ ବିଶେଷ କରି ଧନାଢ଼୍ୟ ୟୁରୋପୀୟ ଦେଶ ଆଗରେ ଆତ୍ମବଡ଼ିମା ପ୍ରଦର୍ଶନର ଏହା ଥିଲା ସର୍ବୋତ୍ତମ ସୁଯୋଗ। ପହଲ୍‌ଭି ରାଜବଂଶର ଶାସନକାଳ ଯେ ଇରାନୀ ପୁନର୍ଜାଗରଣର କାଳ ଥିଲା ଏହି ଭୋଜି ଦ୍ୱାରା ତାହାକୁ ଦେଖାଇବାର ପ୍ରୟାସ ଥିଲା। ନିଜର ବଂଶଗାରିମାକୁ ବିଶ୍ୱ ଆଗରେ ବଖାଣିବା ପାଇଁ ସମ୍ରାଟ ମହମ୍ମଦ ପହଲ୍‌ଭି ଦେଶର ରାଜକୋଷରୁ ପାଞ୍ଚ ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିଲେ। 'ଲାଇଫ୍' ପତ୍ରିକା ଏହାକୁ ଶତାବ୍ଦୀର ସବୁଠାରୁ ବ୍ୟୟବହୁଳ ଭୋଜି ରୂପେ ପ୍ରକାଶ କରିଥିଲେ।

ଆଡ଼ମ୍ବରପୂର୍ଣ୍ଣ ଏ ଭୋଜି ପୃଥିବୀ ଇତିହାସରେ ସବୁଠୁ ଦାମୀଭୋଜିର ମାନ୍ୟତା ପାଇଛି। ଭୋଜିର ଆୟୋଜନ ଥିଲା ଅଭୂତପୂର୍ବ। ଭୋଜିର ପ୍ରସ୍ତୁତି ପାଇଁ ଏକ ବର୍ଷ ଲାଗିଥିଲା। ରାଜଧାନୀ ତେହେରାନ୍‌ର ବିଳାସମୟ ପରିବେଶ ଯଥେଷ୍ଟ ନ ଥିଲା। ତାଠାରୁ ଅଧିକ ଚାକଚକ୍ୟପୂର୍ଣ୍ଣ ପରିବେଶରେ ଅତିଥିଙ୍କୁ ସ୍ୱାଗତ କରିବା ପାଇଁ ସ୍ଥିର କରାଯାଇ ଭୋଜିର ଆୟୋଜନ ସହର ଠାରୁ ଛ' ଶହ କିଲୋମିଟର ଦୂର ପର୍ସେପୋଲିସ୍ ନାମକ ଏକ ମରୁଭୂମିରେ କରାଗଲା। ପୁରାତନ ଆକେମେନିଡ୍ ସାମ୍ରାଜ୍ୟର ଗର୍ବ ଓ ଗୌରବର ପ୍ରତୀକ ପର୍ସେପୋଲିସ୍ ଦିନେ ପାରସ୍ୟ ସାମ୍ରାଜ୍ୟର ବିଶ୍ୱପ୍ରସିଦ୍ଧ ରାଜଧାନୀ ଥିଲା। ଖ୍ରୀ.ପୂ. ୫୧୮ ମସିହାରେ ପାରସ୍ୟର ରାଜଧାନୀ ମହାନ୍ ପ୍ରଥମ ଡେରିଅସ୍ ଏହି ସହର ସ୍ଥାପନ କରିଥିଲେ। ପାରସ୍ୟର ପ୍ରଥମ ସମ୍ରାଟ ସାଇରସ୍‌ଙ୍କର ସମାଧି ଏଠାରେ ଅବସ୍ଥିତ ଥିଲା।

ଉତ୍ସବର ଆୟୋଜନ ପାଇଁ ଶହଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇ ସେହି ମରୁଭୂମିର ତିରିଶ କିଲୋମିଟର ବିଶିଷ୍ଟ ଅଞ୍ଚଳକୁ ଗୋଟିଏ ସୁନ୍ଦର ଭବ୍ୟ ନଗରରେ ପରିଣତ କରାଯାଇଥିଲା। ମରୁଭୂମି ସଫା କରାଗଲା। ହଜାରହଜାର ସଂଖ୍ୟାରେ ସାପ, ବିଛା ଏବଂ ଅନ୍ୟଜୀବଙ୍କୁ ମରାଗଲା।

**ମୁଦ୍ରା କାହାଣୀ**

ପ୍ରାକୃତିକ ପରିବେଶ ଓ କୃତ୍ରିମ ଛାଇ ସୃଷ୍ଟି କରିବା ପାଇଁ ଦଶହଜାର ଗଛ ଲଗାଗଲା। ପରିବେଶକୁ ଆହୁରି ଜୀବନ୍ତ କରିବାର ଚେଷ୍ଟାରେ ପକ୍ଷୀମାନଙ୍କର କାକଳି ସୃଷ୍ଟି ପାଇଁ ଇଉରୋପରୁ ପଚାଶହଜାର ଘରଚଟିଆଙ୍କୁ ଅଣାଗଲା। ସାତଶହ ଉଡାଜାହାଜ ଅବତରଣ ପାଇଁ ରନ୍ ୱେ ନିର୍ମାଣ କରାଗଲା। ତେହେରାନ ଠାରୁ ଛ'ଶହ କିଲୋମିଟର ଦୂରରେ ଅବସ୍ଥିତ ଏହି ଅସ୍ଥାୟୀ କିନ୍ତୁ ଭବ୍ୟ ସହରକୁ ଏକ ଅତ୍ୟାଧୁନିକ ପ୍ରଶସ୍ତ ରାସ୍ତା ନିର୍ମାଣ କରାଗଲା। ଅତିଥିମାନଙ୍କର ରହଣି ପାଇଁ ଦେଢ଼ଶହ ଏକର ଜମିରେ ତମ୍ବୁଘର ସ୍ଥାପନ କରାଗଲା। ପ୍ରତି ଘରେ ଦୁଇଟି ଶୟନକକ୍ଷ, ଦୁଇଟି ବୈଠକଖାନା ଏବଂ ଗୋଟିଏ ଗାଧୁଆଘର ରହିଥିଲା। ରହଣି ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯାଇଥିଲା। କୁହାଯାଏ ଏହି ତମ୍ବୁଘରେ ସମୁଦାୟ ୩୭ କିଲୋମିଟର ରେଶମକନା ବ୍ୟବହୃତ ହୋଇଥିଲା। ଚବିଶଘଣ୍ଟା ସୁରକ୍ଷା ପାଇଁ ଗାଡ଼ି ଓ ସୁରକ୍ଷାକର୍ମୀ ନିୟୋଜିତ ହୋଇଥିଲେ। ଏ ଭୋଜିକୁ ୬୫ ଦେଶର ରାଷ୍ଟ୍ରମୁଖ୍ୟ ସେମାନଙ୍କର ଦଳବଳ ସହିତ ନିମନ୍ତ୍ରିତ ହୋଇଥିଲେ। ତିନିଦିନିଆ ଏହି ଭୋଜିରେ ଅତିଥିଅଭ୍ୟାଗତଙ୍କ ପାଇଁ ବିଳାସତମ ବ୍ୟବସ୍ଥାର ଆୟୋଜନ କରାଯାଇଥିଲା।

ଭୋଜିର ମୁଖ୍ୟଅତିଥି ଥିଲେ ଇଥିଓପିଆ ରାଜା ହେଲି ସେଲାସି। ପୃଥିବୀର ସମସ୍ତ ପ୍ରମୁଖ ଦେଶର ମୁଖ୍ୟ ବା ସେମାନଙ୍କର ପ୍ରତିନିଧି ଏହି ଉତ୍ସବରେ ଯୋଗ ଦେଇଥିଲେ। ଆମେରିକାର ଉପରାଷ୍ଟ୍ରପତି, ବ୍ରିଟେନ୍ ରାଣୀଙ୍କ ପତି ରାଜା ଫିଲିପ୍, ଭାରତୀୟ ରାଷ୍ଟ୍ରପତି ଭି ଭି ଗିରି ଅଭ୍ୟାଗତଙ୍କ ଭିତରେ ସାମିଲ ଥିଲେ। ଭୋଜିର ସବୁଠାରୁ ଆକର୍ଷଣୀୟ ଅଂଶ ଥିଲା ଖାଦ୍ୟପାନୀୟର ବ୍ୟବସ୍ଥା। ଶାହାଙ୍କୁ ସ୍ଥାନୀୟ ରାନ୍ଧୁଣିଆ ବା ପରଶୁଣିଆ ପସନ୍ଦ ନଥିଲେ। ତେଣୁ ସେ ପ୍ୟାରିସ୍‌ର ସବୁଠାରୁ ନାମୀ ହୋଟେଲ୍‌ର ରାନ୍ଧୁଣିଆ, ଇଂଲଣ୍ଡରୁ ପରଷୁଣିଆ ଏବଂ ସୁଇଜରଲ୍ୟାଣ୍ଡରୁ ୱେଟର୍ ଆଣିଲେ। ସୈନ୍ୟବାହିନୀ ପଠେଇ ଲଣ୍ଡନରୁ ଦେଢ଼ଟନ୍ ଓଜନର ସୁନାଖଚିତ ବାସନ ଉଡାଜାହାଜ ଦ୍ୱାରା ଅଣାଗଲା। ସମସ୍ତ ଖାଦ୍ୟ ରାନ୍ଧିବା ପାଇଁ ଛୋଟରୁ ବଡ଼ - ସବୁଜିନିଷ ଫ୍ରାନ୍ସରୁ ଅଣା ଯାଇଥିଲା। ହଜାର କିସମର ଖାଦ୍ୟର ପାହାଡ଼ ସୃଷ୍ଟି କରାଗଲା। କେବଳ ଖାଦ୍ୟ ନୁହେଁ। ଖାଦ୍ୟ ସହିତ ବିଶ୍ୱପ୍ରସିଦ୍ଧ ଦାମୀ ମଦିରା ପାନୀୟ ହିସାବରେ ନଦୀ ପରି ବୋହୁଥିଲା। ତିରିଶହଜାରରୁ ଅଧିକ ବୋତଲ ମଦର ବ୍ୟବସ୍ଥା କରାଯାଇଥିଲା।

ଭୋଜି ଅଭୂତପୂର୍ବ ଥିଲା। ମରୁଭୂମି ମଝିରେ ପ୍ରସ୍ତୁତ କୃତ୍ରିମଭାବରେ ସୃଷ୍ଟ ପ୍ରାକୃତିକ ପରିବେଶରେ ଅତିଥି ଅଭ୍ୟାଗତ ଖାଦ୍ୟପାନୀୟର ପ୍ରାଚୁର୍ଯ୍ୟରେ ତିନିଦିନ ବୁଡ଼ି ରହିଥିଲେ। ସେପଟେ କିନ୍ତୁ ଅଭାବରେ ସଢୁଥିବା ଇରାନର ଗରିବନିରୀହଜନତା ଭୋଜି ବିଷୟରେ ଅଜ୍ଞ ଥିଲେ। ଶାହା ସେମାନଙ୍କ ଠାରୁ ଆଦାୟ ଅର୍ଥରେ ନିଜ ବଂଶଗାରିମା ପ୍ରଚାର କରୁଥିଲେ। ବିଚାରରହିତ ମଣିଷ ସିନା ଭୋଜିରେ ମଜ୍ଜିଥିଲେ। ହେଲେ ମରୁଭୂମିରେ ଅସହ୍ୟ ଗରମ ସହିତ ଅନଭ୍ୟସ୍ତ ବାକ୍‌ଶୂନ୍ୟ ନିରୀହ ସମସ୍ତ ଘରଚଟିଆ ମରିଯାଇଥିଲେ। ପୂର୍ବାଦୃଷ୍ଟ ସେ ଭୋଜି ଉପରେ ସାରାବିଶ୍ୱର ଦୃଷ୍ଟି ନିବଦ୍ଧ ଥିଲା। ଭୋଜି ଏବଂ ଏହାର ଉଦ୍ଦେଶ୍ୟ ଏବଂ ଏହାର ଖର୍ଚ୍ଚ ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଇଥିଲା। ରାଣୀ ଫରହା ଦିବା ନିଜ ପୁସ୍ତକରେ ଲେଖିଛନ୍ତି ଯେ ଭୋଜି ପରେ ପ୍ରତିଦିନ ଖବରକାଗଜରେ ଏ ବିଷୟରେ ଆଲୋଚନା ହେଲା। ଦେଶ କ୍ଷୁଧାତୃଷାରେ ସଢୁଥିବା ବେଳେ ଶାହା ସେମାନଙ୍କ ଅର୍ଥରେ ମୌଜ କରୁଛନ୍ତି। ପ୍ରାୟ ସମସ୍ତଦେଶର ଖବକାଗଜମାନଙ୍କରେ ଭୋଜିର ନିନ୍ଦା ଓ ସମାଲୋଚନା କରାଗଲା। ହେଲେ ଇରାନର ଶାହାଙ୍କୁ କିଛି ଫରକ୍ ପଡ଼ି ନ ଥିଲା। ନିଜକୁ ସେ ରାଜାମାନଙ୍କର ରାଜା ଭାବରେ ପରିଚିତ କରିବାର ସମସ୍ତ ଉଦ୍ୟମ ଜାରି ରଖିଥିଲେ।

ମହମ୍ମଦ ରଜା ଶାହା ପହଲ୍‌ଭି ପ୍ରଥମ ରାଜବଂଶୀୟ ଯିଏ ବିଦେଶରେ ଉଚ୍ଚ ଶିକ୍ଷା ଲାଭ କରିଥିଲେ। ସୁଇଜରଲ୍ୟାଣ୍ଡରେ ଶିକ୍ଷାଗ୍ରହଣ କରିଥିବାରୁ ସେ ଖୁବ ଆଧୁନିକ ଓ ପ୍ରଗତିଶୀଳ ବ୍ୟକ୍ତି ଥିଲେ। ଯଦିଓ ସେତେବେଳେ ଇରାନର ଶାସନ ଦାୟିତ୍ୱ ସିଆ ଇସଲାମ ସଂପ୍ରଦାୟ ଥିଲା, ସାଧାରଣତଃ ଇସଲାମୀୟ ରାଷ୍ଟ୍ରରେ ଯେଉଁ ପୁରୁଣାକାଳିଆ ରୂଢ଼ିବାଦୀ ସାମାଜିକ ପରମ୍ପରା ଦେଖାଯାଉଥିଲା ଇରାନରେ ତାହା ଦେଖାଯାଉ ନଥିଲା। ଦେଶରେ ପାଶ୍ଚାତ୍ୟ ଭାବଧାରା ଏବଂ ଚାଲିଚଳନର ପ୍ରଭାବ ବେଶ୍ ପରିଦୃଷ୍ଟ ଥିଲା। ଅନେକ ସାମାଜିକ କୁପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ ହେବା ଆରମ୍ଭ ହୋଇଥିଲା। ଏହା କିନ୍ତୁ ଦେଶର ମୌଳବାଦୀ ଧର୍ମଗୁରୁ ଓ ପରମ୍ପରାବାଦୀଙ୍କୁ ଭଲ ଲାଗୁ ନ ଥିଲା। ଶିକ୍ଷାଦୀକ୍ଷାର ଅଭାବରେ ପୀଡ଼ିତ ଇରାନୀୟ ସମାଜ ଶାହାଙ୍କର ସଂସ୍କାରମୁଖୀ ମୁକ୍ତବିଚାରଧାରାକୁ ବିରୋଧ କରୁଥିଲା। ଏହାର ନେତୃତ୍ୱ ନେଇଥିଲେ ବିପ୍ଲବୀ ରାଜନୀତିଜ୍ଞ ତଥା ଧର୍ମଗୁରୁ ଆୟତୋଲ୍ଲା ଖୋମିନୀ। ତାଙ୍କର ବିରୋଧ ଯୋଗୁ ଶାହା ତାଙ୍କୁ ନିର୍ବାସନରେ ପଠେଇ ଦେଇଥିଲେ।

ଖୋମିନୀ ଏହି ଭୋଜିକୁ ରାଜାଙ୍କର ବିଳାସ ଏବଂ ସାଧାରଣ ଜନତାଙ୍କ ଅର୍ଥର ବୋଲି ଦେଖେଇଲେ। ଦେଶ ଖାଦ୍ୟ, ବସ୍ତ୍ର, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ଆବଶ୍ୟକତାର ଅଭାବ ଉତ୍କଟ ଥିବା ସମୟରେ ରାଜା ବିଳାସବ୍ୟସନରେ ରହି ଲୋକଙ୍କ କଥା ବୁଝୁ ନାହାନ୍ତି ବୋଲି ବିଶ୍ୱାସ ଜନ୍ମେଇବାରେ ସେ ସଫଳ ହେଲେ। ଏହା ବ୍ୟତୀତ ଶାହାଙ୍କର ପାଶ୍ଚାତ୍ୟ ଚିନ୍ତାଧାରା ଦେଶର ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରୁଛି ବୋଲି ସାଧାରଣରେ ବିଶ୍ୱାସ ସୃଷ୍ଟି ହେଲା। ମହମ୍ମଦ ଶାହା ଜଣେ ସମ୍ବେଦନହୀନ ଶାସକ ବୋଲି ପ୍ରମାଣିତ ହେଲେ। ଇରାନ ବିପ୍ଲବ ଆରମ୍ଭ ହେଲା। ଧୀରେଧୀରେ ଲୋକ ରାଜାଙ୍କୁ ବିରୋଧ କରିବା ଆରମ୍ଭ କଲେ। ଏପରିକି ମହିଳାମାନେ ବୁର୍କା ପିନ୍ଧି ବିରୋଧ ପ୍ରଦର୍ଶନ କଲେ। ବିରୋଧକୁ ଦମନ କରିବା ଲାଗି ଶାହା ସୈନ୍ୟ ବଳ ପ୍ରୟୋଗ କଲେ। ଶେଷରେ ଶାହାଙ୍କର ପତନ ହେଲା ଏବଂ ୧୯୭୯ ମସିହା ଜାନୁଆରୀ ମାସରେ ସେ ଦେଶ ଛାଡ଼ି ପଳାୟନ କଲେ। ମୌଳବାଦୀ ଆୟତୋଲ୍ଲା ଖୋମିନୀ ଦେଶର ଶାସକ ହୋଇ ଇରାନକୁ ଇସ୍‌ଲାମ୍ ଦେଶରେ ପରିଣତ କଲେ। ଆଜି ପର୍ଯ୍ୟନ୍ତ ଶାହା ପରିବାର ଦେଶକୁ ଫେରି ପାରିନାହାନ୍ତି। ଇସ୍‌ଲାମିକ୍ ଗଣରାଜ୍ୟ ଇରାନକୁ ଆୟତୋଲ୍ଲା ଖୋମିନୀଙ୍କ ପରିବାର ସର୍ବୋଚ୍ଚ ଧର୍ମଗୁରୁ ଭାବରେ ଶାସନ କରୁଛନ୍ତି।

# ଜ୍ଞାନମଣ୍ଡଳର ପ୍ରଣେତା ବିନୋଦ କାନୁନ୍‌ଗୋ



ହିମାଂଶୁ ଶେଖର ଆଚାର୍ଯ୍ୟ
ତିର୍ତ୍ତୋଲ, ଜଗତସିଂହପୁର
ମୋ: ୯୩୩୭୨୨୧୯୨୪

ଜନ୍ମ-ମୃତ୍ୟୁର ବ୍ୟବଧାନ ହେଉଛି ଜୀବନ। ଏହା ବର୍ଷ ମାସ ଦିନ ଦଣ୍ଡରେ ସୀମିତ ନୁହେଁ। କର୍ମ ହିଁ ମଣିଷକୁ କାଳଜୟୀ କରିଥାଏ। ସେହିଭଳି ଜଣେ କାଳଜୟୀ ମଣିଷ ହେଉଛନ୍ତି ଜ୍ଞାନମଣ୍ଡଳର ପ୍ରଣେତା ବିନୋଦ କାନୁନ୍‌ଗୋ। ୧୯୧୨ ମସିହା ଜୁନ ୬ ତାରିଖରେ କଟକ ଜିଲ୍ଲାର କିଶନନଗର ଥାନାର ମଲୀପୁର ଗ୍ରାମରେ ପିତା କେଶବ ଚନ୍ଦ୍ର କାନୁନଗୋ ଓ ମାତା ପୀର ଦେବୀଙ୍କ କୋଳ ମଣ୍ଡନ କରିଥିଲେ ବିନୋଦ। ଓଡ଼ିଆ ଓ ସଂସ୍କୃତ ସାହିତ୍ୟର ପଣ୍ଡିତ ଓ ଗବେଷକ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଏକମାତ୍ର ଭଣଜା ସେ। ପ୍ରଥମେ ଗାଁ ଅବଧାନଙ୍କ ନିକଟରେ ପାଠପଢ଼ିବା ପରେ ମାମୁଁଙ୍କ ଗାଁ (ପାଟକୁରା) କେନ୍ଦ୍ରାପଡାକୁ ଚାଲିଯାଇଥିଲେ। ପରେ ୧୯୨୭ରେ ସେ ରାଣୀହାଟ ମାଇନର ସ୍କୁଲରୁ ବୃତ୍ତି ପାଇ ରେଭେନ୍ସା କଲଜିଏଟ୍ ସ୍କୁଲରେ ପାଠପଢ଼ା ଆରମ୍ଭ କଲେ। କିନ୍ତୁ ତାଙ୍କର ପାଠପଢ଼ା ବିଶେଷ ଆଗେଇ ପାରିନଥିଲା। କିନ୍ତୁ ବିଧିର ବିଧାନ ଥିଲା ବିଚିତ୍ର। ଧନୀର ବିନା ସହଯୋଗରେ ଜଣେ ଅଧା ପାଠୁଆ ଜ୍ଞାନୀ ଏକ ବିରାଟ ଯୋଜନାର ମୂଳଦୁଆ ପକାଇବା ପରେ ଏହା ବିନୋଦ କାନୁନଗୋଙ୍କୁ ଜଣେ ଜ୍ଞାନ ତପସ୍ୱୀ, ଜ୍ଞାନମଣ୍ଡଳର ଏକକ ରଚୟିତା, ଗବେଷକ ଭାବେ ପରିଚୟ ପ୍ରଦାନ କଲା।

କୁହାଯାଏ କଠିନ ପରିଶ୍ରମ କେବେ ବୃଥାଯାଏ ନାହିଁ। ନିରବଚ୍ଛିନ୍ନ ସାଧନା ସଫଳତା ଦେଇଥାଏ। ଏହାକୁ ଅକ୍ଷରେ ଅକ୍ଷରେ ନିଜ ଜୀବନରେ ପ୍ରତିଫଳିତ କରିଥିଲେ ବିନୋଦ କାନୁନଗୋ। ଏକଦା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ୧୯୧୮ ମସିହାରେ ସତ୍ୟବାଦୀରେ ଅଭିମାନ ଓ କ୍ଷୋଭର ସହ ଲେଖିଥିଲେ- ଓଡ଼ିଶାର ଧନୀ ସଙ୍ଗେ ବିଦ୍ୟାର ଯୋଗ ନାହିଁ। ପୁଣି ଧନୀ ଓ ଜ୍ଞାନୀ ମାନଙ୍କର ସହଯୋଗିତା ନାହିଁ। ନିକଟ ଭବିଷ୍ୟତରେ ଇନ୍‌ସାକ୍ଲୋପିଡିଆ ଭଳିଆ ଗୋଟିଏ କାର୍ଯ୍ୟ ସ୍ୱପ୍ନରେ ସୁଦ୍ଧା ଓଡିଆ ଭାଷାରେ ଆଶା କରାଯାଇପାରେ କି ? ଏହି ଆହ୍ୱାନ ଗ୍ରହଣ କରିଥିଲେ ବିନୋଦ କାନୁନଗୋ। ସେ କହିଥିଲେ 'ମୁଁ ନିଜେ ଜଣେ ଡ୍ରପଆଉଟ ବା ଦଶମ ଶ୍ରେଣୀ ଆରମ୍ଭରୁ ପାଠ ଛାଡିବା ଲୋକ। ଯେଉଁ ଦିନ ସ୍କୁଲ ଛାଡି ଗାନ୍ଧୀ ଆନ୍ଦୋଳନରେ ଯୋଗଦେଲି, ସେଦିନ ମୁଁ ଶପଥ ନେଇଥିଲି ଯେ, ସ୍କୁଲ ଛାଡିବି ସିନା, ପାଠ ଛାଡିବି ନାହିଁ।' ଗୋଟିଏ ଜାତି ପାଇଁ ସିଏ ଯେଉଁ ଅପୂର୍ବ କାର୍ଯ୍ୟ ସମ୍ପାଦନ କରିଛନ୍ତି ଏବଂ ଓଡ଼ିଶାକୁ ଜ୍ଞାନଯୁଗ ଆଡକୁ ଅଗ୍ରସର କରାଇଛନ୍ତି, ତା'ର ପଟାନ୍ତର ନାହିଁ। କୁହାଯାଏ ଯେ, ତ୍ରୟୋଦଶ ଶତାବ୍ଦୀରେ ମଧ୍ୟଯୁଗର ପ୍ରଖ୍ୟାତ ଇଂରେଜ ବୈଜ୍ଞାନିକ ରୋଜର ବେକନ୍ ବିଶ୍ୱର ସର୍ବ ପ୍ରଥମ ଜ୍ଞାନକୋଷର ରଚନା କରିଥିଲେ। କିନ୍ତୁ ଲୋକଲୋଚନକୁ ଆସିବା ଆଗରୁ କୁଆଡେ ଅନ୍ତର୍ହିତ ହୋଇଗଲା। ଏହାର ପ୍ରାୟ ପାଞ୍ଚ ଶହ ବର୍ଷପରେ ଏନସାଇକ୍ଲୋପଡିଆ ବ୍ରିଟାନିକାର ଆବିର୍ଭାବ ହେଲା। ତେଣୁ ଜ୍ଞାନକୋଷ ପ୍ରଣୟନ କରିବା କେତେ ଦୁଃସାଧ ଏଥିରୁ ସ୍ପଷ୍ଟ ଅନୁମେୟ।

କୌଣସି କାର୍ଯ୍ୟ ଆରମ୍ଭ କରି ଶେଷ କରିବା ପାଇଁ ଆବଶ୍ୟକ ପ୍ରତିଶ୍ରୁତିବଦ୍ଧତା। ତାହାକୁ ପ୍ରାଥେୟକରି ବିନୋଦ କାନୁନଗୋ ତାଙ୍କ ଲକ୍ଷ୍ୟ ପଥରେ ଆଗେଇ ଚାଲିଲେ। ସେ କହୁଥିଲେ ମୁଁ ମନୁଷ୍ୟ। ଅନ୍ୟପ୍ରାଣୀମାନଙ୍କ ତୁଳନାରେ ମୋର ଗୋଟିଏ ଉନ୍ନତ ମସ୍ତିଷ୍କ ଅଛି। ତେଣୁ ଜଗତର ଯେ କୌଣସି କଥା ଜାଣିବା ପାଇଁ ଆଗ୍ରହ ହେବା ଦରକାର। ମୁଁ ସହଜରେ ଜାଣିବି ଓ ଜାଣିବାର ସୁଯୋଗ ପାଇବି। ମୁଁ ମଣିଷ ହେଇଥିବାରୁ ଜ୍ଞାନ ହାସଲ କରିବାଟା ମୋର ଜନ୍ମଗତ ଅଧିକାର। ସେହି ଅଧିକାରରୁ ମୋତେ ବଞ୍ଚିତ କରିପାରିବେ ନାହିଁ। ଗୋଟିଏ ଅଭିଧାନରୁ ଗୋଟିଏ ଭାଷାର ପ୍ରତ୍ୟେକ ଶବ୍ଦର ଅର୍ଥ ମିଳିଗଲା ଭଳି ଗୋଟି ପୁସ୍ତକରୁ ମାନବ ଜ୍ଞାନର ପତ୍ୟେକ ବିଭାଗର ସଂକ୍ଷିପ୍ତ ପରିଚୟ ମିଳୁଥିବା ପୁସ୍ତକଟିର ଆବଶ୍ୟକତା ଅନୁଭବ କରାଗଲା... ଆମେ ଓଡ଼ିଆ। ଆମର ଗୋଟିଏ ଉନ୍ନତ ଭାଷା ଅଛି। ଦୁନିଆର ଚାରିଆଡେ ଏହିଭଳି ପୁସ୍ତକ ପ୍ରକାଶ ପାଉଥିଲା ବେଳେ ଆମେ କ'ଣ ସେଭଳି କରିପାରିବା ନାହିଁ? ଏହି ପ୍ରଶ୍ନ ଯେତେବେଳେ ମୋ ମନରେ ଉଠିଛି ମୁଁ ବ୍ୟଥିତ ହୋଇପଡିଛି। ଶେଷରେ ସ୍ୱପ୍ନର ଦିନ ସାକାର ହେଲା ଯେତେବେଳେ ୧୯୬୦ ମସିହାରେ ଜ୍ଞାନ ମଣ୍ଡଳର ପ୍ରଥମଭାଗ ପ୍ରକାଶ ପାଇଲା। ଯାହାର ପ୍ରଥମ ଖଣ୍ଡ ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଉନ୍ମୋଚନ କରିଥିଲେ। ବିନୋଦ କାନୁନଗୋଙ୍କ ଏନସାକ୍ଲୋପିଡିଆକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି। ଯଥା- (୧) ବିଶେଷଜ୍ଞଙ୍କ ପାଇଁ ରିଫେରେନ୍ସ ଏନସାଇକ୍ଲୋପିଡିଆ, (୨) କିଶୋର କିଶୋରୀଙ୍କ ପାଇଁ ଚିତ୍ରବହୁଳ ଓ ସରଳଭାଷାରେ ଲିଖିତ ଚିଲ୍ଡ୍ରେନ୍ସ ଏନସାଇକ୍ଲୋପିଡିଆ (୩) ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜନପ୍ରିୟ, ସୁଖପାଠ୍ୟ ସହଜବୋଧ ପପୁଲାର ଏନସାକ୍ଲୋପିଡିଆ। ସେ ତାଙ୍କ ଜ୍ଞାନମଣ୍ଡଳକୁ ପପୁଲାଇ ଏନସାକ୍ଲୋପିଡିଆ ଶ୍ରେଣୀଭୁକ୍ତ କରିଛନ୍ତି। କିନ୍ତୁ ସେଥିରେ ଯେତେ ସଂଖ୍ୟକ ଚିତ୍ର ରହିଛି ଏବଂ ବିଷୟବସ୍ତୁର ବର୍ଣ୍ଣନା ହୋଇଛି ତାହା ଅଳ୍ପ ପାଠପଢିଥିବା ଆଗ୍ରହୀ ପିଲାମାନେ ମଧ୍ୟ ସହଜରେ ଧରି ପାରିବେ।

ସୂଚନାଯୋଗ୍ୟ ଯେ, ବିନୋଦ କାନୁନଗୋ ଜଣେ ଉଚ୍ଚମାନର ଶିଶୁ ସାହିତ୍ୟିକ ଥିଲେ। ତାଙ୍କର ସୃଜନଶୀଳତାର ଚହୁହଦୀ ବେଶ୍ ପରିବ୍ୟାପ୍ତ ଥିଲା। ଶିଶୁ କିଶୋରମାନଙ୍କ ପାଇଁ ସେ ଶତାଧିକ ପୁସ୍ତକ ଲେଖିଛନ୍ତି। ତନ୍ମଧ୍ୟରେ ଋଣ ପରିଶୋଧ, ଛାତିକି ପଥର କରି, ବିଜ୍ଞାନ ପୁସ୍ତକ, ପବନ ଇତ୍ୟାଦି ଅନ୍ୟତମ। ଛାତିକୁ ପଥର କରି ପୁସ୍ତକ ପାଇଁ ୧୯୮୦ ମସିହାରେ ସେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ଓ ଋଣପରିଶୋଧ ପାଇଁ ୧୯୮୪ରେ ମଧ୍ୟ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଏହି ପୁସ୍ତକମାନଙ୍କରେ ସେ ନିଜର ପିଲାଦିନର ସ୍ମୃତିକୁ ଯେପରି ଉପସ୍ଥାପନା କରିଛନ୍ତି ତାହା ଯେକୌଣସି ପାଠକଙ୍କୁ ମୁଗ୍ଧ କରିବ। ସ୍ୱାଧୀନତା ପୂର୍ବରୁ ୧୯୩୦ ଏପ୍ରିଲ ୧୦ ତାରିଖରେ ଗାନ୍ଧିଜୀଙ୍କ ଡାକରାରେ ନବମରୁ ଦଶମ ଶ୍ରେଣୀକୁ ଯିବା ଆଗରୁ ପାଠ ଛାଡି ଦେଇ ସେ ଲବଣ ସତ୍ୟାଗ୍ରହରେ ଯୋଗଦେଲେ ଓ ନଭେମ୍ବର ୧୫ରେ ଜେଲ୍ ଗ୍ରହଣ କରିଥିଲେ। ୧୯୩୧ ପାଟଣା କ୍ୟାମ୍ପ ଜେଲରୁ ଖଲାସ ହେବା ପରେ ପୁଣି ୧୯୩୨ରେ କାରାରୁଦ୍ଧ ହେଲେ। ୧୯୩୩ରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ମଧ୍ୟ ଯୋଗ ଦେଇଥିଲେ। ୧୯୩୪ ସେ ଗାନ୍ଧିଜୀଙ୍କ ଛୁଆଁ ଅଛୁଆଁ ଭେଦଭାବ ବିରୋଧରେ ପଦଯାତ୍ରାରେ ଭାଗ ନେଇ ସମାଜର ବିଶେଷ ସମ୍ବାଦଦାତା ଭାବରେ ବିସ୍ତୃତ ବିବରଣୀ ପଠାଉଥିଲେ। ତାଙ୍କ ସୃଷ୍ଟିରେ ପ୍ରତିଷ୍ଠିତ ବିନୋଦ କାନୁନଗୋ ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର ତୃଣମୂଳ ସ୍ତରରେ ଓଡ଼ିଆ ଭାଷାର ବୃଦ୍ଧି ଓ ବିକାଶର ବାର୍ତ୍ତାକୁ ନେଇ ପହଞ୍ଚାଇବାରେ ଆଜି ଚେଷ୍ଟିତ। ଖାଲି ସେତିକି ନୁହେଁ ୧୯୫୪ ମସିହା ଜାନୁଆରୀ ପହିଲା ଦିନ ମାତ୍ର ଗୋଟିଏ ଟଙ୍କା ଧରି ଗାଁରୁ କଟକ ଚାଲି ଆସିଲେ ଓ ସେହିଦିନ ହିଁ ଜ୍ଞାନମଣ୍ଡଳ ପ୍ରଣୟନ ଲାଗି ଦୀର୍ଘ ତପସ୍ୟା ଓ ସାଧନା ଆରମ୍ଭ କଲେ। ଏଥିସହିତ ୧୯୫୫ରେ ଉତ୍କଳ ଦର୍ପଣ ଓ ଶିଶୁ ସାହିତ୍ୟର ବିକାଶ ପାଇଁ ସମବାୟ ସଂସ୍ଥା ଗଠନ କଲେ। ଓଡ଼ିଆ ଭାଷରେ ବିଜ୍ଞାନର ଯେ କୌଣସି ଜଟିଳ ତତ୍ତ୍ୱକୁ ଯେ ସରଳ ଓ ସାବଲୀଳ ଢଙ୍ଗରେ ପ୍ରକାଶ କରାଯାଇପାରେ ଏହା ସେ ପ୍ରମାଣ କରିଥିଲେ। ସର୍ବୋପରି ୧୯୭୨-୭୩ ମସିହାରେ ସ୍ୱାଧୀନତା ସଂଗ୍ରାମର ଇତିହାସ 'ମୁଠାଏ ଲୁଣ ଗୋଟାଏ ସାମ୍ରାଜ୍ୟ' ପ୍ରସ୍ତୁତି ପାଇଁ ସାର ଓଡ଼ିଶା ଗ୍ରସ୍ତ କରି ମୁକ୍ତି ସଂଗ୍ରାମୀଙ୍କ ବିବରଣୀ ଓ ଫଟୋ ସଂଗ୍ରହ କରିଥିଲେ।

ଏହି ପ୍ରତିଭାଧର ମଣିଷଙ୍କ ଦେହାବସାନ ହେଲା ୧୯୯୦ ମସିହା ଜୁନ ୨୨ ତାରିଖରେ। ତାଙ୍କ ବିୟୋଗରେ ଏକ ଯୁଗର ଅବସାନ ହେଲା। ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଭାଷାରେ ମଣିଷ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜିଏଁ ନର କର୍ମ ଏକା ତା'ର ଜୀବନର ମାନ ଦଣ୍ଡ। ବାସ୍ତବରେ ଏହି ଉକ୍ତିଟି ବିନୋଦ କାନୁନଗୋଙ୍କ ପାଇଁ ବେଶ ପ୍ରଣିଧାନ ଯୋଗ୍ୟ। ସାହିତ୍ୟ ସାଧନା ଠାରୁ ଆରମ୍ଭ କରି ସ୍ୱାଧୀନତାର କଣ୍ଟକୀତ ପଥ ଶିଶୁ ସାହିତ୍ୟ ଠାରୁ ଆରମ୍ଭ କରି ଜ୍ଞାନ କୋଷ ପରି ବୃହତ ଗ୍ରନ୍ଥ ରଚନା ପର୍ଯ୍ୟନ୍ତ ସବୁଠି ତାଙ୍କ କାଳଜୟୀ ସ୍ମୃତିର ସ୍ୱାକ୍ଷର। ସେଥିପାଇଁ ମୃତ୍ୟୁର ୩୨ ବର୍ଷ ପରେ ବି ସେ ଆମ ନିକଟରେ ଚିରଜାଜ୍ଜ୍ୱଲ୍ୟମାନ, ଚିରଭାସ୍ୱର। ବିସ୍ମୃତିର ପାଣିକନା ତାକୁ ପୋଛି ଦେଇ ପାରିବ ନାହିଁ। ବିନୋଦ କାନୁନଗୋଙ୍କ ଜ୍ଞାନ ମଣ୍ଡଳ ଯେ ପର୍ଯ୍ୟନ୍ତ ରହିଛି ସେ ପର୍ଯ୍ୟନ୍ତ ଏହି ଜ୍ଞାନ ତପସ୍ୱୀ ଆମ ନିକଟରେ ଚିରସ୍ମରଣୀୟ ହେଇ ରହିଛନ୍ତି ଓ ରହିଥିବେ।

# ବ୍ରହ୍ମଚର୍ଯ୍ୟ ହିଁ ଜୀବନର ପରମ ପଥ



କିଶୋର କୁମାର ଜେନା
ବଙ୍ଗାଳିସାହି, କଟକ
ମୋ : ୭୩୭୭୪୩୯୦୭୭

ବ୍ରହ୍ମଚର୍ଯ୍ୟ ଗୋଟିଏ ଦିବ୍ୟଶବ୍ଦ। ଏଥିରେ ସମସ୍ତ ଯୋଗର ସାରତତ୍ତ୍ୱ ନିହିତ। ଯେଉଁ ଆଚାର ବଳରେ ବ୍ରହ୍ମପ୍ରାପ୍ତି କରିହୁଏ, ତାହା ବ୍ରହ୍ମଚର୍ଯ୍ୟ। ବ୍ରହ୍ମଚର୍ଯ୍ୟ ହିଁ ଜୀବନର ପରମ ପଥ। ଏହାକୁ ହିଁ ଆତ୍ମସାକ୍ଷାତକାର ପଥରେ ଅଗ୍ରଗତି ବୋଲାଯାଏ। କାୟ, ମନ ଓ ବାକ୍ୟରେ ବିଶୁଦ୍ଧତା ରକ୍ଷା କରିବାର ନାମ ବ୍ରହ୍ମଚର୍ଯ୍ୟ। ବୀର୍ଯ୍ୟଧାରଣ ଓ ଜିତେନ୍ଦ୍ରିୟତାକୁ ବ୍ରହ୍ମଚର୍ଯ୍ୟ ବୋଲାଯାଏ। ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ମନୁଷ୍ୟ କାମବାସନାରେ ଉତ୍ତେଜିତ ହୋଇଗଲେ, ପ୍ରାଣ ଚଞ୍ଚଳ ହୋଇଯାଏ। ପ୍ରାଣବାୟୁ ଆଭ୍ୟନ୍ତରୀଣ ବୀର୍ଯ୍ୟକୁ ଅସ୍ଥିର କରିଦିଏ ଓ ବୀର୍ଯ୍ୟ ବିଗଳିତ ହୋଇଯାଏ। ବ୍ରହ୍ମଚର୍ଯ୍ୟର ଅର୍ଥ ହେଲା ମନ, ବଚନ ଓ କର୍ତ୍ତବ୍ୟରେ ସର୍ବଦା ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରିବା, ଯେମିତି ବ୍ରହ୍ମଚର୍ଯ୍ୟ ମହିମାର ଅନ୍ତ ନାହିଁ, ଠିକ୍ ସେମିତି ତ୍ୟାଗକ୍ଷେତ୍ରର ସୀମା ନାହିଁ। ଯେଉଁ ବ୍ୟକ୍ତି ବ୍ରହ୍ମଚର୍ଯ୍ୟ କାମନା କରିବେ ସେ ବ୍ୟକ୍ତି ନିଜର ସକଳ ପ୍ରକାର ଦୋଷ ଦୁର୍ବଳତା ସମ୍ପର୍କରେ ଜାଗ୍ରତ ରହିବା ଦରକାର। ଯେତେଦିନ ପର୍ଯ୍ୟନ୍ତ ଚିନ୍ତା ମନର ପୂରା ଆୟତ୍ତକୁ ନଆସିଛି, ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ଅସମ୍ଭବ। ଅଜ୍ଞାତରେ ବା ଅନିଚ୍ଛାରେ ଯେଉଁସବୁ ଚିନ୍ତା ମନରେ ସ୍ଥାନ ପାଏ ସେସବୁ ମନର ବିକାର। ଏ ପ୍ରକାର ଚିନ୍ତାକୁ ଆୟତ୍ତ କରିବା ଅର୍ଥ ନିଜ ମନକୁ ଆୟତ୍ତ କରିବା। ମନୁଷ୍ୟ ଅସମ୍ଭବକୁ ସମ୍ଭବ କରିପାରେ, ମାତ୍ର ମନକୁ ଆୟତ୍ତ କରିବା ଅତି କଠିନ। ଏହା ବୋଲି ନିରାଶ ହେବାର ନୁହେଁ।'

ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ବାହ୍ୟିକ ସ୍ତରରେ ଯେଉଁସବୁ ଉଦ୍ୟମ କରାଯିବା କଥା ତନ୍ମଧ୍ୟରୁ ସଂଯମ ଅଭ୍ୟାସ ସହ ଉପବାସ ଅନ୍ୟତମ। ଏ ସମ୍ପର୍କରେ ମୋହନଦାସ କରମଚାନ୍ଦ ଗାନ୍ଧୀ ସ୍ୱୀୟ ଆତ୍ମକଥା 'ସତ୍ୟର ପ୍ରୟୋଗ'ରେ ଲେଖିଛନ୍ତି - ଇନ୍ଦ୍ରିୟର ଶକ୍ତି ଏତେ ପ୍ରବଳ ଯେ ତାକୁ ଉପରୁ ତଳୁ, ଚାରିପଟୁ ବନ୍ଧନୀ ଭିତରେ ବନ୍ଦ ନକଲେ ଆୟତ୍ତ କରିବା ବଡ଼ କଠିନ। ଏପରି ଉପବାସରେ ଜିହ୍ୱା ଲାଳସା ବା ଇନ୍ଦ୍ରିୟ ପ୍ରବୃତ୍ତିର ଦମନ ହୁଏନାହିଁ। ଦେହ ସହ ମନର ସମ୍ପୃକ୍ତି ନହେଲେ ଉପବାସର କିଛି ଫଳ ନାହିଁ। ଯେଉଁ ପଦାର୍ଥ ନଖାଇବ ସେଥିପ୍ରତି ମନରେ ବିତୃଷ୍ଣା ଜାତ ହେବା ଦରକାର। ମନ ହିଁ ସକଳ ସାଧନାର ମୂଳ। ଅତଏବ ଉପବାସର ଫଳ ଲାଭ ପାଇଁ ସୀମା ଓ କ୍ଷେତ୍ର ଅଛି। ଉପବାସ କରି ମଧ୍ୟ ଲୋକେ ଇନ୍ଦ୍ରିୟ ଭୋଗରେ ଭାସିଯାଇ ପାରନ୍ତି। ମହାତ୍ମାଙ୍କ ମତରେ ବିନା ଉପବାସରେ, ବ୍ରତରେ ଇନ୍ଦ୍ରିୟ ତାଡ଼ନାରୁ ଏକାବେଳେକେ ରକ୍ଷା ପାଇବା ଅସମ୍ଭବ। ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ଉପବାସ ନିହାତି ଆବଶ୍ୟକ। ଅନେକ ବ୍ରହ୍ମଚାରୀ ଏ ବ୍ରତ ପାଳନରେ ସଫଳ ହୋଇପାରନ୍ତି ନାହିଁ।

ସ୍ୱୟଂ ଭଗବାନ ଯେତେବେଳେ ହୃଦ କନ୍ଦରରେ ବିରାଜମାନ ସେତେବେଳେ ଏ ଅସ୍ଥିର ମନକୁ ଆୟତ୍ତ କରିବା ନିଶ୍ଚୟ ସମ୍ଭବ। ଏ ସାଧନା କଠିନ ହେଲେ ମଧ୍ୟ ଅସମ୍ଭବ ନୁହେଁ। ଏହା ତ ଜୀବନର ଶ୍ରେଷ୍ଠ ଲକ୍ଷ୍ୟ, ତେଣୁ ଏଥିପାଇଁ କଠୋରତମ ସାଧନା ଲୋଡ଼ା। ବ୍ରହ୍ମଚାରୀ ଓ ସାଧାରଣ ଲୋକର ଜୀବନ କ୍ରିୟା ମଧ୍ୟରେ ଯେ ସାମଞ୍ଜସ୍ୟ ତାହା କେବଳ ବାହ୍ୟ ସାମଞ୍ଜସ୍ୟ, ନିର୍ମଳ ଦିବାଲୋକ ପରି ଉଭୟଙ୍କ ମଧ୍ୟରେ ପ୍ରଭେଦ ସ୍ପଷ୍ଟ ବାରିହୋଇ ପଡୁଥିବ। ଉଭୟେ ଆଖିରେ ଦେଖୁଛନ୍ତି, ବ୍ରହ୍ମଚାରୀ ତାଙ୍କ ଆଖିରେ ଭଗବାନଙ୍କ ଅପୂର୍ବ ସୃଷ୍ଟି, ଏହାର ମହତ୍ୱ ଦର୍ଶନ କରନ୍ତି। ସାଧାରଣ ଲୋକ ନିଜ ଆଖିରେ ବିଳାସ ସାମଗ୍ରୀ ଓ ବିଷୟ ଭୋଗ ଦେଖିଥାନ୍ତି। ଉଭୟେ କାନରେ ଶୁଣନ୍ତି। ଜଣେ ଭଗବତ୍ ଗୁଣାବଳୀ ଶୁଣନ୍ତି, ଅନ୍ୟ ଜଣେ ସଂସାରର ଇତର ଓ କୁତ୍ସିତ କଥାରେ କାନ ଦେଇଥାନ୍ତି। ଉଭୟେ ଖାଇଥାନ୍ତି। ଜଣେ ଶରୀର ରୂପୀ ତୀର୍ଥ ରକ୍ଷା ପାଇଁ ଖାଇଥାନ୍ତି ତ ଜଣେ ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ଅଖାଦ୍ୟ ଖାଇ ଏହାକୁ ନାନା ରୋଗର ଆବାସସ୍ଥଳୀ କରି ଦୁର୍ଗନ୍ଧମୟ କରିଥାନ୍ତି। ବ୍ରହ୍ମଚର୍ଯ୍ୟର ସାଧନାରେ ଯେ ପ୍ରକାର ବିଶ୍ୱାସ ଲୋଡ଼ା, ଭଗବାନଙ୍କ ଠାରେ ସେହି ପରିମାଣରେ ବିଶ୍ୱାସ ଲୋଡ଼ା।

ସୀମିତ ପ୍ରଚେଷ୍ଟା ବଳରେ ଆପଣ ବ୍ରହ୍ମଚର୍ଯ୍ୟ ପାଳନରେ ସମ୍ପୂର୍ଣ୍ଣ ସଫଳ ହୋଇପାରିବେ ନାହିଁ। ବଳବାନ ଶତ୍ରୁକୁ ବିନାଶ କରିବାକୁ ହେଲେ ଯେପରି ଏକ ମେସିନଗନର ଆବଶ୍ୟକ, କାମରୂପକ ବଳବାନ ଶତ୍ରୁକୁ ବିନାଶ କରିବା ନିମନ୍ତେ ସେହିପରି ଅବିରତ କଠିନ ଓ ସୁଦୃଢ଼ ସାଧନା ଏକାନ୍ତ ଆବଶ୍ୟକ। ବ୍ରହ୍ମଚର୍ଯ୍ୟ ରକ୍ଷାରେ ସାମାନ୍ୟ ସଫଳତା ପାଇଯାଇ ଗର୍ବ ବା ଆତ୍ମ ପ୍ରସାଦ ଲାଭ କରନ୍ତୁ ନାହିଁ। ନିଜର ତ୍ରୁଟି ବିଚ୍ୟୁତି ବିଷୟରେ ସର୍ବଦା ସଚେତନ ରହିବାକୁ ପଡ଼ିବ ଏବଂ ସେ ସବୁକୁ ଦୂର କରିବା ନିମନ୍ତେ ସତତ ଯତ୍ନଶୀଳ ହେବାକୁ ପଡ଼ିବ। ତେବେ ଯାଇ ଏହି ବ୍ରତରେ ଆପଣ ସନ୍ତୋଷଜନକ ଭାବରେ ସାଫଲ୍ୟ ମଣ୍ଡିତ ହୋଇପାରିବେ।

# ଆତ୍ମ ବିଶ୍ୱାସର ଦୃଢ଼ ଦମ୍ଭୋକ୍ତି



ମୀରା ବେଉରା
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୭୮୪୬୯୨୧୪୦୦

**ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହି ପରମଂ ତପଃ**
**ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ।**

ମା' ସିନା ସନ୍ତାନକୁ ଦଶ ମାସ ଦଶଦିନ ଗର୍ଭରେ ଧରି ନିଜର ରକ୍ତ, ମାଂସ, ମେଦକୁ ଭାଙ୍ଗି ସନ୍ତାନକୁ ସୃଷ୍ଟି କରେ ହେଲେ ପିତା ସେହି ସନ୍ତାନକୁ ପ୍ରତିପୋଷଣ କରେ। ନିଜ ସନ୍ତାନକୁ ପ୍ରତିପାଳନ ପାଇଁ ମୁଣ୍ଡ ଝାଳ ତୁଣ୍ଡେ ମାରି ପିଲାଙ୍କୁ ମଣିଷ କରେ। ମା' ସ୍ନେହ, ଶ୍ରଦ୍ଧା, ପ୍ରେମ, ନିଷ୍ଠା ଦେଇ ସନ୍ତାନକୁ ଜନ୍ମ ଦିଏ ସିନା ହେଲେ ପିତା ସନ୍ତାନକୁ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ସନ୍ତାନର ଜୀବନର ପ୍ରତ୍ୟେକ ସ୍ତରରେ ଯେଉଁ ବାଧା, ବିପତ୍ତି, କଷ୍ଟ, ଯନ୍ତ୍ରଣା, ଆସେ ସବୁ ପ୍ରତିକୂଳ ପରିସ୍ଥିତିକୁ ଲଢ଼ିବା ପାଇଁ ବାପା ସାହସ ଦେଇଥାନ୍ତି। ସେ ସନ୍ତାନର ପାଳନକର୍ତ୍ତା। କୌଣସି ବାପା କେବେ ଚାହାଁନ୍ତିନି ତାଙ୍କ ସନ୍ତାନ କୌଣସି କ୍ଷେତ୍ରରେ ହାରିଯାଉ। ଜୀବନ ଯୁଦ୍ଧରେ ଜିତିବା ପାଇଁ ପିତା ପ୍ରତି କ୍ଷେତ୍ରରେ ସନ୍ତାନର କାନେକାନେ ସାହସର ମନ୍ତ୍ର ଫୁଙ୍କି ଥାନ୍ତି। ତାଙ୍କ ଆଶୀର୍ବାଦରେ ପର୍ବତରେ ମଧ୍ୟ କଇଁ ଫୁଟିପାରେ, ଅସମ୍ଭବ ସବୁ ସମ୍ଭବରେ ପରିଣତ ହୁଏ। ସବୁ ମହାପୁରୁଷଙ୍କ ଆଦର୍ଶର ଦ୍ୱାହି ଦେଇ ବାପା ଜୀବନ ଗଢ଼ନ୍ତି। ବିପଦରେ କିଭଳି ଧୈର୍ଯ୍ୟ ଧରି ସଫଳତାକୁ ପ୍ରାପ୍ତ କରାଯାଇପାରିବ ତାହା ବାପା ହିଁ କୁହନ୍ତି। ଯିଏ ନିଜ ସୁଖକୁ ପ୍ରତିମୂହୂର୍ତ୍ତରେ ବଳି ପକାଇ ସନ୍ତାନର ସୁଖ ପାଇଁ ସଦା ଚେଷ୍ଟିତ ହୁଏ ସେ ହେଉଛି ବାପା। ବାପା ଗୋଟିଏ ଘରର ଛାତ। ମା' ଯଦି ଧରିତ୍ରୀ ହୁଏ ପିତା ସ୍ୱର୍ଗ, ଆକାଶ ଠାରୁ ଆହୁରି ବିଶାଳ। ସବୁ ଦୁଃଖ ଯାତନା ଭୁଲିଯିବା ପାଇଁ ପିତା ସନ୍ତାନକୁ ପଡୁ ପଡୁ ଭୂମିରୁ ଉଠାଇ ମନରେ ସାହସ ବାନ୍ଧି ଦିଅନ୍ତି। ବାପା ଥିବା ପୁଅ ସଭାରେ ହାରେନା-ଏହା ନିଶ୍ଚିତ ସତ। ପିତାର ଛତ୍ରଛାୟା ତଳେ ସନ୍ତାନ ନିର୍ବିଘ୍ନରେ ଆଶ୍ରୟ ନେଇ ଶାନ୍ତିଲାଭ କରେ। ସୁରକ୍ଷାର କବଚ ପିତା। ନିଜେ ଦୁଃଖକଷ୍ଟକୁ ସାଉଁଟି ନେଇ ସନ୍ତାନ ମୁଖରେ ହସ ଫୁଟାନ୍ତି ବାପା। ଏ ପୃଥିବୀରେ ବାପା ଏକୁଟିଆ ଲୋକ ଯିଏକି ସନ୍ତାନର ଉନ୍ନତିର ପ୍ରଗତିରେ ଈର୍ଷାନ୍ୱିତ ନହୋଇ ଖୁସିରେ ଗଦ୍‌ଗଦ୍ ହୋଇଯାଆନ୍ତି। ସନ୍ତାନ ମନରେ ସବୁବେଳେ ଉଚ୍ଚ ଆଶାଆକାଂକ୍ଷାର ବୀଜରୋପଣ କରି ଅପାର ଆନନ୍ଦ ଲାଭ କରନ୍ତି ବାପା। ସେ କୌଣସି ବ୍ୟକ୍ତି ନୁହଁ, ସେ ବିଶାଳ ବ୍ୟକ୍ତିତ୍ୱ। ବାପାଙ୍କ ହୃଦୟର ବିଶାଳତା ଓ ମନର ଗଭୀରତା ହିମାଳୟଠାରୁ ଆହୁରି ବୃହତ୍। ତାଙ୍କ ବ୍ୟକ୍ତିତ୍ୱକୁ ସାଧାରଣ ତରାଜୁରେ ମାପିବା ଏତେ ସହଜ ନୁହେଁ।

ଯଦି ଆମେ ବୈଦିକ ଯୁଗର ସାମାଜିକ ଜୀବନକୁ ଦେଖିବା ଏବଂ ପିତାର ସ୍ଥାନକୁ ନିରୂପଣ କରିବା ତେବେ ଦେଖାଯାଇଛି ଆର୍ଯ୍ୟମାନଙ୍କର ପରିବାର ଥିଲା ପିତା କୈନ୍ଦ୍ରିକ। ପିତା ଥିଲେ ପରିବାରର ମୁଖ୍ୟ। ତାଙ୍କୁ କୁଳପତି ଅଥବା ଗୃହପତି ଅଭିହିତ କରାଯାଉଥିଲା। ପରିବାରର ପ୍ରତିପୋଷଣ, ପିଲାମାନଙ୍କୁ ଶିକ୍ଷା ପ୍ରଦାନ, ଶାନ୍ତି, ଶୃଙ୍ଖଳା ରକ୍ଷା, କନ୍ୟାଦାନ ତଥା ବିଭିନ୍ନ ସମସ୍ୟାର ସମାଧାନ ଆଦି କର୍ତ୍ତବ୍ୟମାନ ପିତା ହିଁ ସମ୍ପାଦନ କରୁଥିଲେ। ଉଦାରତା, ଦୟା, କ୍ଷମା ଆଦି ଗୁଣରେ ପିତା ଥିଲେ ବିଭୂଷିତ। ମାତ୍ର ବେଳେବେଳେ ସନ୍ତାନକୁ ଆକଟ କରିବାକୁ ଯାଇ ସେ ନିଷ୍ଠୁରତା ମଧ୍ୟ ଆଚରଣ କରୁଥିଲେ। ପୁତ୍ର ଯଦି ଭୁଲ କାର୍ଯ୍ୟ କରୁଥିଲା ତେବେ ତାଙ୍କୁ ଦଣ୍ଡ ମଧ୍ୟ ପିତା ଦେଉଥିଲେ। ଶାସ୍ତ୍ରରେ ଅଛି ଏକଶତ ବାପାଠାରୁ ଗୋଟିଏ ଭଲ ମା'ର ଯେତିକି ଆବଶ୍ୟକତା ଅଛି, ଏକଶତ ଗୁରୁଠାରୁ ଗୋଟିଏ ଭଲ ପିତାର ମଧ୍ୟ ସେତିକି ପରିମାଣରେ ଆବଶ୍ୟକତା ଅଛି। ପିତା ପୁତ୍ରର ସମ୍ପର୍କ ଅତି ମଧୁର। ପୁରାଣରେ ଅଛି ପିତୃ ସତ୍ୟ ପାଳନ କରି ପ୍ରଭୁ ରାମଚନ୍ଦ୍ର ଚଉଦବର୍ଷ ବନ ଗମନ କରିଥିଲେ। ଆମ ଶାସ୍ତ୍ରପୁରାଣ ଠାରୁ ଆରମ୍ଭ କରି ଆଧୁନିକ ସମାଜ ପର୍ଯ୍ୟନ୍ତ ପିତାଙ୍କ ପ୍ରେରଣାରେ ମୂର୍ଖ ସନ୍ତାନଟିଏ ମଧ୍ୟ ଉତ୍ତମ ମଣିଷରେ ପରିଣତ ହୁଏ। ଉପରେ ଆକଟ କରି ଭିତରେ ସ୍ନେହ, ଶ୍ରଦ୍ଧା, ଆଦର ରଖି ଯିଏ ସନ୍ତାନର ବିକାଶ ପାଇଁ ସଦା ଚେଷ୍ଟିତ ଥାଏ ସେ ଆଉ କେହି ନୁହେଁ, ପିତା। ନିଜେ ଚିରା ଫଟା ପିନ୍ଧି, ଭଙ୍ଗା ସାଇକେଲ ଧରି ସନ୍ତାନମାନଙ୍କୁ ଗାଡ଼ି ଦିଅନ୍ତି ଚଢ଼ିବାକୁ; ଖାଲି ସେତିକି ନୁହେଁ ବେଳେବେଳେ ପାଖରେ ପଇସା ନଥିଲେ ନିଜେ ଅସୁବିଧାରେ ରହି ବିଦେଶରେ ପାଠ ପଢୁଥିବା ପୁଅ ପାଖକୁ ଟଙ୍କା ପଠାନ୍ତି, ବାପା। କିନ୍ତୁ ବଡ଼ ଦୁଃଖର କଥା ସେହି ପୁଅ ଯେତେବେଳେ ପାଠ ପଢ଼ି ବଡ଼ ମଣିଷ ହୋଇଯାଏ ବାପାର ତ୍ୟାଗ, ତିତିକ୍ଷା, ଭଲ ପାଇବା ସ୍ନେହ ତା' ପାଇଁ ତୁଚ୍ଛ ହୋଇଯାଏ। ତା'ର ମୁଣ୍ଡକୁ ହାତ ପାଇଯାଏ। ସେ ଭୁଲିଯାଏ ପିତାର ତ୍ୟାଗ। ଆଧୁନିକତା ଆଉ ପାଶ୍ଚାତ୍ୟକରଣର ଦ୍ୱାହି ଦେଇ ପୁଅକୁ ବାପାଙ୍କର ସବୁକଥା ଅଡୁଆ ଅଡୁଆ ଲାଗେ। ପୁଅ ଆଉ ବାପାଙ୍କୁ ଲୋଡ଼େନି। ପୁଅର ସମ୍ମାନରେ ଆଞ୍ଚ ଆସେ। ଯେଉଁ ବାପାର ପରିଚୟରେ ଦିନେ ପୁଅ ସମାଜରେ ଚିହ୍ନିତ ହେଉଥିଲା ସେହି ପୁଅ ପାଇଁ ବାପର ପରିଚୟ ଅଲୋଡ଼ା ହୋଇଯାଏ। ଗାଉଁଲି ବାପ, ଆଣ୍ଠୁ ଲୁଚୁନଥିବା ଲୁଗା ପିନ୍ଧୁଥିବା ବାପ, ମଳିମୁଣ୍ଡିଆ ବାପାଙ୍କୁ କୋଟ୍ ସୁଟ୍ ପିନ୍ଧୁଥିବା ପୁଅ ବେଳେବେଳେ ସମ୍ମାନ ଦେବାକୁ ମଧ୍ୟ କୁଣ୍ଠାବୋଧ କରେ। ଆଜିର ଯୌଥ ପରିବାର ବଦଳିଯାଇଛି ଛୋଟ କ୍ଷୁଦ୍ର ପରିବାରରେ। ଆଜି ପିତା ଗାଁ ପିଣ୍ଡାରେ ଅଲୋଡ଼ା ହୋଇ ଗାଁ ଦାଣ୍ଡରେ ପଡ଼ିଥିବା ଆରାମ ଚୌକିରେ ବସି ପୁଅର ପୁରୁଣା ସ୍ମୃତିକୁ ମନେପକାଇ ପୁଅକୁ ଦେଖିବା ପାଇଁ ବାରମ୍ବାର ଟେଲିଗ୍ରାମ କରୁଛି, ଚିଠି ଦେଉଛି, ଫୋନ୍ କରୁଛି ଅଥଚ ବିଦେଶରେ ରହୁଥିବା ପୁଅ ପାଖରେ ବାପା ପାଇଁ ସମୟ ନାହିଁ। ସମୟ ଅଭାବର ଆଳ ଦେଖାଇ ପୁଅ ଆଉ ବାପା ଭିତରେ ଦୂରତା ବଢ଼ିଯାଇଛି। କର୍ତ୍ତବ୍ୟ- ପିତା ପୁତ୍ର ଭିତରେ ବାଡ଼ ସାଜିଛି। ଯେଉଁ ପିତାର ସ୍ନେହ, ଶ୍ରଦ୍ଧା ପାଇଁ, ଯାହାର ଅବଦାନରେ ସମାଜରେ ସନ୍ତାନମାନେ ଆଜି ପ୍ରତିଷ୍ଠିତ, ସେହି ବାପା ପାଇଁ ଆଜି ସନ୍ତାନମାନଙ୍କ ପାଖରେ ସମୟ ନାହିଁ। ଯଦି ଆମେ ପ୍ରତ୍ୟେକ ସନ୍ତାନ ପିତାଙ୍କ ଆବଶ୍ୟକତାକୁ ବୁଝିବା, ତାଙ୍କୁ ଆମ ସମୟରୁ କିଛି ବାହାର କରି ତାଙ୍କ ସହ ସୁଖଦୁଃଖ ବାଣ୍ଟିବା ଓ ତାଙ୍କ ମୁହଁରେ ହସ ଫୁଟାଇପାରିବା ତେବେ ତାହା ହିଁ ହେବ ଆଜି ସନ୍ତାନର ଯଥାର୍ଥ ପିତୃଭକ୍ତି। ଜୀବନରେ ଏପରି ପଶ୍ଚାତାପ କରିବାକୁ ନପଡୁ ଯେପରି -

'ତୁମେ ସିନା ବାପା ବାଣ୍ଟି ଦେଇଥିଲ
ତୁମର ପ୍ରତି ମୁହୂର୍ତ୍ତକୁ ଆମ ପାଖରେ
ଆମେ କିନ୍ତୁ ବାପା ଦେଇ ପାରିଲୁନି
କିଛି ବି ତା'ର ପ୍ରତିଦାନରେ।'



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ଉପକଣ୍ଠ ସ୍ଥିତ ରଙ୍ଗିଗଡ଼ ଅଞ୍ଚଳରେ ପୌରପାଳିକା ଦ୍ୱାରା ପ୍ରସ୍ତୁତ ଏକ ମଳ ଉପଚାର, ବସ୍ତୁ ପୁନର୍ଲାଭ ଏବଂ ଅଣୁ ଖତ କେନ୍ଦ୍ରକୁ ଶନିବାର ଦିନ ଓଡ଼ିଶା ସରକାରଙ୍କ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଏହି ମଳ ଉପଚାର କେନ୍ଦ୍ରରେ ମଳକୁ ବିନିଯୋଗ କରାଯାଇ ତାହାକୁ ଖତ ଉପଯୋଗୀ କରାଯିବା ସହ ସେଥିରୁ ବାହାରୁଥିବା ପାଣିକୁ ପ୍ୟୁରିଫାଇ କରି ବିଭିନ୍ନ ବୃକ୍ଷ ମାନଙ୍କରେ ଦିଆଯିବ। ସେହିପରି, ବସ୍ତୁ ପୁନର୍ଲାଭ କେନ୍ଦ୍ର ଦ୍ୱାରା ବର୍ଜ୍ୟବସ୍ତୁରୁ ପୁନଃ ବ୍ୟବହାର ଯୋଗ୍ୟ ସାମଗ୍ରୀ ବାହାରିପାରିବ ଏବଂ ଅଣୁ ଖତ କେନ୍ଦ୍ର ଦ୍ୱାରା ମ୍ୟୁନିସିପାଲିଟି ଅଞ୍ଚଳର ବର୍ଜ୍ୟବସ୍ତୁ, ବିଶେଷକରି ଓଦା ବର୍ଜ୍ୟବସ୍ତୁରୁ ବ୍ୟବହାର ଉପଯୋଗୀ କର୍ପୋଷ୍ଟ ଖତ ପ୍ରସ୍ତୁତ କରାଯାଇପାରିବ। ଏହାଦ୍ୱାରା ପାରାଦ୍ୱୀପ ସହରର ପରିମଳ ବ୍ୟବସ୍ଥା ସୁଦୃଢ଼ ହେବା ସହିତ ପରିବେଶ ପ୍ରଦୂଷଣକୁ ମଧ୍ୟ ରୋକାଯାଇପାରିବ। ଏହି ଅବସରରେ ସେଠାରେ 'ଏକ ପେଡ ମା କେ ନାମ' ଅଭିଯାନ ଅଧୀନରେ ଏକ ବୃକ୍ଷରୋପଣ କରାଯାଇ ପରିବେଶକୁ ସବୁଜ ସୁନ୍ଦର ରଖିବା ଲାଗି ବ୍ୟାପକ ଗଛ ଲଗାଇ ତା'ର ଯତ୍ନ ନେବାପାଇଁ ସମସ୍ତଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରିଷଦ ସୁବ୍ରତ ପ୍ରଧାନଙ୍କ ସମେତ ପୌରପାଳିକାର ବହୁ ଅଧିକାରୀ, କର୍ମଚାରୀ ଓ ପାରିଷଦ ଉପସ୍ଥିତ ଥିଲେ।

# ବନ୍ଦର ପ୍ରାଧିକରଣ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ




ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆନ୍ତର୍ଯ୍ୟାତୀୟ ଯୋଗ ଦିବସ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିଅମ ଠାରେ ଜୁନ ୨୧ତାରିଖ ଶନିବାର ଦିନ ସଫଳତାର ସହ ପାଳିତ ହୋଇଯାଇଛି। ପାରାଦୀପ ବନ୍ଦରର ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ସିଆଇଏସ୍‌ଏଫ୍ ଅଧିକାରୀ, ବନ୍ଦର ବ୍ୟବହାରକାରୀ ଏବଂ ପାରାଦୀପ ସାକ୍ଷରତା ସମିତି ମହିଳାଙ୍କ ସମେତ ହଜାରରୁ ଉର୍ଦ୍ଧ୍ୱ ଅନ୍ତେବାସୀଙ୍କ ସମେତ ବନ୍ଦର ଅଧକ୍ଷ ଉପସ୍ଥିତ ହୋଇ ବିଭିନ୍ନ ଯୋଗ ଆସନ ପ୍ରଦର୍ଶନ କରିଥିଲେ। ଏହି ଶିବିରରେ ଆର୍ଟ ଅଫ ଲିଭିଂର ଅଭିଜ୍ଞ ଯୋଗ ପ୍ରଶିକ୍ଷକ ତାପସ ରଞ୍ଜନ ପତି ଯୋଗଦେଇ ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଉଦଘାଟନ କରି ସୁସ୍ଥ ଓ ନିରୋଗ ଜୀବନଯାପନ ପାଇଁ ଯୋଗ ଅଭ୍ୟାସର ଗୁରୁତ୍ୱ ଏବଂ ଶାରୀରିକ ଓ ମାନସିକ ସ୍ଥିତି ଉପରେ ଏହାର ସକାରାତ୍ମକ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ସଚିବ ୟୁ.ଆର.ମୋହନ ରାଜୁ, ଉପ ସଂରକ୍ଷକ କ୍ୟାପଟେନ୍ ଏ.ସି.ସାହୁ, ମୁଖ୍ୟ ଯନ୍ତ୍ରୀ ଏଚ.ଏସ.ରାଉତ, ମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ ସୁଶୀଲ ନାହାକ, ଟ୍ରାଫିକ ପ୍ରବନ୍ଧକ ଜି.ଏଡିସନ ଓ ମୁଖ୍ୟ ଚିକିତ୍ସାଧିକାରୀ ବି.ବି.ଦାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ବନ୍ଦର ଅଧକ୍ଷ ହରନାଦ ବନ୍ଦରର ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୪୦ ଜଣ ସଫେଇ ମିତ୍ର ଏବଂ ସ୍ୱଚ୍ଛ ଭାରତ ଅଭିଯାନ ପ୍ରୋତ୍ସାହନ ପାଇଁ ସାକ୍ଷରତା ସମିତି ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ତିହିଡ଼ି ଓ ପୀରହାଟ ଥାନା ପୋଲିସର ଅଦଳବଦଳ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଓ ପୀରହାଟ ଥାନା ପୋଲିସର ଅଦଳବଦଳ ହୋଇଛି। ୨ଟି ଥାନାର ୬ପୋଲିସ ଅଧିକାରୀଙ୍କୁ ବଦଳି କରାଯାଇଥିବା ବେଳେ ୫ ଜଣ ଅଧିକାରୀଙ୍କୁ ତାଙ୍କ ସ୍ଥାନରେ ଅଣାଯାଇଛି। ତିହିଡ଼ି ଥାନାର ଏସଆଇ ଅରୁନ୍ଧତୀ ବେହେରାଙ୍କୁ ଭଦ୍ରକ ପୁରୁଣା ବଜାର ଥାନାକୁ, ଏସଆଇ ପ୍ରବୀଣ ଗିରିଙ୍କୁ ଟାଉନ ଥାନା, ଏଏସ୍‌ଆଇ କମଳାକାନ୍ତ ଶତପଥୀଙ୍କୁ ଆଗରପଡ଼ା ଓ ପାର୍ଥ ବେହେରାଙ୍କୁ ଚାନ୍ଦବାଲି ଥାନାକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ସାବରଙ୍ଗ ଥାନା ଏସଆଇ ଅସ୍ମିତା ପ୍ରଧାନ, ଭଦ୍ରକ ଟାଉନ ଥାନାର ଏସଆଇ ରୋଜେନ ମୁର୍ମୁ, ଭଦ୍ରକ ରିଜର୍ଭ ପୋଲିସରୁ ଏଏସଆଇ ଦାମୋଦର ଟୁଡୁ, ଧାମରା ଥାନା ଏଏସଆଇ ନନ୍ଦକୁମାର ମାଝୀଙ୍କୁ ତିହିଡ଼ି ଥାନାରେ ଅବସ୍ଥାପିତ କରାଯାଇଛି। ସେହିପରି ପୀରହାଟ ଥାନା ଏସଆଇ ଚମ୍ପାବତୀ ମାରାଣ୍ଡିଙ୍କୁ ଭଣ୍ଡାରିପୋଖରୀ, ଏଏସଆଇ ମହେଶ୍ୱର ଟୁଡୁଙ୍କୁ ଧାମରା ଥାନାକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଭଦ୍ରକ ପୁରୁଣା ବଜାର ଥାନା ଏଏସଆଇ ଲୁଲୁ ହାଁସଦାଙ୍କୁ ପୀରହାଟ ଥାନାରେ ଅବସ୍ଥାପିତ କରାଯାଇଥିବା ଜଣାପଡ଼ିଛି। ତେବେ ପୀରହାଟ ଥାନାରୁ ଦୁଇଜଣଙ୍କୁ ବଦଳି କରାଯାଇଥିବା ବେଳେ ଜଣକୁ ଅବସ୍ଥାପିତ କରାଯାଇଛି। ଆଉ ଜଣେ ଅଧିକାରୀଙ୍କ ପଦବୀ ଖାଲି ରହିଛି। ତେବେ ତୁରନ୍ତ ଏହି ପଦବୀକୁ ପୂରଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଖଣିଅଞ୍ଚଳରେ ବ୍ୟାପୁଛି ଡାଇରିଆ




କାଳିଆପାଣି, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାରେ ଡାଇରିଆ ଓ ହଇଜା ନିୟନ୍ତ୍ରଣ ବାହାରେ ଥିବାବେଳେ ଦୈନିକ ରୋଗି ସଂଖ୍ୟା ବୃଦ୍ଧି ହେବା କାରଣରୁ ଶନିବାର ଦିନ ଖଣି ଅଞ୍ଚଳ ଜିଲ୍ଲାପରିଷଦ ସଭ୍ୟା ଜେମା ଟାଖିଙ୍କ ନେତୃତ୍ୱରେ ଜନପ୍ରତିନିଧି ମାନେ ସାମ୍ବାଦିକ ସମ୍ମିଳନି କରି ଖଣି ଖନନ କରୁଥିବା କମ୍ପାନିମାନଙ୍କ ବିରୁଦ୍ଧରେ ମୁହଁ ଖୋଲିଛନ୍ତି। କାଳିଆପାଣି ଖଣି ଅଞ୍ଚଳରେ କ୍ରୋମ ପରିବହନ ନିମନ୍ତ ପ୍ରତ୍ୟକ ଦିନ ହଜାର ହଜାର ସଂଖ୍ୟାରେ ଟ୍ରକ ଲୋଡିଙ୍ଗ ହେବାକୁ ଆସି ଟ୍ରକ ସିରିଏଲରେ ରହିବା ସହିତ ପ୍ରତ୍ୟେକ ଖଣି ବାହାରେ ଓ ଟ୍ରକ ପାର୍କିଂ ୟାର୍ଡରେ ରହିଥାନ୍ତି। ଦୁଃଖର ବିଷୟ ଖଣି ଅଞ୍ଚଳରେ ଓଡିଶା ଖଣି ନିଗମ, ଇମ୍ଫା, ଟାଟାଷ୍ଟିଲ୍, ବାଲେଶ୍ୱର ଆଲଏଜ, ଜିନ୍ଦଲ, ବେଦାନ୍ତ ଭଳି ବଡ଼ବଡ଼ କମ୍ପାନି କ୍ରୋମ ଉତ୍ତୋଳନ କରି ହଜାର ହଜାର କୋଟି ଲାଭ କରିଥାନ୍ତି। ପ୍ରତ୍ୟେକଦିନ ପରିବହନ ପାଇଁ ଆସୁଥିବା ଟ୍ରକ ଡ୍ରାଇଭରମାନଙ୍କ ଯୋଗୁଁ ସାଧାରଣ ପାଇଖାନାଟିଏ କରି ନଥିବାରୁ ସେମାନେ ଏହି ଅଞ୍ଚଳ ଦେଇ ଯାଇଥିବା ଡମଶାଳ ନାଳରେ ଦୈନନ୍ଦିନ ନିତ୍ୟକର୍ମ କରିବାରୁ ନାଳ ପାଣି ପ୍ରବଳ ମାତ୍ରାରେ ଦୂଷିତ ହେବା ସହ ଡାଇରିଆ ବ୍ୟାପିବା ଆଶଙ୍କା କରାଯାଉଛି ବୋଲି ଖଣି ଅଞ୍ଚଳର ଜନପ୍ରତିନିଧିମାନେ କମ୍ପାନି ଦାୟୀ ରହିବ ବୋଲି ପ୍ରକାଶ କରିଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମସ୍ତ କମ୍ପାନିମାନେ ଡ୍ରାଇଭର ମାନଙ୍କ ଶୌଚ ହେବା ପାଇଁ ପଦକ୍ଷେପ ନେବାକୁ ନିବେଦନ କରିବା ସହିତ ପରିବହନ ବନ୍ଦ କରିବାକୁ ଚେତାବନି ଦେଇଛନ୍ତି ଏବଂ ପ୍ରତ୍ୟେକ ଖଣି କମ୍ପାନି, ଯାଜପୁର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଯାଜପୁର, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର, ତହସିଲଦାର ସୁକିନ୍ଦା, କାଳିଆପାଣି ଥାନା ଅଧିକାରିଙ୍କୁ ନକଲ ପ୍ରଦାନ କରାଯାଇଥିବା ଜଣାପଡିଛି। ଏହି ସାମ୍ବାଦିକ ସମ୍ମିଳନୀରେ କାଳିଆପାଣି ସରପଞ୍ଚ ବିକାଶ ପାତ୍ର, ରାଁସୋଳ ସରପଞ୍ଚ କନକଲତା ସର୍ଦ୍ଦାର, ପିମ୍ପୁଡିଆ ସମିତିସଭ୍ୟା ପଙ୍କଜିନୀ ମହନ୍ତଙ୍କ ସମେତ ରାଁସୋଳ ପୂର୍ବତନ ସରପଞ୍ଚ ବିଶ୍ୱଜିତ ମହାନ୍ତି, ଯୁବ ସମାଜସେବୀ ଆଶିଷ କୁମାର ଜେନା, ବୈକୁଣ୍ଠ ମହାନ୍ତ, ଶ୍ରମିକସଂଘ ସାଧାରଣ ସମ୍ପାଦକ ଭାରତ ଚନ୍ଦ୍ର ମହାନ୍ତଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଅଙ୍ଗନୱାଡ଼ି ସେବା ପ୍ରହସନ

# ଘର ନଥିବାରୁ ପଶୁ ଡାକ୍ତରଖାନାରେ ପଢୁଛନ୍ତି ପିଲା

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ନାହିଁ ନାହିଁରେ ଚାଲିଛି ଅଙ୍ଗନୱାଡ଼ି ସେବା। ଅନେକ ସ୍ଥାନରେ ଅଙ୍ଗନୱାଡ଼ି ଗୃହ ନଥିବା ବେଳେ ପର ଘର ବାରଣ୍ଡାରେ ପିଲାମାନେ ପାଠ ପଢୁଛନ୍ତି। ପଶୁ ଡାକ୍ତରଖାନାରେ ମଧ୍ୟ ଅନେକ ପିଲା ପାଠ ପଢୁଥିବା ଜଣାପଡ଼ିଛି। ଅନେକ ସ୍ଥାନରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ ଦୀର୍ଘବର୍ଷ ହେବ ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ବେଳେ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ଛାତ୍ରଛାତ୍ରୀ ମାନେ ତାଲିକା ତୁଳନାରେ କମ୍ ଆସୁଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ଶିଶୁ ପ୍ରକଳ୍ପ ଅଧିକାରୀ ନୀରବ ସାଜିବା ପଛରେ କାହାର ହାତ ରହିଛି ତାହାକୁ ନେଇ ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍‌ର ଅନେକ ପଞ୍ଚାୟତରେ ଅଙ୍ଗନୱାଡ଼ି ସେବା ପ୍ରହସନରେ ପରିଣତ ହୋଇଛି। ଅରିଷଣ୍ଡ ପଞ୍ଚାୟତ ଡଗରାସାହି ଗ୍ରାମରେ ଅଙ୍ଗନୱାଡ଼ି ଗୃହ ନଥିବା ବେଳେ ପିଲାମାନେ ପଶୁ ଡାକ୍ତରଖାନରେ ପାଠ ପଢୁଛନ୍ତି। ଅରିଷଣ୍ଡ ଗ୍ରାମ କୁମ୍ଭାର ସାହି, ଦିଅଙ୍କ ସାହି, ତେରବାଟିଆବିନ୍ଧା, ବଢ଼େଇ ସାହି, ବିଜୁପୁରୁ (ଖ), ବାମଦେଇପୁର (କ)ରେ ଅଙ୍ଗନୱାଡ଼ି କେନ୍ଦ୍ର ନଥିବା ବେଳେ ପରଘର ବାରଣ୍ଡାରେ ଛାତ୍ରଛାତ୍ରୀମାନେ ପାଠ ପଢୁଛନ୍ତି। ଦୀର୍ଘଦିନ ହେବ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଦାବି ହେଉଥିଲେ ମଧ୍ୟ ଏହି ଦାବିକୁ ବିଡ଼ିଓ କିମ୍ବା ଶିଶୁ ପ୍ରକଳ୍ପ ଅଧିକାରୀ ଶୁଣୁନାହାନ୍ତି। ଯାହାକୁ ନେଇ ନିମାପଡ଼ାରେ ଅଙ୍ଗନୱାଡ଼ି ସେବା ଠପ୍ ହେବାକୁ ବସିଥିବା ବେଳେ ଅଙ୍ଗନୱାଡ଼ି କେନ୍ଦ୍ର ଆଟେନାନ୍ସ ଖାତାରେ ଅଧିକ ପିଲା ଦର୍ଶାଉଥିବା ବେଳେ ବହୁ କମ୍ ପିଲା ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଛନ୍ତି। ବଳକା ଖାଦ୍ୟ ଚଳୁ ହେଉଥିବା ଜଣାପଡ଼ିଛି। କୌଣସି ଦିନ ଶିଶୁ ପ୍ରକଳ୍ପ ଅଧିକାରୀ ଅଙ୍ଗନୱାଡ଼ି କେନ୍ଦ୍ରକୁ ପରିଦର୍ଶନରେ ନଯାଇ ଶୀତତାପ ନିୟନ୍ତ୍ରଣ କକ୍ଷରେ ବସି ରହି ହିସାବ ନେଉଛନ୍ତି। ଏପରି ଅଙ୍ଗନୱାଡ଼ି ସେବା ହୋଇଥିବାରୁ କେତେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଛାଡୁନାହାନ୍ତି, ଯାହାପାଇଁ ଏହି ସେବା ଏବେ ପ୍ରହସନରେ ପରିଣତ ହୋଇଛି। ଅରିଷଣ୍ଡ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ମତ ନେବାରେ କୁହନ୍ତି, ଆମ୍ଭ ପଞ୍ଚାୟତରେ ବହୁ ଅଙ୍ଗନୱାଡ଼ି କେନ୍ଦ୍ରର ଗୃହ ନିର୍ମାଣ କରାଯାଇ ନାହିଁ। ବାରମ୍ବାର ନିର୍ମାଣ କରାଯିବା ପାଇଁ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ବର୍ତ୍ତମାନ ସୁଧା ନିର୍ମାଣ କରାଯାଇ ନାହିଁ। ଦୀର୍ଘବର୍ଷ ହେବ ପିଲାମାନେ ଅଙ୍ଗନୱାଡ଼ି ଶିକ୍ଷା ସଠିକ୍ ପାଇପାରୁ ନାହାନ୍ତି।

# ବିଶ୍ୱ ଯୋଗ ଦିବସ ପାଳିତ

ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ୟୁଥ୍ ରେଡକ୍ରସ ୟୁନିଟ ଆନୁକୂଲ୍ୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ କେଶବ ଚନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୋଗ ଅଭ୍ୟାସରେ ରେଡକ୍ରସ କାଉନସେଲର ଅଧାପକ ପ୍ରଭାତ ଜେନା, ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା, ଲାଇବ୍ରେରିଆନ ନନ୍ଦ କିଶୋର ଧୀର, ସୁକାନ୍ତ ସାହୁ, ହେମନ୍ତ ରାଉତ, ଧାନି ମୁର୍ମୁ, ଏନ୍‌ଏସଏସ ଅଫିସର ଦୀପା ସାମଲ, ଏନ୍‌ସିସି ଅଫିସର ଶୁବ୍ରସିଖା ଦାସଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ଯୋଗ ଅଭ୍ୟାସ କରିଥିଲେ। ପତଞ୍ଜଳୀ ହରିଦ୍ୱାର ଦ୍ୱାରା ପ୍ରଶିକ୍ଷକ ମଠକରଗୋଲା କଲେଜ ରାଜନୀତି ବିଜ୍ଞାନ ମୁଖ୍ୟ ପ୍ରବୀର କୁମାର ବିଶ୍ୱାଳ ପ୍ରଶିକ୍ଷଣ ଦେଇଥିଲେ।

# ଏମ୍‌ସିଏଲ୍‌ର ସମସ୍ତ ୟୁନିଟ୍‌ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ସମ୍ବଲପୁର, (ଭାସ୍କର ନ୍ୟୁଜ୍): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଓଡ଼ିଶାର ସମସ୍ତ ୟୁନିଟରେ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସକୁ ଏକ ବିରାଟ ଆକାରରେ ପାଳନ କରିଛି, ଯେଉଁଥିରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ଉତ୍ସାହର ସହିତ ଯୋଗ ଦେଇଥିଲେ। ମୁଖ୍ୟ କାର୍ଯ୍ୟକ୍ରମ ଆନନ୍ଦ ବିହାର ଗ୍ରାଉଣ୍ଡ, ଗଉଖ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୭୦୦ ଅଂଶଗ୍ରହଣକାରୀ ସାମିଲ କରିଥିଲେ। କୋଲ୍ ଇଣ୍ଡିଆ ଲିମିଟେଡ୍ ନିର୍ଦ୍ଦେଶକ (ମାର୍କେଟିଂ ଏବଂ ବ୍ୟବସାୟ ବିକାଶ) ମୁକେଶ ଚୌଧୁରୀ ମୁଖ୍ୟ ଅତିଥି ଥିଲେ ଏବଂ ଏମ୍‌ସିଏଲ୍‌ର ଅଧକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ମୁଖ୍ୟାଳୟରେ ଅନୁଷ୍ଠିତ ଯୋଗ ଅଧିବେଶନରେ କେଶବ ରାଓ, ନିର୍ଦ୍ଦେଶକ (ମାନବ ସଂଶାଧନ) ଏବଂ ପି.କେ. ପଟେଲ, ମୁଖ୍ୟ ସତର୍କତା ଅଧିକାରୀ, ଏମ୍‌ସିଏଲ୍ ମଧ ଉପସ୍ଥିତ ଥିଲେ। ଏହି ସ୍ୱତନ୍ତ୍ର ଯୋଗ ଅଧିବେଶନରେ ଅଂଶଗ୍ରହଣ କରିବା ପୂର୍ବରୁ, ଅଂଶଗ୍ରହଣକାରୀମାନେ ବିଶାଖାପାଟଣାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣର ସିଧା ପ୍ରସାରଣ ମଧ୍ୟ ଦେଖିଥିଲେ। ମୁଖ୍ୟ କାର୍ଯ୍ୟାଳୟର ସମସ୍ତ ୟୁନିଟ୍ ସହିତ ତାଳଚେର ଏବଂ ଇବ୍ ଭ୍ୟାଲି କୋଲଫିଲ୍ଡସ୍ (ଅନୁଗୁଳ, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲା) ରେ ସମାନ ଯୋଗ ଅଧିବେଶନ ଆୟୋଜନ କରାଯାଇଥିଲା। ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ, ଏମ୍‌ସିଏଲ୍‌ର ୭୭ଟି ସ୍ଥାନରେ ୭୮୦୦ରୁ ଅଧିକ ଲୋକ ସାମୂହିକ ଯୋଗ କରିଥିଲେ ଏବଂ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଭାବନାକୁ ପ୍ରତିପାଦନ କରିଥିଲେ। ଏହି ଅବସରରେ, ପରିବେଶ ପ୍ରତି ପ୍ରତିବଦ୍ଧତା ସ୍ୱରୂପ 'ଏକ ପେଡ୍ ମା କେ ନାମ' ଅଭିଯାନ ଅଧୀନରେ ୧୪୩୦ ଚାରା ମଧ୍ୟ ରୋପଣ କରାଯାଇଥିଲା।

# ଟାଙ୍ଗୀରେ ପହଞ୍ଚିଲା ବିକାଶ ବାହନ ରଥ



ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଚାଲିଛି। ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ପାଳନର ସେଲିବ୍ରେସନ ଚାଲିଛି। ଗାଁ ଗାଁରେ କିଭଳି ବିକାଶ ହୋଇଛି, ବର୍ତ୍ତମାନର ସରକାର ରାଜ୍ୟର ବିକାଶ ପାଇଁ କ'ଣ କ'ଣ ପଦକ୍ଷେପ ନେଇଛନ୍ତି, ଲୋକମାନେ କିଭଳି ଏହାର ଫାଇଦା ହାସଲ କରିଛନ୍ତି ଏବଂ ଆଗାମୀ ଦିନରେ ଆଉ କ'ଣ ବିକାଶ ହେବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ତାହାର ପ୍ରମାଣ ଭିତ୍ତିକ ସବିଶେଷ ତଥ୍ୟ ପ୍ରଦାନ କରି ସାଧାରଣ ଜନତାଙ୍କୁ ଅବଗତ କରାଇବା ପାଇଁ ଭାଜପା ସରକାରଙ୍କ ଏହି ବିକାଶ ବାହନ ରଥ ଏବେ ଗାଁ ଗାଁରେ ପରିଭ୍ରମଣ କରୁଛି। ଏହାରି ଭିତରେ ଏହି ବିକାଶ ବାହନ ରଥ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ପଞ୍ଚାୟତରେ ପହଞ୍ଚିବା ପରେ ସରପଞ୍ଚଙ୍କ ନେତୃତ୍ୱରେ ଗାଁର ମହିଳାମାନେ ଏହି ବିକାଶ ବାହନ ରଥକୁ ବନ୍ଦାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ପଞ୍ଚାୟତର ଜନପ୍ରତିନିଧି, ବିଭିନ୍ନ ମହିଳା ସଂଗଠନ ସାମିଲ ହୋଇଥିଲେ।

# ଜଳୁନି ଷ୍ଟ୍ରିଟ ଲାଇଟ, ସମ୍ପୂର୍ଣ୍ଣ ଅନ୍ଧାରରେ ଗାଁ

ଆଳି, (ଭାସ୍କର ନ୍ୟୁଜ୍): ଅନ୍ଧାରରୁ ମୁକ୍ତି ପାଇବା ପାଇଁ ଗାଁ ଗାଁ ରେ ଷ୍ଟ୍ରିଟ୍ ଲାଇଟ୍ ଲାଗିଥିଲା। ମାତ୍ର ତାହା କିଛିଦିନ ଜଳିବା ପରେ ବନ୍ଦ ହୋଇଯାଇଛି। ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ସରକାରଙ୍କ ତହବିଲରୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏବେ ତାହା କେବଳ ଠିକାଦାର ପୋଷିବା ପାଇଁ ଚାଲିଛି ବୋଲି ସାଧାରଣରେ ଆଲୋଚନା ହେଉଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ କୋଳିଡ଼ିହ ପଞ୍ଚାୟତର ଜାମୁଦଣ୍ଡା ଗ୍ରାମର ଆରମ୍ଭରୁ ବିଦ୍ୟାଳୟ ଓ ତାରିଣୀ ମନ୍ଦିର ପାର୍ଶ୍ୱ ଦେଇ ଗ୍ରାମର ଶେଷ ପର୍ଯ୍ୟନ୍ତ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଖରାପ ହୋଇ ପଡ଼ିରହିଛି। ସରକାରଙ୍କ ସହଯୋଗରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ହେଲେ ଦୁଇମାସରୁ ଊର୍ଦ୍ଧ୍ୱ ହେବ ଅଧିକାଂଶ ଷ୍ଟ୍ରିଟ୍ ଲାଇଟ ଅଚଳ ହୋଇ ସମଗ୍ର ଅଞ୍ଚଳ ଅନ୍ଧାର ଘେରରେ ରହିଛି। ସେଥିରେ ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟିରେ ଗଛଲତା ମଧ୍ୟ ମାଡିଗଲାଣି। ମଝିରେ ମଝିରେ ଏହାକୁ ରିପ୍ୟାରିଂ ନାଁରେ ବିଲ କରାଯାଇ ଚଳୁ କରାଯାଉଥିବା ବେଳେ ଦୀର୍ଘ ଦୁଇମାସ ହୋଇଯିବ ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ। ଫଳରେ ପଥଚାରୀ ଓ ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ଏହି ଅନ୍ଧାରର ସୁଯୋଗ ଉଠାଉଛନ୍ତି ଆସାମଜିକ ଯୁବକମାନେ। ବାଧ ହୋଇ ଗ୍ରାମବାସୀ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଲାଇଟଗୁଡିକୁ ସଜାଡୁଥିବା ମଧ୍ୟ ନଜିର ରହିଛି। ଜନଗହଳି ସ୍ଥାନ ମାନଙ୍କରେ ଉଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଜନସାଧାରଣ ଦୀର୍ଘମାସ ହେବ ସେହି ସେବାରୁ ବଞ୍ଚିତ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ ସ୍ଥାନୀୟ ସରପଞ୍ଚ ଦୀର୍ଘଦିନ ହେବ ଲାଇଟ ସଜାଡ଼ିବା ପାଇଁ ଖୋଲି ନେଇଥିବା ବେଳେ ସଜାଡ଼ିବା କଥା କହିଲେ ଶୁଣୁନାହାନ୍ତି। ଦିନ ପରେ ଦିନ ସମୟ ଦେଇ ଚାଲିଛନ୍ତି। ଏ ନେଇ କୋଳିଡ଼ିହ ସରପଞ୍ଚ ହେମନ୍ତ ଧଳଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଖରାପ ହୋଇଥିବା ଲାଇଟିଗୁଡିକ ମରାମତି ନିମନ୍ତେ ଦିଆଯାଇଛି। ମରାମତି ପରେ ପୁନର୍ବାର ଯେଉଁଠି ଲଗାଯାଇଥିଲା ସେଠାରେ ଲଗାଯିବ।

# ଆନ୍ତର୍ଜାତିକ ଯୋଗ ଦିବସ ପାଳିତ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି। ନିମାପଡ଼ା ଯୋଗ ମହୋତ୍ସବ କମିଟି ପକ୍ଷରୁ ବାରବାଟି ପଡ଼ିଆରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ତହସିଲଦାର ମନୋଜ କୁମାର ପ୍ରଧାନ, ବିଡ଼ିଓ ଡ଼ଃ ଅଭିଜିତ୍ ଷଡ଼ଙ୍ଗୀ, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଦାଶ, ଉପାଧକ୍ଷ ସନ୍ତୋଷ ଦାଶ, ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗ ଦେଇ ଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ତହସିଲଦାର ଉଦ୍‌ଘାଟନ କରିଥିବା ବେଳେ ଚାରୋଟି ସଂଗଠନ ପକ୍ଷରୁ ଯୋଗଗୁରୁ ଉମାଶଙ୍କର ଆଚାର୍ଯ୍ୟ ଓ ସରୋଜ କୁମାର ସାହୁ ଅତିଥି ଭାବେ ଫୁଲତୋଡ଼ା ଦେଇ ସମ୍ମାନୀତ କରିଥିଲେ। ପ୍ରାତଃ ସମୟରୁ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ନିମାପଡ଼ା ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ସମେତ ୫୨ଟି ଅନୁଷ୍ଠାନର ୮ଶହରୁ ଊର୍ଦ୍ଧ୍ୱ ଯୋଗ ପ୍ରେମୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂଜା ପ୍ରିୟଦର୍ଶିନୀ, ଦିପ୍ତୀ ରଞ୍ଜନ ବେହେରା, ସାଶ୍ୱତୀ ଗୌତମୀ, ମଧୁସ୍ମିତା ଭୋଇ, ବିଜ୍ଞାନ ପ୍ରଧାନ, ଅମୂଲ୍ୟ ପ୍ରସାଦ ସ୍ୱାଇଁ ପ୍ରମୁଖ ସଭାପତିତ୍ୱ କରିଥିଲେ। ସେହିପରି ଉମାଶଙ୍କର ଯୋଗାଶ୍ରମର ଯୋଗ ଦିବସ ପାଳିତ ହୋଇଯାଇଛି। ଅଣ୍ଡିଆ ସାହି ଗ୍ରାମ ମଙ୍ଗଳ ସମିତି ସଭାପତି ବିବେକାନନ୍ଦ ପାତ୍ର, ନିମାପଡ଼ା ମେଡ଼ିକାଲର ଫାର୍ମାସିଷ୍ଟ ଆଇ ତ୍ରିନାଥ ପାତ୍ର, ଯୋଗ ମହୋତ୍ସବ ସମିତି ସଂଯୋଜକ ସତ୍ୟ ନାରାୟଣ ମିଶ୍ର, ଭାଗିରଥୀ ଓଝା, ମୁନୁ ଅଗ୍ରୱାଲ ପ୍ରମୁଖ ଯୋଗଦାନ କରିଥିବା ବେଳେ ଉମାଶଙ୍କର ଆଚାର୍ଯ୍ୟ କହିଛନ୍ତି, ଯୋଗ କଲେ ରୋଗ ଦୂରେଇ ଯିବା ସହିତ ମଣିଷ ଶରୀର ସୁସ୍ଥ ରହିବ। ବିଶେଷକରି ଉମାଶଙ୍କର ଯୋଗାଶ୍ରମରେ ପାସ୍ କରିଥିବା ୩୭ ଜଣ ଛାତ୍ରଛାତ୍ରୀ ଆତ୍ମନିଯୁକ୍ତି ପାଇ ସାରିଛନ୍ତି।

# ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ଅନୁଗୁଳ, (ଭାସ୍କର ନ୍ୟୁଜ୍): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସପି) ପକ୍ଷରୁ ଅନୁଗୁଳ ପ୍ଲାଣ୍ଟ ଏବଂ ଏହାର ଆଖପାଖ ଅଂଚଳର ଲୋକଙ୍କୁ ନେଇ ବେଶ ଉତ୍ସାହର ସହ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଚଳିତବର୍ଷର ବିଷୟବସ୍ତୁ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଉପରେ ପର୍ଯ୍ୟବେଶିତ ହୋଇଥିବା ଏହି କାର୍ଯ୍ୟକ୍ରମ, ବ୍ୟକ୍ତିଗତ କଲ୍ୟାଣ ଓ ସମଗ୍ର ବିଶ୍ୱର ସ୍ୱାସ୍ଥ୍ୟ ଉପରେ କେନ୍ଦ୍ରୀତ ହୋଇଥିଲା। ଏହି ଅବସରରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଜେଏସପିର କର୍ମଚାରୀ,ସେମାନଙ୍କ ପରିବାର ସଦସ୍ୟ, ଶ୍ରମିକ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଅଂଚଳର ଶତାଧିକ ଲୋକ ଅଂଶଗ୍ରହଣ କରିଥିଲେ। ଜିନ୍ଦଲ ନଗରଠାରେ ଅନୁଷ୍ଠିତ ହୋଇଥିବା ଯୋଗ ଶିବିରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଅନୁଗୁଳ ପ୍ଲାଣ୍ଟ ମୁଖ୍ୟ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲ୍ଲୀପ ସିହ୍ନା, ଷ୍ଟିଲ୍ ଜୋନର ସଭାପତି ଅତୁଲ ଦୁବେ, ବିଭିନ୍ନ ବିଭାଗୀୟ ମୁଖ୍ୟ ଏବଂ ନିକଟବର୍ତ୍ତୀ ସମ୍ପ୍ରଦାୟର ପ୍ରତିନିଧି ମାନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ମାର୍ଗଦର୍ଶନରେ ଯୋଗର ବିଭିନ୍ନ ଆସନ କରାଯାଇଥିଲା। ଏଥିରେ ଶାରୀରିକ ଶକ୍ତି, ମାନସିକ ଶକ୍ତି ପାଇଁ ଅବାଶ୍ୟକ କୌଶଳ ସମେତ ପ୍ରକୃତି ସହ ସମନ୍ୱୟ ରକ୍ଷାକରି କିଭଳି ଯୋଗ ଆସନ ସବୁ କରାଯାଇପାରିବ ସେ ସମ୍ପର୍କରେ ଅବଧାରଣା ଦିଆଯାଇଥିଲା। ଏହି ଅବସରରେ ପଙ୍କଜ ମଲହାନ କହିଥିଲେ, ସ୍ୱାମୀ ସତ୍ୟବିନ୍ଦୁ ଜୀଙ୍କ ମାର୍ଗଦର୍ଶନରେ ପରିଚାଳିତ ଯୋଗ ଶିବିର ବର୍ତ୍ତମାନ ଆମର ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଯାଇଛି। ଏକତ୍ରିତ ହୋଇଥିବା ସମସ୍ତ ଯୋଗପ୍ରେମୀଙ୍କୁ ସମ୍ବୋଧନ କରି ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ କହିଥିଲେ, 'ଆମେମାନେ ଭାଗ୍ୟବାନ ଯେ, ନବୀନ ଜିନ୍ଦଲ ଜୀଙ୍କ ଭଳି ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ପାଇଛୁ, ଯିଏ ସ୍ୱାସ୍ଥ୍ୟ ଏବଂ ଜନ କଲ୍ୟାଣକୁ ପ୍ରୋତ୍ସାହନ କରିବାରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି।' କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ଦାମୋଦର ମିତ୍ତଲ କହିଥିଲେ, 'ଆମେ ଜଣେ ଉତ୍ସର୍ଗୀକୃତ ଯୋଗଗୁରୁ ପାଇଁ କୃତଜ୍ଞ। ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଜୀଙ୍କ ମାର୍ଗଦର୍ଶନରେ ଆମର କର୍ମଚାରୀମାନେ ଯେ, କେବଳ ଫିଟ୍ ଏବଂ ସୁସ୍ଥ ହୋଇଛନ୍ତି ତାହା ନୁହେଁ ଆଜି ସେମାନେ ଯୋଗର ଏକ ବାର୍ତ୍ତାବାହକ ଭାବେ କାର୍ଯ୍ୟ କରୁଛନ୍ତି ଓ ସେମାନେ ସେମାନଙ୍କ ନିକଟ ସମ୍ପର୍କୀୟ ଏବଂ ସମ୍ପ୍ରଦାୟର ବହୁ ଲୋକଙ୍କୁ ଯୋଗର ଉପକାରିତା ବିଷୟରେ ବୁଝାଇ ବାରେ ସକ୍ଷମ ହୋଇପାରିଛନ୍ତି। ଓ.ପି ଜିନ୍ଦଲ ସ୍କୁଲ, ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ, ଜିନ୍ଦଲ ଆଶା, ଜନଜୀବିକା କେନ୍ଦ୍ର, ଶ୍ରମ ବୀର ପ୍ୟାଲେସ ଏବଂ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଅନ୍ୟାନ୍ୟ ସମ୍ପ୍ରଦାୟ କେନ୍ଦ୍ରଗୁଡ଼ିକରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଛି। 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'ର ବାର୍ତ୍ତା ନେଇ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜନଜୀବିକା କେନ୍ଦ୍ରରେ ଔଷଧୀୟ ବୃକ୍ଷ ମଧ୍ୟ ରୋପଣ କରାଯାଇଥିଲା।

# ନାଲକୋ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ




ଭୁବନେଶ୍ୱର/ପୁରୀ, (ଭାସ୍କର ନ୍ୟୁଜ୍): ସୁସ୍ଥତା ଏବଂ ଯୋଗ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନାଲକୋ ପକ୍ଷରୁ ପୁରୀର ମହାତ୍ମା ଗାନ୍ଧୀ ପାର୍କ ପରିସର ମଧ୍ୟରେ 'ଏକ ପ୍ରକୃତି ଯୋଗ ଭୂମି' ପ୍ରସ୍ତୁତ କରାଯାଇଛି। ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ, ଆଜି ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହି ସମର୍ପିତ ଯୋଗ ସ୍ଥାନର ଉଦଘାଟନ କରିଛନ୍ତି। ଏହି ଅବସରରେ ନିର୍ଦ୍ଦେଶକ (ମାନବ ସମ୍ବଳ) ଡକ୍ଟର ତାପସ କୁମାର ପଟ୍ଟନାୟକଏବଂ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନାଲକୋ ଦ୍ୱାରା ବିକଶିତଓ ପରିଚାଳିତ 'ମହାତ୍ମା ଗାନ୍ଧୀ ପାର୍କ'ପୁରୀର ସମସ୍ତ ବର୍ଗର ନାଗରିକମାନଙ୍କ ପାଇଁ ଏକ ଲୋକପ୍ରିୟ ସ୍ଥାନ ପାଲଟିଛି। ଅଞ୍ଚଳବାସୀ ଏହି ପାର୍କକୁ ଜଗିଂ, ସକାଳ ଏବଂ ସନ୍ଧ୍ୟା ଭ୍ରମଣ ତଥା ବ୍ୟାୟମ ନିମନ୍ତେ ଆସିଥାନ୍ତି। ଯୋଗ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ 'ପ୍ରକୃତି ଯୋଗଭୂମି' ସ୍ୱାସ୍ଥ୍ୟ ସଚେତନ ଜନସାଧାରଣ, ବରିଷ୍ଠ ନାଗରିକ ଓ ଯୁବବର୍ଗଙ୍କୁ ଉତ୍ସାହିତ କରିଛି। ଏହି ଅବସରରେ ପାର୍କ ପରିସରରେ ଉପସ୍ଥିତ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା 'ଏକ ପେଡ଼ ମା କେ ନାମ' ଅଭିଯାନ ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ ଯେ,ଅନ୍ତର୍ଜାତୀୟ ଯୋଗ ଦିବସ ପରିପ୍ରେକ୍ଷୀରେ ନାଲକୋ କର୍ପୋରେଟ କାର୍ଯ୍ୟାଳୟ ସମେତ ମାଇନ୍ସ ଓ ରିଫାଇନେରୀ କମ୍ପ୍ଲେକ୍ସ, କୋରାପୁଟ, ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସ, ଅନୁଗୋଳ, ପୋର୍ଟ ଫାସିଲିଟିଜ, ବିଶାଖାପାଟଣା ତଥା ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟରେ ସାମୂହିକ ଯୋଗ ଶିବିରର ଆୟୋଜନ କରାଯାଇଛି। ବିଭିନ୍ନ ସ୍ଥାନରେ, ପରିବାର ସଦସ୍ୟ, ଠିକା କର୍ମଚାରୀ, ସିଆଇଏସଏଫ କର୍ମଚାରୀଙ୍କ ସମେତ ତିନି ହଜାରରୁ ଊର୍ଦ୍ଧ୍ୱ ଯୋଗ ଉତ୍ସାହୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଠାରେ ଆଗାମୀ ଦିନରେ ହେଉଥିବା ରଥଯାତ୍ରାକୁ ଦୃଷ୍ଟିରେ ରଖି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରଥଯାତ୍ରାରେ କେମିତି ଗାଁ ଗଣ୍ଡାରୁ ଆସିଥିବା ଲୋକେ ଶୃଙ୍ଖଳିତ ଭାବେ ଯାତ୍ରା ଦେଖିବେ ଓ ସୁରୁଖୁରୁ ଭାବରେ ଦେଖିପାରିବେ ତାକୁ ନେଇ ଆଲଚନା କରିଥିଲେ । ପ୍ରଶାସନ ଅଧିକାରୀ ମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ଲୋକେ ନିଜ ନିଜ ପରିବାରକୁ ଧରି ଶ୍ରୀଗୁଣ୍ଡିଚା ଯାତ୍ରା ଦେଖିବାକୁ ଆସି କିପରି ସୁରକ୍ଷିତଭାବରେ ରହି ନିଜ ପରିବାରକୁ ନେଇ ସୁରକ୍ଷିତ ଭାବରେ ଘରକୁ ଫେରିବେ ତାହାନେଇ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଏମ୍‌ଡି ଆକବର, ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା, ପ୍ରଶାନ୍ତ ପାତ୍ର,ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ । ଶ୍ରୀ ବାକା କହିଛନ୍ତି ଯେ ଭଗବାନ ସମସ୍ତଙ୍କର । ଏଠି ସର୍ବ ଦଳ ରହି ଭଗବାନଙ୍କ ପାଇଁ ଆମେ କାମ କରିବା । ଲୋକଙ୍କ ସୁରକ୍ଷା ପାଇଁ ଆମେ ଦାୟୀତ୍ୱ ନେଲେ ଭଲହୁଅନ୍ତା । ଖାଲି ପ୍ରଶାସନଙ୍କୁ ଭରଷା କଲେ ହେବନାହିଁ ଗାଁ ଗହଳି ର ଲୋକେ ନିଶା ଦ୍ରବ୍ୟ କରି ବେପରୁଆ ଗାଡି ଚଲାଇଥାନ୍ତି । ଆମେ ସମସ୍ତେ ସର୍ବଦଳୀୟ ଭାବେ ଏକାଠି ହୋଇ କାମ କରିବା ବୋଲି ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା କହିଛନ୍ତି ।

# ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ମହକୁମା ଠାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚଳିତ ବର୍ଷର ପବିତ୍ର ରଥ ଯାତ୍ରା ପାଳନ ନିମନ୍ତେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷକ ବିନୋଦ ପାଟିଲ ଏଚ୍, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଓ ତହସିଲଦାର ଟିକୁନୁ ପୁତା ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ରଥର ମାନ ଠିକ ଅଛି ନା ନାହିଁ, ରାସ୍ତା ଓ କୋଠାବାଡ଼ିଙ୍କୁ ପ୍ରମାଣ ପତ୍ର ଦେବା ନିମନ୍ତେ କୁହାଯାଇଥିଲା । ଯାନବାହନ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ନିମନ୍ତେ ଟାଉନ ଥାନା ପୋଲିସଙ୍କୁ ଦାୟିତ୍ୱ, ଆଶୁ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ଯାନ ଓ ଟିମ୍ ସମ୍ପୂର୍ଣ୍ଣ ଅଗ୍ନି ନିର୍ବାପକ ଯନ୍ତ୍ର ସହ ରଥ ପଛରେ ଥିବା ନିମନ୍ତେ କୁହାଗଲା । ସହରର ପ୍ରମୁଖ ଛକ ଜାଗାରେ ପାଣି ଟ୍ୟାଙ୍କ ଓ କର୍ମଚାରୀ ନିୟୋଜିତ କରିବା, ରଥ ଟଣା ସମୟରେ ଆମ୍ବୁଲାନ୍ସ ସହ ଜଣେ ଆୟୁଷ ଡାକ୍ତର ରହିବେ ଓ ୨୭.୦୬.୨୦୨୫ ତାରିଖ ଠାରୁ ବାହୁଡ଼ା ଯାତ୍ରା ଅର୍ଥାତ୍ ୫.୭.୨୦୨୫ ପର୍ଯ୍ୟନ୍ତ ସକାଳ ୮ଟା ଠାରୁ ରାତି ୧୦ ଘଟିକା ପର୍ଯ୍ୟନ୍ତ ମେଡ଼ିକାଲ ଟିମ୍ ଉପସ୍ଥିତ ରହିବେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ଜିଲ୍ଲାପାଳ ଛେରା ପହଁରା କରିବେ । ଜଗନ୍ନାଥଙ୍କ ଧାରା ବିବରଣୀ ନିମନ୍ତେ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ମାଲକାନଗିରିଙ୍କୁ ଦାୟିତ୍ୱ ଦିଆଗଲା । ଏନ୍‌ଏସ୍‌ଏସ୍ ଓ ଏନ୍‌ସିସି ଛାତ୍ରଛାତ୍ରୀ ମାନଙ୍କୁ ସ୍ୱେଚ୍ଛାକୃତ ଭାବେ ନିୟୋଜିତ କରିବା ପାଇଁ କୁହାଯାଇଛି । ବୈଠକରେ ଟାଉନ୍ ଥାନା ଅଧିକାରୀ,ଅଗ୍ନିଶମ ଅଧିକାରୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡ଼ି, ସହକାରୀ ଯନ୍ତ୍ରୀ, ପିଏଚଡ଼ି,ଟିପିଏସଓଡ଼ିଏଲର କର୍ମକର୍ତ୍ତା, ଜଗନ୍ନାଥ ମନ୍ଦିରର ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ ।

## ଶୋଇଛି ବାରିପଦାର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା

# ହଇଜା-କଲେରା ଆଶଙ୍କାରେ ଲୋକେ ଚିନ୍ତିତ

ବାରିପଦା (ଭାସ୍କର ନ୍ୟୁଜ୍) : ରାଜ୍ୟର ଅଧିକାଂଶ ଜିଲ୍ଲାରେ ହଇଜା ଓ କଲେରା ପ୍ରକୋପ ମହାମାରି ସୃଷ୍ଟି କରିଥିବାବେଳେ, ମୟୂରଭଞ୍ଜ ଜିଲ୍ଲାର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ପ୍ରଶ୍ନର ଘେରରେ । ବର୍ତ୍ତମାନ ସ୍ଥିତିରେ ଜନସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ଖାଦ୍ୟ ସୁରକ୍ଷା ବିଭାଗର ନିଷ୍କ୍ରିୟତା ଉପରେ ଗଣମାଧ୍ୟମ ଓ ସଚେତନ ନାଗରିକ ବୃନ୍ଦ ଭୟଙ୍କର ଆଶଙ୍କା ରଖି ପ୍ରତିକ୍ରିୟା ପ୍ରକାଶ କରିଥିବା ଶୁଣିବାକୁ ମିଳୁଛି । ବାରିପଦା ଏକ ମହାନଗର ହେବା ସତ୍ତ୍ୱେ, ଏଠାରେ ରାତି ପାହିଲେ ଅନେକ ହୋଟେଲ, ଫୁଡ୍‌ଷ୍ଟଲ ଓ ପଥପ୍ରାନ୍ତ ଖାଦ୍ୟ ବିକ୍ରେତା ନିୟମିତ ଭାବେ ଅନିୟମିତ ଓ ଅନିୟନ୍ତ୍ରିତ ଭାବେ ବ୍ୟବସାୟ କରୁଛନ୍ତି । ତେବେ ଏପର୍ଯ୍ୟନ୍ତ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ତାଙ୍କ ଉପରେ କୌଣସି ଚାପ ଦେବା କିମ୍ବା ଅଭିଯାନ ଚାଲାଇବା ଦୃଶ୍ୟ ପ୍ରକାଶରେ ଆସିନାହିଁ । ବିଭିନ୍ନ ସମୟରେ ଅଭିଯୋଗ ହୁଏ, ଶୁଣିବାକୁ ମିଳେ ଯେ, ବାରିପଦାରେ ଲୋକସେବାରେ, ଖାଦ୍ୟ ସୁରକ୍ଷା ଅଧିକାରୀ ବିରଳ ଭାବରେ କାର୍ଯ୍ୟାଳୟକୁ ଆସୁଛନ୍ତି । ଓଡ଼ିଶା ମାନଚିତ୍ରରେ ଏହା ବଡ଼ ଜିଲ୍ଲା,



ଏହାର ଦାୟିତ୍ୱରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ସହ କର୍ତ୍ତବ୍ୟ ଓ ଦିୟିତ୍ୱବୋଧତା ବିଭାଗୀୟ ଅଧିକାରୀଙ୍କର ଆଦୌ ଆଖିଦୃଶିଆ ନୁହେଁ ବୋଲି ଜନମତ ପ୍ରକାଶିତ । ବିଭିନ୍ନ ଜରୁରୀ କାର୍ଯ୍ୟ ନେଇ ବୃହତ୍ତମ ଜିଲ୍ଲା ମୟୂରଭଞ୍ଜର ଲୋକେ ଦୂରଦୂରାନ୍ତରୁ ଆସୁଥିବା ବେଳେ ଖାଲି ଚେୟାର ଦେଖି ଫେରି ଯାଉଥିବା ଖୁବ୍ ଦୁଃଖଦାୟକ । ଅପରପକ୍ଷରେ ସବୁଠାରୁ ଲଜ୍ଜାଜନକ କଥା ଅଧିକାଂଶ ସାଧାରଣ ଜନତା ଏପର୍ଯ୍ୟନ୍ତ ଜାଣିନାହାନ୍ତି ଯେ ଜିଲ୍ଲାରେ ଏକ ଖାଦ୍ୟ ସୁରକ୍ଷା ବିଭାଗ ରହିଛି । ଅନେକ ଦିନ ହେଲା ବିଭାଗ ପକ୍ଷରୁ ନା କୌଣସି ଖାଦ୍ୟ ନମୁନା ଗ୍ରହଣ, ନା ଲାଇସେନ୍ସ ଯାଞ୍ଚ କିମ୍ବା ଜନସାଧାରଣଙ୍କୁ ସଚେତନ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇଥିବା ଦେଖାଯାଇନି । ଅନ୍ୟପଟେ, ବିଭିନ୍ନ ଫୁଡ୍ ବ୍ଲଗର ଓ ୟୁଟ୍ୟୁବ ଚ୍ୟାନେଲ ଯାହାକି ସ୍ୱୟଂ ଘୋଷିତ ଖାଦ୍ୟ ସମୀକ୍ଷକ, ସେମାନେ ଲାଇସେନ୍ସ ବିନା ଖାଦ୍ୟ ରିଭ୍ୟୁ କରୁଛନ୍ତି, ଯାହା ଖାଦ୍ୟ ସୁରକ୍ଷାର ନିୟମକୁ ଲଙ୍ଘନ କରୁଛି । ସବୁଠାରୁ ବଡ଼ ଦୁଃଖ ଓ ପରିତାପର ବିଷୟ ଯେ ବ୍ଲଗରଙ୍କ କଥାରେ ପଡି ବହୁ ଖାଦ୍ୟ ସୌଖିନ ମାନେ ଠକାମିର ଶିକାର ମଧ୍ୟ ହେଉଥିବା ଆଲୋଚନା ହୁଏ । ବିଭାଗର ନିରବତା ଲୋକଙ୍କ ମନରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି । ସାମ୍ନାରେ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥଯାତ୍ରା ପରବ ଆସୁଛି । ଏହି ଉତ୍ସବ ସମୟରେ ଦେଶ ଓ ବିଦେଶରୁ ଲକ୍ଷାଧିକ ପର୍ଯ୍ୟଟକ ଏଠାକୁ ଆସନ୍ତି । ଏପରି ଗୁରୁତ୍ୱପୂର୍ଣ୍ଣ ସମୟରେ ଯଦି ଖାଦ୍ୟ ସୁରକ୍ଷା ବିଭାଗ ସଚେତନ ନହୁଅନ୍ତି, ଏବଂ ଯଦି ହଇଜା କିମ୍ବା ଅନ୍ୟାନ୍ୟ ରୋଗ ସଂକ୍ରମଣ ସ୍ଫୁଟିତ ହୁଏ, ତେବେ ଏହା ପାଇଁ ସମ୍ପୂର୍ଣ୍ଣ ଭାବରେ ବିଭାଗ ଦାୟୀ ହେବ ବୋଲି ବୁଦ୍ଧିଜୀବୀ ମହଲ ଆଲୋଚନା କରୁଛନ୍ତି ।

## ନୂତନ ବନ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରିରେ ନୂତନ ଖଣ୍ଡୀୟ ବନ ଅଧିକାରୀ ଭାବେ ଯୋଗ ଦେଲେ ସାଇ କିରଣ ଡି.ଏନ୍। ପୂର୍ବରୁ ଜିଲ୍ଲାରେ ଖଣ୍ଡୀୟ ବନ ଅଧିକାରୀ ଭାବେ ପ୍ରତାପ କତାପାଲି କାର୍ଯ୍ୟ କରୁଥିଲେ । ଶ୍ରୀ ସାଇ କିରଣ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳରେ କାର୍ଯ୍ୟରତ ଥିଲେ । ଜିଲ୍ଲାରେ ତାଙ୍କର କାର୍ଯ୍ୟରେ ଯୋଗଦାନ ପରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି ।

# ପୋଖରୀ ଭିତରୁ ଶୁଭୁଛି ଘୁ ଘୁ ଗର୍ଜନ, ଲୋକେ ଭୟଭୀତ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମହାଳିକ ପଡା ପଂଚାୟତ ସଂକୁରି ଗ୍ରାମରେ ଭୟର ବାତାବରଣ ଖେଳିଯାଇଅଛି । ମୋହନ ସାହିରେ ଥିବା ଏକ ପୋଖରୀ ଭିତରୁ ଆସୁଛି ଘୁ ଘୁ ଗର୍ଜନ. । ଗାଁ ଲୋକେ ଭୟଭୀତ.. । ଘଣ୍ଟାଏ କି ଦୁଇ ଘଣ୍ଟାଏ ନାହିଁ ରାତି ଅଧରୁ ଚାଲିଛି ଏଭଳି ଭୟଙ୍କର ଗର୍ଜନ ଶବ୍ଦ । ସେଇ ଦୃଶ୍ୟ ଆଉ ସେଇ ଶବ୍ଦକୁ ନେଇ ସ୍ଥାନୀୟ ଲୋକେ ପୋଖରୀ ହୁଡ଼ାରେ ଠିଆ ହୋଇ କିପରି ଶବ୍ଦ ଆସୁଛି ଅନୁସନ୍ଧାନ କରୁଛନ୍ତି । ତାହା ସମସ୍ତଙ୍କୁ ଭୟଭୀତ କରିଛି । ରାତି ଅଧରୁ ବର୍ତମାନ ପର୍ଯ୍ୟନ୍ତ ଶବ୍ଦ ହେଉଥିବାରୁ ଲୋକଙ୍କ ମନରେ ଏକ ଆଶଙ୍କା ସୃଷ୍ଟି ହେଉଛି । ଏଭଳି ଏକ ଖବର ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା ମହାଳିକପଡା ପଞ୍ଚାୟତ ସଂକୁରି ଗ୍ରାମର ମହୋନ୍ ସାହି ନିକଟରେ ଥିବା ଏକ ଛୋଟ ଗାଡିଆରୁ । ଏପରି ଶବ୍ଦକୁ ନେଇ ଲୋକଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି । ବର୍ତମାନ ସମୟରେ ପୋଖରୀ ମଧ୍ୟରେ ମାତ୍ର ଏକ ଫୁଟ ଉଚ୍ଚରେ ପାଣି ଥିବା ବେଳେ ଅନାବନା ଗଛରେ ପୋଖରୀଟି ପରିପୂର୍ଣ୍ଣ ରହିଛି ।ଗତକାଲି ବିଳମ୍ବିତ ରାତ୍ରିରୁ ପୋଖରୀ ମଧ୍ୟରୁ ମେସିନ ଚାଲିଲା ଭଳି ଶବ୍ଦ ବାହାରୁଥିବା ଘଟଣାକୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି ।



ଘଟଣାକୁ ଦେଖିବାପାଇଁ ସେଠାରେ ଆଖପାଖ ଲୋକଙ୍କ ଭିଡ଼ ଜମିଛି । ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବୀ ଲୋକେ କରିଛନ୍ତି । ଏଇ ବାବଦରେ ଗ୍ରାମର ସାମାଜସେବୀ, ସଂଜୀବ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ- ଏଇ ପୋଖରୀରେ ଦୈବୀ ଶକ୍ତି କିମ୍ବା ଭୌତିକ ଶକ୍ତି ଥାଇପାରେ ବୋଲି ସେ ପ୍ରକାଶ କରିଛନ୍ତି ?

## ଦୁର୍ଘଟଣାରେ ବାଇକ ଚାଳକ ମୃତ

ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଜାତୀୟ ରାଜପଥ ୬୦ର ଜଳେଶ୍ୱର ନିକଟ ମଧୁବନ ଢାବା ନିକଟରେ ଶୁକ୍ରବାର ଏକ ବାଇକ୍ ସହିତ ଟ୍ରଲରର ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ମୃତ୍ୟୁବରଣ କରିଛି । ଘଟଣାରୁ ପ୍ରକାଶ ଆଜି ଅପରାହ୍ନ ୩ଟା ବେଳେ ପଶ୍ଚିମବଂଗରୁ ରୁପ୍‌ସା ଅଭିମୁଖେ ଯାଉଥିବା ଏକ ବାଇକ୍ ଓଡି୦୧ଏଏନ୍‌୫୭୫୧କୁ ସମ୍ମୁଖ ପଟରୁ ଆସୁଥିବା ଟ୍ରଲର ଡବ୍ଲୁବି-୪୧ଏଚ୍-୭୪୦୨ ଧକ୍କା ଦେଇ ଖସିଯିବାକୁ ଚେଷ୍ଟା କରିଥିଲା । ରାଜପଥର ଗୋଟିଏ ପଟେ ରାସ୍ତାକାମ ଚାଲୁଥିବାରୁ ଏପରି ଦୁର୍ଘଟଣା ଘଟିଥିବା କୁହାଯାଇଛି । ସ୍ଥାନୀୟ ଯୁବକମାନେ ଟ୍ରଲରଟିକୁ ଅଟକ ରଖିବା ସହିତ ବାଇକ୍ ଚାଳକ ବୃନ୍ଦାବନ ରଣା (୭୦)କୁ ଉଦ୍ଧାର କରି ଜିକେ ଭଟ୍ଟର ହସ୍‌ପିଟାଲକୁ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବାଇକ୍ ଚାଳକଙ୍କ ଘର ପଶ୍ଚିମବଂଗର ଦାନ୍ତୁନ ଅଂଚଳର ଆରବଣି ଗାଁ ହୋଇଥିବା ବେଳେ ତାର ପୁଅମାନେ ରୁପ୍‌ସା ଅଂଚଳରେ ରହି ବ୍ୟବସାୟ କରୁଥିବାରୁ ବୃନ୍ଦାବନ ଆଜି ସେମାନଙ୍କ ନିକଟକୁ ଗଲାବେଳେ ଏପରି ଦୁର୍ଘଟଣା ଘଟିଥିବା କୁହାଯାଇଛି ।

# ସ୍ୱାମୀ ଆୟପ୍ପା କମିଟି ବୈଠକ

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ରେ ଥିବା ସ୍ୱାମୀ ଆୟାପ୍ପା ମନ୍ଦିର ପ୍ରାଙ୍ଗଣରେ ଆୟାପ୍ପା କମିଟିର ଏକ ବୈଠକ କରାଯାଇଥିଲା । ଏହି ବୈଠକ ରେ ସମସ୍ତ ଆୟାପ୍ପା ସ୍ୱାମୀଙ୍କ ସର୍ବ ସମ୍ମତି କ୍ରମେ ବରିଷ୍ଠ ସାମ୍ବାଦିକ ନଳିନୀ ରଞ୍ଜନ ମିଶ୍ରଙ୍କୁ ସଭାପତି ରୂପେ ଚୟନ କରାଯାଇଥିବାବେଳେ ସନ୍ତୋଷ ପଞ୍ଜୁଆନୀ ଉପସଭାପତି, ଅମିତ କର୍ମକାର ସମ୍ପାଦକ, ଉପେନ୍ଦ୍ର ଖୁଣ୍ଟିଆ ସହ ସମ୍ପାଦକ, ଏମ୍ ରଂଜିତ କୁମାର କୋଷାଧ୍ୟକ୍ଷ ସତ୍ୟସୁନ୍ଦର ସାମଲ, ରାଜେଶ ରାଜୁ, କୋଟେଶ୍ୱର ପଟ୍ଟନାୟକ, ଏ.କୁର୍ମା ରାଓ, ଗୌତମ ସେଠୀ, ରାଜକୁମାର ବାଗ, ଓ ସତ୍ୟ ମିଶ୍ରଙ୍କୁ ଉପଦେଷ୍ଟା ଭାବେ, ସନ୍ତୋଷ ପଣ୍ଡା ସ୍ପେଶାଲ କୋର୍ଡିନେଟର, ସୁରେଶ ରାଓ ସୂଚନା ଅଧିକାରୀ, ରାଜେନ୍ଦ୍ର କୁମାର ସାହୁ ଆଇନ ପରାମର୍ଶଦାତା ଭାବେ ମନୋନୀତ କରାଯାଇଥିଲା । ତା ସହିତ ସନ୍ତୋଷ ବେହେରା ନିରଞ୍ଜନ ସାହା, ଜି ମୁରଲୀ କ୍ରିଷ୍ଣା, ଦିଲୀପ କୁମାର ପଣ୍ଡା, ପ୍ରଶାନ୍ତ ଶତପଥୀ, ଗଣେଶ ବେହେରା, ଏ ସାଇ କୁମାର, ଜଗନ୍ନାଥ ନାୟକ, ଓଁ ଶୁଭ୍ରମନ୍ୟମ ଏବଂ କାମାକ୍ଷା ପ୍ରସାଦ ଶତପଥୀ, ମାନସିକ ଦାସ, ମିଲୁ ପଣ୍ଡା ଙ୍କୁ ଓ ବଜରଙ୍ଗ ଟିମରେ ସାମିଲ କରିଥିଲେ । ଜୟସିଂ ପାଣ୍ଡେ ପୂର୍ବ ଭଳି ଉପଦେଷ୍ଟା ରୂପରେ ହିଁ ରହିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ତୁଷାର କୁମାର ଧଳ ଓ ପୂର୍ଣ୍ଣ ଆଚାରୀଙ୍କୁ ଏକ୍ଟିଭ ମେମ୍ବର ଶ୍ରୀନିବାସ ରାଓ ଙ୍କୁ ଉପଦେଷ୍ଟା ଭାବରେ ମନୋନୀତ କରାଯାଇଥିଲା । ଏହି ସଂଘ ଟି ମନ୍ଦିର ସମାପ୍ତ ହେବା ପର୍ଯ୍ୟନ୍ତ ନିରନ୍ତର କାର୍ଯ୍ୟ କରିବ । ସଂଘର ସଦସ୍ୟଙ୍କ ଦ୍ୱାରା ନିଷ୍ପତ୍ତି ହୋଇଥିବା କାର୍ଯ୍ୟକୁ ସମସ୍ତ ସ୍ୱାମୀ ମାନିବେ ଏବଂ ଏହାର ସମ୍ମାନ କରିବେ ।ସଂଘ ଯେତେବେଳେ ବୈଠକ ଡ଼ାକିବ ସମସ୍ତ ସ୍ୱାମୀ ନିଜର ମୂଲ୍ୟବାନ ସମୟ ବାହାର କରି ମନ୍ଦିର କାର୍ଯ୍ୟ ରେ ସହଯୋଗ କରିବା ସହ ମନ୍ଦିର କାର୍ଯ୍ୟର ତଦାରଖ କରିବେ । ନୂତନ ନିର୍ମିତ ସଂଘ ଓ ଉପସ୍ଥିତ ଥିବା ସମସ୍ତ ସ୍ୱାମୀମାନଙ୍କ ନିଷ୍ପତ୍ତି ଅନୁଯାୟୀ ମନ୍ଦିର କାର୍ଯ୍ୟ ନ ହୋଇଥିବା ପର୍ଯ୍ୟନ୍ତ ମନ୍ଦିର ପରିସରରେ ମାଳାଧାରଣ କିମ୍ବା ପୂଜା ଅର୍ଚ୍ଚନା କରାଯିବ ନାହିଁ । ଯେଉଁ ସ୍ୱାମୀ ଆୟପ୍ପା କିମ୍ବା ଗୁରୁଙ୍କ ପ୍ରତିମୂର୍ତ୍ତିକୁ ଦୀପ, ଧୂପ ଦେବାକୁ ଇଚ୍ଛା କରୁଥିବେ ସେମାନେ ଆସି ସାନିଧି ବାହାରେ ପୂଜା କରି ଯାଇପାରିବେ । ସାନିଧି ଭିତରେ ଏବଂ ମନ୍ଦିର ପରିସରରେ ଥିବା କୌଣସି ଜିନିଷକୁ ବାହାରକୁ ଅଣାଯିବ ନାହିଁ କି କୌଣସି ସ୍ୱାମୀ ନିଜର ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରିବେ ନାହିଁ, ବୈଠକରେ ଏଭଳି କିଛି ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆ ଯାଇଥିଲା !

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ



**ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) :** ଲକ୍ଷ୍ମୀପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଲକ୍ଷ୍ମୀପୁର ଡିଗ୍ରୀ ମହାବିଦ୍ୟାଳୟର ଯୁବ ରେଡକ୍ରସ ୟୁନିଟ୍ ଓ ଜାତୀୟ ସେବା ଯୋଜନା ୟୁନିଟ୍ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏଥିରେ ଯୁକ୍ତ ଦୁଇ ଅଧ୍ୟକ୍ଷ ଗିରିଜା କୁମାର ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୋଗର ଉପକାରିତା ବିଷୟରେ ବର୍ଣ୍ଣନା କରି ନିୟମିତ ଯୋଗ କରି ସୁସ୍ଥ ରହିବାକୁ ପରାମର୍ଶ ଦେଇଥିଲେ । ଏଇ କ୍ଷେତ୍ରରେ ଡକ୍ଟର ଦେବେଶ ଚନ୍ଦ୍ର ବେହେରା ଯୋଗ ପ୍ରଶିକ୍ଷକ ଭାବେ ଉପସ୍ଥିତ ରହି ସମସ୍ତଙ୍କୁ ଯୋଗ ବିଜ୍ଞାନର ବିଭିନ୍ନ ପ୍ରକାର ପଦ୍ଧତି ପ୍ରଶିକ୍ଷଣ ପ୍ରଦାନ କରିବା ସହ ଯୋଗ ପ୍ରତିଦିନ କରିବାକୁ ପ୍ରବତାଇ ଥିଲେ । ଏହି କାର୍ଯ୍ୟକ୍ରମରେ ଅଧାପିକା ତିଳୋତ୍ତମା ପଟ୍ଟନାୟକ, ମଧୁସ୍ମିତା ବିଶ୍ୱାଳ, ହେଲେନା ପ୍ରିୟଦର୍ଶିନୀ ସିଂ, ମୌଟୁସୀ ପ୍ରଧାନ, ସନ୍ତୋଷିନୀ ଦାସ, ମହିମା ରାଣୀ ରାଜୁ, ଜୟଶ୍ରୀ କରସୁଧା ପଟ୍ଟନାୟକ, ଅଙ୍କିତା ଡ୍ୱାଡେକା, ସଙ୍ଗୀତା ନାଗଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ । ଆୟୋଜିତ ଏହି ଶିବିରରେ ଯୁକ୍ତ ଦୁଇ ଯୁବ ରେଡକ୍ରସ ଅଧିକାରୀ ଅଧାପକ ଯଶୋବନ୍ତ ଗରଡା ଓ ଯୁକ୍ତ ତିନି ଜାତୀୟ ସେବା ଯୋଜନା ଅଧୀକାରୀ ଦୁର୍ଯ୍ୟୋଧନ ସାହୁ ଓ ଯୁବ ରେଡକ୍ରସ ଅଧିକାରୀ ଅଧାପିକା ସନ୍ତୋଷିନୀ ଦାସ ସହଯୋଗ କରିଥିଲେ । ସେହିପରି ଲକ୍ଷ୍ମୀପୁର ସାଙ୍ଗାନ୍ନା ହାଇସ୍କୁଲ ଓ ସରସ୍ୱତୀ ଶିଶୁ ମନ୍ଦିର ଠାରେ ମଧ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା । ସାଙ୍ଗାନ୍ନା ହାଇସ୍କୁଲ ଠାରେ ଯୋଗ ପ୍ରଶିକ୍ଷକ ଭାବେ ନବଘନ ରାଉତ ଓ ଦେବା ନନ୍ଦ ଚଣ୍ଡୀ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଗୋପୀନାଥ ମହାପାତ୍ର ଯୋଗ ପ୍ରଶିକ୍ଷଣ ଦେଇଥିଲେ । ଲକ୍ଷ୍ମୀପୁର ପଞ୍ଚାୟତ ସମିତି ତରଫରୁ ସାଙ୍ଗାନ୍ନା ହାଇସ୍କୁଲ ଠାରେ ଆୟୋଜିତ ଶିବିରରେ ଲକ୍ଷ୍ମୀପୁର ପୋଲିସ ବିଭାଗ, ରାଜସ୍ୱ ବିଭାଗ,ଶିଶୁ କଲ୍ୟାଣ ବିଭାଗ ଓ ଶିକ୍ଷା ବିଭାଗର କର୍ମଚାରୀ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଜିପିଓ ସୁଧୀର ବେହେରା ଓ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ଶିବିର ପରିଚାଳନା କରିଥିଲେ ।



**ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) :** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତତଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ପୁରୁଷୋତ୍ତମପୁର ସ୍ଥିତ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନାଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନଗରପାଳ କୃଷ୍ଣଚନ୍ଦ୍ର ପଣ୍ଡା, ତହସିଲଦାର ବିନୋଦ କୁମାର ବେହେରା, କାଉନସିଲର ଭାସ୍କର ବେହେରା, କାଉନସିଲର ଲିଙ୍ଗରାଜ ବେହେରା, କାଉନସିଲର ଭବାନୀ ଶଙ୍କର ନାହାକ, ଏନ୍‌ଏସି ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପିଙ୍ଗୁଆ, କନିଷ୍ଠ ଯନ୍ତ୍ରୀ ପବିତ୍ରା ପ୍ରଧାନ, ସିଓ ରଞ୍ଜିତା ପଣ୍ଡା, ବରିଷ୍ଠ କିରାଣି ରାକେଶ କୁମାର ସ୍ୱାଇଁ, ଆକାଉଣ୍ଟାଣ୍ଟ ଦୀପ୍ତି ରଞ୍ଜନ ପୃଷ୍ଟୀ, ଲାଇବ୍ରେରିଆନ୍ ଅନୁପ କୁମାର ପାଢ଼ୀ, କାଉନସିଲର ପ୍ରତିନିଧି ବିଶ୍ୱଭୂଷଣ ମହାପାତ୍ର, ରଞ୍ଜନ ବେହେରା, ବିପ୍ର ବେହେରା, ଲୋକନାଥ ବେହେରା, ତାରା ତାରିଣୀ କଲେଜ ଅଧାପକ ରାମନାଥ ପାତ୍ର, ସ୍ୱଚ୍ଛ ସାଥୀ, ଜଳ ସାଥୀ, ଅଙ୍ଗନୱାଡ଼ି କର୍ମୀ, ଛାତ୍ର, ଯୁବ, କ୍ରୀଡାପ୍ରେମୀ ଏବଂ ସାମ୍ବାଦିକମାନଙ୍କ ସହ ଏନ୍‌ଏସିର ସମସ୍ତ କର୍ମଚାରୀ ଯୋଗ ଦେଇ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସରେ ଭାଗ ନେଇଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୋଗମୟ ଭାରତ ଗଠନ କରି ଏକ ସୁସ୍ଥ, ସମୃଦ୍ଧ ଏବଂ ପରମ ବୈଭବ ରାଷ୍ଟ୍ର ଗଠନ କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ଦିନ ଯୋଗ କରିବାର ଶପଥ ପାଠର ସିଧା ପ୍ରସାରଣ ଭିଡିଓ ମାଧ୍ୟମରେ କରାଇଥିଲେ । ସ୍ଥାନୀୟ ଯୋଗ ଗୁରୁ ବିଚିତ୍ର ନାୟକ ଯୋଗ ପ୍ରଶିକ୍ଷକ ଭାବେ ଯୋଗ ଦେଇ ଯୋଗ ପ୍ରଶିକ୍ଷଣ ଦେଇଥିଲେ ।

**ନବରଙ୍ଗପୁର (ଭାସ୍କର ନ୍ୟୁଜ୍) :** ମଣ୍ଡେଇ ପଡିଆ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସର ରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ସିଡିଓ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଯଦୁମଣି ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ, ନବରଙ୍ଗପୁର ସହରର ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।



ଚାପମୁକ୍ତ ଜୀବନ ସହ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ପ୍ରଗତିରେ ଯୋଗର ଏକ ବଡ ଅବଦାନ ରହିଛି । ଚଳିତ ବର୍ଷ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ବିଷୟକୁ ନେଇ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସ ଯୋଗୁଁ ୨୦୨୧ ମସିହାରେ ଜାତିସଂଘ ତରଫରୁ ଜୁନ ୨୧ ତାରିଖକୁ ଆନ୍ତର୍ଜାତୀୟ ଯୋଗ ଦିବସ ରୂପେ ଘୋଷିତ କରାଯାଇଥିଲା । ବିଶାଖାପାଟଣାରେ ଅନୁଷ୍ଠିତ ଜାତୀୟସ୍ତରୀୟ ଯୋଗ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭିଭାଷଣକୁ ସକାଳ ୬.୩୦ ମିନିଟ ସମୟରେ ପଡିଆରେ ଉପସ୍ଥିତ ସମସ୍ତେ ଆଭାସି ମାଧ୍ୟମରେ ଏଲ୍‌ଇଡି ସ୍କ୍ରିନ୍‌ରେ ଦେଖିଥିଲେ । ସକାଳ ୭.୦୦ ଘ ସମୟ ରେ ମଞ୍ଚରେ ତିନି ଜଣ ଯୋଗ ଶିକ୍ଷକ ରାଜ ମୋହନ ଭତରା, ସତ୍ୟ ସେଠୀ ଏବଂ ଉଷାରାଣୀ ପ୍ରଧାନ ମଞ୍ଚରେ ଯୋଗ ଅଭ୍ୟାସ ପ୍ରଦର୍ଶନ କରିଥିଲେ । ଯୋଗକୁ ଗୋଟିଏ ଦିନ ପାଇଁ ନୁହେଁ, ବରଂ ନିଜ ପାଇଁ ଓ ସାମୁହିକ ମଙ୍ଗଳ ପାଇଁ ଏକ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବାକୁ ମତପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର ପାତ୍ର ଆୟୋଜନ କରିଥିଲେ ।

**ବାରିପଦା (ଭାସ୍କର ନ୍ୟୁଜ୍):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା କ୍ରୀଡା ବିଭାଗ, ଜିଲ୍ଲା ପୋଲିସ ଓ ଅବକାରୀ ବିଭାଗ ତଥା ବାରିପଦା ପୌର ପାଳିକାଙ୍କ ମିଳିତ ସହଯୋଗରେ ବାରିପଦା ସ୍ଥିତ ଷ୍ଟାଡିଅମ ପଡିଆ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ମହାରାଜା ଶ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ଜିଲ୍ଲାପରିଷଦର ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦାନ କରି ଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ସାମ୍ପ୍ରତିକ ପରିସ୍ଥିତି ରେ ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ନିୟମିତ ଯୋଗ ସାଧନା ଦ୍ୱାରା ନିଜ ଶରୀରକୁ ନିରୋଗ ରଖିବା ସହିତ ଏକ ସୁସ୍ଥ ପୃଥିବୀ ଗଠନ କରିବା ଦିଗରେ ଏହା ସହାୟକ ହେବ ବୋଲି



ଚଳିତ ବର୍ଷ ଯୋଗ ଦିବସର ବିଷୟ ବସ୍ତୁ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ମାଧ୍ୟମରେ ମତପୋଷଣ କରିଥିଲେ । ବିଶେଷ କରି ଆଜିକାଲି ଲୋକମାନଙ୍କ ବ୍ୟସ୍ତବହୁଳ ଜୀବନଶୈଳୀ ହେତୁ ନିଜ ଶରୀର ପ୍ରତି ଉପଯୁକ୍ତ ଧ୍ୟାନ ନଦେବା ତଥା ଶରୀରକୁ କ୍ଷତି ପହଞ୍ଚାଉଥିବା ବିଭିନ୍ନ ପ୍ରକାର ଖାଦ୍ୟ ଗ୍ରହଣ ଯୋଗୁଁ ଅଧିକାଂଶ ଲୋକ ରକ୍ତଚାପ, ମଧୁମେହ, ହୃଦଘାତ, ଆଜମା, ବୃକକ୍ କାର୍ଯ୍ୟ ନକରିବା, ଆଣ୍ଠୁ ଗଣ୍ଠି ଓ ମେରୁଦଣ୍ଡ ଯନ୍ତ୍ରଣା ତଥା ସ୍ନାୟୁ ଜନିତ ସମସ୍ୟା, ନିଦ୍ରାହୀନତା ଭଳି ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଦେଖା ଯାଉଛି ଯାହାକି ନିୟମିତ ଯୋଗ ଭ୍ୟାସ ଦ୍ୱାରା କେତେକାଂଶରେ ଭଲ ହୋଇ ଯିବାର ସମ୍ଭାବନା ରହିଛି । ତେଣୁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ସମସ୍ତେ ଯୋଗକୁ ଏକ ଅଂଶ ଭାବେ ଗ୍ରହଣ କରନ୍ତୁ ଏବଂ ନିଜକୁ ସୁସ୍ଥ ରଖିବା ପାଇଁ ପ୍ରତ୍ୟେକ ଦିନ କିଛି ସମୟ ଯୋଗଭ୍ୟାସ କରିବା ପାଇଁ ପରାମର୍ଶ ଦେଇଥିଲେ । ସିଧାପ୍ରସାରଣ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଏହି ପବିତ୍ର ଦିବସରେ ଅଭିଭାଷଣ ପରେ ଈଶ୍ୱରଙ୍କୁ ପ୍ରାର୍ଥନା ସହ ଏକ ଶାନ୍ତସ୍ନିଗ୍ଧ ପରିବେଶ ମଧ୍ୟରେ ସାମୂହିକ ଯୋଗ କ୍ରିୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବର୍ଗର ଯଥା ଛାତ୍ରଛାତ୍ରୀ, ଯୁବକଯୁବତୀ, ମହିଳାପୁରୁଷ, ବରିଷ୍ଠ ନାଗରିକ, ସରକାରୀ ପଦାଧିକାରୀ ଓ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ ଯୋଗ ଅନୁଷ୍ଠାନର ପ୍ରଶିକ୍ଷକ, ପ୍ରଶିକ୍ଷାର୍ଥୀ ଓ କର୍ମକର୍ତ୍ତା ଏବଂ ସମାଜରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ମିଶାଇ ପାଖାପାଖି ୧୦୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ । ଯୋଗଗୁରୁ ଜ୍ୟୋତି ରଞ୍ଜନ ଦାସ ଏବଂ ତାଙ୍କ ଛାତ୍ରୀ ଜ୍ୟୋତି ବାରିକ, ସଂଗୀତା ପାଢ଼ୀ ଓ ଲଟାଶା ଖୁରାନଙ୍କ ଦ୍ୱାରା ଯୋଗ କ୍ରିୟା କରାଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ଗଣମାଧ୍ୟମ ର ପ୍ରତିନିଧିମାନେ ଉପସ୍ଥିତ ଥିଲେ ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ଅବକାରୀ ଅଧିକାରୀ ପ୍ରଶାନ୍ତ କହଁର ଓ ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟାକ୍ରମକୁ ପୂର୍ବତନ ବରିଷ୍ଠ କ୍ରୀଡା ଅଧିକାରୀ କୁମାର ରଞ୍ଜନ ପଣ୍ଡା ପରିଚାଳନା କରିଥିବାବେଳେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

**ପରଜଙ୍ଗ(ଭାସ୍କର ନ୍ୟୁଜ୍):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନମାନଙ୍କରେ ଶନିବାର ପ୍ରାତଃ ସମୟରେ ଯୋଗ ଦିବସ ଅବସରରେ ବିଭିନ୍ନ ପ୍ରକାର ଯୋଗ କରି ଦିବସଟିକୁ ପାଳନ କରାଯାଇଥିଲା । ଯୋଗଗୁରୁ ମାନଙ୍କ ଦ୍ୱାରା ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ମାନେ ପ୍ରାଣାୟାମ, ସର୍ବାଙ୍ଗାସନ, ମତ୍ସ୍ୟାସନ, ଶୀର୍ଷାସନ, ଉତ୍ତନାଶନ,ଅଧମୁଖ ଶ୍ୱନାସନ, କପାଳଭାତି ଆଦି ବିଭିନ୍ନ ଆସନ ମାନ ଶିକ୍ଷା ଦିଆଯାଇଥିଲା । ଯୋଗ କରିବା ଦ୍ୱାରା ମାନସିକ ସନ୍ତୁଳିତ ରହିବା, ଅକ୍ସିଜେନ ବୃଦ୍ଧି କରାଇବା, ଚେହେରା ସୁନ୍ଦର ରହିବା, ଥାଇରଏଡ଼



ସନ୍ତୁଳିତ ରହିବା, ରକ୍ତ ସଂଚାଳନ ତେଜ୍ ରହିବା, ଥକା ମେଣ୍ଟାଇବା, ମାଂସପେଶୀ ମଜଭୁତ କରିବା ଭଳି ଅନେକ ଉପକାର ଶରୀର ପାଇଁ ମିଳିଥାଏ ବୋଲି ଗୁରୁମାନେ ଦିଗଦର୍ଶନ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଭିନ୍ନ ଭିନ୍ନ ଯୋଗ ଗୁରୁଙ୍କ ଦ୍ୱାରା ପରଜଙ୍ଗର ମହାବିଦ୍ୟାଳୟ, ହାଇସ୍କୁଲ, ବ୍ଲକ କାର୍ଯ୍ୟାଳୟ, ଓକିଲ ସଂଘ, ସ୍କୁଲ କଲେଜ ଆଦି ଆହୁରି ଅନେକ ଅନୁଷ୍ଠାନମାନଙ୍କରେ ଦିବସଟିକୁ ପାଳନ କରାଯାଇଥିବାବେଳେ, ମୁକ୍ତାପସୀ ଅଂଚଳ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଧବଳେଶ୍ୱର ସାହୁଙ୍କ ଦ୍ୱାରା ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ମୁକ୍ତାପସୀ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମର ସ୍ୱେଚ୍ଛାସେବୀ ମାନଙ୍କୁ ଯୋଗ ସମ୍ବନ୍ଧୀୟ ଶିକ୍ଷା ଦିଆଯାଇଥିଲା ।



**ଆସିକା (ଭାସ୍କର ନ୍ୟୁଜ୍) :** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆସିକାର ବିଭିନ୍ନ ସ୍ଥାନରେ ଯୋଗ ଶିବିର ଅନୁଷ୍ଠିତ ହୋଇଛି । ଆସିକା ବିଜ୍ଞାପିତ ପରିଷଦ ଅଞ୍ଚଳ ଓ ପଞ୍ଚାୟତ ସମିତିର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଯୋଗ ଶିବିରରେ ଆସିକାର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ସମେତ ବୁଦ୍ଧିଜୀବୀ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ପ୍ରତିନିଧି ସଂଗୀତ ପାଢ଼ୀ, ଏନ୍‌ଏସି ଅଧ୍ୟକ୍ଷ ବିନେତା ସ୍ୱାଇଁ, ବିଡିଓ ଲିପିନା ଦାଶ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର, ଯୋଗ ଶିକ୍ଷକ ଗୁଣ୍ଡିଚା ମହାରଣା, ସିଡିପିଓ, ଯୋଗାଣ ଅଧିକାରିଣୀ ପ୍ରମୁଖ ଯୋଗ ଦେଇଥିଲେ । ଏନ୍‌ଏସି ଓ ବ୍ଲକର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ସେହିପରି ଆସିକା ଟାଉନ ହଲ ଖେଳ ପଡିଆରେ ମଧ ପତଞ୍ଜଳି ଯୋଗ ସମିତି ପକ୍ଷରୁ ପାଳନ କରାଯାଇଛି ଅନ୍ତର୍ଜାତୀୟ ଯୋଗ ଦିବସ । ଉକ୍ତ କାର୍ଯ୍ୟକ୍ରମରେ ମାନବ ସେବା ସମିତିର ଆବାହକ ଶିକ୍ଷାବିତ ଗଣେଷ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କ୍ରୀଡ଼ାବିତ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଅନିଲ କୁମାର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ । ବାଣୀବିହାର ସ୍ଥିତ ପତଞ୍ଜଳି ଯୋଗ କେନ୍ଦ୍ର ଠାରେ ଯୋଗ ଗୁରୁ ପ୍ରସନ୍ନ କୁମାର ଦାଶ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିବା ବେଳେ ଯୋଗ ପ୍ରଶିକ୍ଷକ ସୁନୀତା ସ୍ୱାଇଁ ସହଯୋଗ କରିଥିଲେ । ସେହିପରି ମାନବ ସମାଜ ପାଇଁ ଯୋଗର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଜାଣିବା ଓ ଅନ୍ୟକୁ ଜଣାଇବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ ଯୋଗ ଗୁରୁ ଗୁଣ୍ଡିଚା ମହାରଣା । ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବାକୁ ହେଲେ ଯୋଗ ହିଁ ଏକମାତ୍ର ଔଷଧ ବୋଲି କହିଥିଲେ ଆସିକା ବିଡ଼ିଓ ଲିପିନା ଦାଶ । ପରିଶେଷରେ ଉପସ୍ଥିତ ଜନସାଧାରଣଙ୍କୁ ଯୋଗ କରିବା ନିମନ୍ତେ ଶପଥ ପାଠ କରାଯାଇଥିଲା ।



ପାପଡ଼ାହାଣ୍ଡି (ଭାସ୍କର ନ୍ୟୁଜ୍) : ପାପଡ଼ାହାଣ୍ଡି ବ୍ଲକ ଅନ୍ତର୍ଗତ ଡେଙ୍ଗାଗୁଡ଼ା ଓ ମୋଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ଏହି ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି । ସାଂସଦ ପ୍ରତିନିଧି ସୋମନାଥ ପୁଜାରୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟ ରଞ୍ଜନ ମେହେର, ମୋଟିଆ ସରପଞ୍ଚ ଜଗତ ଜୀବନ ନାୟକ, ନାୟବ ସରପଞ୍ଚ ପି.ଇ.ଓ ସୁମିତ୍ରା ମିଶ୍ର ମଞ୍ଚାସୀନ ଥିଲେ । ବର୍ଷ ଏକ ଉପଲକ୍ଷେ ଅନେକ ବାର୍ତ୍ତା ବହନ କରୁଥିବା ବିକାଶ ବାହାନ ରଥ ଡେଙ୍ଗାଗୁଡ଼ା ଓ ମୋଟିଆ ପହଞ୍ଚିବା ପରେ ଭାବେ ସ୍ୱାଗତ କରାଯାଇଥିଲା । ମହିଳା ଓ ଡେଙ୍ଗା ଗୁଡ଼ା ପଞ୍ଚାୟତ ଠାରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ ଓ କୃଷି ବିଭାଗ, ଆଇସିଡିଏସ, ଗ୍ରାମାଞ୍ଚଳ ଗୃହଯୋଗାଣ ବିଭାଗର ଷ୍ଟଲ ଲାଗିଥିଲା । ଏକ ବର୍ଷ ଭିତରେ ମୋହନ ସରକାରଙ୍କ ଜନହିତକର ଯୋଜନା ଗୁଡ଼ିକୁ ଏଲଇଡି ଟିଭି ମାଧ୍ୟମରେ ପ୍ରଥମେ ପ୍ରଦର୍ଶିତ କରାଯାଇଥିଲା । ବିଭିନ୍ନ ବିଭାଗର ଅଧିକାରୀମାନେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ । ଏହି ସମୟରେ ନୂତନ ରୂପେ ଚିହ୍ନଟ ହୋଇଥିବା ଆବାସ ଯୋଜନା ହିତାଧିକାରୀ, ଜଙ୍ଗଲ ଜମିପଟ୍ଟା ହିତାଧିକାରୀ ଯୋମିହିଙ୍କୁ ୪ ଖେଣ୍ଟ ଜମି, ରାସନ କାର୍ଡ, ଲେବର କାର୍ଡ ହିତାଧିକାରୀଙ୍କୁ ଦ୍ୱାରା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିପିସି ଶଶିକାନ୍ତ ଦାସ ପରିଚାଳନା କରିବା ସହ ଧନ୍ୟବାଦ ମଧ୍ୟ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୋଟିଆ ସରପଞ୍ଚ ଜଗତ ଜୀବନ ନାୟକ, ଡେଙ୍ଗାଗୁଡ଼ା ସରପଞ୍ଚ ସୁମିତ୍ରା ମାଝୀ, ଏ.ଇ.ଇ ବିଦ୍ୟ ରଞ୍ଜନ ମେହେର, ପି.ଇ.ଓ ସୁମିତ୍ରା ମାଝୀ, ପି.ଇ.ଓ ଉପେନ୍ଦ୍ର ନାୟକ, ଜେ.ଇ ପ୍ରଶାନ୍ତ କୁମାର ନାୟକ, ଏ.ଇ ଅଭିମନ୍ୟୁ ବେହେରା, ସିଡ଼ି, ଏସିପି, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁମିତ୍ରା ଡକ୍ସ, ମହିଳା ସ୍ୱାସ୍ଥ୍ୟକର୍ମୀ ସାବିତ୍ରୀ ଜେନା ସାହାଯ୍ୟ ସହଯୋଗ କରିଥିଲେ ।



## ଚାଟରାଚକଡ଼ାରେ ପହଞ୍ଚିଲା ବିକାଶ ରଥ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତରେ ଆଜି ମଧ୍ୟାହ୍ନରେ ବିକାଶ ରଥ ପହଞ୍ଚି ଥିଲା । ଏହି ରଥ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ପଞ୍ଚାୟତର ସରପଞ୍ଚ ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କର, ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟା, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ରହି ସ୍ୱାଗତ କରିଥିଲେ । ଏହି ଅବସରରେ ବିଡ଼ିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ, ତହୁଲଓ ରଶ୍ମି ଦେବୀ, ଏମ୍ଆର ସ୍ୱରୂପ ଦାସ ଉପସ୍ଥିତ ରହି ପଞ୍ଚାୟତ ଅନ୍ତର୍ଗତ ୨ ଜଣଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ, ୭ ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା, ୪ ଜଣଙ୍କୁ ନୂତନ ରାସନ କାର୍ଡ଼ ଓ ଜବକାର୍ଡ଼ ଆଦି ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ପିଇଓ ଶୁଭ୍ରଜ୍ୟୋତି ମଲିକ, ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ବିପିଏମ ଅମୀୟ ରାଉତ ପ୍ରମୁଖ ପରିଚାଳନା କରିଥିଲେ । ପରେ ଏହି ରଥ ବ୍ଲକ ଅନ୍ତର୍ଗତ କାଉପଡ଼ା ପଞ୍ଚାୟତ ଓ ଗୋଲରାହାଟ ପଞ୍ଚାୟତକୁ ଯାଇଥିଲା ।

## 'ମନ ଓ ଆତ୍ମାକୁ ଗୋଟିଏ ସୂତ୍ରରେ ଯୋଡ଼େ ଯୋଗ'



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ବିଶ୍ୱବ୍ୟାପି 'ଅନ୍ତର୍ଜାତୀୟ ଯୋଗ ଦିବସ'ପାଳନ କରାଯାଉଛି । ଭାରତର ସୃଷ୍ଟ ଯୋଗ ନାମକ ଏକ ପ୍ରାଚୀନ ଶାରୀରିକ ଅଭ୍ୟାସର ଚିରନ୍ତନ ଉପକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଏହି ସ୍ୱତନ୍ତ୍ର ଦିବସର ପରିକଳ୍ପନା କରାଯାଇଛି । ଏହାର ମୂଳ ଉଦ୍ଦେଶ୍ୟ ହେଉଛି ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ଯୋଗାଭ୍ୟାସ ଉପାଦେୟତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା । ଆଜିର ବ୍ୟସ୍ତ ବହୁଳ ଜୀବନଚର୍ଯ୍ୟାରେ ଏକ ଶାନ୍ତ ତଥା ଚାପମୁକ୍ତ ପରିବେଶ ପାଇଁ ଜୁଝୁଥିବା ଲୋକମାନେ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିବା ଏକାନ୍ତ ଜରୁରି ହୋଇ ପଡିଛି । ୨୦୧୪ମସିହାରେ ମିଳିତ ଜାତିସଙ୍ଘ ସାଧାରଣ ପରିଷଦର ୬୯ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ପରି ଏକ ଅନନ୍ୟ ଭାରତୀୟ ପରମ୍ପରାକୁ ସମସ୍ତେ ଆପଣେଇବା ଲାଗି ଏକ ପ୍ରସ୍ତାବ ଦେଇଥିଲେ । ତା'ପରେ ଯୋଗ ଉପକାରିତା ଓ ଆବଶ୍ୟକତା ହୃଦୟଙ୍ଗମ କରି ଜୁନ ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିବା ପାଇଁ ରାଜି ହୋଇଥିଲେ । ୨୦୧୫ ମସିହାରୁ ପ୍ରତିବର୍ଷ ଯୋଗ ଦିବସ ପାଳିତ ହୋଇ ଆସୁଛି । ଚଳିତ ବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ' ପାଇଁ ଯୋଗ । ଯୋଗ ଦିବସ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟ ସହ ବିଭିନ୍ନ ସ୍ଥାନରେ ଯୋଗଶିବିର ଅନୁଷ୍ଠିତ ହୋଇଥିବା ବେଳେ ଅସ୍ତରଙ୍ଗ ବ୍ଲକ ପଡିଆରେ ବ୍ଲକସ୍ତରୀୟ ଯୋଗଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା, ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛୋଟରାୟ, ଦୁଷ୍ମନ୍ତ ପରିଡା, ଶିକ୍ଷାବିତ୍ କାଳନ୍ଦୀ ଚରଣ ଛୋଟରାୟଙ୍କ ସମେତ ସ୍ୱର ବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ରଜାପତି ବ୍ରହ୍ମକୁମାରୀ ସଦସ୍ୟା ସଦସ୍ୟ, ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଯୋଗ ପ୍ରଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ଜୟାରାମ ମୁଦୁଲି, ପ୍ରଫୁଲ୍ଲ ମହାନ୍ତି ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ଏହା ସହ ଯୋଗ ସମ୍ବନ୍ଧୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସାରା ବିଶ୍ୱକୁ ଭାରତର ଅମୂଲ୍ୟ ଅବଦାନ ଶରୀର । ମନ ଓ ଆତ୍ମାକୁ ଗୋଟିଏ ସୂତ୍ରରେ ଯୋଡ଼େ ଏହି ଯୋଗ । ବ୍ରହ୍ମାଣ୍ଡ ସହିତ ନିଜକୁ ଏକାନ୍ତ କରିବା ପ୍ରକ୍ରିୟା ହେଉଛି ଯୋଗ । ପ୍ରାଚୀନ ଜ୍ଞାନ ଓ ଆଧୁନିକ ବିଜ୍ଞାନର ମିଳନକୁ କୁହାଯାଏ ଯୋଗ । ଆସ୍ଥା ଓ ବିଶ୍ୱାସକୁ ମିଳିଛି ବିଜ୍ଞାନ ସ୍ୱୀକୃତି ।

### ଅବ୍ୟବସ୍ଥାରେ ଗତି କରୁଛି ଧାମନଗର ସର୍ବଶିକ୍ଷା ଅଭିଯାନ

## ଫିଲଟର୍ ନଥିବାରୁ ହଇଜା ଆଶଙ୍କାରେ ଛାତ୍ରଛାତ୍ରୀ ଓ ଅଭିଭାବକ

ଧାମନଗର (ଭାସ୍କର ନ୍ୟୁଜ୍) : ଖରାଛୁଟି ପରେ ଧାମନଗରରେ ଆଜିଠାରୁ ବିଦ୍ୟାଳୟଗୁଡ଼ିକ ଖୋଲିଛି । ଝାଡ଼ାବାନ୍ତି ବ୍ୟାପିଥିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପିଲାମାନଙ୍କ ପାଇଁ ସ୍କୁଲ ବନ୍ଦ ଥିଲେ ବି ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ସ୍କୁଲ ଆସିଥିଲେ । ପ୍ରଥମ ଦିନରେ ଶିକ୍ଷକମାନେ ଶ୍ରେଣୀଗୃହ ଓ ବିଦ୍ୟାଳୟ ପରିସର ସଫା ସୁତୁରା କରିଛନ୍ତି । ତା'ସହିତ ନଳକୂପ ପାଖ, ସନ୍ତସନ୍ତିଆ ଜାଗାରେ ବ୍ଲିଚିଂ ପାଉଡର ପକାଇଛନ୍ତି । ନଳା ସଫା କରାଯାଇଛି । ମଧ୍ୟାହ୍ନ ଭୋଜନ ପାଇଁ ଆସି ଗଚ୍ଛିତ ଥିବା ଚାଉଳ ଓ ରାସନ ସାମଗ୍ରୀର ମାନ ଯାଞ୍ଚ କରାଯାଇଛି । ଖରାପ ହୋଇଥିବା ଚାଉଳକୁ ଫିଙ୍ଗି ଦିଆଯାଇଛି । ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁସାରେ ସବୁ କାମ ହୋଇଥିବା ଶିକ୍ଷକ କହିଛନ୍ତି । ଧାମନଗର ବ୍ଲକରେ ଝାଡ଼ାବାନ୍ତି ବ୍ୟାପିଥିବାରୁ ସଫାସୁତୁରା ଓ ପରିମଳ ବ୍ୟବସ୍ଥାକୁ ଅଧିକ ଧ୍ୟାନ ଦିଆଯାଇଛି । ହେଲେ ଦୁର୍ବଳ ଭିତ୍ତିଭୂମି ଏହାକୁ ରୋକିବାରେ ସମର୍ଥ ହେବା ଆଶଙ୍କା ରହିଛି । ବ୍ଲକରେ ଉଚ୍ଚ ବିଦ୍ୟାଳୟ,




ପ୍ରାଥମିକ ବିଦ୍ୟାଳୟ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ମିଶି ୧୯୩ଟି ରହିଛି । ଏହା ଭିତରୁ ମାତ୍ର ୨୦ଟି ସ୍କୁଲରେ ଜଳ ବିଶୋଧନ ଯନ୍ତ୍ର ବା ଫିଲଟର ଲାଗିଛି । ବାକି ସବୁ ସ୍କୁଲର ପିଲା ନଳକୂଅ, ହ୍ୟାଣ୍ଡପଂପ ବା ନଳ ପାଣି ପିଉଛନ୍ତି । ବନ୍ୟା ଅଞ୍ଚଳ ଓ ବର୍ଷା ହେଉଥିବାରୁ ଦୂଷିତ ପାଣି ଆସିବା ଆଶଙ୍କା ବହୁତ । ଗୋଟିଏ ପଟେ ଝାଡ଼ାବାନ୍ତି ବ୍ୟାପିଛି । ଆରପଟେ ସ୍କୁଲଗୁଡ଼ିକରେ ଆକ୍ୱାଗାର୍ଡ ବା ଫିଲଟର ଲଗାଯାଇ ନାହିଁ । ଯାହା ଫଳରେ ପିଲାଙ୍କୁ ଝାଡ଼ାବାନ୍ତି ହେବା ଆଶଙ୍କା ରହିଛି । ଖାଲି ଏତିକି ନୁହେଁ, ୧୪୩ଟି ସ୍କୁଲରେ ବାଉଣ୍ଡରୀ ୱାଲ ନାହିଁ । କେଉଁଠି ଗଛଲତାରେ ବାଡ଼ ହୋଇଛି ତ କେଉଁଠି ଫାଙ୍କା ପଡ଼ିଛି । ସେହିପରି ୨୪ଟି ସ୍କୁଲରେ ରୋଷେଇ ଘର ନଥିବାରୁ ପଦାରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଏ । ଖୋଲା ଆକାଶ ତଳେ ମଧ୍ୟାହ୍ନ ଭୋଜନ କରାଯାଉଥିବାରୁ ପୋକଜୋକ ପଡ଼ି ଖାଦ୍ୟ ବିଷାକ୍ତ ହେବା ସହ ପିଲାଙ୍କ ପ୍ରତି ବିପଦ ରହିଛି । ଏହାବାଦ୍ ଛାତ୍ରଛାତ୍ରୀଙ୍କ ଅନୁପାତରେ ଶିକ୍ଷକ ବି ଅଭାବ ଅଛନ୍ତି । ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁସାରେ ୧୯୩ ସ୍କୁଲରେ ୭୭୦ ଜଣ ଶିକ୍ଷକ ରହିବା କଥା । ସରକାରଙ୍କ ନିୟମ କହୁଛି, ପ୍ରଥମରୁ ପଞ୍ଚମ ଯାଏ ପ୍ରତି ୩୦ ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ ଏବଂ ଷଷ୍ଠରୁ ଅଷ୍ଟମ ଯାଏ ପ୍ରତି ୩୫ଜଣ ପିଲାଙ୍କୁ ଜଣେ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ । ହେଲେ ଏପ୍ରିଲ ମାସର ତଥ୍ୟ ଅନୁସାରେ ଧାମନଗରରେ ୬୩୫ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ଗତ ମେ ମାସରେ ବି କିଛି ଅବସର ନେଇଛନ୍ତି । ମିଳିଥିବା ତଥ୍ୟ ଅନୁସାରେ ଏବେ ୯୧ଟି ସ୍କୁଲରେ ୧୪୪ଜଣ ଶିକ୍ଷକ ପଦ ଖାଲି ପଡ଼ିଛି । ୧୭ଟି ସ୍କୁଲରେ ୩ରୁ ଅଧିକ ଶିକ୍ଷକ ପଦ ଫାଙ୍କା ରହିଛି । ପ୍ରାଶାସନିକ ଅବହେଳା ଯୋଗୁଁ ୯ଟି ସ୍କୁଲରେ ଆବଶ୍ୟକ ଠାରୁ ଅଧିକ ଶିକ୍ଷକ ଅଛନ୍ତି । ଅପରପକ୍ଷରେ ଗୋଟିଏ ଗୋଟିଏ ସ୍କୁଲ ଜଣେ କି ଦି'ଜଣ ଶିକ୍ଷକରେ ବି ଚାଲିଛି । ତେବେ ଏନେଇ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସାହୁଙ୍କୁ ପଚାରିବାରୁ, ବିଦ୍ୟାଳୟର ସମସ୍ୟା ନେଇ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ଗଣଶିକ୍ଷା ବିଭାଗକୁ ଅବଗତ କରାଯାଇଛି । ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଖୁବଶୀଘ୍ର ଭିତ୍ତିଭୂମି ବିକାଶ ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି ।

## ସବଳପୁର ସ୍କୁଲରେ ଯୋଗ ଦିବସ ପାଳିତ

ଫୁଲନଖରା (ଭାସ୍କର ନ୍ୟୁଜ୍) : ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ କଟକ ସଦର ଥାନା ଅନ୍ତର୍ଗତ ଆମଣ ପଞ୍ଚାୟତର ବିଶ୍ୱାଳପଡା ସବଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ସିଂ, କନିଷ୍ଠ ଶିକ୍ଷକ ନିଳାଦ୍ରୀ ମିଶ୍ର ଏବଂ ଯୋଗଗୁରୁ ସୌମ୍ୟରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଯୋଗ ପ୍ରଦର୍ଶିତ ହୋଇଥିଲା । ସେହିପରି ଶାସୋଳ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଠାରେ ମଧ୍ୟ ପ୍ରଧାନଶିକ୍ଷକ ନିର୍ମଳ କୁମାର ସିଂ, ସହକାରୀ ଶିକ୍ଷୟିତ୍ରୀ ଆରତୀ ପ୍ରଧାନ, କନିଷ୍ଠ ଶିକ୍ଷକ ବିଶ୍ୱ ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଯୋଗ ପ୍ରଦର୍ଶିତ ହୋଇଥିଲା ।

## ପାରାଦୀପ ପୌରପାଳିକା ଯୋଗ ଦିବସରେ ସାମିଲ ହେଲେ ଶିଳ୍ପମନ୍ତ୍ରୀ



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ପୌରପାଳିକା ପକ୍ଷରୁ ସମୁଦ୍ର ବେଳାଭୂମି କଳିଙ୍ଗ ବାଲିଯାତ୍ରା ପଡିଆରେ ଅନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହ ଉଦ୍ଦୀପନା ସହକାରେ ଶନିବାର ସକାଳେ ଆୟୋଜିତ ହୋଇଯାଇଛି । ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପର ଲୋକପ୍ରିୟ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ ଅଭ୍ୟାସ କରିବା ସହ ଉପସ୍ଥିତ ସମସ୍ତଙ୍କୁ ଶରୀର ସୁସ୍ଥ ଓ ନିରୋଗ ରଖିବାକୁ ଦୈନିକ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଇଫ୍‌କୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ଗୋଆ କାର୍ବନ ମୁଖ୍ୟ ବେନୁଗୋପାଲ ନାଇଡୁ, ପାରାଦୀପ ମହାବିଦ୍ୟାଳୟ ଅଧକ୍ଷା ଡ. ସସ୍ମିତା ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଯୋଗ ଅଭ୍ୟାସ କାର୍ଯ୍ୟକ୍ରମରେ ସକ୍ରିୟା ଅଂଶଗ୍ରହଣ କରିଥିଲେ । ଏଥିରେ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର ସଦସ୍ୟ ଓ ସଦସ୍ୟାଙ୍କ ସମେତ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ହୋଇ ଉତ୍ସାହର ସହ ଯୋଗ ଅଭ୍ୟାସ କରିଥିବାର ଦେଖିବାକୁ ମିଳିଥିଲା । ସେହିପରି ଭାରତୀୟ ତଟରକ୍ଷକ ବାହିନୀ, ଜିଲ୍ଲା ମୁଖ୍ୟାଳୟ (ଓଡିଶା) ଓ ପାରାଦୀପର ଅନ୍ୟ ତଟ ରକ୍ଷକ ୟୁନିଟ ମାନଙ୍କ ଦ୍ୱାରା ଏକ ବ୍ୟାପକ ଯୋଗ କାର୍ଯ୍ୟକ୍ରମର ଆୟୋଜନ ୧୦ରୁ ୨୧ ଜୁନ୍ ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଜନସାଧାରଣ ମଧ୍ୟରେ ଯୋଗର ଉପକାରିତା ବିଷୟରେ ସଚେତନତା ବୃଦ୍ଧି କରିବା । ଏହି କାର୍ଯ୍ୟକ୍ରମରେ ନ୍ୟାସନାଲ କାଡେଟ୍ କୋର୍ (ଏନସିସି) କ୍ୟାଡେଟ୍, ମତ୍ସ୍ୟଜୀବୀ ସମୁଦାୟ, କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀର ଜବାନ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଅଂଶଗ୍ରହଣ କରିଥିଲେ ।

## 'ଏକ ପେଡ ମାଆ କେ ନାମ' କାର୍ଯ୍ୟକ୍ରମର ଶୁଭାରମ୍ଭ

ବାରିପଦା (ଭାସ୍କର ନ୍ୟୁଜ୍) : ଆଜି ବାରିପଦା ପୌରପାଳିକା ଆନୁକୂଲ୍ୟରେ ସ୍ଥାନୀୟ ବେଲଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଏକ ପେଡ, ମାଆ କେ ନାମ୍' (ମାଆ ପାଇଁ ଗଛଟିଏ) କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ଆଜି ପବିତ୍ର ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ଏହି 'ମାଆ ପାଇଁ ଗଛଟିଏ' ମହାନ କାର୍ଯ୍ୟକ୍ରମ ଦେଶ ବ୍ୟାପି ଚାଲିଛି । ପ୍ରକୃତ ପକ୍ଷେ ବୃକ୍ଷ ହେଉଛି ଆମ ମାଆ ପରି । କାରଣ ବଂଚିବା ପାଇଁ ପ୍ରାଣୀ ଜଗତର ମୌଳିକ ଆବଶ୍ୟକତା ଅମ୍ଳଜାନ ଆମେ ବୃକ୍ଷଠାରୁ ହିଁ ପାଇଥାଉ । ତେଣୁ ଆମେ ସମସ୍ତେ ଯଦି ନିଜ ନିଜ ମାଆ ପ୍ରତି ଶ୍ରଦ୍ଧା ଭକ୍ତି ରଖି ଗୋଟିଏ ଗୋଟିଏ ଗଛ ଲଗାଇବା ତେବେ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ପାଇପାରିବା ଏବଂ ସୁସ୍ଥ ରହିବା । ଏହି ଅଭିଯାନରେ ବାରିପଦା ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ୫୩୫ଟି ବୃକ୍ଷ ଚାରା ରୋପଣ କରାଯିବା ଲକ୍ଷ୍ୟ ରଖାଯାଇଛି



ଏବଂ ଅନ୍ୟାନ୍ୟ ୟୁଏଲବିରେ ମଧ୍ୟ ଏହି କାର୍ଯ୍ୟକ୍ରମ ହେଉଛି । ଏହାପରେ ମନ୍ତ୍ରୀ ବିଦ୍ୟାଳୟ ପରିସରରେ କିଛି ବୃକ୍ଷ ଚାରା ରୋପଣ କରିଥିଲେ । ବାରିପଦା ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୌର ପାଳିକା ଉପାଧ୍ୟକ୍ଷା ସୀମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମାଆ ଦୁର୍ଗା ଆଞ୍ଚଳିକ ମହାସଂଘ ସଦସ୍ୟା, ଜନ କଲ୍ୟାଣ ମହାସଙ୍ଘ ସଦସ୍ୟା ଓ ୱାର୍ଡ ନଂ-୧ର ସୁକେଶିନୀ ସେଠୀ, ୱାର୍ଡ ନଂ -୧୯ର ଦିଗବିଜୟ ସିଂ, ୱାର୍ଡ ନଂ -୨୩ର ଅନନ୍ତ କୁମାର ଦାସ, ୱାର୍ଡ ନଂ ୧୧ର -ପ୍ରଭାତୀ ପୃଷ୍ଟି, ୱାର୍ଡ ନଂ -୨୫ର ଜିତା ସିଂ, ୱାର୍ଡ ନଂ -୨୧ର ଲକ୍ଷ୍ମୀଧର ହାବଡା ପ୍ରମୁଖ କାଉନସିଲର ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## 'ଶାରୀରିକ ସୁସ୍ଥତା ବୃଦ୍ଧି କରେ ଯୋଗ'

ବୋଲଗଡ଼ (ଭାସ୍କର ନ୍ୟୁଜ୍) : ପ୍ରାଚୀନ ଭାରତୀୟ ପରମ୍ପରାର ଏକ ଅମୂଲ୍ୟ ଉପହାର ଯୋଗ ଶାରୀରିକ ଓ ମାନସିକ ସୁସ୍ଥତା ବୃଦ୍ଧି କରିବା ପାଇଁ ସବୁଠାରୁ ବିଶ୍ୱସ୍ତ ମାଧ୍ୟମ ଭାବେ ଉଭା ହୋଇଛି ଯୋଗ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ' ପାଇଁ ଯୋଗ, ନିୟମିତ ଯୋଗ କରନ୍ତୁ ସୁସ୍ଥ ରୁହନ୍ତୁ । ବିଶ୍ୱ ଯୋଗ ଦିବସ ଅବସରରେ ବୋଲଗଡ଼ ବ୍ଲକ ଓ ବଡ଼କୁମାରୀ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ରାଜସୁନାଖଳାସ୍ଥିତ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ଶନିବାର ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁମନ ସୁଧା କୁଣ୍ଡୁ, ବ୍ଲକ ଅଧକ୍ଷା ହୁଳସ ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ବିଜେଡି ଉପସଭାପତି ତଥା ବଡ଼କୁମାରୀ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ଖୋର୍ଦ୍ଧାଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ରାଉତ, ବଡ଼କୁମାରୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନ୍ଦ୍ରନାଥ ପରିଡା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଯୋଗ ଶିବିରରେ ଯୋଗ ପ୍ରଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗ ଦ୍ୱାରା କିଭଳି ଶରୀର ସୁସ୍ଥ ରହିବ ଓ ବିଭିନ୍ନ ରୋଗ ଭଲ ହୋଇଯାଉଥିବା ବିଷୟରେ ଉପସ୍ଥିତ ଥିବା ସମସ୍ତଙ୍କୁ କହିଥିଲେ । ଏହି ଯୋଗ ଶିବିରରେ ବୋଲଗଡ଼ ବ୍ଲକ କର୍ମଚାରୀ ରାଜସୁନାଖଳା ସ୍ଥିତ ସଞ୍ଜିବନୀ ଯୋଗ ଶିକ୍ଷାକେନ୍ଦ୍ର, କାଉଁରୀ ପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ, ସମାଜ ସେବୀ, ଶିକ୍ଷାବିତ, ପରିବେଶବିତ ଓ ଯୁବଗୋଷ୍ଠୀ, ବ୍ୟବସାୟୀ ଓ ଜନସାଧାରଣ ଯୋଗ ଦେଇଥିଲେ । ଆଜିର ଆଧୁନିକ ଯୁଗରେ , ଜୀବନ ଶୈଳୀକୁ ପରିବର୍ତ୍ତନ କରି ପ୍ରତିଦିନ ଯୋଗ ଅଭ୍ୟାସ କରି ନିଜ ନିଜର ଶରୀରକୁ ରୋଗମୁକ୍ତ କରିବା ପାଇଁ ଯୋଗାଗୁରୁ ଶ୍ରୀ ସାହୁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ବଡ଼କୁମାରୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ରନାଥ ପରିଡା କାର୍ଯ୍ୟକ୍ରମକୁ ସହଯୋଗ କରି ପରିଚାଳନା କରିଥିଲେ । ପରିଶେଷରେ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁରୂପ ଭାବେ ମଣିକା ଗୋଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ଃ ମଧୁମିତା ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ତ୍ରିନାଥ ସାହୁ, ସ୍ୱାସ୍ଥ୍ୟ କର୍ମୀ ବିଭୁ ପ୍ରସାଦ ଓ ଦଳେଇ ସାହି ଗ୍ରାମ ପଞ୍ଚାୟତର ଜନସାଧାରଣଯୋଗ ଦେଇଥିଲେ ।

## ମହିୟସୀ ମହିଳା ବସନ୍ତ ମଞ୍ଜରୀଙ୍କୁ ସମ୍ବର୍ଦ୍ଧନା

କଣିହାଁ (ଭାସ୍କର ନ୍ୟୁଜ) : ଆଜି କଣିହାଁ ବ୍ଲକ ଡ଼ା ଦେବେନ୍ଦ୍ର ପ୍ରଧାନଙ୍କ ଐତିହାସିକ ଗ୍ରାମ ନାଲମ ଠାରେ ଡ଼ ଦେବେନ୍ଦ୍ର ପ୍ରଧାନ ଫାଉଣ୍ଡେସନ ପକ୍ଷରୁ ମହିୟସୀ ମହିଳା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମା' ବସନ୍ତ ମଞ୍ଜରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଶ୍ରୀମତୀ ପ୍ରଧାନ ଯୋଗଦେଇ ନାଲମ ଗ୍ରାମର ବିଭିନ୍ନ ବିଦ୍ୟାଳୟ ପରିସର ଓ ମନ୍ଦିରରେ ବୃକ୍ଷ ଚାରା ରୋପଣ କାର୍ଯ୍ୟ ଆରମ୍ଭ କରି ପିଲାଙ୍କୁ ଓ ସମାଜକୁ ନରେନ୍ଦ୍ର ମୋଦିଙ୍କ 'ମା' ପାଇଁ ଗଛଟିଏ ଅଭିଯାନ'ରେ ନିଜକୁ ଯୋଡିବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ



ଓ କିଛି ସାମାଜିକ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

### ବାଙ୍କୀ ଏନ୍‌ଏସି ଜଳସେବା କେନ୍ଦ୍ରର ବିକଳ ଦୃଶ୍ୟ

## କେନ୍ଦ୍ର ଅଛି, ମାଠିଆ ନାହିଁ କି ଜଳ ନାହିଁ

ବାଙ୍କୀ (ଭାସ୍କର ନ୍ୟୁଜ୍) : ଚଳିତ ଗ୍ରୀଷ୍ମ ପ୍ରବାହରେ ପ୍ରତେକ ବର୍ଷ ଭଳି ବାଙ୍କୀ ଏନ୍‌ଏସି ପକ୍ଷରୁ ବିଭିନ୍ନ ସ୍ଥାନ ଏବଂ ବାଙ୍କୀ ଏନ୍‌ଏସିର ମୁଖ୍ୟରାସ୍ତା କଡ଼ରେ ଜଳସେବା କେନ୍ଦ୍ର ଖୋଲା ଯାଇଥିଲା । ସେଥିପାଇଁ ପ୍ରଶାସନ ପକ୍ଷରୁ ଟେଣ୍ଟ ନିର୍ମାଣ କରି ପାଣି ମାଠିଆ ଓ ଗ୍ଲାସ ରଖାଯାଇ ଥିଲା । ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ଏହି ଜଳସେବା କେନ୍ଦ୍ର ଖୋଲା ଯାଇଥିଲା କିନ୍ତୁ କେନ୍ଦ୍ର ଖୋଲାଯିବାର କିଛିଦିନ ପରେ ଟେଣ୍ଟ ଅଛି କିନ୍ତୁ ପାଣି ମାଠିଆ କି ଗ୍ଲାସ ନଥିବା ଦେଖିବାକୁ ମିଳିଛି । ଏହା କେବଳ ଲୋକ ଦେଖାଣିଆ ଜଳସେବା କେନ୍ଦ୍ର ବୋଲି ଜନମାନସରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି । ତେବେ ଏହି ଜଳସେବା କେନ୍ଦ୍ର ପାଇଁ ସ୍ୱତନ୍ତ୍ର ସରକାରୀ ଅର୍ଥ ବ୍ୟୟବରାଦ କରାଯାଇଛି । ତେବେ ଏଠି ଜଳସେବା କେନ୍ଦ୍ର ନାମକୁ ମାତ୍ର ଖୋଲି ଫଟୋ ଉଠାଇ ସରକାରୀ ଅର୍ଥକୁ ଅପବ୍ୟୟ କରାଯାଉଛି, ଯାହା ଏବେ ଜନ ମାନସରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ଘଟଣା ସମ୍ପର୍କରେ ବାଙ୍କୀ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କୁ କ୍ରମାଗତ ଭାବେ ଆଜକୁ ୪ ଦିନ ଧରି ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ତଥ୍ୟ ପ୍ରଦାନ କରିବେ ବୋଲି କହିଥିଲେ । କିନ୍ତୁ ପ୍ରକୃତ ତଥ୍ୟ ପ୍ରଦାନ ନକରିବା ପଛରେ କି ଉଦ୍ଦେଶ୍ୟ ଲୁଚି ରହିଛି ତାହା ଏବେ ଅସ୍ପଷ୍ଟ । ଏନ୍‌ଏସିରେ ଥିବା ୧୭ଟି ୱାର୍ଡ ମଧ୍ୟରେ କେତୋଟି ଜଳସେବା କେନ୍ଦ୍ର ଖୋଲା ଯାଇଥିଲା ଏବଂ ପ୍ରତ୍ୟେକ କେନ୍ଦ୍ର ପ୍ରତି କେତେ ଟଙ୍କା ସରକାରୀ ଅନୁଦାନ ପ୍ରଦାନ କରାଯାଇଛି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟତା ସାମ୍ନାକୁ ଆସିବ ।

## ନୂଆଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗ ଦିବସ

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ନୂଆଗଡ଼ ପଞ୍ଚାୟତ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ବାଲିଡିଆ ଯୋଗ ସେବା କେନ୍ଦ୍ରର ପ୍ରମୁଖ ରବିନ୍ଦ୍ର ନାଥ ରାଉତ ଓ ଗୌରାଙ୍ଗ ଖଟୁଆଙ୍କ ଆନୁକୂଲ୍ୟରେ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୂଆଗଡ଼ ପଞ୍ଚାୟତର ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ନୂଆଗଡ଼ ପଞ୍ଚାୟତର ବିଜେପି ପ୍ରମୁଖ ପ୍ରଭାକର ଚୌଧୁରୀ, ଯୋଗ ଗୁରୁ ସଶାଙ୍କ ଶେଖର ମଙ୍ଗରାଜ, କାହ୍ନୁ ରାଉତ, ବାବୁଲି ରାଉତ, ଟୁବକ ସ୍ୱାଇଁ, ଜଗା ସୁନ୍ଦରା, ବରେନ୍ଦ୍ର ରାଉତ, ଲିପୁନା ପୁହାଣ, ରାକେଶ ସ୍ୱାଇଁ, ଚନ୍ଦନ ଚୌଧୁରୀ, ସିଏଚଓ ସସ୍ମିତା ସ୍ୱାଇଁ, ଆଶାଦିଦି ଚପଳା ସ୍ୱାଇଁ, ସସ୍ମିତା ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ଜନସାଧାରଣ ଯୋଗ ଶିବିରରେ ଅଂଶଗ୍ରହଣ କରିଥିଲେ । ଯୋଗ ସରିବା ପରେ ସରପଞ୍ଚ ଶ୍ରୀ ରାଉତ ସମସ୍ତଙ୍କୁ ବିଭିନ୍ନ ପ୍ରକାରର ଚାରାଗଛ ପ୍ରଦାନ କରିଥିଲେ ।


## 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅଧିନସ୍ଥ ଗୋଲରାହାଟ ପଞ୍ଚାୟତ କାର୍ଯ୍ୟାଳୟରେ ଆଜି 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତହସିଲ ପ୍ରଶାସନ ଗ୍ରାମାଞ୍ଚଳରେ ପହଞ୍ଚି ତହସିଲର ସମସ୍ତ ସୁବିଧା ଯୋଗାଇ ଦେବ । ଆଜି ଗୋଲରାହାଟ ପଞ୍ଚାୟତ ପରିସରରେ ସରପଞ୍ଚ କାଶିନାଥ କାଣ୍ଡିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡେରାବିଶ ବିଡ଼ିଓ ନମିତା ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା ଓ ରାଜସ୍ୱ ପରିଦର୍ଶକ ମାନସ ରଞ୍ଜନ ନାଥ ଉପସ୍ଥିତ ରହି ଡେରାବିଶ ରାଜସ୍ୱ ସର୍କଲ ଅଧୀନସ୍ଥ ୧୩୬ ଜଣ ହିତାଧିକାରୀଙ୍କୁ ୱାରସ ସଂଶୋଧନ ହୋଇଥିବା ପଟ୍ଟା, ବେବନ୍ଦୋବସ୍ତ ପଟ୍ଟା, ପଟ୍ଟା ସଂଶୋଧନ, ଇ-ପାଉତି ମାଧ୍ୟମରେ ରାଜସ୍ୱ ପୈଠ ଓ ବହୁ ହିତାଧିକାରୀଙ୍କ ଜାତିଗତ ସମେତ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗୋଲରାହାଟ ସମିତିସଭ୍ୟ କରୁଣାକର କାଣ୍ଡି, ଡେରାବିଶ ରାଜସ୍ୱ ନିରୀକ୍ଷକ ଲକ୍ଷ୍ମିପ୍ରିୟା ବେହେରାଙ୍କ ସମେତ ତହସିଲ ଅଧିନସ୍ଥ ବିଭିନ୍ନ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ଓ ତହସିଲର କର୍ମଚାରୀମାନେ ପରିଚାଳନା କରିଥିଲେ ।

## ରାଶିଫଳ


**ରବିବାର, ୨୨ ଜୁନ୍ ୨୦୨୫**



**ମେଷ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ । ଚାକିରିରେ ସମସ୍ୟା ହୋଇପାରେ । ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ । ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ ।



**ବୃଷ:** ବ୍ୟବସାୟରେ ବ୍ୟସ୍ତ ରହିବେ । ସାମାଜିକ ସ୍ତରରେ ସମ୍ମାନ ମିଳିବ । କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ । ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ । ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି ।



**ମିଥୁନ:** ଶୀଘ୍ର କେଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ । ବ୍ୟବସାୟ ଭଲ କରିବ । ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ । ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ ।




**କର୍କଟ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ । ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ । ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ । ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ । ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ । ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନିଅନ୍ତୁ ।



**ସିଂହ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ । ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ । ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ । ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ । ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ । ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ ।




**କନ୍ୟା:** ପରିବାର ସାହାଯ୍ୟ କରିବେ । ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । କାର୍ଯ୍ୟ ସମାପ୍ତ ହୋଇପାରିବ । ସ୍ୱାସ୍ଥ୍ୟ ମଧ୍ୟ ଉନ୍ନତି କରିପାରିବ । ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିପାରିବ ।



**ତୁଳା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ । ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ । ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ । ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ । ଆଜିର ଦିନଟି ଆପଣଙ୍କ ପାଇଁ ସ୍ୱାଭାବିକ ।



**ବିଛା:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ । ପରିବାର ସାହାଯ୍ୟ ମିଳିବ । ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । କାର୍ଯ୍ୟ ସମାପ୍ତ ହୋଇପାରିବ । ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ । ବସ୍ ସହିତ ସମ୍ପର୍କ ବିଷୟରେ ଆପଣ ଟିକିଏ ସଚେତନ ହେବା ଉଚିତ୍ ।



**ଧନୁ:** ଭାଗ୍ୟ ଆପଣଙ୍କ ସହିତ ରହିପାରେ । ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ । ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ । ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ । ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ ।



**ମକର:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍ । ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ । କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି । ସମୟରେ ଯତ୍ନ ନିଅନ୍ତୁ । କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ । ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍ ।



**କୁମ୍ଭ:** ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ । ପାରିବାରିକ ସମ୍ପର୍କ ଆନ୍ତରିକ ହେବ । ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ । ଚିନ୍ତା ସମାପ୍ତ ହୋଇପାରିବ । ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ । ଆପଣଙ୍କ କାମରୁ ପଛକୁ ଯାଅନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କ ଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ । ଆୟ ବୃଦ୍ଧି ପାଇବ । ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ ।



ଜ୍ୟୋତିଷ ଶାସ୍ତ୍ରୀ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ମିନି ଷ୍ଟାଡିୟମ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଯୋଗ ଦିବସରେ ସ୍ଥାନୀୟ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ, ସିଡ଼ିପିଓ ଗୀତାଞ୍ଜଳୀ ମିଶ୍ର, ପଂଚାୟତ ସମ୍ପ୍ରସାରଣ ଅଧିକାରୀ ମଞ୍ଜୁ ସ୍ୱାଇଁ, ଅବସରପ୍ରାପ୍ତ ସେନା ଅଧିକାରୀ ମନୋହର ଦଣ୍ଡସେନା, ସୁଜିତ୍ ହାଲଦାର୍‌ଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ତଥା ସ୍ଥାନୀୟ ଲୋକ ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଅଭିଭାଷଣ ମାଧ୍ୟମରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଯୋଗର ଉପକାରୀତା ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସେହିପରି ବ୍ଲକର ସମସ୍ତ ବିଦ୍ୟାଳୟ ରେ ମଧ୍ୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଥିବା ଦେଖିବାକୁ ମିଳିଛି।



## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ



ବାଲିମେଳା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ଆଜି ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଅଛି। ବାଲିମେଳା ମିନିଷ୍ଟାଡିୟମ ଠାରେ ୧୪୧ ସୀମା ସୁରକ୍ଷା ବାହିନୀ ଦ୍ୱାରା ସକାଳ ୬ଘଟିକାରେ ଯୋଗ ଦିବସ ପାଳନ କରାଯାଇଅଛି। ଏହି ଅବସରରେ ସୀମା ସୁରକ୍ଷା ବାହିନୀର ସମସ୍ତ ଯବାନ ଯୋଗ ଦେଉଥିବାବେଳେ ସ୍ଥାନୀୟ ସାଧାରଣ ଜନତା, ସରସ୍ୱତୀ ଶିଶୁ ବିଦ୍ୟାଳୟର ଗୁରୁଜୀ ଗୁରୁମା ଓ ଛାତ୍ର ଛାତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ଯୋଗ ଶିକ୍ଷା ଦେଉଥିବା ଯବାନ କହିଥିଲେ ଯେ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରତିଦିନ ୧୦ ରୁ ୧୫ ମିନିଟ ଯୋଗ କରିବା ନିତାନ୍ତ ଆବଶ୍ୟକ ଯାହାକି ଆମର ଶରୀରକୁ ସୁସ୍ଥ ସବଳ ଓ ମାନସିକ ସ୍ଥିରତା ଆଣିବାରେ ସହାୟକ ହୋଇଥାଏ। ଏଥିସହିତ ଶରୀରକୁ ନିରୋଗ ମଧ୍ୟ ରଖିଥାଏ। ସେହିଭଳି ଇଣ୍ଡୋର ଷ୍ଟାଡିୟମ ମଧ୍ୟରେ ବାଲିମେଳା ଏନଏସି ଅଧିକାରୀ ଓ କର୍ମଚାରୀ ବୃନ୍ଦଙ୍କ ଦ୍ୱାରା ବରିଷ୍ଠ ଶିକ୍ଷକ ଜିତୁ ଗୁରୁଙ୍କ ନେତୃତ୍ୱରେ ଯୋଗ ଦିବସ ପାଳନ କରାଯାଇଥିଲା। ସେହିଭଳି ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଯୋଗ ଦିବସ ପାଳନ ହେବାର ଦେଖିବାକୁ ମିଳିଛି। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୁନି କୁନି ଛାତ୍ର ଛାତ୍ରୀ ମାନେ ହାତରେ ପ୍ଲାଗ କାର୍ଡ ଧରି ଯୋଗର ମହତ୍ୱ ଉପରେ ସ୍ଲୋଗାନ ଦେଇ ବାଲିମେଳା ସହର ଭ୍ରମଣ କରିବାର ଦେଖିବାକୁ ମିଳିଥିଲା। ତତ୍‌ସହିତ ମାଲକାନଗିରି ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ମଧ୍ୟ ଏହି ଉତ୍ସବ ପାଳନ କରାଯାଇଥିଲା। ଏଥିରେ ବାଲିମେଳା ବିଜେପି ନଗର ସଭାପତି ସାମାଞ୍ଜଳ ପ୍ରଧାନ, କୋରୁକୋଣ୍ଡା ସାଂସଦ ପ୍ରତିନିଧି ଅକ୍ଷୟ ବିଶ୍ୱାଳ, ଶୁଭାଶିଷ କର, ପ୍ରଫୁଲ ଚରଣ ସ୍ୱାଇଁ, ବିଜୟ ରାଉତ, ରେଣୁବାଳା ନାୟକ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ।

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ମହେଶ୍ୱର ମଣ୍ଡଳ, ଜିଲ୍ଲା ମୁଖ୍ୟ ପ୍ରବନ୍ଧକ ତଥା ନିର୍ଦ୍ଦେଶକ-ଗଜପତି, ପାରଳା ଖେମୁଣ୍ଡି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଯୋଗ କାର୍ଯ୍ୟକ୍ରମ କରାଯାଇଥିଲା। ଯୋଗ ଗୁରୁ ପାଉଲ ଦକବେହେରା ଯୋଗ ଶିକ୍ଷା ଦେଇଥିଲେ। ଏହି ଅବସରରେ ଯୋଗ ନିଜ ପାଇଁ ଏବଂ ସମାଜ ପାଇଁ ନିତାନ୍ତ ଆବଶ୍ୟକ ବୋଲି ବୁଝାଇଥିଲେ। ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନର ନିର୍ଦ୍ଦେଶକ ମହେଶ୍ୱର ମଣ୍ଡଳ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଉଟି ପାର୍ଲର ଶିକ୍ଷା ଲାଭ କରୁଥିବା ମହିଳା ପ୍ରଶିକ୍ଷାର୍ଥୀ ଏବଂ ପୁରୁଣା ମହିଳା ଉଦ୍ୟୋଗୀମାନେ ଉପସ୍ଥିତ ଥିଲେ। ଏହି ସଭାରେ ଅନୁଷ୍ଠାନର ପାଠ୍ୟ ସଂଯୋଜକ ପ୍ରଦୀପ କୁମାର ଦାସ ତଥା ବିଉଟି ପାର୍ଲର ଡିଏସଟି କୁମାରୀ ଶୁଚିସ୍ମିତା ଜେନା ଏବଂ କ୍ରାଫ୍ଟ ସୁଜିତ କୁମାର ଓ କୁମାରୀ ଲଳିତା ମାଝି,କାର୍ଯ୍ୟାଳୟ ସହାୟକ/ସହାୟିକା ଏବଂ ଜବାହର ନେହେରୁ ଯୁବା କେନ୍ଦ୍ରର ସ୍ୱେଚ୍ଛା କର୍ମଚାରୀ ଉପସ୍ଥିତ ଥିଲେ। ଯୋଗ କରିବା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା। ଶେଷରେ ଅନୁଷ୍ଠାନର ପ୍ରାଧ୍ୟାପକ ତଥା ପାଠ୍ୟ ସଂଯୋଜକ ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ।



କନ୍ଧମାଳ(ଭାସ୍କର ନ୍ୟୁଜ): ସ୍ଥାନୀୟ କରୋନେସନ ପଡ଼ିଆ,ଫୁଲବାଣୀ ଠାରେ ୧୧ ତମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା ସରକାର ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ କନ୍ଧମାଳ ଯୋଗ ଦିବସରେ ଯୋଗଦେଇ କହିଥିଲେ ଯେ ଯୋଗ ମାଧ୍ୟମରେ ମଣିଷ ମାନସିକ ଚାପ, ଅବସାଦ ଓ ବିଭିନ୍ନ ରୋଗରୁ ମୁକ୍ତି ପାଇଥାଏ। ବିଧାୟକ, ଫୁଲବାଣୀ ଉମା ଚରଣ ମଲ୍ଲିକ ଏବଂ ବିଧାୟକ, ଜି ଉଦୟଗିରି ପ୍ରଫୁଲ୍ଲଚନ୍ଦ୍ର ପ୍ରଧାନ ମଧ୍ୟ ଯୋଗର ଉପକାରୀତା ବିଷୟରେ ଆଲୋଚନା କରିବା ସହିତ ଏହାକୁ ନିତିଦିନିଆ ଜୀବନରେ ସାମିଲ କରି ସୁସ୍ଥ ରୁହନ୍ତୁ ପରାମର୍ଶ ଦେଇଥିଲେ। ଯୋଗଗୁରୁ ପ୍ରଶାନ୍ତ କୁମାର ଦାସ ଯୋଗ ଅଭ୍ୟାସ ପରିଚାଳନା କରିଥିଲେ। ଜିଲ୍ଲାପାଳ, କନ୍ଧମାଳ ଅମୃତ ଋତୁରାଜ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କନ୍ଧମାଳ ରମେଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। "ଏକ ପେଡ଼ ମାଆ କେ ନାମ" କାର୍ଯ୍ୟକ୍ରମରେ ମନ୍ତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଖେଳପଡ଼ିଆରେ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ, କନ୍ଧମାଳ ହରିଶ ବି. ସି, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀଙ୍କ ସମେତ ବିଭିନ୍ନ ଜନପ୍ରତିନିଧି, ସରକାରୀ ଅଧିକାରୀ, କର୍ମକର୍ତ୍ତା, ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଓ ବହୁସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ।

ବରଗଡ଼ (ଭାସ୍କର ନ୍ୟୁଜ୍):ସ୍ଥାନୀୟ ରାଣା ପ୍ରତାପ ସ୍କୁଲରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଡ଼ ଡୋଳାମଣି ଶତପଥୀ, କପିଳ ବାଗ, ଶିକ୍ଷକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିବା ବେଳେ ସିଆର ସିସି ପାର୍ବତୀ ସାହୁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ ।ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ନିଳୀମା ପ୍ରଧାନ ,ଗୀତା ଜାଲ, ବବିତା ନାଏକ, ଦୀପିକା କୁଲୁ, ନନ୍ଦିତା ସାହୁ, ସୁନୀତା ମିଶ୍ର ତପସ୍ୱିନୀ ତ୍ରିପାଠୀ, ଜ୍ୟୋତି ବେହେରା ପ୍ରମୁଖ ଉପସ୍ଥିତ ରହି ଯୋଗାଭ୍ୟାସରେ ଅଂଶ ଗ୍ରହଣ କରିଥିଲେ ।



## ଶୁଣିଲେନି ସରକାର...

# ଚାନ୍ଦା ଆଦାୟ କରି ନଦୀ ଉପରେ ପୋଲ ନିର୍ମାଣ କଲେ ଗ୍ରାମବାସୀ

ପାରଳାଖେମୁଣ୍ଡି:(ଭାସ୍କର ନ୍ୟୁଜ୍): ପାରଳାଖେମୁଣ୍ଡି:ଗଜପତି ଜିଲ୍ଲାର ମହେନ୍ଦ୍ର ତନୟା ନଦୀ ଉପରେ ପୋଲ ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ସ୍ଥାନୀୟ ଲୋକଙ୍କ ଦାବି ନିବେଦନ ପରେ ସୁଦ୍ଧା ସରକାର ନା ପ୍ରଶାସନ କେହି ନ ଶୁଣିବାରୁ ନିଜସ୍ୱ ଅର୍ଥ ଓ ଶ୍ରମରେ ନଦୀ ଉପରେ ଅସ୍ଥାୟୀ ପୋଲ ନିର୍ମାଣ କଲେ ଯୁବରାଜପୁର ଗ୍ରାମବାସୀ। ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଯୁବରାଜପୁର-ବାଘଶାଳା ଦେଇ ପ୍ରବାହିତ ହେଉଥିବା ମହେନ୍ଦ୍ରତନୟା ନଦୀ ଯାତାୟତରେ ସମସ୍ୟା ଗତ ବହୁ ବର୍ଷ ଧରି ଲାଗି ରହିଛି। ପୋଲ ନଥିବାରୁ ବହୁବାର ପ୍ରଶାସନକୁ ଏନେଇ ଜଣାଇଛନ୍ତି ଲୋକେ। ହେଲେ ଦୀର୍ଘଦିନ ଧରି କେହି ନଶୁଣିବାରୁ ଯୁବରାଜପୁର ଗ୍ରାମବାସୀ ଏକତ୍ର ହୋଇ ସାମର୍ଥ୍ୟ ଅନୁସାରେ ଅର୍ଥ ଆଦାୟ କରିବା ସହ ଶ୍ରମଦାନ କରି



ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି । ସ୍ଥାୟୀ ବ୍ରିଜ୍ ନିର୍ମାଣ ପାଇଁ ଏହି ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି । ହେଲେ ସରକାର ପ୍ରଶାସନ ଓ ବିଭାଗୀୟ ଅଧିକାରୀ କେହି ମଧ୍ୟ କର୍ଣ୍ଣପାତ କରୁନାହାନ୍ତି ବୋଲି କହିଛନ୍ତି ଯୁବରାଜପୁର ଗ୍ରାମବାସୀ । ଯୁବରାଜପୁର, କାମଧେନୁ, ବାଘଶାଳା ଆଦି ଗ୍ରାମକୁ ଯିବା ଆସିବାପାଇଁ ଅଳ୍ପ ଦୂରତା ପଡୁଥିବାରୁ ମହେନ୍ଦ୍ରତନୟା ନଦୀ ଉପରେ ବ୍ରିଜ୍ ନିର୍ମାଣ ପାଇଁ ବହୁ ବର୍ଷ ଧରି ଦାବି କରାଯାଉଛି। ପୂର୍ବ ସରକାରଙ୍କ ଅମଳରେ ଏହି ସମସ୍ୟାର ସମାଧାନ ନିମନ୍ତେ ବିଜୁ ସେତୁ ଯୋଜନାରେ ୮କୋଟି ୯୬ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରି ବାଘଶାଳା-କାମଧେନୁ ବ୍ରିଜ୍ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ଏଥିପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ପାଇଁ ସମସ୍ତ ପ୍ରକ୍ରିୟା ମଧ୍ୟ ସରିଥିଲା । ହେଲେ ଯେଉଁ ସ୍ଥାନରେ ପୋଲ ନିର୍ମାଣ କରିବାକୁ ଯୋଜନା ହୋଇଥିଲା ତାହା ଅନୁପଯୁକ୍ତ ବୋଲି ଅଞ୍ଚଳର କେତେକ ଗ୍ରାମବାସୀ ଅନ୍ୟତ୍ର ପୋଲ୍ ନିର୍ମାଣ ପାଇଁ ଦାବି କରିଥିଲେ। ଏଥିପାଇଁ ପୁନର୍ବାର ଯୋଜନା ସମ୍ପର୍କରେ ଆଲୋଚନା ଚାଲିଥିବା ବେଳେ ସରକାର ବଦଳିଯାଇଥିଲା । ଏହାପରେ ଏହି ବ୍ରିଜ୍ ନିର୍ମାଣ ହେବାର ନାଁ ଗନ୍ଧ ନଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ଅଞ୍ଚଳବାସୀ କହିଛନ୍ତି ଯେ ବାଘଶାଳା-କାମଧେନୁ ମହେନ୍ଦ୍ରତନୟା ପୋଲ ନିର୍ମାଣ ହେଲେ ଗୋଷାଣି ବ୍ଲକ ସଦରମହକୁମା ଠାରୁ ଆରମ୍ଭ କରି ଜିଲ୍ଲା ସଦରମହକୁମା, ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ଗମନାଗମନ ପାଇଁ ବହୁ ସୁବିଧା ହୋଇପାରିବ।

## ବୌଦ୍ଧ ଓ ପୁରୁଣା କଟକକୁ ରେଳ ସେବା ଶୁଭାରମ୍ଭ



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ଠାରେ ବୌଦ୍ଧ ଏବଂ ପୁରୁଣାକଟକକୁ ଟ୍ରେନ ସେବା ରାଷ୍ଟ୍ରକୁ ସମର୍ପଣ ଓ ରେଳ ଯାତ୍ରାର ଶୁଭାରମ୍ଭକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। ଏହି ଉପଲକ୍ଷେ ଏକ ସଭାର ଆୟୋଜନ ସରସରା ନିକଟ ବୌଦ୍ଧ ଷ୍ଟେସନ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ବୌଦ୍ଧ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ, ବୌଦ୍ଧ ରାହୁଲ କୁମାର ଗୋଏଲ, ସମ୍ବଲପୁରର ଡିଆର ଏମ ସୁବାଷ ଚନ୍ଦ୍ର ଚୌଧୁରୀ ଯୋଗ ଦେଇଥିଲେ। ଉକ୍ତ ଅବସରରେ ରେଳ ଯୋଗାଯୋଗ ପାଇଁ ବିଭିନ୍ନ ସମୟରେ ଦାବି କରି ଆସିଥିବା ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା ।

# ରାହୁଲ ଗାନ୍ଧିଙ୍କ ଜନ୍ମଦିନ ପାଳିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ସନ୍ଧ୍ୟା ୬.୦୦ଘଣ୍ଟା ସମୟରେ ପାରଳାଖେମୁଣ୍ଡସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ କେକ୍ କାଟି ମହାସମାରୋହରେ ପାରଳା ସହରର ଯୁବ ଛାତ୍ର ସଂଗଠନକୁ ନେଇ ଜନ୍ମ ଦିନ ଉତ୍ସବ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଅଭିମନ୍ୟୁ ପଣ୍ଡା, ବସନ୍ତ ପଣ୍ଡା, ସୁବାସ ଶବର, ଲକି ପାତ୍ର, ରାଜା ପାତ୍ର, ସରୋଜ ମିଶ୍ର, ସନ୍ଦିପ ପାତ୍ର, ଲୋକେଶ ବରାଡ,ଲବ



ସାହୁ, ମୁନା ମହାରଣା, ଦଣ୍ଡ ପାଣି ପଣ୍ଡା, ଲୋକନାଥ ପଣ୍ଡା ପ୍ରମୁଖ ବହୁ ଯୁବ ଛାତ୍ର ନେତା ଉପସ୍ଥିତ ଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଯୁବ କଂଗ୍ରେସ ସଭାପତି ସଂଗ୍ରାମ ସାହୁଙ୍କ ଦ୍ୱାରା ପରିଚାଳିତ ହେଉଛି ବୋଲି ବରିଷ୍ଠ କଂଗ୍ରେସ ନେତା ଅଭିମନ୍ୟୁ ପଣ୍ଡା ସୂଚନା ପ୍ରଦାନ କରିଛନ୍ତି।

# ଜୁଲାଇ ୨୦ରେ ହେବ ଟାଲେଣ୍ଟ ଆୱାର୍ଡ଼ ସିଜିନ୍-୨




ରାୟଗଡ଼ା(ଭାସ୍କର ନ୍ୟୁଜ୍): ରାୟଗଡ଼ାର ସାଇପ୍ରିୟା ନଗର ଦ୍ୱିତୀୟ ଲାଇନ୍ ମିନି ପାର୍କ ଠାରେ ମା' ମଝିଘରିଆଣୀ ଏଣ୍ଟରଟେନମେଣ୍ଟ ଟ୍ରଷ୍ଟ ପକ୍ଷରୁ ରାୟଗଡ଼ା ଜିଲ୍ଲା କଳାକାର ମହସଂଘ ସହଯୋଗରେ ରାୟଗଡ଼ା ଟାଲେଣ୍ଟ ଆୱାର୍ଡ ସିଜନ୍ ଦୁଇ ୨୦୨୫ ପାଇଁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଥର ପାଇଁ ବିଗତ ବର୍ଷ ଅଗଷ୍ଟ ୪ ତାରିଖ ୨୦୨୪ ରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ମଧ୍ୟ ଏହା ଜୁଲାଇ ମାସ ୨୦ ତାରିଖ ଦିନ ୧୦ ଟା ସମୟରେ ରାୟଗଡ଼ାର ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିଅମ୍ ଠାରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂଚନା ପ୍ରଦାନ କରିଛନ୍ତି। ଏଥିରେ ବିଭିନ୍ନ କ୍ଷେତ୍ରରେ ସମାଜରେ ଉଲ୍ଲେଖନୀୟ ଅବଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କରିବା ସହ ଜିଲ୍ଲାର ବିଭିନ୍ନ ସ୍ତରର ଯୋଗ୍ୟ କଳାକାରମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯିବ। ଜିଲ୍ଲାର କଳାକାରମାନଙ୍କୁ ଉତ୍ସାହିତ ଓ ପ୍ରୋତ୍ସାହିତ କରିବା ସହ ଆଞ୍ଚଳିକ ଭାଷା କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ କରାଯିବାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମା' ମଝିଘରିଆଣୀ ଏଣ୍ଟରଟେନମେଣ୍ଟ ଟ୍ରଷ୍ଟର ମେନେଜିଂ ଟ୍ରଷ୍ଟି ତଥା ରାୟଗଡ଼ା ଜିଲ୍ଲା କଳାକାର ମହାସଂଘର ସଭାପତି ସନ୍ତୋଷ କୁମାର ବଛା ଜଣାଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସୁପରିଚିତ ଜଣାଶୁଣା କଳାକାର ପ୍ରଭାକର ମିଶ୍ର, ସୁନାମଧନ୍ୟ ଅଭିନେତା ଜି. ମହେଶ ରାଓ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘର ଉପ ସଭାପତି ଗୁପ୍ତେଶ୍ୱର ସିକା, ସମ୍ପାଦିକା ପ୍ରିୟଦର୍ଶିନୀ ହୁଇକା, କୋଷାଧ୍ୟକ୍ଷ ମାନସୀ ମେଲାକା , ମିଡ଼ିଆ ସଂଯୋଜକ ମାଲେସ କୌଶଲ୍ୟା ପ୍ରମୁଖ ମଞ୍ଚାସୀନ ରହିଥିଲେ।

# ଆଠଦିନ ହେଲା ଇଣ୍ଟରନେଟ୍ ନାହିଁ

## ପୋଷ୍ଟାଲ ସେବା ବିପର୍ଯ୍ୟସ୍ତ, ଲୋକେ ହନ୍ତସନ୍ତ

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ଦ୍ୱିତୀୟ ପୋଷ୍ଟ ଅଫିସ ଉମରକୋଟ ପୋଷ୍ଟ ଅଫିସରେ ଆଜିକୁ ୮ ଦିନ ହେଲାଣି ଲିଙ୍କ୍ ନ ଥିବା ଯୋଗୁ ପୋଷ୍ଟ ଅଫିସର ସମସ୍ତ ସେବା ବନ୍ଦ ହେଇଯାଇଛି। ଫଳରେ ଗ୍ରାହକମାନେ ବହୁତ ହଇରାଣର ସମ୍ମୁଖୀନ ହେଉଛନ୍ତି। ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ଉମରକୋଟ ଠାରୁ ପାପଡାହାଣ୍ଡି ମଧ୍ୟରେ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଛି। ଫଳରେ ପ୍ରାୟ ସବୁ ଦିନ ବିଏସଏନ୍ଏଲର ତାର କଟି ଯାଉଥିବାରୁ ଉମରକୋଟ ଅଞ୍ଚଳରେ ବିଏସଏନଲର ମୋବାଇଲ ଓ ଏହାର ଇଣ୍ଟରନେଟ ସେବା ମାସ ରେ ୨୦ ଦିନ ବନ୍ଦ ହେଇ ରହିଥାଏ। ଉମରକୋଟ ଡିଏନକେ ଠାରେ ଥିବା ପୋଷ୍ଟ ଅଫିସରେ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର କାରବାର ହେଉଥିବା ବେଳେ କିନ୍ତୁ ଏହି ଅଫିସଟି ଆଜି ପର୍ଯ୍ୟନ୍ତ ବିଏସଏନ୍ଏଲ ର ଇଣ୍ଟରନେଟ ସେବା ଉପରେ ହିଁ ନିର୍ଭର କରିଥାଏ। କିନ୍ତୁ ଉମରକୋଟର ବଜାର ଶାଖା, ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡି ଠାରେ ଥିବା ଛୋଟ ଛୋଟ ପୋଷ୍ଟ ଅଫିସ ଗୁଡିକରେ ପୋଷ୍ଟାଲ ବିଭାଗ ବିକଳ୍ପ ବ୍ୟବସ୍ଥା ରଖିଥିବା ବେଳେ ଉମରକୋଟର ଏତେ ବଡ଼ ପୋଷ୍ଟ ଅଫିସରେ କାହିଁକି ଇଣ୍ଟରନେଟର ବିକଳ୍ପ ବ୍ୟବସ୍ଥା କରି ନାହିଁ ବୋଲି ସହରବାସୀ ପ୍ରଶ୍ନ କରୁଛନ୍ତି।




ଉମରକୋଟ ପୋଷ୍ଟ ଅଫିସରେ ଆଜିକୁ ୮ ଦିନ ହେଲା ଇଣ୍ଟରନେଟ ସେବା ନ ଥିବାରୁ ଲୋକମାନେ ଟଙ୍କା ପୈଠ, ଟଙ୍କା ଉଠାଣ କରି ପାରୁନ ଥିବା ସହ କୌଣସି ପାର୍ଶଲ ନା ପାଇ ପାରୁଛନ୍ତି ନା ପଠାଇ ପାରୁନାହାନ୍ତି। ବିଶେଷ କରି ବାହାଘର ଓ ମେଡ଼ିକାଲ ପରି ଅସୁବିଧା ସମୟରେ ଲୋକମାନଙ୍କୁ ଟଙ୍କାର ଆବଶ୍ୟକ ଥିବା ବେଳେ ଲୋକମାନେ ଟଙ୍କା ଉଠାଇ ନ ପାରି ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ବ୍ୟାଙ୍କ ଅପେକ୍ଷା ପୋଷ୍ଟ୍ ଅଫିସରେ ସୁଧହାର ଅଧିକ ଥିବାରୁ ଗ୍ରାହକମାନେ ପୋଷ୍ଟ ଅଫିସ ଉପରେ ଅଧିକ ନିର୍ଭରଶୀଳ ହେଉ ଥିବାବେଳେ ଉମରକୋଟ ପୋଷ୍ଟ ଅଫିସର ଏପରି ବିପର୍ଯ୍ୟସ୍ତ ସେବା ପାଇଁ ଲୋକମାନେ ପୋଷ୍ଟ ଅଫିସ ପ୍ରତି ବିମୁଖ ହେଇ ବ୍ୟାଙ୍କ ଆଡକୁ ଯିବା ଆରମ୍ଭ କଲେଣି। ଉମରକୋଟ ପୋଷ୍ଟ ଅଫିସ ଉପରେ ୧୮ ଟି ଗ୍ରାମ ପଞ୍ଚାୟତର ୧୮ ଟି ବ୍ରାଞ୍ଚ ପୋଷ୍ଟ ଅଫିସ ଓ ଉମରକୋଟ ସହର ନିର୍ଭର କରୁଥିବାବେଳେ ଇଣ୍ଟରନେଟ ନ ଥିବାରୁ ବର୍ତ୍ତମାନ ସମଗ୍ର ଉମରକୋଟ ଅଞ୍ଚଳରେ ଲୋକମାନେ ନୂଆ ଆକାଉଣ୍ଟ ଖୋଲି ପାରୁନାହାନ୍ତି କି ଟଙ୍କା ଜମା ମଧ୍ୟ କରି ପାରୁନାହାନ୍ତି ଓ ଟଙ୍କା ମଧ୍ୟ ଉଠେଇ ପାରୁନାହାନ୍ତି। ଉମରକୋଟ ପୋଷ୍ଟ ଅଫିସର ଏପରି ବିପର୍ଯ୍ୟସ୍ତ ସେବା ଯୋଗୁ ଲୋକମାନେ ଏହି ପୋଷ୍ଟ ଅଫିସ ଉପରେ ଭରସା ତୁଟି ଯାଉଥିବା ସହ ଏଠାରୁ ଆକାଉଣ୍ଟକୁ ବନ୍ଦ କରି ବ୍ୟାଙ୍କରେ ଖୋଲିବା ପାଇଁ ମନସ୍ଥ କଲେଣି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱଳ୍ପ ସଞ୍ଚୟ ଉପରେ ଗୁରୁତ୍ୱ ଦେଉଥିବା ବେଳେ ପୋଷ୍ଟ ଅଫିସର ଏପରି ସେବା ଯୋଗୁ ସ୍ୱଳ୍ପ ସଞ୍ଚୟ ସେବା ଉପରେ ମଧ୍ୟ ପ୍ରଭାବ ପଡ଼ିବାରେ ଲାଗିଛି। ୮ ଦିନ ହେଲାଣି ତାର କଟି ଯାଇଥିବା ସତ୍ତ୍ୱେ ବିଏସଏନ୍ଏଲର କର୍ମଚାରୀମାନେ ତାରକୁ ସଜାଡି ପାରୁନାହାନ୍ତି। ତାହା ସେମାନଙ୍କ ପାରିବା ପଣିଆ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଉମରକୋଟ ପୋଷ୍ଟ ଅଫିସରେ ୮ ଦିନ ହେଲାଣି ସେବା ବନ୍ଦ ହେବା ଯୋଗୁ ଗ୍ରାହକ ଅସୁବିଧାର ସମ୍ମୁଖୀନ ହେଉଥିବା ଜାଣିକି ମଧ୍ୟ ଗାଢ଼ନିଦ୍ରାରେ ଶୋଇକି ରହିଛି ବିଭାଗର ବଡ଼ବାବୁ ମାନେ। ଜୟପୁର ଠାରେ ଥିବା ପୋଷ୍ଟ ଅଫିସର ଡେପୁଟି ସୁପରିଟେଡେଣ୍ଟ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କୁ ପଚାରିବାରୁ ଇନ୍ସପେକ୍ଟରଙ୍କୁ କହିଛି ଦେଖିବା ପାଇଁ କହି ହାଲକା ଭାବରେ ଉତ୍ତର ଦେଇ ଥିଲେ। ଅପରପକ୍ଷରେ ଉମରକୋଟ ଠାରେ ଥିବା ପୋଷ୍ଟାଲ୍ ଇନ୍ସପେକ୍ଟର ରବୀନ୍ଦ୍ର ବେହେରାଙ୍କୁ ପଚାରିବାରୁ ଏହା ମୋ କାମ ନାହିଁ କିନ୍ତୁ ଜୟପୁର ଥରେ ଥିବା ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଛି ବୋଲି କହିଛନ୍ତି। ତୁରନ୍ତ ଡାକ ବିଭାଗ ଉମରକୋଟର ମୁଖ୍ୟ ଡାକ ଘରେ ବିକଳ୍ପ ଇଣ୍ଟରନେଟ ସେବା ପ୍ରଦାନ କରୁ ନଚେତ ଦୀର୍ଘ ଦିନ ଧରି ସୁନାମ ଥିବା ଡିଏନ୍‌କେ ପୋଷ୍ଟ ଅଫିସ ପ୍ରତି ଲୋକ ବିମୁଖ ହେଇ ଗ୍ରାହକ ମାନେ ବ୍ୟାଙ୍କ ଆଡକୁ ମୁହାଁଇବେ ଓ ଏହି ପୋଷ୍ଟ ଅଫିସଟି ଦିନେ ଇତିହାସରେ ରହିଯିବ ଏଥିରେ ତିଳେ ହେଲେ ଆଉ ସନ୍ଦେହ ନାହିଁ।

# ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନା ଅର୍ଥ ନେଉଛି ମେସିନ ମାଲିକ, ଦାଦନ ଯାଉଛି ଶ୍ରମିକ

କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ବିଭିନ୍ନ ସମୟରେ ବହୁ ଖବର କାଗଜରେ ପଢିବାକୁ ମିଳୁଛି କି 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା' ମାଧ୍ୟମରେ ଆସିଥିବା କାମ ଗୁଡିକରେ ଶ୍ରମିକ ବଦଳରେ ମେସିନ ସାହାଯ୍ୟରେ ହେଉଛି। ହେଲେ ଏବେ ଏମିତି ଗୋଟିଏ କାମ ଦେଖିବାକୁ ମିଳିଛି, 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା' ମାଧ୍ୟମରେ ଆସିଥିବା ଅର୍ଥ ଶେଷ ଗ୍ରାମରେ ୨୦୨୩-୨୦୨୪ରେ ରିନୋଭେସନ ଟ୍ୟାଙ୍କ ନିମନ୍ତେ 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା'ଯୋଜନା ମାଧ୍ୟମରେ ଆସିଥିବା ଅର୍ଥ ଜୁନ୨୦୨୩ ଠାରୁ ଜୁଲାଇ୨୦୨୩ ମଧ୍ୟରେ ୨୨୬୨ଦିନ ଶ୍ରମିକ କାର୍ଯ୍ୟ କରିବା ସହିତ ଶ୍ରମ ବାବଦକୁ ପାଇଚିଛନ୍ତି ୫୩୬୦୯୪ଟଙ୍କା। ଉକ୍ତ କାର୍ଯ୍ୟର ବଳକା ଅର୍ଥ ତିନି ବର୍ଷ ପରେ ମଧ୍ୟ



ନହେଉଣୁ ପୁଣି ଠାରେ ସେହି କାମକୁ ଅନ୍ୟ ଏକ ଯୋଜନା ମାଧ୍ୟମରେ ସ୍ଥାନୀୟ ପ୍ରଶାସନ ଅର୍ଥ ମଞ୍ଜୁର କରିବା ସହିତ ମେସିନ ସାହାଯ୍ୟରେ ଉକ୍ତ ଅଧୁରା କାମକୁ କରାଉଛନ୍ତି ବ୍ଲକ ପ୍ରଶାସନ । ଏମିତି ଏକ କାମ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଚିତାପରି-୩ ଗ୍ରାମ ପଞ୍ଚାୟତ ଅଧୀନ ଏମଭି-୧୦୮ ଗ୍ରାମରେ। ଉକ୍ତ ଗ୍ରାମରେ ଆର୍ଥିକ ବର୍ଷ ୨୦୨୩-୨୦୨୪ରେ ରିନୋଭେସନ ଟ୍ୟାଙ୍କ ନିମନ୍ତେ 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା' ମାଧ୍ୟମରେ କାର୍ଯ୍ୟ କୋର୍ଡ ନଂ-୨୪୩୧୦୧୩୦୦୩/ଡବ୍ଲୁଏଚ୍ /୧୦୫୨୨୨୯୧ରେ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆସିଥିଲା । ଯାହାକି ସ୍ଥାନୀୟ ଶ୍ରମିକ ଶ୍ରେଣୀର ପରିବାରକୁ ବାର୍ଷିକ ୧୦୦ଦିନର କାମ ଯୋଗାଇ ଦେବା ନିମନ୍ତେ ସରକାର ଏହି ଯୋଜନା ମାଧ୍ୟମରେ ଦେଇଥାନ୍ତି। କିନ୍ତୁ କିଛି ଅଧିକାରୀ ଏବଂ ମେସିନ ମାଲିକଙ୍କ ମଧୁ ଚନ୍ଦ୍ରିକା ହେତୁ ଶ୍ରମିକଟିଏ ନିଜ ଅଞ୍ଚଳରେ କାମ ନପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ବାଧ ହେଉଛି । ଏହିପରି ସ୍ଥିତିରେ ଏମଭି-୧୦୮ ସରିନଥିବା ବେଳେ ବର୍ତ୍ତମାନ ସେହି ପୋଖରରୀରେ ଗ୍ରାଣ୍ଟ ଇନ୍ ଏଡ ମାଧ୍ୟମରେ ୫ଲକ୍ଷ ଟଙ୍କା ମଞ୍ଜୁର କରିବା ସହିତ ମେସିନ ସାହାଯ୍ୟରେ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି । ଏନେଇ ଆମେ କୋରୁକୋଣ୍ଡା ବ୍ଲକ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେକି ଏହି ଗ୍ରାଣ୍ଟ ଇନ୍ ଏଡ କାର୍ଯ୍ୟରେ ମେସିନ ବ୍ୟବହାର କରିପାରିବେ। ୨୦୨୩-୨୦୨୪ ମସିହା ଆର୍ଥିକ ବର୍ଷରେ 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା' ମାଧ୍ୟମରେ ଆସିଥିବା ଅର୍ଥ ଶେଷ ହୋଇନଥିବା କଥାକୁ ଯନ୍ତ୍ରୀଙ୍କୁ ଅବଗତ କରାଇବାରୁ ସେ କହିଥିଲେକି ଯଦି ଶେଷ ହୋଇନି ନହେଉ ଏକାମ ରେ କିନ୍ତୁ ମେସିନ ବ୍ୟବହାର କରି ପାରିବେ । ଏନେଇ ଆମେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେକି ଏନେଇ ମୁଁ ଜାଣିନି। ଅନୁଧ୍ୟାନ କରି କହିବି କହିଥିଲେ। ଏବେ ଦେଖିବାର ବାକି ରହିଲା ଶ୍ରମିକ ପରିବାର ନିମନ୍ତେ ଆସିଥିବା ସରକାରୀ ଅର୍ଥ ସଠିକ୍ ଉପଯୋଗ ହେଉଛି କି ନାହିଁ।

# ଭଙ୍ଗା କୁଡ଼ିଆରେ ବିତୁଛି ଲୋମଶ କନ୍ୟା ରେବତୀଙ୍କ ଜୀବନ

## ସରକାରୀ ପ୍ରତିଶ୍ରୁତି ପାଣିର ଗାର

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ତଳ ଗାଁ ପଂଚାୟତର ଖଳି ସାହି ଦିନେ ଚର୍ଚ୍ଚାର ପରିସରକୁ ଆସିଥିଲା। ନିଜ ବିସ୍ମୟ ଚେହେରା ପାଇଁ ସାରା ଦେଶରେ ଚର୍ଚ୍ଚାକୁ ଆସିଥିଲେ ଲୋମଶକନ୍ୟା ରେବତୀ। ୫ ବର୍ଷ ତଳେ ମାଳ ମାଳ ସରକାରୀ ବାବୁ ଆସି ଦେଇ ଯାଇଥିଲେ ଅନେକ ପ୍ରତିଶ୍ରୁତି। ମାତ୍ର ଏ ପ୍ରତିଶ୍ରୁତି ଏବେ ପାଣି ଫୋଟକା ପରି ମିଳେଇ ଯାଇଛି। ରୋଗ ଯନ୍ତ୍ରଣାରେ ଜର୍ଜରିତ ହେଉଛନ୍ତି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଉପାନ୍ତ ଅଞ୍ଚଳର ରେବତୀ। ୪ ବର୍ଷ ତଳେ ବାପା-ମା ପରକରି ଆରପାରିକୁ ଚାଲି ଯାଇଥିଲେ। ଏବେ ବେସାହାରା ହୋଇ ଭଙ୍ଗା କୁଡ଼ିଆରେ ଦୁର୍ଦ୍ଦିନରେ କଟୁଛି ଦିନ। ଗାଈ ଚରାଇ ମେଣ୍ଟାଉଛନ୍ତି ଗୁଜୁରାଣ। ସରକାରୀ ସହାୟତା କହିଲେ



ମାସକୁ ମାତ୍ର ମିଳୁଛି ୩୫ କେଜି ଚାଉଳ ଓ ୫ ଶହ ଟଙ୍କା। ହରଭଙ୍ଗା ବ୍ଲକର ତଳ ଗାଁ ପଞ୍ଚାୟତର ଖଳି ସାହିରେ ରୁହନ୍ତି ଲୋମଶକନ୍ୟା ରେବତୀ। ଦେହସାରା ଲୋମ, ମୁହଁ ଦେଖିଲେ ଅବାକ୍ ହୋଇଯିବେ। ଏକଦା ନିଜର ଚେହେରା ପାଇଁ ଜାତୀୟ ଗଣମାଧ୍ୟମର ବେଶ ଚର୍ଚ୍ଚାରେ ଥିଲେ। ହେଲେ ଏହି ଅଦ୍ଭୁତ ଚେହେରା ପାଇଁ ଲୋକେ କାମ ଦେବାକୁ ନାରାଜ। ତେଣୁ ବାଧ୍ୟ ହୋଇ ଗାଁ ଯାକର ଗାଈ ଚରାଇ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି ରେବତୀ। ସେପଟେ ରହିବାକୁ ଘର ଖଣ୍ଡିଏ ନଥିବାରୁ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଦୌଡି ଦୌଡି ନୟାନ୍ତ ହୋଇଗଲେଣି। ହେଲେ କେହି ଗୁହାରୀ ନଶୁଣିବାରୁ ନିଜ ଭାଗ୍ୟକୁ ଆଦରି ଭଙ୍ଗା କୁଡ଼ିଆରେ ଅତି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ସେପଟେ ଚିକିତ୍ସା ସୁବିଧା ନଥିବାରୁ ମୁହଁରେ ମାଂସ ବଢିବାରେ ଲାଗିଛି। ୬ ବର୍ଷ ତଳେ ଜାତୀୟ ଗଣମାଧ୍ୟମରେ ରେବତୀଙ୍କ ଖବର ପ୍ରକାଶ ପାଇଥିଲା। ସେତେ ବେଳେ ଜିଲ୍ଲା ପ୍ରଶାସନ ତାଙ୍କୁ ଚିକିତ୍ସା ପାଇଁ ହାତ ବଢାଇଥିଲା। କାହିଁକି ଦେହସାରା ଲୋମ ହେଉଛି ସ୍ୱାସ୍ଥ୍ୟ ବିଭାଗ ତାର କାରଣ ଖୋଜିଥିଲା। ରାଜ୍ୟ ସରକାର ସହାୟ୍ୟର ହାତ ବଢ଼ାଇବା ପରେ ଚିକିତ୍ସା ପାଇଁ ରେବତୀଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସମସ୍ତ ପରୀକ୍ଷା ନିରୀକ୍ଷା ପରେ ରେବତୀଙ୍କ ରୋଗ ଚିକିତ୍ସା ବିଜ୍ଞାନର ବିରଳତମ ବୋଲି ଡାକ୍ତର ଚିହ୍ନଟ କରିଥିଲେ। ଡାକ୍ତରୀ ଭାଷାରେ ସେ ଆଇଡିଓପେଥିକ୍ ଜିଞ୍ଜାଇଭାଲ ଏନଲାର୍ଜମେଣ୍ଟ (ମାଢ଼ି ବୃଦ୍ଧି) ଓ ହାଇପରଟ୍ରାଇକୋସିସ୍ (ଅସ୍ୱାଭାବିକ ଲୋମ ବୃଦ୍ଧି) ରୋଗରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ କରାଯାଇଥିଲା। କଟକ ବଡ଼ ଡାକ୍ତରଖାନା କର୍ତ୍ତୃପକ୍ଷ ରେବତୀଙ୍କ ଚିକିତ୍ସାକୁ ଏକ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରିଥିଲେ। ତାଙ୍କ ଚିକିତ୍ସାର ସମସ୍ତ ଖର୍ଚ୍ଚ ଡାକ୍ତରଖାନା ବହନ କରିବା ନିଷ୍ପତ୍ତି ହୋଇଥିଲା। ବେଶ କିଛି ଅସ୍ତ୍ରୋପଚାର ପରେ ରେବତୀଙ୍କ ଚେହେରା ସାଧାରଣ ଝିଅ ଭଳି ହେବ ଓ ଲେଜର ଚିକିତ୍ସା ଦ୍ୱାରା ଅବାଞ୍ଛିତ ଲୋମ ବୃଦ୍ଧି ବନ୍ଦ ହେବ ବୋଲି ଚିକିତ୍ସା କରୁଥିବା ଡାକ୍ତର ପରିବାର ଲୋକଙ୍କୁ କହିଥିଲେ। କିନ୍ତୁ କିଛି ଦିନ ନିଜ ହେପାଜତରେ ରଖି ଚିକିତ୍ସା କରିବା ପରେ ତାଙ୍କୁ ଛାଡିଥିଲା ସ୍ୱାସ୍ଥ୍ୟ ବିଭାଗ। ଏବେ ଆଦିବାସୀ ଲୋମଶ କନ୍ୟା ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ଘର ଖଣ୍ଡେ ପାଇଁ ବାରଦୁଆର ହେବାକୁ ପଡୁଛି। ଘର ଖଣ୍ଡେ ମିଳିଲେ ରେବତୀ ଉପକୃତ ହେବେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ରେବତୀଙ୍କ ପ୍ରସଙ୍ଗରେ ପ୍ରଶାସନ ମୁହଁ ଖୋଲିବାକୁ ମନା କରିଦେଇଛି। ଏ ବାବଦରେ ହରଭଙ୍ଗା ବିଡିଓ ଶରତ କୁମାର ସେଠି କହିଛନ୍ତି ରେବତୀଙ୍କୁ ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇ ଦିଆଯାଇଛି। ଜନ ସାଧାରଣ ପକ୍ଷରୁ ରେବତୀଙ୍କୁ ରାଜ୍ୟ ସରକାର ପୁନର୍ବାର ଚିକିତ୍ସା ସେବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।



ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଅନ୍ତର୍ଗତ କଳାଙ୍ଗ ପଞ୍ଚାୟତର କଳାଙ୍ଗ ଠାରୁ ଗୋବର୍ଦ୍ଧନପୁର ଭାୟା ଦଳେଇସାହି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଗତ ୩ବର୍ଷ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗପକ୍ଷରୁ ନିର୍ମାଣଆରମ୍ଭ ହୋଇଥିଲା। ୧ କୋଟି ୯୬ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନରେ ଏହି ୩.୮୬କି.ମି ଲମ୍ବ ରାସ୍ତା ନିର୍ମାଣ ମଧ୍ୟରେ ବିଭିନ୍ନ ସ୍ଥାନରେ ୬ଟି କଲଭର୍ଟ ନିର୍ମାଣ ସହ ସ୍ଥାନେସ୍ଥାନେ ସିମେଣ୍ଟ କଂକ୍ରିଟ ଓ ପିଚୁରାସ୍ତା କରିବାପାଇଁ ପ୍ରାବଧାନ ଥିଲା। ୫ଟି ପଞ୍ଚାୟତର ୧୦ହଜାରରୁ ଉର୍ଦ୍ଧ ଲୋକ ମାନେ ଉପକୃତ ହେବାକୁ ଥିବା ଏହି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନଥିବା ବେଳେ ଏହାକୁ ତରବରିଆ ଭାବେ ଉଦଘାଟନ କରିବାନେଇ ସଂପୃକ୍ତ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଉଦ୍ଘାଟନ ଫଳକରେ ସ୍ଥାନୀୟ ବିଧାୟକ,ବ୍ଲକ ଅଧକ୍ଷା,ଜିଲ୍ଲାପରିଷଦ ସଭ୍ୟା ଦଳେଇସାହି ଓ କଳାଙ୍ଗ ପଞ୍ଚାୟତ ସରପଞ୍ଚ,ସମିତି ମେମ୍ବରଙ୍କ ନାମ ଉଲ୍ଲେଖ ଥିବାବେଳେ ସେମାନେଙ୍କ ଅନୁପସ୍ଥିତିରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ,ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଓ ବେଗୁନିଆର ପରାଜିତ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି ପ୍ରମୁଖ ନିଜ ସମର୍ଥକଙ୍କ ଗହଣରେ ଶୁକ୍ରବାର ଏହି ଅଧାପନ୍ତରିଆ ରାସ୍ତାକୁ ଉଦ୍ଘାଟନ କରିଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଉଷ୍ମତା ଅନୁଭୂତ ହୋଇଛି। ଏହି ଅଂସପୂର୍ଣ୍ଣ ରାସ୍ତାକୁ ଆସନ୍ତା ୩ମାସ ମଧ୍ୟରେ ସଂପୂର୍ଣ୍ଣ କରାଯିବ ବୋଲି ଏମପି ପ୍ରତିଶ୍ରୁତି ପ୍ରଦାନ କରିଥିବାବେଳେ କେଉଁ ପରିସ୍ଥିତିରେ ଏହି ରାସ୍ତା ଲୋକାର୍ପିତ କରାଗଲା ବୋଲି ଉଭୟ ପଞ୍ଚାୟତର ସରପଞ୍ଚ,ସମିତିମେମ୍ବର, କଳାଙ୍ଗ ଗ୍ରାମ ସଭାପତି ଓ ଅନ୍ୟମାନେ ପ୍ରଶ୍ନ ପଚାରିଛନ୍ତି। ସୂଚନା ଥାଉକି ରାସ୍ତାଟିର କିଛି ଅଂଶ ବ୍ୟକ୍ତିଗତ ମାଲିକାନାରେ ଥିବାବେଳେ ତାରକୌଣସି ସମାଧାନ ହୋଇ ନାହିଁ ଏବଂ ନିର୍ମାଣ ହେବାକୁଥିବା ସିମେଣ୍ଟ କଂକ୍ରିଟ ରାସ୍ତା ଓ କଲଭର୍ଟ ଗୁଡ଼ିକ ନିର୍ମାଣ ହୋଇନାହିଁ।



# ଯୋଗ: ସମସ୍ତଙ୍କ ପାଇଁ ଶକ୍ତିର ଅଫୁରନ୍ତ ଉତ୍ସ : ସ୍ମୃତି ସାଗରିକା କାନୁନଗୋ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଆନ୍ତର୍ଜାତୀୟ ଯୋଗ ଦିବସ, କେବଳ ୫,୦୦୦ ବର୍ଷ ପୁରୁଣା ପରମ୍ପରାର ଏକ ଉତ୍ସବ ନୁହେଁ - ଏହା ଆଜିର ଦ୍ରୁତ ଗତିଶୀଳ ବିଶ୍ୱରେ ସାମଗ୍ରିକ ସ୍ୱାସ୍ଥ୍ୟର ଗୁରୁତ୍ୱର ଏକ ସମୟୋଚିତ ସ୍ମରଣକାରୀ ମୁହୂର୍ତ୍ତ । ଆଧୁନିକ ଜୀବନର ଚାପ, ଜୀବନଶୈଳୀ ଜନିତ ରୋଗ ଏବଂ ଭାବପ୍ରବଣତା ଅଶାନ୍ତି ବୃଦ୍ଧିର ପ୍ରମୁଖ କାରଣ ହୋଇଥିବାରୁ ଯୋଗ ଶାରୀରିକ ଜୀବନଶକ୍ତି, ମାନସିକ ଶାନ୍ତି ଭାବପ୍ରବଣତା ଉପରେ ଆଧାରିତ ନିୟନ୍ତ୍ରଣ ଓ ସ୍ଥିରତା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଉଭା ହୋଇଛି। ଯୋଗ: ଏକ ସାର୍ବଜନୀନ ସୁସ୍ଥତା ପାଇଁ ଧାରାବାହିକ ଅଭ୍ୟାସ । ଯୋଗର ଜନ୍ମ ଭୂମି ଭାରତ । ଯୋଗ କେବଳ ଶାରୀରିକ ବ୍ୟାୟାମ ନୁହେଁ ବରଂ ଏହା ନିରାମୟ ଜୀବନର ଯାପନର ଏକ ବୈଜ୍ଞାନିକ ଉପାୟ। ଏହା ଶାରୀରିକ ଆସନ (ଆସନ), ଶ୍ୱାସ କୌଶଳ (ପ୍ରାଣାୟମ) ଏବଂ ଧ୍ୟାନ (ଧ୍ୟାନ) ର ମିଶ୍ରଣ ମାଧ୍ୟମରେ ଶରୀର, ମନ ଏବଂ ଆତ୍ମାକୁ ସମନ୍ୱିତ କରେ। ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଶାରୀରିକ ସୁସ୍ଥତା ଏବଂ ନମନୀୟତା ବୃଦ୍ଧି, ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ସ୍ୱାସ୍ଥ୍ୟରେ ଉନ୍ନତି, ଚାପ, ଚିନ୍ତା ଏବଂ ଅବସାଦ ହ୍ରାସ, ଓଜନ ପରିଚାଳନା ଏବଂ କୋଷ ବିଭାଜନ ରେ ସନ୍ତୁଳନ ସୁରକ୍ଷା, ଶାନ୍ତ ନିଦ୍ରା ଏବଂ ସାମଗ୍ରିକ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ । ଏବେ ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ଚିନ୍ତା ପରି ଅଣ-ସଂକ୍ରମଣକାରୀ ରୋଗ ବୃଦ୍ଧି ପାଇବାରେ ଲାଗିଛି । ସୁସ୍ଥ ସମାଜ ଗଠନ ପାଇଁ ଯୋଗ ଏକ ସୁଲଭ ଏବଂ ପ୍ରଭାବଶାଳୀ ମାଧ୍ୟମ । ଯୋଗର ସାଧାରଣ ଲାଭଗୁଡ଼ିକ ଜଣାଶୁଣା ହେଲେ ମଧ୍ୟ, ଏଚ୍‌ଆଇଭି/ଏଡ୍ସ ସହିତ ବଞ୍ଚୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ। ଏଚଆଇଭି ସହିତ ବଞ୍ଚିବା କେବଳ ଏକ ଅବସ୍ଥା ନୁହେଁ - ଏହା ଭାବପ୍ରବଣ, ଶାରୀରିକ ଏବଂ ସାମାଜିକ ଚାଲେଞ୍ଜ ଆଣିଥାଏ ଯାହା ପାଇଁ ଏକ ସାମଗ୍ରିକ ଯତ୍ନ ଆବଶ୍ୟକ । କିଛି ଯୋଗିକ ଆସନ ଏବଂ ଶ୍ୱାସକ୍ରିୟା ଅଭ୍ୟାସ ରକ୍ତ ସଞ୍ଚାଳନ ଏବଂ ଅମ୍ଳଜାନ ବୃଦ୍ଧି କରେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଯୋଗ, ଭାବପ୍ରବଣ ସନ୍ତୁଳନକୁ ବୃଦ୍ଧି କରେ। କ୍ଲାନ୍ତ ହ୍ରାସ କରିବାରେ ସାହାଯ୍ୟ କରେ ଏବଂ ଯନ୍ତ୍ରଣାକୁ କମ କରେ । ନିୟମିତ ଯୋଗ ଅଭ୍ୟାସ ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଡିପ୍ରେସନର ଲକ୍ଷଣକୁ ହ୍ରାସ କରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହଯୋଗ କରେ। ଯଦିଓ ଏହା ଚିକିତ୍ସାର ବିକଳ୍ପ ନୁହେଁ, ଯୋଗ ଜୀବନର ଗୁଣବତ୍ତା ବୃଦ୍ଧି କରିପାରିବ ଏବଂ ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିପାରିବ। ସାରା ବିଶ୍ୱରେ ଗବେଷଣା ଏବଂ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଅଭିଜ୍ଞତା ଯୋଗକୁ ଏଚଆଇଭି ଯତ୍ନ କାର୍ଯ୍ୟକ୍ରମରେ ଏକ ସମନ୍ୱିତ ସ୍ୱାସ୍ଥ୍ୟ ହସ୍ତକ୍ଷେପ ଭାବରେ ସ୍ୱୀକାର କରିବାକୁ ଆରମ୍ଭ କରିଛି। ଏହା ବୟସ, ଲିଙ୍ଗ, ଧର୍ମ, ଆର୍ଥିକ ସ୍ଥିତି ସମସ୍ତଂକ ପାଇଁ ଯୋଗର ବାର୍ତ୍ତା ସାର୍ବଜନୀନ ।ଏଚଆଇଭି/ଏଡ୍ସ ସହିତ ବଞ୍ଚୁଥିବା ଲୋକଙ୍କ ପାଇଁ, ଏହା ମର୍ଯ୍ୟାଦା, ସଶକ୍ତିକରଣର ପଥ ପ୍ରଦର୍ଶନ କରେ। ଭାରତ ବିଶ୍ୱ ଯୋଗ ଆନ୍ଦୋଳନର ନେତୃତ୍ୱ ନେବା ଜାରି ରଖିଥିବାରୁ, ଏହାକୁ ସ୍କୁଲ, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ସଂଯୋଜିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଗୋଟିଏ ସ୍ୱାସ୍ଥ୍ୟ, ଗୋଟିଏ ମାନବତା ପାଇଁ ଯୋଗ : ଆମେ ୨୦୨୫ ମସିହାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରୁଥିବା ସମୟରେ, 'ଏକ ପୃଥିବୀ ପାଇଁ ଯୋଗ, ଗୋଟିଏ ସ୍ୱାସ୍ଥ୍ୟ' ବିଷୟବସ୍ତୁ ଆମକୁ ମନେ ପକାଇ ଦେଉଛି ଯେ ସ୍ୱାସ୍ଥ୍ୟ ଏକ ସାମୂହିକ ଯାତ୍ରା। ଆପଣ ଜଣେ ଛାତ୍ର, ବୃତ୍ତିଗତ, ଗୃହିଣୀ, କିମ୍ବା ଦୀର୍ଘକାଳୀନ ରୋଗରେ ପୀଡ଼ିତ ହୁଅନ୍ତୁ ନା କାହିଁକି, ଯୋଗ ଆପଣଙ୍କୁ ସୁସ୍ଥତା ପ୍ରଦାନ କରିବା ପାଇଁ ଅଛି। ପ୍ରଧାନମନ୍ତ୍ରୀଙ୍କ ଭାଷାରେ: 'ଯୋଗ ଏକ ପ୍ରାଚୀନ ଅଭ୍ୟାସ ଯାହା ଆମକୁ ବର୍ତ୍ତମାନର ମୁହୂର୍ତ୍ତ ସହିତ ଯୋଡେ। ଏହା ଆମକୁ ନିଜ ସହିତ, ଅନ୍ୟମାନଙ୍କ ସହିତ ଏବଂ ପ୍ରକୃତି ସହିତ ସମନ୍ୱୟରେ ରହିବାରେ ସାହାଯ୍ୟ କରେ।' ଆସନ୍ତୁ ଆମେ ଯୋଗକୁ କେବଳ ଗୋଟିଏ ଦିନ ପାଇଁ ଏକ ରୀତି ଭାବରେ ନୁହେଁ, ବରଂ ନିଜ ପାଇଁ ଏବଂ ଆମର ସାମୂହିକ ମଙ୍ଗଳ ପାଇଁ ଏକ ଦୈନନ୍ଦିନ ନିବେଶ ଭାବରେ ଗ୍ରହଣ କରିବା ନିଜେ ସୁସ୍ଥ ରହି ସମାଜ ଓ ଦେଶ ର ମାନବିକ ସମ୍ବଳକୁ ଶକ୍ତିମାନରେ ସ୍ୱୟଂସିଦ୍ଧ ହେବା ।

# ପୋଲିସ କମିସନରେଟ୍ ଓ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ବିଶ୍ୱ ବୟୋବୃଦ୍ଧ ଶୋଷଣ ସଚେତନତା ଦିବସ ପାଳିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ରାଜ୍ୟ ସ୍ତରୀୟବିଶ୍ୱବୟୋବୃଦ୍ଧ ଶୋଷଣ ସଚେତନତା ଦିବସ ସ୍ଥାନୀୟ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟ, ୟୁନିଟ ୪ , ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟର କୋଣ ଅନୁକୋଣରୁ ଯୋଗ ଦେଇଥିବା ତିନି ଶହରୁ ଉର୍ଦ୍ଧ୍ୱ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକ ମଞ୍ଚ ମାନଙ୍କର ପ୍ରତିନିଧିମାନଙ୍କ ପାଇଁ ପୋଲିସ କମିସନରେଟ୍ ପକ୍ଷରୁ ସାଇବର ଅପରାଧ, ସୁରକ୍ଷା ଓ ନିବାରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଏସିପି ସୁଚିସ୍ମିତା ଦାସ, ଆଇଟି ଓ ସୋସିଆଲ ମିଡ଼ିଆ ସେଲ ପରିଚାଳନା କରିବା ସଙ୍ଗେ ସଙ୍ଗେ ଉପସ୍ଥିତ ବ୍ୟକ୍ତିମାନଙ୍କୁ ସାଇବର ସୁରକ୍ଷା ସମ୍ବନ୍ଧୀୟ ପ୍ରଚାରପତ୍ର ବଣ୍ଟନ କରଯାଇଥିଲା। ଏହି ଅବସରରେ ପୋଲିସ କମିଶନର ଡ. ସୁରେଶ ଦେବଦତ୍ତ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ସହଯୋଗ ପାଇଁ ପୋଲିସ କମିସନରେଟର ପ୍ରତିବଦ୍ଧତା ତଥା ପୋଲିସର ସାମାଜିକ ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ରାଜ୍ୟ ସଭାପତି ଡ. ପ୍ରସନ୍ନ କୁମାର ଦାସ ,ରାଜ୍ୟ ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ ତଥା ଅନ୍ୟ କର୍ମକର୍ତ୍ତା ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ତତ୍ତ୍ୱାବଧାନରେ ଏହିକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରାକ୍ତନ ସମିତି ଉପାଧ୍ୟକ୍ଷ ବିଷ୍ଣୁ ମହାପାତ୍ର ବିଜେପିରେ ମିଶିବେ !

ବିଞ୍ଝାରପୁର (ଭାସ୍କର ନ୍ୟୁଜ): ଦଶରଥପୁର ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ତଥା ଗ୍ରାମ ନନ୍ଦିପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ବିଷ୍ଣୁ ଚରଣ ମହାପାତ୍ର ବିଜେପିରେ ମିଶିବା ବୃତ୍ତାନ୍ତ। ଆସନ୍ତା କାଲି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ହେବାକୁ ଥିବା ମହାମିଶ୍ରଣ ପର୍ବରେ ଶ୍ରୀ ମହାପାତ୍ର ଓ ତାଙ୍କର ହଜାରେ ପାଖାପାଖି ସମର୍ଥକ ଆନୁଷ୍ଠାନିକ ଭାବେ ଗେରୁଆ ଦଳରେ ମିଶିବେ। ସେଥିପାଇଁ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି। ବହୁ ବୁଦ୍ଧିଜୀବି, ନିର୍ବାଚିତ ଜନପ୍ରତିନିଧି, ସେବା ନିବୃତ ସରକାରୀ ଅଧିକାରୀ, ମିଶ୍ରଣ ପର୍ବରେ ସାମିଲ ହେବେ ବୋଲି ଯୁବ ନେତା ଜୟନ୍ତ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି । ଶ୍ରୀ ମହାପାତ୍ର ବର୍ଷକ ପୂର୍ବରୁ ବିଜେଡ଼ିର ଜଣେ ଆଗ ଧାଡ଼ିର ନେତା ଥିଲେ। ତାଙ୍କ ମିଶ୍ରଣକୁ ନେଇ ଦଳ ଭିତରେ ତୁ ତୁ ମେଁ ମେଁ ଲାଗି ରହିଥିଲା। ତେବେ ବିଜେପି ନେତ୍ରୀ ବବିତା



ମଲ୍ଲିକଙ୍କ ସବୁଜ ସଂକେତ ପରେ ଦଳୀୟ ହାଇକମାଣ୍ଡ ପକ୍ଷରୁ ଏହି ମିଶ୍ରଣ ପର୍ବ ହେବାକୁ ଯାଉଛି। ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ଜଣେ ଟାଣୁଆ ରାଜନେତା ଭାବେ ଶ୍ରୀ ମହାପାତ୍ର ବେଶ୍ ଜଣାଶୁଣା। ତାଙ୍କ ଯୋଗଦାନ ଦଳକୁ ପୂର୍ବାପେକ୍ଷା ଅଧିକ ସଙ୍ଗଠିତ ଓ ମଜବୁତ୍ କରିବ ଏହା ନିସନ୍ଦେହ । ନନ୍ଦିପୁର୍, ବିରୁହାଁ ସମେତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକର ୧୫ ପଞ୍ଚାୟତରେ ଶ୍ରୀ ମହାପାତ୍ରଙ୍କ ଦବ ଦବା ରହିଛି। ତାଙ୍କର ବିଜେପିରେ ମିଶିବା ବିଜେଡ଼ି ପାଇଁ ମହଙ୍ଗା ପଡ଼ିବ ଏହା ନିଶ୍ଚିନ୍ତ।

# ପୁରୀ ପୋଲିସ ଓ ଏନଜିଓ ସଂଗଠନ ସହିତ ରଥଯାତ୍ରା ପାଇଁ ବୈଠକ

ପୁରୀ (ଭାସ୍କର ନ୍ୟୁଜ) : ପ୍ରସ୍ତୁତି ଚର୍ଚ୍ଚା ସଭାରେ ଏସ୍ପି ପୁରୀ ବିନୀତ ଅଗ୍ରୱାଲ ଆଇପିଏସ୍‌ଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ ଅନୁଷ୍ଠିତ ହେଲା। ଏହି ସଭାରେ ପୁରୀ ରଥଯାତ୍ରା ୨୦୨୫ ସମୟରେ ସେବାଦାନ କରୁଥିବା ୪୬୯ଟି ଏନଜିଓଙ୍କ ପ୍ରତିନିଧିମାନେ (ଅଧ୍ୟକ୍ଷ, ସଚିବ ଓ ସଦସ୍ୟ) ଉପସ୍ଥିତ ଥିଲେ। ସଭାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରତାପ, ଡିସି ଜିତେନ୍ଦ୍ର କୁମାର ଦେହୁରୀ, ଟ୍ରାଫିକ ଡିସପି ରାଜକୁମାର ପରିଡ଼ା, ସିଂହଦ୍ୱାର, ଟାଉନ୍, କୁମ୍ଭରପଡ଼ା ଓ ସମୁଦ୍ରକୁଳ ପୋଲିସ ଥାନା ଅଧିକାରୀ ଉପସ୍ଥିତ ରହିଥିଲେ। . ବଡଦାଣ୍ଡ ରାସ୍ତା ଜାମ୍ ନ ହେବାକୁ ଦେବା ଏବଂ ଅନାବଶ୍ୟକ ବସ୍ତୁ ରାସ୍ତାରେ ନ ରଖିବାକୁ ଅନୁରୋଧ। ଖାଦ୍ୟ ଓ ପାନୀୟ ବଣ୍ଟନ ସମୟରେ ସଫା ସୁତୁରା ଓ ପରିଚ୍ଛନ୍ନତା ରଖିବା। ସାଧାରଣ କର୍ଡନ ଏରିଆରେ ଅନାବଶ୍ୟକ ଭାବରେ ପ୍ରବେଶ କରିବା ନିଷିଦ୍ଧ। ଜରୁରୀକାଳୀନ ଗାଡ଼ି ଚଳାଚଳ ପାଇଁ ବଡଦାଣ୍ଡରେ ସହଯୋଗ ସତର୍କତା ସହିତ କରିବା। ଭାରି ତାପମାନ ସମୟରେ ଭକ୍ତଙ୍କୁ ପାଣି ଛିଟା ଦେଇ ରାହତ ଦେବା ବେଳେ ସତର୍କତା ରଖିବା କୌଣସି ଭକ୍ତଙ୍କ ଆଖିରେ ପାଣି ପଡି ଆଘାତ ନ ହୁଅନ୍ତୁ । ଗରମ ଖାଦ୍ୟ ଠିକ୍ ଭାବେ ରଖିବା, ଯାହା ଭକ୍ତଙ୍କୁ ଛୁଇଁ ବା ଜଳିବା ସମସ୍ୟା ନ ହୁଏ। ବାହନ ବା ଅନ୍ୟାନ୍ୟ ବସ୍ତୁ ଅନ୍ୟାବଶ୍ୟକ ଭାବରେ ବଡଦାଣ୍ଡରେ ରଖି ଭକ୍ତମାନେ ପାଇଁ ବାଧା ସୃଷ୍ଟି କରିବା ନିଷିଦ୍ଧ। ଖାଦ୍ୟ ବଣ୍ଟନ କରୁଥିବା ଏନଜିଓମାନେ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ରକ୍ଷା ମାନଦଣ୍ଡ ଅନୁସରଣ କରିବେ। ପ୍ରଥମିକ ଚିକିତ୍ସା ସେବାରେ ବ୍ୟବହୃତ ଇଞ୍ଜେକସନ୍, ସିରିଞ୍ଜ ଓ ନିଡେଲ୍ ଠିକ୍ ଭାବେ ରଖିବା। ଏନଜିଓ ଆମ୍ବୁଲାନ୍ସ ସେବା ନିର୍ଦ୍ଦିଷ୍ଟ ଅଞ୍ଚଳରେ ପାର୍କିଂ କରିବେ ଏବଂ ନିୟମ ଅନୁସରଣ କରିବେ। ସ୍ଟ୍ରେଚର୍ ସେବା ଦେଇଥିବା ସମୟରେ ଭକ୍ତମାନେ କୌଣସି ଅସୁବିଧା ନ ହୁଅନ୍ତୁ ସାବଧାନ ହେବା। ପ୍ଲାଷ୍ଟିକ ବ୍ୟବ ?ହାର କମ କରିବା ତା ପାଇଁ ସଚେତନତା କରିବା। ବିଶ୍ରାମ ଶିବିର ସଫା ଓ ସୁସଜ୍ଜିତ ରଖିବା। ଶୌଚାଳୟ ସେବା ପାଇଁ ଅତିରିକ୍ତ ସହଯୋଗ ଦେବା । ହଜିଯାଇଥିବା ଶିଶୁ/ବୃଦ୍ଧ ବ୍ୟକ୍ତିଙ୍କୁ ଥାନାରେ ଯୋଗାଯୋଗ କରାଇବା।ଏସ୍ପି ପୁରୀ ବିନୀତ ଅଗ୍ରୱାଲ ଆଇପିଏସ୍ କହିଛନ୍ତି: 'ରଥଯାତ୍ରା ହେଉଛି ଆମ ସମସ୍ତଙ୍କ ପବିତ୍ର ଉତ୍ସବ। ଏହାକୁ ସଫଳ କରିବା ପାଇଁ ଏନଜିଓମାନଙ୍କ ସେବାଦାନ ଅମୂଲ୍ୟ। ଆପଣମାନେ ଭାବନା ଓ ସମର୍ପଣ ନେଇ ଯେମିତି ଅଗ୍ରସର ହେଉଛନ୍ତି, ସେଥିପାଇଁ ପୁରୀ ପୋଲିସ ଏବଂ ଭକ୍ତମାନେ ଆପଣମାନଙ୍କୁ ଶତଶଃ ଧନ୍ୟବାଦ ଜଣାଉଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Chatrapur, dated: 21.06.2025, I Bunga Swaroopa, Address: At- Podampeta, Po- Humma, Ps- Rambha, Dist- Ganjam, Odisha, PIN-761027, declare that I have changed my name from Bunga Saraswati to Bunga Swaroopa. Henceforth, I shall be known as Bunga Swaroopa for all purposes.

**Sd/- Bunga Swaroopa**

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଯୋଗ ହେଉଛି...

କରିପାରେ। ବିଶ୍ୱରେ ଯୋଗର ପ୍ରସାର ପାଇଁ ଭାରତ ଆଧୁନିକ ଗବେଷଣା ମାଧ୍ୟମରେ ଯୋଗ ବିଜ୍ଞାନକୁ ଆହୁରି ମଜବୁତ କରୁଛି। ଚଳିତବର୍ଷର ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ଥିଲା ଏକ ପୃଥିବୀ ପାଇଁ ଯୋଗ, ଏକ ସ୍ୱାସ୍ଥ୍ୟପାଇଁ ଯୋଗ। ଏହି ବିଷୟବସ୍ତୁ ଏକ ଗଭୀର ସତ୍ୟକୁ ପ୍ରତିଫଳିତ କରେ ବୋଲି ମୋଦୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ.ଚନ୍ଦ୍ରବାବୁ ନାଇଡୁ ଏବଂ ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କ ସମେତ ବହୁ ଲୋକ ସାମିଲ ହୋଇଥିଲେ।

### ଗାଁରେ ବାଜିବ...

ବିଶ୍ୱର ଶ୍ରେଷ୍ଠ ତାଲିକାରେ ସ୍ଥାନ ଦେବା, ସମସ୍ତ ୩୧୪ ବ୍ଲକରେ ଆଇଟିଆଇ ପ୍ରତିଷ୍ଠା, ୨୦୪୭ ସୁଦ୍ଧା ଅତି କମ୍‌ରେ ବାର୍ଷିକ ୧ଲକ୍ଷ ଯୁବକ ଯୁବତୀଙ୍କୁ ବିଦେଶରେ ନିଯୁକ୍ତି ଇତ୍ୟାଦି ସାମିଲ ରହିଛି। ୨୦୩୬ ସୁଦ୍ଧା ଉଡାଣ ଯୋଜନାରେ ଓଡ଼ିଶାରେ ୫ଟି ନୂଆ ବିମାନବନ୍ଦର ପ୍ରତିଷ୍ଠା ସହ ରାଜ୍ୟରେ ପରିବହନ ଭିତ୍ତିଭୂମିରେ ବିକାଶ ପାଇଁ ଅନେକ ଯୋଜନା ଆଣୁଛନ୍ତି ମୋହନ ସରକାର।

### ଉଛୁଳୁଛି ସୁବର୍ଣ୍ଣରେଖା...

ପହଞ୍ଚି ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋକେ ସୁରକ୍ଷିତ ସ୍ଥାନକୁ ଆସିବାପାଇଁ ଚାହୁଁଥିଲେ ମଧ୍ୟ ଡଙ୍ଗା ନଥିବାରୁ ଆସିପାରୁ ନାହାନ୍ତି। ସେହିପରି ଭୋଗରାଇର କୁହ୍ଲା ଗାଁରେ ବନ୍ୟାପାଣିରେ ଜଣେ ଯୁବକ ଭାସି ନିଖୋଜ ଥିବା ସୂଚନା ମିଳିବା ପରେ ତାଙ୍କୁ ଠାବ କରିବା ପାଇଁ ଓଡ୍ରାଫ ଟିମ୍ ଉଦ୍ୟମ ଚଳାଇଛନ୍ତି। ସେହିପରି ସ୍ଥାନୀୟ ତହସିଲଦାର ମଧ୍ୟ ସେଠାରେ ଉପସ୍ଥିତ ରହିଛନ୍ତି। ଜଳସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ଚୌଧୁରୀକୁଦଠାରେ ନଦୀବନ୍ଧ ଉପରେ ବାଲିବସ୍ତା ପକାଯାଇଛି। ସେହିପରି ଜିଲ୍ଲାର ସମସ୍ତ କର୍ମଚାରୀଙ୍କୁ ଛୁଟିକୁ ବାତିଲ କରି ଦିଆଯାଇଛି। ଯେଉଁମାନେ ଛୁଟି ନେଇଛନ୍ତି ସେମାନେ ତୁରନ୍ତ କର୍ମସ୍ଥଳକୁ ଫେରି ଆସିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜରେ ଜଳସ୍ତର ବୃଦ୍ଧି ପାଉଛି। ଫଳରେ ଜଳପତ୍ତନ ହ୍ରାସ କରିବା ପାଇଁ ବ୍ୟାରେଜ କର୍ତ୍ତୃପକ୍ଷ ୬ଟି ଗେଟ୍‌କୁ ଖୋଲିଦେବା ଫଳରେ ସୁବର୍ଣ୍ଣରେଖାରେ ବନ୍ୟାଜଳ ବୃଦ୍ଧି ପାଇଥିବା କୁହାଯାଉଛି। ନଦୀକୂଳିଆ ଅଞ୍ଚଳର ୬୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ୨୩୦ ଗାଁର ଲୋକ ଏହି ବନ୍ୟାରେ ପ୍ରଭାବିତ ହୋଇଥିବା ସୂଚନା ମିଳିଛି।

### ସମସ୍ତଙ୍କ ପାଇଁ...

ନରେନ୍ଦ୍ର ମୋଦୀ ଭାଇଜାଗ ଠାରୁ ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଯୋଗ କେବଳ ଏକ ବ୍ୟାୟମ କିମ୍ବା ଯୋଗକୁ କିଛି ଆସନ ମଧ୍ୟରେ ସୀମିତ ରଖିବା ଉଚିତ ନୁହେଁ। ଶାରୀରିକ ବ୍ୟାୟମ ଠାରୁ ଏହାର ସ୍ଥାନ ବହୁତ ଉଚ୍ଚରେ। ଯୋଗ ହେଉଛି ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ। ଭାରତୀୟ ସଂସ୍କୃତି ଏବଂ ଯୋଗୀ ପରମ୍ପରାରୁ ସୃଷ୍ଟି ହୋଇଥିଲୀ ମଧ୍ୟ ସେଥିପାଇଁ ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମ ସହିତ ଏହା ଜଡିତ ନୁହେଁ। ଶରୀର, ଆତ୍ମା ଏବଂ ଚିନ୍ତନ ଶକ୍ତିକୁ ଉଦ୍ବୁଦ୍ଧ କରୁଥିବା ଯୋଗ, ଆଜି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇ ପାରିଛି। ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି 'ଯୋଗ', ଯାହା କେବଳ ଦେଶ ଭିତରେ ସୀମିତ ହୋଇ ରହିଥିଲା। କିନ୍ତୁ, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ୨୦୧୪ ମେ' ମାସରେ ଦାୟିତ୍ୱ ଗ୍ରହଣ କରିବାର ମାତ୍ର ଛ' ମାସରେ ଯୋଗକୁ ସାରା ବିଶ୍ୱରେ ପରିଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ। ଫଳରେ ୨୦୧୪ ଡିସେମ୍ବର ୧୧ ତାରିଖରେ ଜାତିସଂଘ ପ୍ରତିବର୍ଷ ଜୁନ ୨୧ ତାରିଖକୁ 'ଆନ୍ତର୍ଜାତୀୟ ଯୋଗ ଦିବସ' ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ପାରୀତ କରିଥିଲା। ଆଜି ପୃଥିବୀର ପ୍ରାୟ ସବୁ ଦେଶରେ ଲୋକେ ଆଗ୍ରହ ଏବଂ ଉତ୍ସାହର ସହିତ ଏହାକୁ ପାଳନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଚଳିତ ବର୍ଷ ପାଳନ ହେଉଥିବା ଅନ୍ତର୍ଜାତୀୟ ଯୋଗ ଦିବସର ଶୀର୍ଷକ ହେଉଛି, 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଯାହା, ବ୍ୟକ୍ତିଗତ କଲ୍ୟାଣ ଓ ପୃଥିବୀର ସ୍ୱାସ୍ଥ୍ୟ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଜାଗର କରେ। ଏଥିରେ ଦର୍ଶାଯାଇଛି ଯେ, କିପରି ପ୍ରାଚୀନ ଯୋଗ ଅଭ୍ୟାସ କେବଳ ଶରୀର ଓ ମନକୁ ପୋଷଣ କରେ ନାହିଁ ବରଂ ପ୍ରକୃତି ଏବଂ ସମସ୍ତ ଜୀବଜନ୍ତୁଙ୍କୁ ସମ୍ମାନ ଦେଉଥିବା ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ ବୋଲି ସେ କହିଛନ୍ତି। ସେ ପୁଣି କହିଥିଲେ ଯେ, ଓଡ଼ିଶାରେ ଆମେ ଯୋଗକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରୁଛୁ। ଆମର ସ୍କୁଲ, କଲେଜ, ଛାତ୍ରାବାସ ଏବଂ କ୍ରୀଡା କେନ୍ଦ୍ର ମାଧ୍ୟମରେ ଆମେ କର୍ମଶାଳା ଆୟୋଜନ କରୁଛୁ ଏବଂ ସଚେତନତା ସୃଷ୍ଟି କରୁଛୁ। ଆମେ ଯୋଗକୁ ବିଦ୍ୟାଳୟ କାର୍ଯ୍ୟକ୍ରମ ଏବଂ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ମଧ୍ୟ ପଦକ୍ଷେପ ନେଉଛୁ। ଆମର ଲକ୍ଷ୍ୟ ହେଉଛି ଏକ ସୁସ୍ଥ, ଆତ୍ମନିର୍ଭରଶୀଳ ଏବଂ ଦକ୍ଷ ତଥାସଶକ୍ତ ଓଡ଼ିଶା ଗଠନ କରିବା। ଆଜି, ଓଡ଼ିଶାର ସମସ୍ତ ଜିଲ୍ଲାରେ ଯୋଗ ଅଧିବେଶନ ଅନୁଷ୍ଠିତ ହେଉଛି। ସହରା□ଳ ହେଉ କି ଗ୍ରାମା□ଳ, ହଜାର ହଜାର ଲୋକ ଯୋଗ ପାଳନ କରିବାକୁ ଏକାଠି ହେଉଛନ୍ତି। ଏହି ଗଣ ଅଂଶଗ୍ରହଣ ଆମ ଲୋକଙ୍କ ମଧ୍ୟରେ ବଢୁଥିବା ସଚେତନତା ଏବଂ ସୁସ୍ଥ ଜୀବନଯାପନ ପ୍ରତି ସେମାନଙ୍କର ଆଶା ଓ ବିଶ୍ୱାସକୁ ଦର୍ଶାଉଛି। ସୂଚନା ଥାଉକି, କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ଯୋଗ ଶିବିରରେ ପ୍ରାୟ ୧୫ ହଜାର ଜନସାଧାରଣଙ୍କ ସମେତ ରାଜ୍ୟର ମନ୍ତ୍ରୀଗଣ, ସାଂସଦଗଣ, ବିଧାୟକଗଣ ଓ ବରିଷ୍ଠ ଅଧିକାରୀ ମନେ ଯୋଗ ଦେବା ସହିତ ଯୋଗାଭ୍ୟାସ କରିଥିଲେ। ଏହି ଅବସରରେ ସଂସ୍କୃତି ବିଭାଗ ପକ୍ଷରୁ ପାରମ୍ପରିକ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା।

### ଦଶହରା ପର୍ଯ୍ୟନ୍ତ...

ପ୍ରୟାସ ଯୋଗୁଁ ଡାଇରିଆ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଛି ଓ ସଂକ୍ରମଣ ଦ୍ରୁତ ହ୍ରାସ ପାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ପରିସ୍ଥିତି ଯେପରି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ରହିବ, ସେଥିପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠୁ ମେଡ଼ିକାଲ କଲେଜ ଯାଏଁ ଚିକିତ୍ସା ସେବାକୁ ବର୍ତ୍ତମାନ ପରି ସମନ୍ୱିତ ଭାବରେ କାର୍ଯ୍ୟକ୍ଷମ ରଖିବାପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବ ଏବଂ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁଠାରେ ରୋଗର ଆଶଙ୍କା ଅଛି କିନ୍ତୁ କେସ ନାହିଁ, ସେଠାରେ ଆଗୁଆ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ଦଶହରା ପର୍ଯ୍ୟନ୍ତ ସମସ୍ତ ପ୍ରଭାବିତ ଏବଂ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ ମାନଙ୍କରେ ପ୍ରସ୍ତୁତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ସୂଚନା ଦିଆଯାଇଥିଲା ଯେ, ସମସ୍ତ ଶିକ୍ଷାନୁଷ୍ଠାନରେ ପାନୀୟ ଜଳର ବିଶୋଧନ ପ୍ରକ୍ରିୟା ଚାଲୁରହିଛି। କୌଣସି ସ୍କୁଲରେ ପିଲା ଯେପରି ରୋଗରେ ନପଡନ୍ତି ସେଥିପାଇଁ ସମସ୍ତ ଶିକ୍ଷାନୁଷ୍ଠାନକୁ ସମସ୍ତ ନିୟମାବଳୀ ପାଳନ କରି ପ୍ରତିରୋଧକ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ଯେଉଁ ବିଭିନ୍ନ ସ୍ଥାନ ମାନଙ୍କରେ ଯେଉଁଠାରେ ଷ୍ଟ୍ରିଟ ଫୁଡ ବିକ୍ରି ହେଉଛି, ସେହି ସ୍ଥାନ ମାନଙ୍କରେ ଖାଦ୍ୟ ପଦାର୍ଥର କଡାକଡି ଯାଞ୍ଚ କରିବା ଆବଶ୍ୟକ ଏବଂ ସେହି ଅଞ୍ଚଳଗୁଡିକୁ ବିଶୋଧନ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବା ଦରକାର। ସମସ୍ତ ଗାଁ ଗହଳି ଅଞ୍ଚଳରେ ନଳକୂପ ଗୁଡିକୁ ବିଶୋଧିତ କରିବା ଏବଂ ସେହି ଅଞ୍ଚଳର ପାନୀୟଜଳର ପରୀକ୍ଷା କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସୂଚନାଯୋଗ୍ୟଯେ, ବର୍ତ୍ତମାନ ସୁଦ୍ଧା ରାଜ୍ୟର ସମସ୍ତ ପ୍ରଭାବିତ ଜିଲ୍ଲା ମାନଙ୍କରେ ସମୁଦାୟ ୩୮୯୨ ଜଣ ରୋଗଗ୍ରସ୍ତ ହୋଇଥିବା ବେଳେ ୩୫୪୩ ଜଣ ସୁସ୍ଥ ହୋଇସାରିଛନ୍ତି ଏବଂ ୨୫୪ ଜଣ ଚିକିତ୍ସାଧୀନ ଅଛନ୍ତି। ଏହି ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ଅଶ୍ୱଥି ଏସ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ମହିଳା ଓ ଶିଶୁ ସୁରକ୍ଷା ବିଭାଗ, ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବମାନେ ଉପସ୍ଥିତ ଥିଲେ ।

# ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଅଲାରନାଥଙ୍କ ପୀଠରେ ସମୂହ ଦୀପଦାନ ସହିତ ପୂଜାର୍ଚ୍ଚନା

ପୁରୀ (ଭାସ୍କର ନ୍ୟୁଜ) : ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା, ବିଜୁ ଜନତା ଦଳର ସଭାପତି ତଥା ଓଡ଼ିଶାବାସୀଙ୍କ ପ୍ରିୟ ନେତା ନବୀନ ପଟ୍ଟନାୟକ ଚିକିତ୍ସା ପାଇଁ ମୁମ୍ବାଇ ଗସ୍ତ କରିଛନ୍ତି। ଆସନ୍ତାକାଲି କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଠାରେ ତାଙ୍କର ଚିକିତ୍ସା କରାଯିବ। ଆମ ସମସ୍ତଙ୍କର ପ୍ରିୟ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ବ୍ରହ୍ମଗିରି ଅଲାରନାଥଙ୍କ ମନ୍ଦିର ଠାରେ ସାଧାରଣ ଜନତାଙ୍କ ତରଫରୁ ସମୂହ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ବ୍ରହ୍ମଗିରି ଜନସାଧାରଣଙ୍କ ତରଫରୁ ପ୍ରଭୁ ଶ୍ରୀ ଅଲାରନାଥଙ୍କ ନିକଟରେ ଶ୍ରୀଯୁକ୍ତ ପଟ୍ଟନାୟକ ଖୁବଶୀଘ୍ର ସୁସ୍ଥ ହୋଇ ଓଡିଶା ଫେରନ୍ତୁ ଏବଂ ଓଡିଶାବାସୀଙ୍କ ସେବା ଜାରି ରଖନ୍ତୁ ବୋଲି ସମସ୍ତେ ପ୍ରାର୍ଥନା କରି ଦୀପ ଦାନ କରିଛନ୍ତି। ପ୍ରଭୁ ଶ୍ରୀ ଶ୍ରୀ ଅଲାରନାଥଙ୍କ ପୀଠରେ ସାଧାରଣ ଜନତା ଓ ମା ମାନେ ହୁଳହୁଳି ପକାଇ ପୂଜା ଅର୍ଚ୍ଚନା କରିଛନ୍ତି। ଏହି ସମୟରେ ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା ଉପାଧ୍ୟକ୍ଷା ମାଳିନୀ ଦଳାଇ, ବ୍ରହ୍ମଗିରି ସରପଞ୍ଚ ରାଧାରାଣୀ ବିଶ୍ୱାଳ, ସମାଜସେବୀ ମାନସୀ ହରିଚନ୍ଦନ, ପ୍ରତିମା ଜେନା, ଶକୁନ୍ତଳା ମିଶ୍ର, ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା କୃଷ୍ଣଚନ୍ଦ୍ର ରାୟ, ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ବରିଷ୍ଠ ନେତା ଭଗବାନ ନାୟକ, ଯୁବ ସମାଜସେବୀ ଜୟନ୍ତ କୁମାର ମହାନ୍ତି, ବିଜୟ ଦଳାଇ, ସରପଞ୍ଚ ଅମୁଲ୍ୟ କୁମାର ଜେନା, ଭୁବନପୁର ସମିତି ସଭ୍ୟ ତ୍ରିନାଥ ପଲେଇଙ୍କ ସମେତ ବହୁ ମହିଳା ଓ ସମାଜସେବୀ ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ।

**OFFICE OF THE SUPERINTENDING ENGINEER, RWS&S DIVISION, BHUBANESWAR.** O-321

E-Mail: eebbsrrwss@gmail.com

QUOTATION CALL NOTICE No. 09 of 2025-26

Executive Engineer, RWS&S Division, Bhubaneswar on behalf of the Governor of Odisha invites quotations in sealed covers for the following work as stated below from authorised Dealer / Distributor / supplier under following terms and conditions

| | | |
|---|---|---|
| 1 | Nature of work | Repair of Instruments & Accessories installed in the State Water Testing Laboratory, Bhubaneswar (Replacement of Nibulizer for ICP-MS) |
| 2 | No. of Item: | 01(One) |
| 3 | Time for completion | 15 (fifteen) days |
| 4 | Cost of bidding document : | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.23.06.2025 (10.00 AM) to dt. 02.07.2025 (1.00 PM) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.02.07.2025 up to 4.00 P.M |
| 7 | Date & time of opening of Quotation: | Dt. 03.07.2025 at 11.00 A.M in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

Sd/-Superintending Engineer
RWS&S Division, Bhubaneswar

OIPR 25011/11/0019/2526

*Government of Odisha*
*Office of the Executive Engineer*
*Rural Works Division-II, Nabarangpur, Umerkote.* O-325
e-mail: eerwukt@gmail.com & eerwukt@ymail.com

Letter No. 2326 Date. 20.06.2025

e-Procurement Notice

| | | | |
|---|---|---|---|
| 1 | Name of the work | :- | Building Works (Composite Tender) |
| 2 | Total No of works | :- | 02 (Two) Nos. |
| 3 | Approx. Estimated Cost | :- | Varies from 53.32 Lakhs to 88.71 Lakhs. |
| 4 | Class of Contractor | :- | "B" Class of Contractor |
| 5 | Period of Completion | :- | As per TCN |

| Procurement officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Timing of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Nabarangpur, Umerkote. | Online Tender/04/ RWD-UKT /2025-26 | 26.06.2025 at 11.00 AM | 08.07.2025 up to 5.00 PM | 07.07.2025 at 01.00 PM | 09.07.2025 at 11:00 AM | To be intimated separately |

Further details can be seen from the Government website www.tendersodisha.gov.in

Sd/-Executive Engineer
Rural Works Division-II
Nabarangpur, Umerkote

OIPR 25103/11/0021/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KEONJHAR A-319

NOTICE INVITING TENDER e-Procurement

Bid ID No. 02 SEMID (KJR/ 2025-2026) Dt. 17.06.2025

The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | Civil Construction works |
| No. of Works | 3 (Three) Nos. |
| Estimated Cost | Rs. 20.66 Lakhs |
| Tender Paper Cost | Mentioned in Column No. 6 of Tender call notice |
| Period of completion | 04 (Four) calendar months |
| Availability of Bid Documents | From 23.06.2025 to 02.07.2025 during office hours in Website (www.tenderorissa.gov.in) |
| Period of receipt of Bid through online | From 23.06.2025 to 02.07.2025 through online. |
| Date of Opening of Bid Documents | At 11.00 A.M. on 03.07.2025 in the office chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 09.07.2025 in the office chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT: | Superintending Engineer, M.I. Division, Keonjhar Near Parkline Keonjhar, At/Po-Keonjhar, Dist- Keonjhar Pin-758001. E-Mail ID-eemikjr@yahoo.co.in |

Further Details can be seen from the web site : www.tendersorissa.gov.in

Sd/-(Er. Rashmi Rekha Chattar)
Superintending Engineer
M.I. Division, Keonjhar

OIPR 32123/11/0012/2526

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE NOTIFIED AREA COUNCIL, ODAGAON
Tender call Notice
E-mail: nacodagaon@gmail.com

Letter No. 989 / Date 20.06.2025 C-569

Bid Identification No. NAC-Odagaon-01/2025-26

The Executive Officer, NAC, Odagaon, Dist - Nayagarh inviting percentage rate bid in **online mode** for the works as detailed in the Annexure from eligible contractors for construction of civil works as detailed in the table below:

1. Nature of Work : Civil Works
2. No of Work : 07 Nos.
3. Tender Cost : As mentioned in DTCN.
4. Class of Contractor : C & D Class
5. Available of Bid Document in the Website. : From Dt.**23.06.2025** at 11.00 A.M to Dt.**07.07.2025** Up to 5.00 P.M.
6. Date & time of opening Bid. : Dt. **08.07.2025** at 11.00 A.M.
7. The Bidders have to participate in ONLINE bidding only. Further details can be seen From the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

Sd/-Executive Officer
NAC, Odagaon

OIPR 13142/11/0015/2526

CAD-862 Annexure-II

Office of District Manager
Odisha State Civil Supplies Corporation Ltd. (OSCSC)
NABARNGPPUR
Phone: 9438200053
District Website : nabarangpurnic.in

Tender No. 01,02,03,04,05,06,07,08,09,10,11,12,13 Dt. 20.06.2025

District Manager, Odisha State Civil Supplies Corporation Ltd, Nabarangpur invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (ii) **Level-II** Transport Contractor for transportation of foodgrains from RRCs to Retail Centers (FPS) in the district of the State of Odisha |
| 2 | Availability of bid document in the portal | From 21.06.2025 |
| 3 | Last Date / Time for receipt of bids in the portal | Dt 07.07.2025 up to 5.00 P.M. |
| 4 | Date/Time of Opening of Technical Bid | Dt 08.07.2025. at 11.00 AM. |
| 5 | Name and address of the Officer Inviting Tender | District Manager, OSCSC Ltd, Nabarangpur |

Tender Documents & other details can be seen from the e-procurement portal www.oscsc.in, www.foododisha.in &www.tendersodisha.gov.in along with district website. Amendments /corrigendum /cancellation/ retenders etc. if anyshall be published only in above websites.

Sd/- District Manager
OSCSC Ltd. Nabarangpur

OIPR 07045/11/0001/2526




ନୂଆଦିଲ୍ଲୀ: ମଝି ଆକାଶରେ ବିମାନରୁ ସରିଗଲା ଇନ୍ଧନ। ଫଳରେ ବାଧ୍ୟହୋଇ ପାଇଲଟ ବିମାନକୁ ଜରୁରୀ ଅବତରଣ କରାଇଛନ୍ତି। ଗତ ଗୁରୁବାରର ଏହି ଘଟଣା ଏବେ ସାମ୍ନାକୁ ଆସିଛି। ଇଣ୍ଡିଗୋ ବିମାନ ୬ଇ ୬୭୬୪ ଗୁଆହାଟୀରୁ ଚେନ୍ନାଇ ଯାଉଥିଲା। କିନ୍ତୁ ମଝି ଆକାଶରେ ପାଇଲଟ ହଠାତ ଜାଣିବାକୁ ପାଇଲେ ଯେ ବିମାନରୁ ଇନ୍ଧନ ସରିଆସିଲାଣି। ତେଣୁ ତୁରନ୍ତ ସେ ଫୁଏଲ ମେ' ଡେ' କଲ କରିଥିଲେ। ଏହା ପରେ ଗତିପଥ ବଦଳାଇ ବେଙ୍ଗାଲୁରୁ ବିମାନବନ୍ଦରରେ ଜରୁରୀ ଅବତରଣ କରାଇଥିଲେ। ତେବେ ଅବତରଣ ପୂର୍ବରୁ ବିମାନକୁ ଅନେକ ସମୟ ଧରି ଆକାଶରେ ସମୟ କାଟିବାକୁ ପଡ଼ିଥିଲା। କାରଣ ଟ୍ରାଫିକ ଜାମ୍ ଥିବାରୁ ବିମାନକୁ ତୁରନ୍ତ ଅବତରଣ ଅନୁମତି ମିଳି ନ ଥିଲା। ରାତି ୮ଟା ୧୫ରେ ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଭାବେ ବିମାନ ଅବତରଣ କରିଥିଲା। ଅବତରଣ ପରେ ଯାତ୍ରୀମାନଙ୍କୁ ବିମାନରୁ ବାହାର କରାଯାଇଥିଲା।

# ଶରୀର, ମନ ଏବଂ ଆତ୍ମାକୁ ସଂଯୋଗ କରେ ଯୋଗ: ରାଷ୍ଟ୍ରପତି



ନୂଆଦିଲ୍ଲୀ: ଯୋଗ ଭାରତୀୟ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ସାରା ବିଶ୍ୱରେ ଲୋକଙ୍କ ଶରୀର, ମନ ଏବଂ ଆତ୍ମାର ସୁସ୍ଥତା ଅନୁଭବ କରାଇବା ପାଇଁ ଏହା ଏକ ଅଭ୍ୟାସ ହେବା ଜରୁରୀ । ଯୋଗ ପ୍ରାକୃତିକ ଉପାୟରେ ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ଫିଟନେସକୁ ଉନ୍ନତ କରିବାରେ ସାହାଯ୍ୟ କରେ । ଏହାର ଅନେକ ଲାଭ ହେତୁ ଅନ୍ତର୍ଜାତୀୟ ଯୋଗ ଦିବସ ଆରମ୍ଭ ହୋଇଥିଲା । ଏହି ଦିନକୁ ସ୍ୱତନ୍ତ୍ର କରିବା ପାଇଁ, ଭାରତରେ ଅନେକ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଯୋଗ ଦିବସରେ ଡେରାଡୁନରେ ଯୋଗ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଅଭିଭାଷଣ ରଖି ମହାମହିମ କହିଛନ୍ତି ଯେ ସମସ୍ତେ ବିଶ୍ୱାସ କରନ୍ତି ଯେ ଚିକିତ୍ସା ଅପେକ୍ଷା ପ୍ରତିରୋଧର ନୀତି ଅଧିକ ପ୍ରଭାବଶାଳୀ । ଯୋଗକୁ ପ୍ରତିରୋଧ ପାଇଁ ବହୁତ ଉପଯୋଗୀ ବୋଲି ବିବେଚନା କରାଯାଏ । ଯୋଗର ଅର୍ଥ ଯୋଡିବା । ଯୋଗ ଅଭ୍ୟାସରେ ଜଣେ ବ୍ୟକ୍ତିଙ୍କ ଶରୀର, ମନ ଏବଂ ଆତ୍ମାକୁ ସଂଯୋଗ କରେ ଏବଂ ତାଙ୍କୁ ସୁସ୍ଥ କରିଥାଏ । ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସାରା ବିଶ୍ୱରେ ଯୋଗ କରୁଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଯୋଗ ଅଭ୍ୟାସ କରି ସମଗ୍ର ବିଶ୍ୱର ଲୋକମାନେ ସୁସ୍ଥ ଏବଂ ଖୁସି ରୁହନ୍ତୁ ବୋଲି କାମନା କରିଛନ୍ତି ରାଷ୍ଟ୍ରପତି ।

# ଯୋଗ ହେଉଛି ପରମ ସତ୍ୟ: ରାମଦେବ

## ଯୋଗରେ ଅଛି ରୋଗ ପ୍ରତିରୋଧକ ଶକ୍ତି: ଆଚାର୍ଯ୍ୟ ବାଲକୃଷ୍ଣ






ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ସ୍ୱାମୀ ରାମଦେବ ଜୀ ମହାରାଜଙ୍କ ମାର୍ଗଦର୍ଶନରେ, ପତଞ୍ଜଳି ଯୋଗପୀଠ ଏବଂ ହରିୟାଣା ଯୋଗ କମିଶନ, ଆୟୁଷ ବିଭାଗ, ହରିୟାଣାର ମିଳିତ ତତ୍ତ୍ୱାବଧାନରେ କୁରୁକ୍ଷେତ୍ରରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଆୟୋଜନ କରାଯାଇଥିଲା। ସ୍ୱାମୀ ରାମଦେବ ଜୀ ମହାରାଜ, ଆଚାର୍ଯ୍ୟ ବାଲକୃଷ୍ଣ ଜୀ ମହାରାଜ ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି ଯୋଗାଭ୍ୟାସକାରୀଙ୍କୁ କୁରୁକ୍ଷେତ୍ରର ଐତିହାସିକ ଭୂମି ବ୍ରହ୍ମ ସରୋବରରେ ଯୋଗାଭ୍ୟାସ କରାଇଥିଲେ। ପତଞ୍ଜଳି ଯୋଗ ସମିତି ମାଧ୍ୟମରେ ଦେଶର ୬୫୦ ଜିଲ୍ଲାରେ ସାଧାରଣ ଯୋଗ ପ୍ରୋଟୋକଲ ଅଧୀନରେ ମାଗଣା ଯୋଗ ତାଲିମ ଦିଆଯାଇଥିଲା। ଏହି ଅବସରରେ ୧ ଲକ୍ଷରୁ ଅଧିକ କୁରୁକ୍ଷେତ୍ରର ପବିତ୍ର ଭୂମିରେ ଏକାଠି ଯୋଗାଭ୍ୟାସ କରି ଏକ ନୂତନ ରେକର୍ଡ ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାମୀ ଜୀ ମହାରାଜ ଯୋଗାଭ୍ୟାସକାରୀଙ୍କୁ ଯୋଗ ଏବଂ ସ୍ୱଦେଶୀର ପ୍ରତିଜ୍ଞା କରାଇଥିଲେ। ଏହି ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ଥିଲା 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ'। ସେ କହିଥିଲେ ଯେ ବର୍ତ୍ତମାନ ବିଶ୍ୱରେ ୨୦୦ କୋଟିରୁ ଅଧିକ ଲୋକ ଯୋଗ କରୁଛନ୍ତି। ଯୋଗ ବର୍ତ୍ତମାନ ଯୁଗର ଧର୍ମ ପାଲଟିଛି। ଯୋଗ ହେଉଛି ସନାତନର ସାର। ଯୋଗ ଏକ ଅତୁଳନୀୟ ଜ୍ଞାନ, ଯୋଗ ଆମର ସଂସ୍କାର, ସଂସ୍କୃତି ଏବଂ ପ୍ରକୃତିରେ ଅଛି। ଯୁଗ ଯୁଗ ଧରି ଆମ ଭିତରେ ଯୋଗ ହୋଇଆସୁଛି। ଯୋଗ ହେଉଛି ଜୀବନର ସତ୍ୟ। ଯୋଗ ହେଉଛି ବୁଦ୍ଧି, କାମ, ପ୍ରକୃତି ଏବଂ ସଂସ୍କୃତିର ଆଧାର। ଯୋଗ ହେଉଛି ସାଂସ୍କୃତିକ ସମୃଦ୍ଧିର ଆଧାର। ଐତିହ୍ୟ ଆଧାରିତ ବିକାଶର ସ୍ଲୋଗାନ ଆମର ଯୋଗୀ ଯୋଦ୍ଧା ପ୍ରଧାନମନ୍ତ୍ରୀ ମୋଦି ଜୀ ଦେଇଛନ୍ତି। ସ୍ୱାମୀ ଜୀ କହିଥିଲେ ଯେ ଯୋଗୀ ଯୋଦ୍ଧା ମୋଦି ଜୀ ଯୋଗକୁ ପ୍ରୋତ୍ସାହିତ ପାଇଁ ପ୍ରତ୍ୟେକ ଗ୍ରାମ ମୁଖିଆଙ୍କୁ ଚିଠି ଲେଖିଛନ୍ତି। ଯୋଗ ଧର୍ମ ଏବେ ଯୁଗଧର୍ମରେ ପରିଣତ ହୋଇଛି। ସେ କହିଥିଲେ ଯେ ଆଜି ଯୋଗ ଏବଂ ସନାତନ ଧର୍ମ ବିଶ୍ୱର ଆବଶ୍ୟକତା। ଯୋଗ ଏବଂ ସନାତନ ମୂଲ୍ୟବୋଧ ମାଧ୍ୟମରେ ଚାପ, ରୋଗ, ସାମାଜିକ ଏବଂ ସାଂସ୍କୃତିକ ଅବକ୍ଷୟ ସହିତ ସଂଘର୍ଷ କରୁଥିବା ବିଶ୍ୱକୁ ପତଞ୍ଜଳି ଏକ ନୂତନ ଦିଗଦର୍ଶନ ଦେଉଛି। ଆସନ୍ତୁ, ଯୋଗ ଧର୍ମ ଉପରେ ଆଧାରିତ ସନାତନ ଜୀବନଶୈଳୀକୁ ଗ୍ରହଣ କରିବା। ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି କହିଛନ୍ତି ଯେ ହରିୟାଣା ଏବଂ କେନ୍ଦ୍ର ସରକାର ଯୋଗକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଆମର ଲକ୍ଷ୍ୟ ହେଉଛି ହରିୟାଣାକୁ ନିଶାମୁକ୍ତ ଏବଂ ଚାପମୁକ୍ତ କରିବା। ଆଚାର୍ଯ୍ୟ ବାଲକୃଷ୍ଣ ଜୀ କହିଥିଲେ ଯେ ଯଦି ଦୈନନ୍ଦିନ ଜୀବନରେ ଅଧ ଘଣ୍ଟା ମଧ୍ୟ ଯୋଗ ଅଭ୍ୟାସ କରାଯାଏ, ତେବେ ଜୀବନକୁ ସୁସ୍ଥ, ସୁଖୀ ଏବଂ ଆନନ୍ଦମୟ କରାଯାଇପାରିବ। ଯୋଗରେ ବାର୍ଦ୍ଧକ୍ୟ ବିରୋଧୀ, ରୋଗ ପ୍ରତିରୋଧକ ଦୀର୍ଘାୟୁତ୍ୱ ଏବଂ ଦୈନନ୍ଦିନ ଯୋଗ ଅଭ୍ୟାସରୁ ରୋଗକୁ ନିୟନ୍ତ୍ରଣ ଏବଂ ବିପରୀତ କରିବାର କ୍ଷମତା ଅଛି। ଯୋଗ ଏବଂ ଯୋଗ ଗବେଷଣା ଉପରେ ହେଉଥିବା ବିଭିନ୍ନ ଗବେଷଣାର ହଜାର ହଜାର ପ୍ରମାଣ ବିଶ୍ୱ ସ୍ତରରେ ବିଶ୍ୱର ଶ୍ରେଷ୍ଠ ପ୍ରଭାବ ପତ୍ରିକାରେ ପ୍ରକାଶିତ ହୋଇଛି ।


पतंजलि®
प्रकृति का आशीर्वाद


## ସିନ୍ଧୁ ଜଳ ଚୁକ୍ତିନାମା

# ଶେହବାଜଙ୍କ ହୋସ୍ ଉଡାଇଲେ ଶାହ



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ସ୍ପଷ୍ଟ କରିଛନ୍ତି ଯେ ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥାୟୀ ଭାବରେ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି ଏବଂ ଏବେ ଏହି ଚୁକ୍ତିନାମା ପୁନଃସ୍ଥାପିତ ହେବ ନାହିଁ। ସେ ଅଭିଯୋଗ କରିଛନ୍ତି ଯେ ପାକିସ୍ତାନ ଏହି ଚୁକ୍ତିନାମାର ସର୍ତ୍ତାବଳୀ ଉଲ୍ଲଂଘନ କରିଛି, ତେଣୁ ଏହାକୁ ପୂର୍ବରୁ ମିଳୁଥିବା ପାଣି ଆଉ ମିଳିବ ନାହିଁ। ଟାଇମ୍ସ ଅଫ ଇଣ୍ଡିଆକୁ ଏକ ସାକ୍ଷାତକାରରେ ଅମିତ ଶାହା କହିଛନ୍ତି, ନା, ଏହି (ସନ୍ଧି) କେବେବି ପୁନଃସ୍ଥାପିତ ହେବ ନାହିଁ। ଏକପାଖିଆ ଭାବରେ ଅନ୍ତର୍ଜାତୀୟ ଚୁକ୍ତିନାମାକୁ ବାତିଲ କରିବା ସହଜ ନୁହେଁ, କିନ୍ତୁ ଆମର ଏହାକୁ ସ୍ଥଗିତ କରିବାର ଅଧିକାର ଥିଲା ଏବଂ ଆମେ ତାହା କରିଛୁ। ସେ କହିଛନ୍ତି ଯେ ଏହି ଚୁକ୍ତିନାମା ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶାନ୍ତି ଏବଂ ପ୍ରଗତି ଲକ୍ଷ୍ୟରେ କରାଯାଇଥିଲା, କିନ୍ତୁ ଯେତେବେଳେ ଏହାର ସର୍ତ୍ତାବଳୀ ଭଙ୍ଗ ହେଲା, ଏହାର ଯଥାର୍ଥତା ଶେଷ ହୋଇଗଲା। ୨୨ ଏପ୍ରିଲରେ ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ପାକିସ୍ତାନ ବିରୁଦ୍ଧରେ କଠୋର ପଦକ୍ଷେପ ନେବା ଆରମ୍ଭ କରିଛି। ଏହି ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା, ଯାହା ଭାରତରେ କ୍ରୋଧ ଏବଂ ଦୁଃଖର ଲହରୀ ସୃଷ୍ଟି କରିଥିଲା। ଏହାର ତୁରନ୍ତ ପରେ, ଭାରତ ତୁରନ୍ତ ପ୍ରଭାବରେ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରିଥିଲା ଏବଂ ପାକିସ୍ତାନୀ ନାଗରିକଙ୍କୁ ବହିଷ୍କାର କରିବା ଭଳି ଅନେକ କୂଟନୈତିକ ନିଷ୍ପତ୍ତି ମଧ୍ୟ ନିଆଯାଇଥିଲା। ସେ ଦାବି କରିଥିଲେ ଯେ ଭାରତ ପ୍ରତିଶୋଧ ସ୍ୱରୂପ ପାକିସ୍ତାନର ବାୟୁସେନା ଉପରେ ଆକ୍ରମଣ କରି ପାକିସ୍ତାନକୁ ଜବାବ ଦେଇଛି, ଯାହା ପାକିସ୍ତାନକୁ ଯୁଦ୍ଧବିରତି ପାଇଁ ଆବେଦନ କରିବାକୁ ବାଧ କରିଛି।

# ସେନ ସମାଜ ପ୍ରତିଭା ସମ୍ମାନ ସମାରୋହରେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ଯଶପୁର ଜିଲ୍ଲାର କୁନକୁରିର ମହୁଆଟୋଲିରେ ଆୟୋଜିତ ସେନ ସମାଜର ମହାସମ୍ମିଳନୀ ଓ ପ୍ରତିଭା ସମ୍ମାନ ସମାରୋହରେ ସାମିଲ୍ ହୋଇଥିଲେ । ସେ ତାଙ୍କର ଉଦ୍‌ବୋଧନରେ କହିଥିଲେ ଯେ, ନାଇସେନ ସମାଜ କଷ୍ଟ ସ୍ୱୀକାର କରିବା ସହ ଏକ ସ୍ୱାବଲମ୍ବୀ ସମାଜ ଭାବେ ବେଶ୍ ପରିଚିତ । ଏହି ସମାଜର ବହୁ ଲୋକ ଆଜି ଶିକ୍ଷା, ବ୍ୟବସାୟ, ପ୍ରଶାସନ ଏବଂ ବୈଷୟିକ କ୍ଷେତ୍ରରେ ନିଜ ନିଜର ପାରଦର୍ଶିତ ପ୍ରଦର୍ଶନ କରିପାରିଛନ୍ତି । ଶ୍ରୀ ସାଏ କହିଥିଲେ ଏହିବର୍ଷ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଛତିଶଗଡ଼ର ଅଖିଳ ସେନ ଟପ୍ପର ହୋଇଥିବା ବେଳେ ସେ ସେନ ସମାଜର ଜଣେ ଉଦୀୟମାନ ଛାତ୍ର ଭାବେ ପ୍ରତିଷ୍ଠାଲାଭ କରିଛନ୍ତି । ରାୟପୁରର ଏଆଇ ଡାଟା ସେଣ୍ଟରଠାରେ ସ୍ଥାପନ କରାଯାଇଥିବା ଇଣ୍ଡୋର ଉଦ୍ୟୋମୀ କାରଖାନା ମଧ୍ୟ ସେନ ସମାଜର । ଭାରତରତ୍ନ କର୍ପୁରୀ ଠାକୁରଙ୍କୁ ସ୍ମରଣ କରି ଶ୍ରୀ ସାଏ କହିଥିଲେ ଯେ, ଦେଶର ବିକାଶ କ୍ଷେତ୍ରରେ କର୍ପୁରୀ ଠାକୁର ଓ ସେନ ସମାଜର ଯୋଗଦାନ ଉଲ୍ଲେଖନୀୟ । ସେ ଆହୁରି କହିଥିଲେ ଯେ, ଶିକ୍ଷା କ୍ଷେତ୍ରରେ କି ରୋଜଗାର କ୍ଷେତ୍ରରେ କେବଳ ନୁହେଁ, ସେନ ସମାଜ ବ୍ୟକ୍ତିତ୍ୱ ନିର୍ମାଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛି । ଯେଉଁ ସମାଜର ଶିକ୍ଷାର ସ୍ତର ଉଚ୍ଚରେ ରହିଛି ସେହି ସମାଜ ସଶକ୍ତ ଓ ପ୍ରଗତିଶୀଳ ହୋଇପାରିଛି । ରାଜ୍ୟ ସରକାର ଶିଶୁଙ୍କୁ ଗୁଣବତ୍ତାପୂର୍ଣ୍ଣ ଶିକ୍ଷା ପ୍ରଦାନ ପାଇଁ ନୀତିଗତ ଭାବେ ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି । ଛତିଶଗଡ଼ରେ ବହୁ ରାଷ୍ଟ୍ରୀୟ ସ୍ତରର ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟ ରହିଛି । ନାଳନ୍ଦା ପରିସରରେ ଅତ୍ୟାଧୁନିକ ଲାଇବ୍ରେରୀ ମଧ୍ୟ ସ୍ଥାପନ କରାଯାଇଛି ଯାହାକି ଛାତ୍ରମାନଙ୍କୁ ପ୍ରତିଯୋଗିତାରେ ବେଶ୍ ସହାୟକ ହୋଇପାରିବ ।

# ଇରାନରେ ୭୦ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ଠପ୍

ସମାଜ ଡିଜିଟାଲ ଡେସ୍କ: ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧକୁ ୯ଦିନ ବିତିଲାଣି । ଯୁଦ୍ଧର ୧୦ମ ଦିନରେ ଉଭୟ ଦେଶ ପରସ୍ପରକୁ ଧ୍ୱଂସ କରିବା ଜିଦ୍‌ରେ ଅଟଳ ରହିଛନ୍ତି । ଇସ୍ରାଏଲ ଦାବି କରିଛି ଯେ ଯେପର୍ଯ୍ୟନ୍ତ ସେ ତାର ଲକ୍ଷ୍ୟ ହାସଲ କରିନାହିଁ, ସେପର୍ଯ୍ୟନ୍ତ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ବନ୍ଦ କରିବ ନାହିଁ । ସେହିପରି ଇରାନ ଦାବି କରି କହିଛି ଯେ ଯଦି ଇସ୍ରାଏଲ ଆକ୍ରମଣ ବନ୍ଦ କରେ, ତେବେ ସେ ପ୍ରତିଶୋଧ ନେବା ମଧ୍ୟ ବନ୍ଦ କରିବ । ନଚେତ ସେ ତାର ସମସ୍ତ ଶକ୍ତି ଲଗାଇ ପ୍ରତିଶୋଧ ନେବ । ଯୁଦ୍ଧ ଭିତରେ ଇରାନରେ ୭୦ଘଣ୍ଟା ହେବ ଇଣ୍ଟରନେଟ ବନ୍ଦ ରହିଛି । ଫଳରେ ଇଣ୍ଟରନେଟ୍ କାରବାର ଏବଂ ସରକାରୀ କାମ ସମ୍ପୂର୍ଣ୍ଣ ବନ୍ଦ ରହିଛି । ସୂଚନା ଅନୁସାରେ ଯୁଦ୍ଧ ଯୋଗୁଁ ଇରାନର ପରମାଣ କାର୍ଯ୍ୟକ୍ରମ ୨-୩ବର୍ଷ ପଛକୁ ଠେଲି ହୋଇଯାଇଛି । ସେହିପରି ଇସ୍ରାଏଲ ମଧ୍ୟ ବିକାଶ ପଥରେ ପୁଣି ଥରେ ନିଜକୁ ଫେରାଇ ଆଣିବାକୁ କଷ୍ଟକର ହେବ । ଇରାନୀ ମାନବାଧିକାର ଗୋଷ୍ଠୀଙ୍କ ତଥ୍ୟ ଅନୁସାରେ ୯ଦିନିଆ ଯୁଦ୍ଧରେ ଏଯାବତ ଇସ୍ରାଏଲୀ ଆକ୍ରମଣରେ ୬୫୦ରୁ ଅଧିକ ଇରାନୀ ଲୋକ ପ୍ରାଣ ହରାଇଛନ୍ତି ଏବଂ ୨୦୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସେପଟେ ଇରାନର ଆକ୍ରମଣରେ ପ୍ରାୟ ୨୫ ଇସ୍ରାଏଲୀ ଲୋକ ପ୍ରାଣ ହରାଇଛନ୍ତି ଏବଂ ୧୦୦୦ ଲୋକ ଆହତ ହୋଇଛନ୍ତି ।

# ବାଣିଜ୍ୟ

amazon

ମୁମ୍ବାଇ: ଗ୍ରାହକଙ୍କ ପାଇଁ ବିଭିନ୍ନ ସାମଗ୍ରୀ ଉପରେ ଆକର୍ଷଣୀୟ ରିହାତି ଏବଂ ଅଫର ନେଇ ଆସିଛି ଆମାଜନ। ସଙ୍ଗୀତପ୍ରେମୀଙ୍କ ପାଇଁ ଆମାଜନ.ଇନରେ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସରେ ଶ୍ରେଷ୍ଠ ଡିଲ୍ ପ୍ରଦାନ କରାଯାଉଛି। ଏହି ଅଫର ସମୟରେ ଗ୍ରାହକମାନେ ବୋଟ୍, ଜେବିଏଲ୍, ନଏଜ୍ ଏବଂ ଅନ୍ୟାନ୍ୟ ଲୋକପ୍ରିୟ ବ୍ରାଣ୍ଡର ହେଡଫୋନ୍, ସ୍ପିକର, ସାଉଣ୍ଡବାର୍ ଏବଂ ସଙ୍ଗୀତ ଉପକରଣ ସମେତ ବିଭିନ୍ନ ଉତ୍ପାଦ ଉପରେ ୭୫% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ଏସବିଆଇ କ୍ରେଡିଟ୍ କାର୍ଡ ଇଏମଆଇ କାରବାରରେ ସର୍ବାଧିକ ୧୨୫୦ ଟଙ୍କା ସଂଚୟ ସହିତ ୧୦% ପର୍ଯ୍ୟନ୍ତ ତୁରନ୍ତ ରିହାତି ପାଇପାରିବେ । ଏହି ଅଫରଗୁଡ଼ିକ ୨୧ରୁ ଆରମ୍ଭ ହେଉଛି। ସେହିଭଳି ଆମାଜନ ଫ୍ରେସ ଏହାର ସ୍ୱତନ୍ତ୍ର ମିଲେଟ ଷ୍ଟୋରଫ୍ରଣ୍ଟ ନେଇଆସିଛି । ଯେଉଁଠାରେ ଉପଭୋକ୍ତା ସେମାନଙ୍କ ରୁଟିନରେ ସଠିକ୍ ଫିଟ୍ ହେଉଥିବା ଗ୍ଲୁଟେନ୍-ମୁକ୍ତ ଏବଂ ବିନା ମଇଦା ବିକଳ୍ପକୁ ଏବେ ସହଜରେ ଉପଲବ୍ଧ କରିପାରିବେ। ଷ୍ଟୋରରେ ଉତ୍ତମ ମୂଲ୍ୟରେ ଉଚ୍ଚ-ପ୍ରୋଟିନ ଯୁକ୍ତ ବାନାନା ପ୍ୟାନକେକ୍ ମିଶ୍ରଣ, କୁଇକ୍ ମିଲେଟ୍ ନୁଡୁଲ୍, କିମ୍ବା ଚାଉଳ ବିକଳ୍ପ ଭାବରେ ଅନପଲିସ୍ ଫକ୍ସଟେଲ୍ ଏବଂ ବାର୍ନୟାର୍ଡ ମିଲେଟ ଭଳି ପ୍ରସ୍ତୁତ ହେଉଥିବା ମିଶ୍ରଣ, ପ୍ରାକୃତିକ ଅଟା ଏବଂ ଫାଇବର-ଯୁକ୍ତ ଶସ୍ୟର ଏକ ବିସ୍ତୃତିର ରହିଛି ।

# ଟାଟା ଷ୍ଟିଲର ସାରୁଅବିଲ ଖଣି ଏବଂ ଏଫ୍‌ଏପି ଆଠଗଡ଼କୁ କଳିଙ୍ଗ ପରିବେଶ ଉତ୍କର୍ଷ ସମ୍ମାନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୀର୍ଘସ୍ଥାୟୀ ଖଣି ଏବଂ ପରିବେଶ ପ୍ରତି ଦାୟିତ୍ୱବୋଧ ଶିଳ୍ପ ଅଭ୍ୟାସ ପାଇଁ ଟାଟା ଷ୍ଟିଲ ପୁଣିଥରେ ସମ୍ମାନିତ ହୋଇଛି। କମ୍ପାନୀର ଫେରୋ ଆଲୟଜ୍ ଆଣ୍ଡ୍ ମିନେରାଲ ଡିଭିଜନ (ଏଫ୍‌ଏଏମ୍‌ଡି) ଅଧୀନେର ପରିଚାଳିତ ସାରୁଅବିଲ କ୍ରୋମାଇଟ୍ ଖଣି ଏବଂ ଫେରୋ ଆଲୟଜ୍ ପ୍ଲାଂଟ୍ (ଏଫ୍‌ଏପି), ଆଠଗଡ଼କୁ ସମ୍ମାନଜନକ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର-୨୦୨୪ରେ ସମ୍ମାନିତ କରାଯାଇଛି। ଯାଜପୁର ଜିଲ୍ଲାର ସୁକିନ୍ଦା ଅଞ୍ଚଳରେ ଅବସ୍ଥିତ ସାରୁଅବିଲ କ୍ରୋମାଇଟ୍ ଖଣିକୁ ପଞ୍ଚ ତାରକା ବର୍ଗରେ ଏବଂ ଏଫ୍‌ଏପି ଆଠଗଡକୁ ଚାରି ତାରକା ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି । ୨୦୨୪ର ପରିବେଶ ସଂରକ୍ଷଣ କ୍ଷେତ୍ରେର କମ୍ପାନୀର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏହି ସମ୍ମାନ ମିଳିଛି। ଖଣି ମୁଖ୍ୟ (ସାରୁଅବିଲ୍ ଓ କମର୍ଦ୍ଦା) ନବୀନ ଶ୍ରୀବାସ୍ତବ, ଏଫ୍‌ଏପି ଆଠଗଡ଼ର ମୁଖ୍ୟ ସବେର୍ଶ୍ୱର ନାୟକଙ୍କ ସହିତ ପରିବେଶ ପ୍ରବନ୍ଧକ (ସାରୁଆବିଲ ଏବଂ କମର୍ଦ୍ଦା) ଅବିନାଶ ମିଶ୍ର, ପରିବେଶ ପ୍ରବନ୍ଧକ (ଏଫଏପି ଆଠଗଡ୍, ଗୋପାଳପୁର ଏବଂ ବାଲେଶ୍ୱର) ଦୀପଙ୍କର ପତି କମ୍ପାନୀ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ। ଟାଟା ଷ୍ଟିଲ ଏଫ୍‌ଏମ୍‌ଡିର ଏକ୍ଜିକ୍ୟୁଟିଭ୍ ଇନ୍-ଚାର୍ଜ ପଙ୍କଜ ସତିଜା କହିଛନ୍ତି ଯେ, ଆମମାନଙ୍କର ମାତ୍ରେ ଗୋଟିଏ ହିଁ ପୃଥିବୀ ଅଛି ଏବଂ ଏହାକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷିତ କରି ରଖିବା ବର୍ତ୍ତମାନ ସମୟର ଆବଶ୍ୟକତା ଅଟେ। ଏହି ସ୍ୱୀକୃତିଗୁଡିକ କମ୍ପାନୀର ସମ୍ବଳ ସଂରକ୍ଷଣ, ପ୍ରଦୂଷଣ ନିୟନ୍ତ୍ରଣ, ଜୈବ ବିବିଧତା ସଂରକ୍ଷଣ ଏବଂ ସମ୍ପ୍ରଦାୟ ସହଭାଗିତା ପ୍ରତି ଉଦ୍ଦେଶ୍ୟର ପ୍ରମାଣ। ସାରୁଅବିଲ କ୍ରୋମାଇଟ୍ ଖଣି ଉନ୍ନତ ପରିବେଶ ଅନୁକୂଳ ଖଣି ପ୍ରଯୁକ୍ତି ଗ୍ରହଣୀୟତା ପାଇଁ ପରିଚିତ।

# ଏସ୍‌ବିଆଇ ଲାଇଫ ପକ୍ଷରୁ ୨୦୨୫ ହ୍ୟାକ୍-ଏଆଇ-ଥନର ଫାଇନାଲ୍




ମୁମ୍ବାଇ: ଦେଶର ଅନ୍ୟତମ ସବୁଠୁ ବିଶ୍ୱସନୀୟ ଘରୋଇ ଜୀବନ ବୀମା କମ୍ପାନୀ, ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ଏହାର ଜାତୀୟ ନବସୃଜନ ଅଭିଯାନ 'ହ୍ୟାକ-ଏଆଇ-ଥନ'ର ଫାଇନାଲ ଆୟୋଜିତ ହୋଇଯାଇଛି। ଏହା ବୀମା କ୍ଷେତ୍ର ସମ୍ମୁଖୀନ ହେଉଥିବା ବାସ୍ତବ-ବ୍ୟବସାୟିକ ଆହ୍ୱାନଗୁଡ଼ିକର ସମାଧାନ ପାଇଁ କୃତ୍ରିମ ବୁଦ୍ଧିମତା-ଚାଳିତ ସମାଧାନଗୁଡ଼ିକୁ କ୍ରାଉଡସୋର୍ସ କରିବା ପାଇଁ ଏକ ରଣନୈତିକ ପ୍ଲାଟଫର୍ମ । ଏହି କାର୍ଯ୍ୟକ୍ରମରେ ପଚାଶରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ ଗଠିତ ୧୬ରୁ ଅଧିକ ଶ୍ରେଷ୍ଠ ଟିମ ନିଜର ଆଇଡିଆ ଓ ସହଯୋଗିତା ଦେଖାଇଥିଲେ। ସେମାନେ ବୀମା ଶିଳ୍ପରେ ଗ୍ରାହକ ସେବା, ପରିଚାଳନା ଦକ୍ଷତା ଓ ଡିଜିଟାଲ ସେବା ପ୍ରଦାନରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରି ଏଆଇ ନେତୃତ୍ୱାଧୀନ ଉଦ୍ଭାବନ ଉପସ୍ଥାପନ କରିଥିଲେ। ଭୋପାଳର ସୁଶ୍ରୀ ଆଶା ବିଦ୍ୟାଧରନ ଏବଂ ରମିଜ ଖାନଙ୍କୁ ନେଇ ଗଠିତ ଇନୋଭେସନ୍ ବ୍ରିଗେଡ୍ ଦଳ ହ୍ୟାକ୍-ଏଆଇ-ଥନ୍ ୨୦୨୫ ର ବିଜେତା ଭାବରେ ଉଭା ହୋଇଥିଲା, ଏବଂ ହ୍ୟାକ୍-ଏଆଇ-ଥନ୍ ୨୦୨୫ ଗ୍ରାଣ୍ଡ ଫିନାଲେରେ ସେମାନଙ୍କର ଅଭିନବ ସମାଧାନ ସହିତ ପ୍ୟାନେଲକୁ ପ୍ରଭାବିତ କରିଥିଲା। ଏସମ୍ପର୍କରେ ଏସବିଆଇ ଲାଇଫ୍ ଇନସ୍ୟୁରାନ୍ସର ବ୍ରାଣ୍ଡ, କର୍ପୋରେଟ କମ୍ୟୁନିକେସନ୍ ଏବଂ ସିଏସଆର ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି ଯେ, 'ବୀମାର ଭବିଷ୍ୟତ ଗଠନରେ ପରବର୍ତ୍ତୀ ପିଢ଼ିର ସମସ୍ୟା ସମାଧାନକାରୀଙ୍କୁ ନିୟୋଜିତ କରିବା ପାଇଁ 'ହ୍ୟାକ-ଏଆଇ-ଥନ'ର ପରିକଳ୍ପନା କରାଯାଇଥିଲା। ଯୁବ ମସ୍ତିଷ୍କଗୁଡ଼ିକ କିପରି ସ୍ପଷ୍ଟତା ଏବଂ ଉଦ୍ଦେଶ୍ୟ ସହିତ ଜଟିଳ ଶିଳ୍ପ ଆହ୍ୱାନଗୁଡ଼ିକୁ ସାମ୍ନା କରନ୍ତି ତାହା ଦେଖିବା ଉତ୍ସାହଜନକ। ସେହିଭଳି ହ୍ୟାକ-ଏଆଇ-ଥନ ୨୦୨୫ ଜିତିବା ପରେ ଇନୋଭେସନ୍ ବ୍ରିଗେଡ୍ ଦଳ କହିଛନ୍ତି, ପ୍ରତ୍ୟେକ ପଦକ୍ଷେପରେ ଉତ୍କୃଷ୍ଟ ସମନ୍ୱୟ, ବିଶେଷଜ୍ଞ ପରାମର୍ଶ ସହିତ ଏସବିଆଇ ଲାଇଫ୍‌ର ହ୍ୟାକ୍-ଏଆଇ-ଥନ୍ ୨୦୨୫ରେ ଅଂଶଗ୍ରହଣ କରିବା ପ୍ରକୃତରେ ଏକ ସମୃଦ୍ଧ ଅଭିଜ୍ଞତା ଥିଲା ।

# କଟକରେ ଜିଓର ସର୍ବାଧିକ ହାରାହାରି ଡାଉନଲୋଡ୍ ସ୍ପିଡ୍ ହାସଲ

Jio

କଟକ(ଭାସ୍କର ନ୍ୟୁଜ): ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ଏପ୍ରିଲ ୨୦୨୫ ପାଇଁ ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ୍ ପରୀକ୍ଷଣ (ଆଇଡ଼ିଟି) ଫଳାଫଳ ଅନୁଯାୟୀ, ରିଲାଏନ୍ସ ଜିଓ କଟକ ସହରରେ ବେଶ ପ୍ରଭାବଶାଳୀ ନେଟୱାର୍କ ପ୍ରଦର୍ଶନ କରିଛି। ଟ୍ରାଇର ନିୟମିତ ସେବା ଗୁଣବତ୍ତା ଅଡିଟ୍ ର ଏକ ଅଂଶ ଭାବରେ ଏହି ଡ୍ରାଇଭ୍ ପରୀକ୍ଷଣ ୧୫ ଏପ୍ରିଲରୁ ୧୮ ଏପ୍ରିଲ ୨୦୨୫ ଯାଏଁ ଓଡ଼ିଶା ସେବା କ୍ଷେତ୍ରର କଟକ ସହରରେ କରାଯାଇଥିଲା, ଯେଉଁଥିରେ ମୋଟ ୩୩୧.୪ କିଲୋମିଟର ଡ୍ରାଇଭ୍ ସହିତ ରିଅଲ୍-ଟାଇମ୍ ନେଟୱାର୍କ ପ୍ରଦର୍ଶନ ମୂଲ୍ୟାଙ୍କନ କରାଯାଇଥିଲା। କଟକ ସହରରେ ଡାଟା ସେବା ପାଇଁ କରାଯାଇଥିବା ପରୀକ୍ଷଣରେ, ଜିଓ ଏହାର ନେଟୱାର୍କର ପ୍ରାଧାନ୍ୟ ପ୍ରମାଣିତ କରି ସର୍ବାଧିକ ୨୩୩.୪୬ ଏମବିପିଏସ ହାରାହାରି ଡାଉନଲୋଡ୍ ସ୍ପିଡ୍ ହାସଲ କରିବା ସହିତ ୨୪.୦୪ ଏମବିପିଏସର ଦୃଢ଼ ଅପଲୋଡ୍ ସ୍ପିଡ୍ ପ୍ରଦର୍ଶନ କରିଥିବା ଏହି ରିପୋର୍ଟରୁ ଜଣାପଡିଛି। ଜିଓର ହାରାହାରି ଡାଉନଲୋଡ୍ ସ୍ପିଡ୍ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ପ୍ରାୟ ଦୁଇଗୁଣ ରହିଥିଲା। ବ୍ୟସ୍ତବହୁଳ ହଟସ୍ପଟ୍ ?ଗୁଡ଼ିକରେ ମଧ୍ୟ, ଜିଓର ୫ଜି ଡାଉନଲୋଡ୍ ସ୍ପିଡ୍ ୧୦୨.୦୯ ଏମବିପିଏସ ରହିଥିଲା, ଯାହା ଷ୍ଟ୍ରିମିଂ, ଭିଡିଓ କନଫରେନ୍ସିଂ ଏବଂ ରିଅଲ୍-ଟାଇମ୍ ଆପ୍ଲିକେସନ୍ ପାଇଁ ନିରବଚ୍ଛିନ୍ନ ଯୋଗାଯୋଗ ସଂଯୋଗ ସୁନିଶ୍ଚିତ କରିଥିଲା। କଟକରେ ଜିଓର ଅଗ୍ରଣୀ ପ୍ରଦର୍ଶନ ଏହାର ବ୍ୟାପକ ଜାତୀୟ ପ୍ରଦର୍ଶନକୁ ପ୍ରତିଫଳିତ କରିଛି। ଭାରତର ସାତଟି ପ୍ରମୁଖ ସହର ଏବଂ ଜାତୀୟ ରାଜପଥ କରିଡରରେ ଏପ୍ରିଲ ୨୦୨୫ରେ ହୋଇଥିବା ପରୀକ୍ଷଣର ଟ୍ରାଇର ରିପୋର୍ଟରେ, ସାତଟି କ୍ଷେତ୍ର ମଧ୍ୟରୁ ପାଞ୍ଚଟିରେ ଜିଓ ଶୀର୍ଷ ମାନ୍ୟତାପ୍ରାପ୍ତ ଅପରେଟର ଭାବରେ ଉଭା ହୋଇଛି।

# ଏସିୟାନ୍ ପେଣ୍ଟସ୍ ଆଣିଛି 'ରୋୟାଲ୍ ଗ୍ଲିଟ୍ସ-ଟ୍ରିବ୍ୟୁଟ୍ ଟୁ ଓଡିଶା' ସ୍ପେସିଆଲ୍ ଏଡିସନ୍ ପ୍ୟାକ୍

ନୂଆଦିଲ୍ଲୀ: ଓଡିଶାରେ ପାରମ୍ପରିକତା କେବଳ ସଂରକ୍ଷିତ ହୋଇନଥାଏ, ସେହିଟି ଲୋକଙ୍କ ଦୈନନ୍ଦିନ ଜୀବନ, ପାର୍ବଣ, ଓ ଅଭିବ୍ୟକ୍ତିର ଅଂଶ ଅଟୁଟ ଭାବରେ ରହିଛି। ଘୁମୁରା ନୃତ୍ୟର ଗାମ୍ଭୀର୍ଯ୍ୟପୂର୍ଣ୍ଣ ପଦକ୍ଷେପରୁ ଆରମ୍ଭ କରି ପୁରାତନ ମନ୍ଦିରଗୁଡ଼ିକର ଅଦ୍ଭୁତ ସୌନ୍ଦର୍ଯ୍ୟ ଓ ଓଲିଭ୍ ରିଡ୍ଲି କଚ୍ଛପମାନଙ୍କର ସମୁଦ୍ରତଟୀୟ ଆକର୍ଷଣ-ଓଡିଶା ଏପରି ଅନେକ ପ୍ରେରଣାଦାୟକ କଥାରେ ଭରିଛି। ଏହି ବିଶେଷ ସଂସ୍କୃତିକୁ ସମ୍ମାନ ଜଣେଇବା ପାଇଁ, ଭାରତର ଅଗ୍ରଣୀ ପେଣ୍ଟ୍ ଏବଂ ଡେକର୍ ବ୍ରାଣ୍ଡ୍ ଏସିୟାନ୍ ପେଣ୍ଟସ୍ ତାଙ୍କର ରୋୟାଲ୍ ଗ୍ଲିଟ୍ସ ଲକ୍ସୁରୀ ରେଞ୍ଜରେ 'ଟ୍ରିବ୍ୟୁଟ୍ ଟୁ ଓଡିଶା' ନାମକ ଏକ ଆକର୍ଷଣୀୟ ନୂଆ ବିଶେଷ ଏଡିସନ୍ ଉନ୍ମୋଚନ କରିଛି। ଏହି ପ୍ୟାକ୍ ତାହାର ଡିଜାଇନ୍ ଓ କାହାଣୀ ମାଧ୍ୟମରେ ଓଡିଶାର ସମୃଦ୍ଧ ସଂସ୍କୃତିକୁ ପ୍ରଦର୍ଶିତ କରେ। ଏହି ବିଶେଷ ପ୍ୟାକ୍ର ଡିଜାଇନ୍ ଗୁଡିକ ପଟ୍ଟଚିତ୍ରରୁ ପ୍ରେରିତ-ଏହା ଭାରତର ସବୁଠାରୁ ପୁରୁଣା ଓ ଉତ୍ତମ କଳାରୂପ ଗୁଡ଼ିକ ମଧ୍ୟରୁ ଗୋଟିଏ। ଏହାର ଚିତ୍ରକଳା ଓଡିଶାର ଅସଲ ଆତ୍ମାକୁ ପ୍ରତିବିମ୍ବିତ କରେ। ଏହି ପ୍ୟାକ୍ରେ ଶାଳୀନ ଓଡିଶୀ ନୃତ୍ୟ, ଶକ୍ତିଶାଳୀ ହୀରାକୁଦ୍ ବନ୍ଧ ଓ ପ୍ରସିଦ୍ଧ କୋଣାର୍କ ଚକ୍ର ପରି ଅନେକ ଉଲ୍ଲେଖନୀୟ ଅଂଶ ସାମିଲ୍ ଅଛି। ପ୍ରତ୍ୟେକ ପ୍ରତୀକ ଓଡିଶାର ଓ ଅବିନାଶୀ ଆତ୍ମା ପାଇଁ ଏକ ଅର୍ଥପୂର୍ଣ୍ଣ ସମ୍ମାନ। ପରିପୂର୍ଣ୍ଣ କ୍ରେମ୍ ଫିନିସ୍ ଓ କ୍ରାକ୍-ଫ୍ରି ପର୍ଫର୍ମାନ୍ସ ପାଇଁ ପ୍ରସିଦ୍ଧ ରୋୟାଲ୍ ଗ୍ଲିଟ୍ସ ରେଞ୍ଜ୍, ବର୍ତ୍ତମାନ ଓଡିଶାର ସାର ଓ ଆତ୍ମାକୁ ଆବୃତ କରି ଆସିଛି। ଏହା ଘରମାଲିକମାନଙ୍କୁ ସ୍ଥାନୀୟ ସଂସ୍କୃତିକୁ ଆଧୁନିକ ରମାନେଙ୍କରେ ଆଣିବା ପାଇଁ ଆମନ୍ତ୍ରଣ ଜଣାଉଛି ଏବଂ ଏହା ଓଡିଶାର ପ୍ରମୁଖ ବଜାରଗୁଡ଼ିକରେ ଉପଲବ୍ଧ ଅଛି।

# ବିର୍ଲା ଟାୟାର ଲୋଗୋ ଏବଂ ୱେବସାଇଟ୍ ସହିତ ନୂତନ ବ୍ରାଣ୍ଡର ଶୁଭାରମ୍ଭ

ବାଲେଶ୍ୱର(ଭାସ୍କର ନ୍ୟୁଜ): ବିର୍ଲା ଟାୟାର ଏହାର ନୂତନ ବ୍ରାଣ୍ଡ ପରିଚୟର ଶୁଭାରମ୍ଭ କରି ଗର୍ବିତ, ଯେଉଁଥିରେ କମ୍ପାନୀର ନୂତନ ଲୋଗୋ ଏବଂ କର୍ପୋରେଟ୍ ୱେବସାଇଟ୍ ଅନ୍ତର୍ଭୁକ୍ତ। ଯାହା ଏହାର ନୂତନ ପ୍ରମୋଟର ଡାଲମିଆ ଭାରତ ରେଫ୍ରାକ୍ଟୋରିଜ୍ ଲିମିଟେଡ୍ (ଡିବିଆରଏଲ୍) ଏବଂ ହିମାଦ୍ରି ସ୍ପେଶାଲିଟି କେମିକାଲ୍ ଲିମିଟେଡ୍ (ଏଚଏସସିଏଲ୍, ଷ୍ଟ୍ରାଟେଜିକ୍ ପାର୍ଟନର)ଙ୍କ ଦ୍ୱାରା କରାଯାଇଛି। ବିର୍ଲା ଟାୟାରର ନୂତନ ଲୋଗୋରେ ଗତି ଏବଂ ଶକ୍ତିର ପ୍ରତୀକ ସ୍ୱରୂପ ଏକ କଷ୍ଟମ୍-ଡିଜାଇନ୍ ୱାର୍ଡମାର୍କ ରହିଛି, ଏକ ଆକର୍ଷଣୀୟ ବାଘର ସଙ୍କେତ ରହିଛି ଯାହା ଶକ୍ତି, କ୍ଷୀପ୍ରତା ଏବଂ ନେତୃତ୍ୱକୁ ପ୍ରତିପାଦିତ କରିଥାଏ। ଏହାର ସ୍ପଷ୍ଟ ନୀଳ ଏବଂ କମଳା ପ୍ୟାଲେଟ୍ ସହିତ, ଲୋଗୋ ବିଶ୍ୱାସ, ଆଶାବାଦ ଏବଂ ନେତୃତ୍ୱ ନେବା ପାଇଁ ବ୍ରାଣ୍ଡର ଦକ୍ଷତାର ଏକ ସ୍ପନ୍ଦନଶୀଳ ଉପସ୍ଥାପନା ଭାବରେ ରହିଛି। ଏକତ୍ର ଭାବରେ, ଏହି ଉପାଦାନଗୁଡ଼ିକ ବିର୍ଲା ଟାୟାରର ନବୀକରଣ ମହତ୍ୱାକାଂକ୍ଷା ଏବଂ ଦ୍ରୁତ ଗତିଶୀଳତା ପରିପ୍ରେକ୍ଷୀରେ ଜିତିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୂଚାଇଥାଏ। ଏହି ଅବସରରେ ହିମାଦ୍ରି ସ୍ପେଶାଲିଟି କେମିକାଲ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଅନୁରାଗ ଚୌଧୁରୀ କହିଛନ୍ତି 'ଏହି ପୁନଃବ୍ରାଣ୍ଡିଂ କେବଳ ଏକ ଦୃଶ୍ୟ ପରିବର୍ତ୍ତନ ନୁହେଁ; ଏହା ଉଦ୍ଦେଶ୍ୟମୂଳକ ବିକାଶ ଏବଂ ପ୍ରଗତି ପ୍ରତି ଆମର ସମର୍ପଣର ପ୍ରମାଣ। ଡାଲମିଆ ଭାରତ ରିଫ୍ରାକ୍ଟୋରିଜ୍ ଲିମିଟେଡ୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଏବଂ ସିଇଓ ଡକ୍ଟର ଚନ୍ଦ୍ର ନାରାୟଣ ମାହେଶ୍ୱରୀ ଆହୁରି କହିଛନ୍ତି ଆମର ନୂତନ ଲୋଗୋ ବିର୍ଲା ଟାୟାରର ସାରକୁ ପ୍ରକାଶ କରେ, ଯାହା ଚାରୋଟି ମୌଳିକ ସ୍ତମ୍ଭ ଉପରେ ପ୍ରତିଷ୍ଠିତ ଏକ ଐତିହ୍ୟ ଯାହା ସାହସକୁ ପ୍ରେରଣା ଦିଏ, ଏକ ଉତ୍ପାଦ ଲାଇନ୍ ଯାହା ଭବିଷ୍ୟତ ପାଇଁ ପ୍ରସ୍ତୁତ, ନିରନ୍ତର ନବସୃଜନ ପ୍ରତି ଏକ ଅଟଳ ପ୍ରତିବଦ୍ଧତା ଏବଂ ଆମ ଚାରିପାଖର ବିଶ୍ୱ ସହିତ ଏକତାକୁ ଦର୍ଶାଏ।



ଲିଡ୍ସ: ଇଂଲଣ୍ଡ ବିପକ୍ଷ ପାଞ୍ଚଟିକିଆ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚରେ ଭାରତୀୟ ଦଳ ଭଲ ଆରମ୍ଭ କରିଛି। ମ୍ୟାଚର ପ୍ରଥମ ଦିନରେ ଅଧିନାୟକ ଶୁବମନ ଗିଲ ଏବଂ ଯଶସ୍ୱୀ ଜୟସ୍ୱାଲ ଚମତ୍କାର ଶତକ ହାସଲ କରି ଦଳର ସ୍କୋରକୁ ୩୦୦ ଅତିକ୍ରମ କରାଇଛନ୍ତି। ଅଧିନାୟକ ଗିଲ ଶତକ ହାସଲ କରିବା ସତ୍ତ୍ୱେ ବଡ଼ ଅସୁବିଧାରେ ପଡ଼ିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ତାଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇପାରେ, କାରଣ ଗିଲ ଆଇସିସିର ଏକ ପ୍ରମୁଖ ନିୟମ ଭାଙ୍ଗିଛନ୍ତି। ଏଥିପାଇଁ ତାଙ୍କୁ କଡ଼ା ଜରିମାନା ହୋଇପାରେ। ଟିମ ଇଣ୍ଡିଆର ନୂଆ ଅଧିନାୟକ ଗିଲ ହେଡିଙ୍ଗଲି ଟେଷ୍ଟ ସମୟରେ ଏକ ଚମତ୍କାର ଶତକ ହାସଲ କରି ତାଙ୍କ ଅଧିନାୟକତ୍ୱର ଏକ ଭଲ ଆରମ୍ଭ କରିଥିଲେ, କିନ୍ତୁ ଏହି ସମୟରେ ସେ ଏକ ବଡ଼ ଭୁଲ କରିଥିଲେ। ଯେତେବେଳେ ସେ ବ୍ୟାଟିଂ କରିବାକୁ ଆସିଥିଲେ, ସେ ଧଳା ମୋଜା ବଦଳରେ କଳା ମୋଜା ପିନ୍ଧିଥିଲେ, ଯେତେବେଳେ ଟେଷ୍ଟ ମ୍ୟାଚ ରେ ଧଳା ମୋଜା ପିନ୍ଧିବାର ନିୟମ ଅଛି। ଏହି ନିୟମ ମେରିଲେବୋନ କ୍ରିକେଟ କ୍ଲବ (ଆଇସିସି)ର ସୁପାରିଶରେ ଲାଗୁ କରାଯାଇଛି, ଯାହା କ୍ରିକେଟର ନିୟମ ନିର୍ଣ୍ଣୟ କରେ। ଡ୍ରେସ କୋଡ ନିୟମ ଉଲ୍ଲଂଘନ କରିବା ପାଇଁ ଗିଲଙ୍କୁ ଗରିମାନା ଦେବାକୁ ପଡ଼ିବ। କଳା ମୋଜା ବିଷୟରେ ଆଇସିସି ନିୟମ ୧୯.୪୫ ରେ କୁହାଯାଇଛି ଯେ, ଜଣେ ଖେଳାଳି ଟେଷ୍ଟ ମ୍ୟାଚ ସମୟରେ ଧଳା ପୋଷାକ, କ୍ରିମ କିମ୍ବା ହାଲୁକା ମାଟିଆ ମୋଜା ପିନ୍ଧିବା ଉଚିତ, କିନ୍ତୁ ଗିଲ କଳା ମୋଜା ପିନ୍ଧିଥିଲେ, ଯାହା ଆଇସିସି ନିୟମର ଉଲ୍ଲଂଘନ। ଏହି ନିୟମ ୨୦୨୩ ମେ ମାସରେ ଲାଗୁ ହୋଇଥିଲା।

## ହେଡିଙ୍ଗଲେ ଟେଷ୍ଟ

# ଭାରତ ୪୭୧ ରନ୍‌ରେ ଅଲଆଉଟ୍



ହେଡିଙ୍ଗଲେ : ତିନିଜଣ ବ୍ୟାଟ୍ସମ୍ୟାନଙ୍କ ଶତକ ଯୋଗୁଁ ହେଡିଙ୍ଗଲେ ଟେଷ୍ଟରେ ଗୋଟିଏ ସମୟରେ ଏକ ବିଶାଳସ୍କୋର ଆଡ଼କୁ ଗତି କରୁଥିଲା ଭାରତ। ଲାଗୁଥିଲା ଭାରତର ସ୍କୋର ୬୦୦ ଟପିଯିବ । କିନ୍ତୁ ମଧ୍ୟକ୍ରମ ଓ ନିମ୍ନକ୍ରମ ବ୍ୟାଟ୍ସମ୍ୟାନଙ୍କ ଚରମ ବିଫଳତା ଫଳରେ ଭାରତ ୪୭୧ ରନରେ ଅଲଆଉଟ ହୋଇଯାଇଛି। ଏହି ମ୍ୟାଚରେ ଏହି ମ୍ୟାଚରେ ଇଂଲଣ୍ଡ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ଓ କେଏଲ ରାହୁଲ ବ୍ୟାଟିଂ ଓପନ କରିଥିଲେ। କେଏଲ ରାହୁଲ ୪୨ ରନ କରି ଆଉଟ ହୋଇଥିବାବେଳେ ଜୟସ୍ୱାଲ ନିଜର ଲଢୁଆ ବ୍ୟାଟିଂ ଜାରି ରଖିଥିଲେ । ତେବେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ସାଇ ସୁଦର୍ଶନ ଖାତା ଖୋଲିପାରିନଥିଲେ । ତାଙ୍କ ପରେ ଆସିଥିବା ଶୁଭମନ ଗିଲ୍ ସତର୍କତାର ସହ ବ୍ୟାଟିଂ କରି ଜୟସ୍ୱାଲଙ୍କ ସହ ଏକ ଭଲ ପାର୍ଟନରସିପ କରିଥିଲେ । ଜୟସ୍ୱାଲ ମାତ୍ର ୧୫୬ ବଲରେ ଶତକ ପୂରଣ କରିଥିଲେ । ଜୟସ୍ୱାଲ ୧୦୧ ରନ କରି ଆଉଟ ହେବା ପରେ ଶୁଭମନ ନିଜର ଲଢୁଆ ବ୍ୟାଟିଂ ଜାରି ରଖିଥିଲେ ଓ ନିଜର ଶତକ ପୂରଣ କରିଥିଲେ । ସେ ଋଷଭ ପନ୍ତଙ୍କ ସହ ମିଶି ଏକ ଭଲ ପାର୍ଟନରସିପ କରିଥିଲେ । ମ୍ୟାଚର ଦ୍ୱିତୀୟ ଦିନରେ ଉଭୟ ବ୍ୟାଟ୍ସମ୍ୟାନ ଭାରତୀୟ ଇନିଂସକୁ ଆଗେଇ ନେବା ସହ ଦଳୀୟ ସ୍କୋରକୁ ୪୦୦ ସେପଟକୁ ନେଇଯାଇଥିଲେ। ଋଷଭ ପନ୍ତ ୧୪୬ଟି ବଲରୁ ଶତକ ଅର୍ଜନ କରିଥିଲେ । ଏହା ପରେ ଅନ୍ୟବ୍ୟାଟ୍ସମ୍ୟାନମାନେ କ୍ରିଜରେ ତିଷ୍ଠି ପାରିନଥିଲେ । ଫଳରେ ୪୩୦ ରନରେ ୪ଟି ୱିକେଟ ହରାଇଥିବା ଭାରତ ୪୭୧ ରନରେ ଅଲଆଉଟ ହୋଇଯାଇଥିଲା । ଇଂଲଣ୍ଡ ପକ୍ଷରୁ ଜୋସ ଟଙ୍ଗ ଓ ବେନ ଷ୍ଟୋକ୍ସ ୪ଟି ଲେଖାଏଁ ୱିକେଟ ନେଇଥିଲେ । ସେହିପରି ବ୍ରାଇଡନ କାର୍ସେ ଓ ସୋଏବ ବସିର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ । ଭାରତ ଅଲଆଉଟ୍ ହେବା ପରେ ଇଂଲଣ୍ଡ ୪୯ ଓଭର ସୁଦ୍ଧା ୩ ୱିକେଟ୍ ବିନିମୟରେ ୨୦୯ ରନ୍ ସଂଗ୍ରହ କରିଥିବା ଜଣାପଡ଼ିଛି ।

# ଧୋନି ରେକର୍ଡ ଭାଙ୍ଗିଲେ ଋଷଭ ପନ୍ତ



ନୂଆଦିଲ୍ଲୀ: ଯଶସ୍ୱୀ ଜୈସୱାଲ ଓ ଶୁବମନ ଗିଲଙ୍କ ପରେ ଭାରତର ତୃତୀୟ ବ୍ୟାଟର ଭାବେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଶତକ ହାସଲ କରିଛନ୍ତି ଋଷଭ ପନ୍ତ। ଆଜି ସେ ଛକା ମାରି ଲିଡ୍ସରେ ନିଜର ଶତକ ପୂରଣ କରିବା ସହ ଭେଟରାନ ୱିକେଟ କିପର ବ୍ୟାଟର ମହେନ୍ଦ୍ର ସିଂହ ଧୋନିଙ୍କ ୧୧ ବର୍ଷ ପୁରୁଣା ରେକର୍ଡ ଭାଙ୍ଗି ଦେଇଛନ୍ତି। ଏଥିସହ ୱିକେଟ କିପର ଭାବେ ଭାରତ ପାଇଁ ସର୍ବାଧିକ ଶତକ ହାସଲ କରିବାର ରେକର୍ଡର ଅଧିକାରୀ ମଧ୍ୟ ହୋଇପାରିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ପନ୍ତଙ୍କ ବ୍ୟାଟରୁ ରେକର୍ଡ ଶତକ ବାହାରିଛି। ପ୍ରଥମ ଦିନରେ ପନ୍ତ ଅପରାଜିତ ୬୫ ରନ କରିଥିଲେ। ଆଜି ଆରମ୍ଭରୁ ସେ ଆଟାକିଂ ଶଟ ଖେଳି ବ୍ରେଣ୍ଡନ କାର୍ସେଙ୍କୁ ୨ଟି ଚୌକା ମାରିଥିଲେ। ଏହାପରେ ଶୋଏବ ବଶିରଙ୍କୁ ଗୋଟି ଚୌକା ଓ ଛକା ମାରି ନିଜ ସ୍କୋରକୁ ୯୦ରେ ପହଞ୍ଚାଇ ଦେଇଥିଲେ। ଶେଷରେ ସେହି ବଶିରଙ୍କୁ ଡିପ ମିଡୱିକେଟ ଅଞ୍ଚଳରେ ଛକା ମାରି ଶତକ ପୂରଣ କରିଥିଲେ। ଶତକ ପରେ ତାଙ୍କର ସେଲିବ୍ରେସନ ବେଶ ନିଆରା ଥିଲା। ସେ ବ୍ୟାକ ଫ୍ଲିପ କରି ଶତକର ଖୁସି ଜାହିର କରିଥିଲେ ପନ୍ତ। ପନ୍ତ ଶତକ ମାରିବା କ୍ଷଣି ଭାରତ ପାଇଁ ସର୍ବାଧିକ ସେଞ୍ଚୁରୀ ହାସଲ କରିଥିବା ୱିକେଟ କିପର ବନି ଯାଇଛନ୍ତି। ପୂର୍ବରୁ ଏହି ତାଲିକାର ୧ନଂ ସ୍ଥାନରେ ମହେନ୍ଦ୍ର ସିଂହ ଧୋନି ରହିଥିଲେ। ଧୋନି ତାଙ୍କର ୯୦ଟି ଟେଷ୍ଟ ମ୍ୟାଚ୍ ?ରେ ୬ଟି ଶତକ ହାସଲ କରିଥିଲେ। କିନ୍ତୁ ପନ୍ତ ନିଜର ୪୪ତମ ମ୍ୟାଚରେ ୭ମ ଶତକ ହାସଲ କରିଛନ୍ତି। ସେହିପରି ୱିକେଟ କିପର ଭାବେ ପୂରା ବିଶ୍ୱରେ ସର୍ବାଧିକ ଶତକ ହାସଲ କରିଥିବା କ୍ରିକେଟରଙ୍କ ତାଲିକାର ୪ର୍ଥ ସ୍ଥାନକୁ ଉଠିଛନ୍ତି ପନ୍ତ। ଏଥିସହ କୁମାର ସାଙ୍ଗାକାରା, ଏବି ଡିଭିଲିୟର୍ସ ଓ ବିଜେ ୱାଟଲିଙ୍ଗଙ୍କ ସମକକ୍ଷ ହୋଇଛନ୍ତି। ଏହି ତାଲିକାର ୧ନଂ ସ୍ଥାନରେ ଆଡାମ ଗିଲଖ୍ରୀଷ୍ଟ ୧୭ଟି ଶତକ ସହ ୧ନଂ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ଆଣ୍ଡୀ ଫ୍ଲାୱର(୧୨) ଓ ଲେସ ଆମ୍ସ(୮) ରହିଛନ୍ତି। ଅନ୍ୟପକ୍ଷରେ ଇଂଲଣ୍ଡରେ ଏହା ପନ୍ତଙ୍କ ତୃତୀୟ ଟେଷ୍ଟ ଶତକ। ସେ ପ୍ରଥମ ବିଦେଶୀ ୱିକେଟ କିପର ଭାବେ ଭାବେ ଏପରି କୀର୍ତ୍ତିମାନ ହାସଲ କରିଛନ୍ତି। ଶତକ ହାସଲ କରିବା ପରେ ପନ୍ତ ବଡ଼ବଡ଼ ଶଟ ଖେଳିବା ଆରମ୍ଭ କରିଥିଲେ। ଶେଷରେ ଭାରତର ସ୍କୋର ୪୫୩ ଥିବା ବେଳେ ସେ ବ୍ୟକ୍ତିଗତ ୧୩୪ ରନ କରି ଆଉଟ ହୋଇଛନ୍ତି। ପନ୍ତ ଏହି ଇନିଂସରେ ୧୨ଟି ଚୌକା ଓ ୬ଟି ଛକା ମାରିଛନ୍ତି। ତାଙ୍କ ୱିକେଟ ଜଶ ଟଙ୍ଗଙ୍କୁ ମିଳିଛି।

## ଅଣ୍ଡର-୯ ଓପନ୍ ଚେସ୍ ଚମ୍ପିଆନ

# ସାତ୍ୱିକ ସ୍ୱାଇଁଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅଣ୍ଡର-୯ ଓପନ୍ ଚେସ୍ ଚାମ୍ପିଅନସିପ୍ ଟାଇଟଲ୍ ଅର୍ଜନ କରିଥିବା ସାତ୍ୱିକ ସ୍ୱାଇଁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଅଣ୍ଡର-୯ ଓପନ୍ ଚେସ୍ ଚାମ୍ପିଅନସିପ୍ ଟାଇଟଲ୍ ଅର୍ଜନ କରି ଜାତୀୟ ସ୍ତରରେ ରାଜ୍ୟକୁ ଗୌରବାନ୍ୱିତ କରିଥିବା କନିଷ୍ଠ ଚେସ୍ ପ୍ରତିଭା ସାତ୍ୱିକ ସ୍ୱାଇଁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସ୍ୱଳ୍ପ ବୟସରେ ତାଙ୍କ କଠିନ ପରିଶ୍ରମ, ତୀକ୍ଷ୍ଣ ବୁଦ୍ଧିମତା ଓ ମାନସିକ ସ୍ଥିରତା ସମସ୍ତଙ୍କ ପାଇଁ ଏକ ପ୍ରେରଣା । ନିରନ୍ତର ପ୍ରୋତ୍ସାହନ ଓ ଅବିଚଳ ସମର୍ଥନ ଦ୍ୱାରା ସାତ୍ୱିକଙ୍କ ସଫଳତାର ପଥ ପ୍ରଶସ୍ତ କରିଥିବା ତାଙ୍କ ପିତାମାତା ଓ ପ୍ରଶିକ୍ଷକମାନଙ୍କୁ ମଧ୍ୟ ମୋର ଆନ୍ତରିକ ଶୁଭେଚ୍ଛା। ସାତ୍ୱିକଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସହ ଉତରୋତର ଉନ୍ନତି କାମନା କରୁଛି ।


# ମାଷ୍ଟର୍ସ କପ୍ ହକି କ୍ୱାର୍ଟରରେ ଓଡ଼ିଶା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ତାମିଲନାଡୁରେ ଚାଲିଥିବା ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ କପ୍‌ର କ୍ୱାର୍ଟରଫାଇନାଲ୍‌ରେ ଓଡ଼ିଶା ପ୍ରବେଶ କରିଛି। ନିଜର ପ୍ରଥମ ଗ୍ରୁପ୍ ମ୍ୟାଚ୍‌ରେ ପୁଡୁଚେରୀକୁ ହରାଇଥିବା ଓଡ଼ିଶା ଶୁକ୍ରବାର ପଞ୍ଜାବକୁ ୫-୨ରେ ହରାଇ ଗ୍ରୁପ୍-ବି'ରେ ଶୀର୍ଷ ସ୍ଥାନ ଦଖଲ କରି କ୍ୱାର୍ଟରଫାଇନାଲ୍ ସ୍ଥାନ ପକ୍କା କରିଛି। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଧରମପାଲ ସିଂହ (୧୭ ମିନିଟ୍)ଙ୍କ ଗୋଲ୍‌ରେ ପଞ୍ଜାବ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଏହା ପର ମିନିଟ୍‌ରେ ଓଡ଼ିଶାକୁ ମିଳିଥିବା ପେନାଲ୍‌ଟି କର୍ଣ୍ଣରକୁ ଅଧିନାୟକ ଲାଜରୁସ ବାର୍ଲା (୧୮ ମିନିଟ୍) ଗୋଲ୍‌ରେ ପରିଣତ କରି ୧-୧ ସ୍ତରକୁ ଆଣିଥିଲେ। ୨୨ତମ ମିନିଟ୍‌ରେ ରାମ ଶରଣଙ୍କ ଗୋଲ୍ ?ରେ ପଞ୍ଜାବ ପୁଣି ଆଗୁଆ ହୋଇଥିଲା। ଏହାପରେ ଓଡ଼ିଶା ଖେଳାଳି ପଞ୍ଜାବକୁ କୌଣସି ସୁଯୋଗ ନ ଦେଇ ୪ ଗୋଲ୍ ଲଦି ବିଜୟ ବାନା ଉଡ଼ାଇଥିଲେ। ଓଡ଼ିଶା ପକ୍ଷରୁ ଅନୀଲ କୁଲୁ (୩୩, ୩୭ ମିନିଟ୍) ଦୁଇଟି, ସୁନିଲ ଲାକ୍ରା (୩୦ ମିନିଟ୍) ଓ ରଜତ କୁମାର ମିଞ୍ଜ (୪୫ ମିନିଟ୍) ଏହି ୪ ଗୋଲ୍ ଦେଇଥିଲେ।

## ଇତିହାସ ରଚିଲେ ସୁନା ପୁଅ


# ବିଦେଶ ମାଟିରେ ତ୍ରିରଙ୍ଗା ଉଡ଼ାଇଲେ ନୀରଜ



ପ୍ୟାରିସ୍: ପ୍ୟାରିସରେ ଶୁକ୍ରବାର ଭାରତୀୟ ତାରକା ଆଥଲେଟିକ୍ସ ନୀରଜ ଚୋପ୍ରା ପୁଣି ଥରେ ଚମକିଛନ୍ତି। ନୀରଜ ଚୋପ୍ରା ପ୍ୟାରିସ ଡାଇମଣ୍ଡ ଲିଗରେ ୮୮.୧୬ ମିଟର ଥ୍ରୋ କରି କେବଳ ସିଜିନର ପ୍ରଥମ ବିଜୟ ହାସଲ କରି ନ ଥିଲେ, ବରଂ ଏହା ସାମଗ୍ରିକ ଭାବରେ ତାଙ୍କର ପଞ୍ଚମ ଡାଇମଣ୍ଡ ଲିଗ ବିଜୟ ମଧ୍ୟ ହୋଇଥିଲା। ନୀରଜ ପ୍ରଥମ ପ୍ରୟାସରେ ଏହି ବିଜୟ ହାସଲ କରିଥିଲେ ଏବଂ ପରବର୍ତ୍ତୀ ଥ୍ରୋରେ ସଂଘର୍ଷ କରିବା ସତ୍ତ୍ୱେ, ସେ ତାଙ୍କର ଅଗ୍ରଣୀ ବଜାୟ ରଖିବାରେ ସଫଳ ହୋଇଥିଲେ। ପ୍ରତିଯୋଗିତା ପୂର୍ବରୁ, ଜର୍ମାନୀର ଜୁଲିଆନ ୱେବରଙ୍କୁ ନୀରଜଙ୍କ ପାଇଁ ସବୁଠାରୁ ବଡ଼ ବିପଦ ବୋଲି ବିବେଚନା କରାଯାଉଥିଲା। ୱେବର ୨୦୨୩ ଦୋହାରେ ନୀରଜଙ୍କୁ ପରାସ୍ତ କରିଥିଲେ, କିନ୍ତୁ ଏଥର ଚିତ୍ର ବଦଳିଗଲା। ପ୍ରଥମ ପ୍ରୟାସରେ ନୀରଜ ୮୮.୧୬ ମିଟର ଥ୍ରୋ କରିଥିଲେ। ଜୁଲିଆନ ୮୬.୨୦ ମିଟର ଥ୍ରୋ କରିଥିଲେ। ଏହା ପରେ ପରବର୍ତ୍ତୀ ୫ ଥ୍ରୋରେ, ନୀରଜ ନେତୃତ୍ୱ ନେଇଥିଲେ ଏବଂ ଜୁଲିଆନଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ। ଜୁଲିଆନ ସମଗ୍ର ପ୍ରତିଯୋଗିତାରେ ନୀରଜଙ୍କୁ ପଛରେ ପକାଇ ପାରି ନ ଥିଲେ। ନୀରଜ ସ୍ଥିରତା ଦେଖାଇଥିଲେ ଏବଂ ଶେଷ ଫଳାଫଳରେ ତାଙ୍କଠାରୁ ଆଗରେ ରହିଥିଲେ। ଏହା ନୀରଜଙ୍କ ଡାଇମଣ୍ଡ ଲିଗ କ୍ୟାରିୟରର ୫ମ ବିଜୟ ଥିଲା। ଏପର୍ଯ୍ୟନ୍ତ, ତାଙ୍କ ନାମରେ ଲୌସାନେ ୨୦୨୨, ଡାଇମଣ୍ଡ ଲିଗ ଫାଇନାଲ ୨୦୨୨(ଜୁରିଚ), ଦୋହା ୨୦୨୩, ଲୌସାନେ ୨୦୨୩ ଏବଂ ପ୍ୟାରିସ ୨୦୨୫ ବିଜୟ ଅନ୍ତର୍ଭୁକ୍ତ। ଏହା ଦର୍ଶାଏ ଯେ ନୀରଜ କେବଳ ଜଣେ 'ଅଲିମ୍ପିକ ଚାମ୍ପିଅନ' ନୁହଁନ୍ତି ବରଂ ଜଣେ ନିରନ୍ତର ଶ୍ରେଷ୍ଠ ପ୍ରଦର୍ଶନକାରୀ ଖେଳାଳି। ନୀରଜ ୮ ବର୍ଷ ପରେ ପ୍ୟାରିସ ଡାଇମଣ୍ଡ ଲିଗକୁ ଫେରିଥିଲେ। ଶେଷ ଥର ପାଇଁ ସେ ଜୁନିଅର ବିଶ୍ୱ ଚାମ୍ପିଅନ ଭାବରେ ଏଠାକୁ ଆସିଥିଲେ, ସେ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଏବେ ସେ ଶୀର୍ଷରେ ଅଛନ୍ତି।

# ଗୋଟିଏ ମ୍ୟାଚ୍‌ରେ ଦ୍ୱିଶତକ ମାରିଲେ ଶାଣ୍ଟୋ

ଗାଲେ: ଶ୍ରୀଲଙ୍କା ବିପକ୍ଷରେ ଏଠାରେ ଖେଳାଯାଉଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ କମାଲ କରିଛନ୍ତି ଜଣେ କ୍ରିକେଟର। ମ୍ୟାଚ୍‌ର ଉଭୟ ଇନିଂସରେ ସେ ଶତକ ହାସଲ କରି ଇତିହାସ ରଚିଛନ୍ତି। କ୍ରିକେଟରଜଣଙ୍କ ହେଲେ ବାଂଲାଦେଶ ଅଧିନାୟକ ନାଜମୁଲ ହାସନ ଶାଣ୍ଟୋ। ତେବେ ସେ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିବା ପ୍ରଥମ ବାଂଲାଦେଶୀ ଅଧିନାୟକ ହୋଇଛନ୍ତି। ଶାନ୍ତୋ ପ୍ରଥମ ଇନିଂସରେ ୧୪୮ ରନ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ସେ ୧୨୫ ରନର ଅପରାଜିତ ଇନିଂସ ଖେଳିଛନ୍ତି। ବାଂଲାଦେଶ ୬ ଉଇକେଟରେ ୨୮୫ ରନ୍‌ରେ ତା'ର ଦ୍ୱିତୀୟ ଇନିଂସ ଘୋଷଣା କରିଛି। ଏହିପରି ଶ୍ରୀଲଙ୍କାକୁ ଏହି ଟେଷ୍ଟ ମ୍ୟାଚ ଜିତିବା ପାଇଁ ୨୯୬ ରନ କରିବାକୁ ପଡ଼ିବ। କିନ୍ତୁ ବର୍ତ୍ତମାନ ଏହି ଟେଷ୍ଟ ମ୍ୟାଚ୍‌ରେ ଆଉ ସମୟ ନାହିଁ। ପଞ୍ଚମ ଦିନର ଖେଳ ଶେଷ ହେବାକୁ କେବଳ କିଛି ଓଭର ବାକି ଅଛି। ଏପରି ପରିସ୍ଥିତିରେ ଏହି ଟେଷ୍ଟ ମ୍ୟାଚ ଡ୍ର ଆଡକୁ ଯାଉଛି। ବାଂଲାଦେଶ ଅଧିନାୟକ ନାଜମୁଲ ଗାଲେ ଟେଷ୍ଟ ମ୍ୟାଚରେ ଇତିହାସ ରଚିଛନ୍ତି। ସେ ଏହି ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ପ୍ରଥମ ଇନିଂସରେ ସେ ୨୭୯ ବଲରେ ୧୫ ଚୌକା ଏବଂ ଗୋଟିଏ ଛକା ସହାୟତାରେ ୧୪୮ ରନ କରିଥିଲେ। ଏହା ବ୍ୟତୀତ ମୁଶଫିକର ରହିମ ମଧ୍ୟ ପ୍ରଥମ ଇନିଂସରେ ୧୬୩ ରନ୍‌ର ଇନିଂସ ଖେଳିଥିଲେ। ଏହା ସହିତ ବାଂଲାଦେଶ ତା'ର ପ୍ରଥମ ଇନିଂସରେ ୪୯୫ ରନ କରିଥିଲା। ଶ୍ରୀଲଙ୍କା ବିପକ୍ଷରେ ପ୍ରଥମ ଟେଷ୍ଟ ମ୍ୟାଚ୍ ?ରେ ବାଂଲାଦେଶର ଅଧିନାୟକ ୧୨ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଥିଲେ। ନାଜମୁଲ ଉଭୟ ଇନିଂସରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଏକ ଶତକ ହାସଲ କରିଥିଲେ। ସେ ଏହି ଟେଷ୍ଟ ମ୍ୟାଚରେ ୨୭୩ ରନ କରିଥିଲେ, ଯାହା ଏକ ଟେଷ୍ଟ ମ୍ୟାଚ୍ ?ରେ ବାଂଲାଦେଶର ସର୍ବାଧିକ ସ୍କୋର। ସେ ମୁସଫିକର ରହିମଙ୍କ ରେକର୍ଡ ଭାଙ୍ଗିଥିଲେ। ୨୦୧୩ରେ ଗାଲେ ଗ୍ରାଉଣ୍ଡରେ ଶ୍ରୀଲଙ୍କା ବିପକ୍ଷରେ ଏକ ଟେଷ୍ଟ ମ୍ୟାଚରେ ବାଂଲାଦେଶର ଅଧିନାୟକତ୍ୱ ସମୟରେ ରହିମ ମୋଟ ୨୦୦ ରନ କରିଥିଲେ।



# ଏମ୍‌ଭି ୭୯ରେ ଜୟ ଶ୍ରୀରାମ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଏମ୍‌ଭି ୭୯ ଟିମ୍ ବିଜେତା



ମାଲକାନଗିରି(ଭାସ୍କର ନ୍ୟୁଜ): ଏମଭି ୭୯ ଏମଭି ୭୯ ଯୁବକମାନଙ୍କ ଦ୍ୱାରା ଆୟୋଜିତ 'ଜୟ ଶ୍ରୀରାମ କ୍ରିକେଟ ଟୁର୍ନାମେଣ୍ଟ' ଏକ ଜବରଦସ୍ତ ଫାଇନାଲ ମ୍ୟାଚ୍ ସହ ସମାପ୍ତ ହୋଇଛି। ୧୬ଟି ଦଳ ମଧ୍ୟରେ ଅନୁଷ୍ଠିତ ଏହି ମେଗା କ୍ରିକେଟ ଇଭେଣ୍ଟ ଦର୍ଶକଙ୍କୁ ରୋମାଞ୍ଚକର ମୁହୂର୍ତ୍ତ ଦେଇଥିବା ବେଳେ ଏମଭି ୭୯ ଓ ଆଖପାଖ ଅଞ୍ଚଳରେ କ୍ରିକେଟ ଉତ୍ସାହକୁ ଦ୍ୱିଗୁଣିତ କରିଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ?ରେ ପୋଡ଼ିଆ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୨୯/୯ ସ୍କୋର କରିଥିଲା। ଏମଭି ୭୯ ଟିମ୍ ଏହି ୧୩୦ ରନର ଲକ୍ଷ୍ୟକୁ ଅତି ସହଜରେ ହାସଲ କରି ୧୩୨/୫ ସହ ବିଜୟୀ ହୋଇଛି। ଏମଭି ୭୯ ଟିମ୍ ?କୁ ବିଜେତା ଭାବେ ୫୦ ହଜାର ଟଙ୍କା ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ୍ ପୋଡ଼ିଆ ଟିମ୍ ?କୁ ୩୦ ହଜାର ଟଙ୍କା ପୁରସ୍କାର ମିଳିଛି। ଫାଇନାଲ ମ୍ୟାଚ୍ ?ରେ ମୁଖ୍ୟ ଅତିଥି ଭାବେ କମଲେଶ ରାୟ, ଏମଭି ୭୯ ଥାନା ଆଇଆଇସି ଚନ୍ଦ୍ରକାନ୍ତ ତାଣ୍ଡି, ଦୀପକ ଦତ୍ତ, ପୂର୍ବତନ ଜିଲ୍ଲା ସଭାପତି ନିମାଇଁ ପାଲ, ପରିତୋଷ ସରକାର, ସମିତି ସଭ୍ୟ ନାଗା, ଶମ୍ଭୁ ବାକ୍ସି, ଗୌର ମଜୁମଦାର, ସଚିନ କ୍ରିଷ୍ଣ ସାନା ଓ କେ ଇଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏମଭି ୭୯ ଟିମ୍ ?ର ସୁନ୍ଦର ଆୟୋଜନ ଓ ଲାଇଭ୍ ପ୍ରସାରଣ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଏହି ଟୁର୍ନାମେଣ୍ଟ ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଉତ୍ସାହ ସୃଷ୍ଟି କରିବା ସହ ସମାଜରେ ଐକ୍ୟ ଓ ସୌହାର୍ଦ୍ଦ୍ୟକୁ ପ୍ରୋତ୍ସାହନ ଦେଇଛି। ଆୟୋଜକମାନଙ୍କୁ ଏହି ସଫଳ ଆୟୋଜନ ପାଇଁ ସମସ୍ତେ ପ୍ରଶଂସା କରିଛନ୍ତି।


कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल दुमका।
ई–पुनर्निविदा आमंत्रण सूचना

पुनर्निविदा संख्या– 05/RI/2024-25/RWD/EE/DUMKA (PR No.-331208 Dt. 29.07.2024) दिनांक– 20.06.2025

1. कार्यपालक अभियंता ग्रामीण कार्य विभाग, कार्य प्रमंडल, दुमका द्वारा निम्न विवरण के अनुसार E-procurement पद्धति से निविदा आमंत्रित की जाती है।

| क्र० सं० | आईडेंटिफिकेशन संख्या / पैकेज संख्या | कार्य का नाम | लंबाई (कि0मी0) | प्राक्कलित राशि (रु० में) अंक में | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|
| 1 | RWD/DUMKA /19//2024-25 | मजडीहा से काटकुपी आर0ई0ओ0 रोड तक पथ निर्माण कार्य। | 2.400 | 2,74,00,600 | 15 महीने | द्वितीय |

1. वेबसाईट में निविदा प्रकाशन की तिथि 23.06.2025
2. ई–निविदा प्राप्ति की अंतिम तिथि एवं समय 07.07.2025 अपराह्न 5:00 बजे तक।
3. निविदा शुल्क एवं अग्रधन की राशि Online के माध्यम से जमा किया जाएगा।
4. निविदा खोलने की तिथि 09.07.2025 एवं समय पूर्वाह्न 11:30 बजे।
5. निविदा आमंत्रित करने वाले पदाधिकारी का नाम एवं पता– कार्यपालक अभियंता, ग्रामीण कार्य विभाग, कार्य प्रमण्डल, दुमका।
6. ई–निविदा प्रकोष्ठ का सम्पर्क संख्या– 06434 291033
7. विस्तृत जानकारी के लिए jharkhandtenders.gov.in/नोटिस बोर्ड में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल दुमका।

PR 355678 Rural Development(25-26)D



कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल,रामगढ़
ई-निविदा आमंत्रण सूचना

अति–अल्पकालीन ई–निविदा संख्या:- 05/RI/2024-25/RWD/RAMGAR दिनांक :- 21.06.2025

कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़ द्वारा मुख्यमंत्री ग्राम सड़क योजनान्तर्गत निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या | प्रखण्ड | कार्य का नाम | प्राक्कलित राशि (लाख में) | कार्य समाप्ति की अवधि | टेंडर कॉल |
|---|---|---|---|---|---|---|
| 1 | RWD/RAMGAR H/18/2024-25/MMGSY | गोला | लिपिया के डौगजारा से गंधौनिया बाजार तक पथ का निर्माण कार्य। (2265 कि0मी0) | 244.839 | 12 माह | द्वितीय |
| 1 | RWD/RAMGAR H/19/2024-25/MMGSY | गोला | PWD रोड बरियातु कब्रिस्तान से साड़म तक पथ का निर्माण कार्य। (1.815 कि0मी0) | 177.880 | 12 माह | द्वितीय |

2. वेबसाईट में निविदा प्रकाशन की तिथि:– 24.06.2025
3. ई–निविदा प्राप्ति की अंतिम तिथि एवं समय:– 02.07.2025 अपराह्न 5.00 बजे तक।
4. निविदा खोलने की तिथि एवं समय:– 04.07.2025 अपराह्न 11.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़, नयानगर, घुटुवा, बरकाकाना, रामगढ़ झारखण्ड, पिन– 829103
6. ई–निविदा प्रकोष्ठ का दूरभाष सं0– 06553254005

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

विश्वासभाजन
ह०/–
कार्यपालक अभियंता
ग्रामीण कार्य विभाग, कार्य प्रमंडल, रामगढ़

PR 355698 Rural Work Department (25-26)_D



## ବର୍ଷା ବିରହ ରାଗିଣୀ

ଗୋଲୋକବିହାରୀ ବେହେରା

କାହିଁକି ଆସିଛୁ ବର୍ଷା
ଗାଉ ପ୍ରେମ ପ୍ରଣୟର ଗୀତି,
ଭିଜିଯାଏ ମନ ଉପବନ
ତୋ ପରଶ କରେ ମତୁଆଲା

ପ୍ରିୟା ନାହିଁ ପାଶେ ମୋର
ମୋ ଦେହରେ ବିରହର ତାତି ।

ମାଲ୍ୟବନ୍ତ ଅବସ୍ଥାନ କାଳେ
କେତେ ବ୍ୟଥା ସହିଥିଲେ
ପ୍ରଭୁ ରାମ ସତୀ ସୀତା ବିନା,
ବିରହ ବିଧୁର ପ୍ରାଣ
ଅଶ୍ରୁ ସଜଳ ବିଚ୍ଛେଦ ବେଦନା ।

ଏଇ ବରଷା କାଳରେ
ରାମଗିରି ପର୍ବତରେ
କେତେ କଷ୍ଟ ପାଇଥିବ
ଅଭିଶପ୍ତ ଯୁବ ଯକ୍ଷ
ପ୍ରାଣ ପ୍ରିୟା ଯକ୍ଷୀଣୀର ବିନା ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

# ଆତ



ସନ୍ତୋଷ ମିଶ୍ର

ସକାଳେ ସୁରଭିକୁ ବାଲେଶ୍ୱରରୁ ଫୋନ୍ କରିଥିଲା ମା' । କହୁଥିଲା - ଏ ବର୍ଷ ପ୍ରଚୁର ଆତ ଫଳିଚି। ବଡ଼ ବଡ଼, ବହୁତ ଲୋଭନୀୟ ଆଉ ମିଠା। ତୋର ତ ଏବେ ପାଞ୍ଚ ମାସ ହେଲାଣି। ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଖାଇବାକୁ ଇଚ୍ଛା ହେଉଥିବ। ମୁଁ ଜାଣେ ଏକା ଥରକେ ୪/୬ ଟା ଆତ ନଖାଇଲେ ତୋ ମନ ଶାନ୍ତି ହୁଏ ନାହିଁ। ଏଠି ଥିଲେ ସିନା ଖାଇଥାନ୍ତୁ। ସୁରଭି ହସି ହସି କହିଲା - ଏଇଟା ଗୋଟେ କଥା !! ମୁଁ ଶଶୁରଙ୍କୁ କହିବି ଏଥର ଉଦଳା ହାଟକୁ ଗଲେ ମୋ ପାଇଁ ୪/୫ କିଲୋ ଆତ ଆଣିଦେବେ। ମୁଁ ମନ ଇଚ୍ଛା ଖାଇବି। ମନ ଶାନ୍ତି ହେଲା ପର୍ଯ୍ୟନ୍ତ ଖାଇବି। ହେଲା ତ !! ମା କହିଲା - ହଉ, ଭଗବାନ ତୋ ଇଚ୍ଛା ପୂରଣ କରନ୍ତୁ !!

ପରଦିନ ହାଟକୁ ବାହାରିଲେ ଶ୍ୱଶୁର। ଉଦଳା ହାଟ। ଗାଁଠାରୁ ଦୂରତା ପ୍ରାୟ ଛଅ କିଲୋ ମିଟର। ବାଟରେ ନଦୀ ପଡେ। ନଦୀ ପାର ହେବାକୁ ଏକମାତ୍ର ମାଧ୍ୟମ ଡଙ୍ଗା। ଉପର ଓଳି ହାଟରୁ ଫେରିବା ବେଳକୁ ପ୍ରବଳ ଭିଡ଼ ହୁଏ। ତେଣୁ ଶୀଘ୍ର ହାଟକୁ ଯାଇ,କାମ ସାରି ଶୀଘ୍ର ଘରକୁ ଫେରିବା କଥା ଚିନ୍ତା କରୁଥିଲେ ଶ୍ୱଶୁର ମାଧବାନନ୍ଦ। ଯିବା ପୂର୍ବରୁ ବୋହୂକୁ ପଚାରିଲେ - ମା' ରେ ତୋ ପାଇଁ ହାଟରୁ କ'ଣ ଆଣିବି କହ। ନମ୍ର ଭାବେ କହିଲା ସୁରଭି - ବାପା ! ହାଟରେ ତ ଆତ ମିଳୁଥିବ।କିଛି ଆତ ଆଣନ୍ତେନି ! ଖାଇବାକୁ ଭାରି ଇଚ୍ଛା ହେଉଛି। ମାଧବାନନ୍ଦ ହସିହସି କହିଲେ - ହଉ, ଠିକ୍ ଅଛି। ଆଣିବି।

ମାଧବାନନ୍ଦଙ୍କ ବଡବୋହୂ ଦୁଇ ପୁଅଙ୍କୁ ଧରି ଉଦଳାରେ ଘର ଭଡ଼ା ନେଇ ରହୁଥିଲା। ବଡ଼ପୁଅ ବାହାରେ ଚାକିରି କରୁଥିଲା। ମାତ୍ର ଚାଉଳ, ମୁଢ଼ିଠୁଁ ଆରମ୍ଭ କରି ପନିପରିବା,ମାଛ ମାଂସ ପର୍ଯ୍ୟନ୍ତ ସବୁ କିଛି ଯୋଗାଇ ଆସୁଥିଲେ ମାଧବାନନ୍ଦ। ହାଟରେ ଯାହା କିଣନ୍ତି ତାର ଅର୍ଦ୍ଧାଂଶ ଉଦଳାରେ ଦେଇ ଅବଶିଷ୍ଟ ଗାଁରେ ଥିବା ନିଜ ଘରକୁ ନିଅନ୍ତି। ସୌଭାଗ୍ୟକୁ ସେଦିନ ହାଟରେ ଗୁଡ଼ାଏ ଉତ୍ତମ ମାନର ଆତ ମିଳିଗଲା। ମାଧବାନନ୍ଦ ସେଥିରୁ ୧୦ କିଲୋ କିଣିଲେ। ଭାବିଲେ ୫ କିଲୋ ବଡ଼ବୋହୂ ପାଖରେ ଦେଇ ଅବଶିଷ୍ଟ ସାନବୋହୂ ପାଇଁ ନେଇଯିବେ। ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ କିଣି ସାରିବା ପରେ ବଡ଼ବୋହୂ ରହୁଥିବା ଭଡ଼ାଘର ଅଭିମୁଖେ ସାଇକେଲ ଗଡାଇଲେ ମାଧବାନନ୍ଦ।

ଭଡ଼ା ଘରେ ପହଞ୍ଚି ବଡ଼ପୁଅ ଆସିଥିବାର ଦେଖିଲେ। ପନିପରିବା,ମାଛ ସମେତ ୫ କିଲୋ ଆତ ବାହାର କରି କହିଲେ - ସାନ ବୋହୂ ଆଜି ଆତ ପାଇଁ ବରାଦ କରିଥିଲା। ଯାହାହେଉ ମିଳିଗଲା। ବଡ଼ପୁଅ ଗୋଟିଏ ଆତ ଧରି କହିଲା - ବହୁତ ବଢିଆ। ତା' ପରେ ଆତଟିକୁ ଭାଙ୍ଗି ଆସ୍ୱାଦନ କରି କହିଲା - ଚମତ୍କାର !! ଅମୃତ ଭଳି ଲାଗୁଚି। ମାଧବାନନ୍ଦ - ଡାହାଣ ହାତରେ ମୁହଁର ଦୁଇ ପାର୍ଶ୍ୱରେ ଆଙ୍ଗୁଳି ସଞ୍ଚାଳନ ପୂର୍ବକ ହସିହସି କହିଲେ - ସାନ ବୋହୂର ଆତ ଖାଇବା ପାଇଁ ଇଚ୍ଛା ହେଲା। ବାସ୍ତବିକ୍ ଭାରି ଚିନ୍ତାରେ ପଡିଥିଲି ମୁଁ। କାଳେ ଆତ ମିଳିବ କି ନାହିଁ। ଅସଜ ମଣିଷଟା। ନଖାଇ ପାରିଲେ ଜନ୍ମିତ ପିଲା ପାଟିରୁ ଲାଳ ଗଡିବା ବନ୍ଦ ହେବ ନାହିଁ। ଯାହାହେଉ ମିଳିଗଲା।

ସାନବୋହୂ ପ୍ରତି ବାପାଙ୍କର ଅନାବିଳ ସ୍ନେହଭାବ ଦେଖି ଈର୍ଷାରେ ଜଳିଗଲା ବଡ଼ପୁଅ ବିକାଶ। ମନ ଭିତରେ ସହସା ଉଦ୍ରେକ ହେଲା ଦୁଷ୍ଟବୁଦ୍ଧି। କୁଟିଳ ହସ ପରିସ୍ଫୁଟ ହେଲା ମୁହଁରେ। କହିଲା - ବାପା ! ସବୁ ଗୁଡ଼ିକ ଆତ ଏଠାରେ ଦେଇ ଯାଅ। ଭାରି ସୁଆଦିଆ। ବରଂ ସାନବୋହୂ ପାଇଁ ପୁଣି ଥରେ ହାଟରୁ କିଣି ନେଇଯିବ। ହତାଶ ହୋଇ ମାଧବାନନ୍ଦ କହିଲେ - ହାଟରେ ଆଉ କଣ ଆତ ମିଳିବ !! ଦୃଢ଼ କଣ୍ଠରେ ବିକାଶ କହିଲା - ସବୁଗୁଡିକ ଆତ ମୁଁ ରଖି ନେଉଛି। ଯାଇ ଦେଖ, ହାଟରେ ମିଳୁଛି କି ନାହିଁ। ଯଦି ନମିଳେ ଆସନ୍ତା ହାଟପାଳିରେ ନେବ। ଏଥିରେ ବ୍ୟସ୍ତ ହେବାର କ'ଣ ଅଛି।

ମାଧବାନନ୍ଦ ହାଟରୁ ଫେରି ଘରେ ପହଞ୍ଚିବା ମାତ୍ରେ ସାନବୋହୂ ପଚାରିଲା - ବାପା, ଆତ ମିଳିଲା କି। ମାଧବାନନ୍ଦ ବିରକ୍ତିଭରା କଣ୍ଠରେ କହିଲେ - ରହମ , କାହିଁକି ଆତ ଆତ ହେଉଚୁ। ଆତ ମିଳିଲା ନାହିଁ। ଦେଖିବା ଆର ହାଟ ପାଳିରେ କ'ଣ ହେଉଚି।

ତା' ପରଠୁଁ ଆଉ କୌଣସି ହାଟ ପାଳିରେ ଆତ ପାଇ ପାରିଲେନି ମାଧବାନନ୍ଦ। ବୋହୂକୁ ଆତ ଖୁଆଇ ନପାରିବାର ଅବଶୋଷ ତାଙ୍କ ମନଭିତରେ ରହିଗଲା।

ଯଥା ସମୟରେ ସୁରଭିର ପୁଅଟିଏ ଜନ୍ମ ହେଲା। ମାତ୍ର ଆତ ପାଇଁ ଅବଦମିତ ଇଚ୍ଛାର ପରିଣତି ସମ୍ପର୍କରେ ଚିନ୍ତାକରି ସେ ଆତଙ୍କିତ ହୋଇ ପଡୁଥିଲା।

ଦିନେ ନିଭୃତରେ ମାଧବାନନ୍ଦ ତାଙ୍କ ସ୍ତ୍ରୀଙ୍କୁ କହୁଥିଲେ - ଏଡେ ଚଣ୍ଡାଳ ସେ ବିକାଶଟା ! କେତେକରି କହିଲି ଅନ୍ତତଃ ତିନିଟା ଆତ ଆମକୁ ଦେଉ...ହେଲେ ସେ କିଛି ଶୁଣିଲାନି। ଅସଜ ବୋହୂଟାର ଆଶା ପୂରଣ ହୋଇ ପାରିଲାନି। ଏମିତି ଅବିବେକୀ, ନିର୍ଦ୍ଦୟ, ସ୍ୱାର୍ଥପର ପୁଅ ଭଗବାନ କାହାକୁ ନଦିଅନ୍ତୁ !!!!

ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦




## ନାରୀ

ମାନସ ରଞ୍ଜନ ପଣ୍ଡା



ଅନ୍ଧାରକୁ ତୁମେ ଅଞ୍ଜନ କରି ଦିଅ ଆଶାର ଆହୁତି
ଆଖିରେ ଅଶ୍ରୁର ଅନଳ ଲୁଚାଇ ଓଠରେ ହସର ମୋତି ।
ଜଳୁଥାଏ ତୁମ ଜୀବନ ଯମୁନା ଯାତନାର ଜଉଘରେ
ଖୁସିକୁ ଖପରା ଖେଳଟିଏ ଭାବି ଜିଉଁଥାଅ ଖିଆଲରେ ।

ସୁଖ ସଂଜଦୀପ ଜାଳିଦେଇ ପିନ୍ଧ ଦୁଃଖର ବରଣମାଳା
ତ୍ୟାଗର ତରଣୀ ମଙ୍ଗରେ ବସିଛ ଧରି ସଂସାର ଆହୁଲା ।
କେବେ ନିଷ୍ପେସିତ କେବେ ନିର୍ଯ୍ୟାତିତ ସନ୍ଦେହ ସତୀତ୍ୱର
ପ୍ରତି ପରୀକ୍ଷାରେ ହୋଇଛ ଉତ୍ତୀର୍ଣ୍ଣ ଧୋଇ କଳଙ୍କ ଅଙ୍ଗାର ।

ତୁମେ ଛଳଛଳ ତୁମେ ଢଳଢଳ ପ୍ରଣୟର ମନ୍ଦାକିନୀ
ପ୍ରୀତି ତରଙ୍ଗିଣୀ ଜନନୀ ଭଗିନୀ ଜାୟା ପୁଣି ପ୍ରଣୟିନି ।
ନୁହେଁ ନିରିବଳା ନୁହେଁ ନିରିମାଖି ନୁହେଁ କାହାର ଅଧୀନ
ତୁମେ ପରା ଚଣ୍ଡୀ କାଳୀ କାତ୍ୟାୟିନୀ ଜନ୍ମରୁ ତୁମେ ସ୍ୱାଧୀନ ।

ନୁହେଁ ତୁମେ କେବେ ନରକର ଦ୍ୱାର ହେ ମନମନ୍ଦିର ଦେବୀ
ନିଉଛଣା ଶବ୍ଦେ ତୁମରି ଗାରିମା କୁହକି ବର୍ଣ୍ଣି ପାରିବି ।

ସମ୍ପାଦକ ,ଏଯାବତ
ଆରଡ଼ି ଭଦ୍ରକ ୭୫୬୧୩୮
ମୋ-୯୮୨୭୬୩୧୫୩୪

## ଘୋଷଯାତ୍ରା

ନଳିନୀ ଦାଶ



ଘୋଷ ଯାତ୍ରା କରି ଯିବରେ କାଳିଆ
ମନ ହେଲାଣି ଉଚ୍ଚାଟ
ଭକତଙ୍କ ମେଳେ ଟାହିଆ ଲଗେଇ
କରିବ ତ୍ରିଭଙ୍ଗୀ ନାଟ ।

ରାତିରୁ ଉଠିଛି ସ୍ୱାନ ସାରି ଜଗା
ଯିବା ପାଇଁ ଆଗଭର
ସୁଟ୍ କେଶ ଆଣି ସଜାଇ ରଖିଛି
ପାଟ ପତନୀକୁ ତାର ।

ଭାଇଭଉଣୀଙ୍କୁ ସାଥିରେ ନେବ ସେ
ବୁଲେଇ ମାଉସୀ ଘର
ସକାଳ ଧୂପକୁ ସାରିବେ ସେବକ
ହୋଇଲେଣି ତରତର ।

ନନ୍ଦିଘୋଷ ରଥ ସଜ ହୋଇଲାଣି
ବନ୍ଧା ହେଲା ଚାରମାଳ
ଶୁଭେ ଶଙ୍ଖ ଧ୍ୱନି ବାଜି ଉଠିଲାଣି
ଘଣ୍ଟ ବାଜା ଗିନି ଖୋଳ ।

କୋଟି କୋଟି ଭକ୍ତ ରୁଣ୍ଡ ହୋଇଲେଣି
ଜଗାକୁ ଦେଖିବା ପାଇଁ
ଖେଚୁଡ଼ି ଭୋଗକୁ ଖାଇ ଆସୁଅଛି
ଆଜି ସେ ଜଗତସାଇଁ ।

ଭକତଙ୍କ ମେଳେ ଟାହିଆ ଲଗେଇ
ଝୁଲିଝୁଲି ପରା ଆସେ
ବିଡ଼ିଆ ପାନକୁ ପାଟିରେ ଜାକିଛି
ମୁରୁକି ମୁରୁକି ହସେ ।

ଯୋଗୀ ମୁନି ଋଷି ପାପୀ ତପି ଯେତେ
ଜଗା ଦରଶନ ପାଇଁ
ପାପ ଧୋଇଦେବ ଭାବ ବିନୋଦିଆ
ଦୂରୁ ଆସିଛନ୍ତି ଧାଇଁ ।
ପତିତ ତାରିବ କାଳିଆ ଆସୁଛି
ବରଷକେ ଯାତ୍ରା କରି
ନଅଦିନ ରହି ଜନ୍ମ ବେଦୀ ଲୀଳା
ସାରି ସେ ଆସିବ ଫେରି ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୯୬୬୪୯

## ଗୁଣ୍ଡିଚାରେ ମୋର ଏତିକି ଅଳି.....

ରାମଚନ୍ଦ୍ର ବେହେରା

ବରଷକେ ଥରେ ପୂଣ୍ୟ ବଡଦାଣ୍ଡେ
ଦେଖାଦିଅ ତୁମେ ସାଇଁ
ଶ୍ରୀଗୁଣ୍ଡିଚା ପରି ଏ ସାରା ବିଶ୍ୱରେ
ବଡ ଯାତ ଅଛି କାହିଁ।

ଭାଇ ବଳଭଦ୍ର ସୁଭଦ୍ରା ଭଉଣୀ
ଯିବେ ଆଗ ପଛ ହୋଇ
ତାଂକ ପଛେ ପଛେ ନନ୍ଦିଘୋଷ ରଥେ
ତୁମେ ଯିବ ଭାବଗ୍ରାହୀ।

ରଥ ପରେ ବସି ହସି ହସି ତୁମେ
ଯିବ ମାଉସୀଂକ ଗୃହ
ମାଉସୀଂକ ହାତ ପୋଡପିଠା ତୁମେ
ଖାଇବ ଶ୍ରଦ୍ଧାର ସହ।
ଅନେକ ଦିନରୁ ଭାବିଛି ପ୍ରଭୁ ହେ
ଯିବି ଦେଖି ଘୋଷ ଯାତ
ପବିତ୍ର ଦାଣ୍ଡରେ ତୁମକୁ ଦେଖିବି
ଗାଇବି ତୁମରି ଗୀତ।

ରଥ ଦଉଡିକୁ ହାତେ ଧରି ମୁହିଁ
ଟାଣିବି ନନ୍ଦିଘୋଷକୁ
ଘଣ୍ଟ ଘଣ୍ଟି ତାଳେ ଭକତଂକ ମେଳେ
ଜପିବି ତୁମ ନାମକୁ।

ପୂଜା ବିଧି କିଛି ଜାଣିନାହିଁ ପ୍ରଭୁ
ରାଗ ରୋଷ ନକରିବ
ହାତଯୋଡି ମୁହିଁ କରିବି ପ୍ରଣାମ
ସେତିକିରେ ଖୁସି ହେବ।
ଗୁଣ୍ଡିଚା ମନ୍ଦିରେ ତୁମେ ରହିଯିବ
ମୁଁ ଫେରି ଆସିବି ଗାଆଁ
ଏତିକି ଅଳି ମୋ ପାଦ ତଳେ ପ୍ରଭୁ
ବିପଦରେ ହେବ ସାହା।

ତେନ୍ତୁଲିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ବୁଦ୍ଧଂ ଶରଣଂ ଗଚ୍ଛାମୀ

ମନୋରମା ମହାପାତ୍ର

ଯୁଗ ପରେ ଯୁଗ ସଂସାର ହିତରେ
କଲ୍ୟଣୀୟ ଭାବ ଜ୍ୟୋତି
ସମୟ କୋଳରେ ସିଦ୍ଧ ମହାତ୍ମାଙ୍କ
ଜୀବ ହିତେ ବୋଧ ନୀତି
ତମସା କୋଳରେ ଆଲୋକ ବର୍ତ୍ତିକା
ସଦଜ୍ଞାନ ଦେଇଛ ଭରି
ମସୃଣ ହୋଇଛି ଭାବ ଗତ ହୃଦ
ଅଜ୍ଞାନୁ କରିଛି ପାରି
ସ୍ନେହ ପ୍ରେମ ଶାନ୍ତି କରୁଣା ନିଳୟେ
ରାଜ ଭୋଗ ଭାଗ୍ୟ ତୁଚ୍ଛ
ମହାଦ୍ୟୁତି ତୁମେ ରାଜ ସୁଖ ତେଜି
ନିର୍ବାଣ ଦର୍ପଣେ ସ୍ୱଚ୍ଛ ।
ସନାତନୀ ହୃଦୁ ବିକୃତି ଦୂରାଇ
ଜୀବ ପ୍ରେମେ ଦେଲ ବାର୍ତ୍ତା
ବଳୀ ପ୍ରଥା ଉଚ୍ଚ ନୀଚ ଭେଦ ରୀତି
ନିବାରଣେ ହେଲେ କର୍ତ୍ତା ।
କରୁଣା ପୁରିତ ହୃଦୟ ଶରରେ
ଢଳ ଢଳ କମଳିନୀ
ଅହିଂସାନୁରାଗେ ବିକଶିତ ପ୍ରେମ
ବୋଧିତତ୍ତ୍ୱ ମହାମୁନୀ ।
କରୁଣା ଅଭାବେ କାତରେ ସନ୍ତ୍ରସ୍ତ
ଜୀବ କୁଳ ସର୍ବ ପ୍ରାଣ
ଧର୍ମ ନାମେ ଆଜି କେତେ ଯେ ସନ୍ତ୍ରାସ
ଯୁଦ୍ଧ ବିଭୀଷିକା ମାନ ।।
ଆଜିର ସମୟ ଝୁରେ ଶାକ୍ୟମୁନୀ
ଖୋଜୁଛି ଶାନ୍ତି ସରଣୀ
ହେ ମହାତ୍ମା ବୁଦ୍ଧ ଦିଅ ଆଶୀର୍ବାଦ
ହସୁ ଅହିଂସ ଅବନୀ ।।
ସଘଂ ଶରଣଂ କେହି ନବୁଝନ୍ତି
ସର୍ବ ହିତେ ସଂଘ ଧର୍ମ
ବୁଦ୍ଧଂ ଶରଣଂ କଲ୍ୟାଣ କୈବଲ୍ୟ
ଜୀବ ଚେତନାର ମର୍ମ ।।

ରାଇଘର, ନବରଙ୍ଗପୁର

## ମାନବ ବନ୍ଧୁ

ଦେବରାଜ ଜେନା

ମାନବ ବନ୍ଧୁ ହେ ଜାଣ ଦୁନିଆଁ ନିୟମ
ଦୁଇ ନିଆଁରେ ଆକଟ ମଣିଷ ଜନମ ।
ଜାଣିବି ମନରେ ଅହଂ କାହିଁ ଆଣେ ନର
ପୁଣି କାମି, ସ୍ୱାର୍ଥିହୋଇ କରେ
ଦ୍ରୋହାଚାର ।
ନେତ୍ରେ ଦେଖ ହରିଦସ୍ୱ
ବିଶ୍ୱହିତେ ପ୍ରାଣପାତେ ଭ୍ରମେ ଅହର୍ନିଶ।
ଧୀରପଣ ନାହିଁ ଯାର ସେକି ବୀରେ ଗଣା ?
ଧୀମନ୍ତ ଜନ କେବେକି ଦେବତାରୁ ଊଣା ?
ଧିକାରବଚନ କେବେ ନୁହେଁ ଜନାଦୃତ
ଧୀ-ବର ହେବାକୁ ଚେଷ୍ଟା କର ଅବିରତ।
ଧ୍ୟାନେ ଦେଖ ସ୍ୱାମୀଜୀଙ୍କୁ
ଧୀଶକ୍ତି ବଳେ ଜିଣିଲେ ଚିକାଗୋ ସଭାକୁ ।
କାମତେଜି କାମିନୀରେ ସନମାନ କର
ଦ୍ୱେଷ ଛାଡି ଦେଶପାଇଁ ଦାନକର ଶୀର
କ୍ରୋଧକୁ ନିବାରି କ୍ରୋଡକର ସର୍ବପ୍ରାଣୀ
ପାପ କରନାହିଁ ତାପ ଦେଇ କା'କୁ ଜାଣି।
ପଢ ଶ୍ରୀରାମ ଚରିତ
ମର୍ଯ୍ୟାଦା ପୁରୁଷପଣେ କାହିଁ ସେ ବିଖ୍ୟାତ ।।
ହିଁସା ଉଡିଯିବା ଜୀବେ ହିଁସା କରନାହିଁ
ମୋହତେଜ,ମୋହର ମୋହର ହୁଅ କାହିଁ ?
ମଦ ମରଦପଣର ପରମ ଅନ୍ତକ
ମାଦକତାରେ ନ ସେବି ବୁଡାଅନି ଭେକ।
ଚିନ୍ତ ବୁଦ୍ଧ ବୋଦ୍ଧିସତ୍ତ୍ୱ
ନିଷ୍କାମ କର୍ମ ହିଁ ଶ୍ରେଷ୍ଠ, କଲେ ସେ ବ୍ୟକତ।
ଲୋଭ କରି ଲାଭକିଏ ପାଇଛିକି କହ ?
ଲୋଲୁପ ହୋଇଲେ ଲୁପ୍ତ ହୋଇବନିଶ୍ଚୟ।
ମିଛ ପରା ମାଛପରି ସବୁର ବ ଇରୀ
ପୋଛତାକୁ ସ୍ୱଚ୍ଛ ହୃଦେ ଭାବିଣ ଉଗାରି।
ଶିଖ ମହାତ୍ମାଙ୍କ ନିତି
ସତ୍ୟ ଅହିଂସା ଯାହାର ଥିଲା ମୂଳଭିତି ।।

କୃଷ୍ଣପ୍ରସାଦ, ପୁରୀ
ମୋ-୯୩୩୭୩୩୯୫୧୭


## ସ୍ୱପ୍ନ ଆକାଶ

ସୁଜାତା ରାଣୀ ଶତପଥୀ

ସ୍ୱପ୍ନ ଆକାଶର ତାରା ଟିଏ ହୋଇ
ଯେବେ ଆସିଲ ନିକଟ
ମଲ୍ଲୀ ସୁବାସିତ କରିଣ ମନକୁ
ଦେଖାଇ ଆଣିଲ ବାଟ ।
ଆଲୋକରେ ତୁମ ଥିଲା ଝରା ପ୍ରୀତି
ବାସରେ ମଧୁମାଳତୀ
ସ୍ୱର୍ଗୀୟ ସୁଖର କିରଣ ବିଛାଇ
କରିଦେଲ ମୋତେ ସାଥୀ ।
ଯେଉଁ ଦିଗ ଚାହିଁ ଦେବାରୁ ସୁଖର
ଲହରୀ ଖେଳିଲା ପାଖ
ତୁମରି ମଧୁର ସ୍ମୃତି ରଖିବାକୁ
ଖୋଲି ରଖିଲ କବାଟ ।
କିଛି ଭାବ ମଧୁରତା ହୃଦୟରେ
ରଖିଲି ମୁହିଁ ସାଇତି
ଅବଶିଷ୍ଟ ସ୍ମୃତି ସାଗରରେ ରଖି
ଭାବୁ ଥାଏ ଦିନ ରାତି
ଦିନ ଆକାଶର ଦିନମଣୀ ହୋଇ
କହିଲି ରଜନୀ ବାର୍ତ୍ତା
ଯେତେ ସୌନ୍ଦର୍ଯ୍ୟରେ ବର୍ଣ୍ଣନା କରିଲେ
ନ ଥିଲେ ଶୁଣିବା କର୍ତ୍ତା ।
କେବଳ ତୁମରି ସହିତ ଆଳାପ
କରି ହୃଦେ ଦିଏ ରଖି
ଆସିବାର ପଥ ବିପଥ ହୋଇଲେ
ଆଉ ନ ପାରଇ ଦେଖି।
ସ୍ୱପ୍ନ ସାଗରର କାତଟିଏ ହୋଇ
ନିତି ଆସୁଥାଏ ପାଖ
ନାଆ ମନ କଥା ବୁଝି ନେଉଥିବ
ଭସାଇ ସ୍ରୋତରେ ଦୁଃଖ ।
ଜୀବନ ଯନ୍ତ୍ରଣା ନିଅ ବୋଲି ତୁମେ
ନିତି ଝୁରୁଥାଏ ମୁହିଁ
ମନ କଥା କହି ଆଶ୍ୱସ୍ତି ମଣୁଛି
ହୃଦେ ତୁମ ରୂପ ଚାହିଁ।
ଲୁଚାଇ ରଖିଛି ତୁମରି ପୀରତି
କହିଲେ ହେବ ଅକୀର୍ତ୍ତି
ଯେତେ ଲୁଚାଇଲେ ସେତେ ଭାବ ଆସି
କହୁଛି ଅଭୁଲା ସ୍ମୃତି ।
ତୁମେ ରଜନୀର ବଂଶଧର ହେଲେ
ମୋର ଭାବ ଅଂଶୀଦାର
ଜହ୍ନ ରାଇଜରେ ମୋତେ ତାରା ଭାବି
ଗଢିଛ ସ୍ନେହର ଘର।

ଶିକ୍ଷୟିତ୍ରୀ, ଦିଗପହଣ୍ଡି,ଗଞ୍ଜାମ

## ସାଧବ ବୋହୂ



ମଉସୁମୀ ଗୀତି ଛୁଆଁରେ ମରତ ମେଘ ମହ୍ଲାରର ଶୋଭା,
ଆଷାଢ଼ ଶ୍ରାବଣ ମଧୁ ଆଲିଙ୍ଗନେ ଅନୁରାଗ ମନଲୋଭା।
ନାଲିପାଟ ପିନ୍ଧି ସାଧବ ବୋହୂର ଚାହାଣୀରେ ଚଇତାଳି,
ସରାଗ ପୀରତି ସଜଫୁଲ ଭାବ ପ୍ରଣୟର ପ୍ରାଣେଶ୍ୱରୀ ।

ଲାଜ ତା ଗହଣା ହୃଦୟ କନ୍ଦରେ ଲକ୍ଷେ ଫଗୁଣର ତପ,
ତୃଷ୍ଣା ତଟିନୀ ମନଟିଏ ତାର ତୋଳିବାକୁ ପ୍ରେମଦୀପ।
କଅଁଳ ଘାସର ଶେଜକୁ ମଣିଛି କମନୀୟ ମଧୁବନ,
ଆୟୁଷ ପାତ୍ରର ପୀୟୂଷ ବର୍ଷା ସେ ଆନନ୍ଦର ଆଲୋଡନ।

ଗୋପନେ ଓହ୍ଲାଏ ବିହ୍ୱଳିତ ଭାବେ ଦେଖିବାକୁ ଘୋଷଯାତ,
ଅଦୃଶ୍ୟ ଭାବର ଶ୍ରଦ୍ଧା ବାଲିରେଣୁ ଅଜପା ମନ୍ତ୍ରର ସ୍ରୋତ।
କାହା ଲେଖନୀରେ ଉପମା ତୁ ସାଜୁ କୋହକୁ କବର ଦେଇ,
ପ୍ରେମଧାରାକୁ ତୋ ସଜାଇବା ପାଇଁ ପୁଣ୍ୟ ହୃଦୟଟେ କାହିଁ ?

ରୂପସୀ ନାୟିକା ସ୍ୱରରେ ସଂଭ୍ରମ ରୂପାଚାନ୍ଦ ଆଭୂଷଣେ,
ସାଧବ ବୋହୁର ସେ ଭାବ ନୂପୁର ହଜିଛି କି ସ୍ୱାର୍ଥପଣେ ?

ସୁଜିତ କୁମାର ମିଶ୍ର
ଜନାର୍ଦ୍ଦନପୁର ଶାସନ,କେନ୍ଦୁଝର
ମୋ- ୭୬୮୩୮୬୭୭୪୨

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ଛତ୍ରପୁର, (ଭାସ୍କର ନ୍ୟୁଜ୍): ସରକାରୀ ଅନୁଦାନ ଦାବି କରି ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଶନିବାର ଠାରୁ ଗଂଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଘଣ୍ଟିଆ ଧାରଣା ଦିଆଯାଇଛି। ପୂର୍ବ ସରକାର ବାରମ୍ବାର ପ୍ରତିଶୃତି ଦେଇ ପ୍ରତାରଣା କରିଥିବା ସଂଘ ପକ୍ଷରୁ କୁହାଯାଇଛି। ବର୍ତ୍ତମାନର ସରକାର ମଧ୍ୟ ଏକ ବର୍ଷ ହେଲା ଦାବି ପୂରଣ ନେଇ ପ୍ରତାରିତ କରିଚାଲିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀରେ ବାରମ୍ବାର ପ୍ରତିଶୃତି ଏମାନଙ୍କୁ ମିଳିଛି। ମାତ୍ର ଫଳ ଶୂନ ରହିଥିବା କୁହାଯାଉଛି। ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ବାରମ୍ବାର ପ୍ରତିଶୃତି ଦେଇଚାଲିଛନ୍ତି। ଏବେ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସମସ୍ତ ବ୍ଲକରେ ମଧ୍ୟ ଉକ୍ତ ଦାବି ନେଇ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଛି। ସରକାରଙ୍କ ଏହି ମାରଣନୀତିକୁ ସଂଘ ପକ୍ଷରୁ ସମାଲୋଚନା କରାଯାଇଛି। ଉକ୍ତ ଧାରଣାରେ ଗଞ୍ଜାମ ଜିଲ୍ଲା ସଂଯୋଜକ ପ୍ରକାଶ ଚନ୍ଦ୍ର ଶତପଥି, ମଧୁସୂଦନ ମହାପାତ୍ର, ବସନ୍ତ ସେଠୀ, ଗିରିଶ କୁମାର ବେହେରା, ପ୍ରବୀଣ କୁମାର ଦାସ, ସତ୍ୟ ନାରାୟଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ ପାଲଟିଛି ମନରେଗା କାମରେ ଦୁର୍ନୀତିର ଗନ୍ତାଘର



ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଟିଗଲ ପଞ୍ଚାୟତ ର ବିଭିନ୍ନ ମନରେଗା କାମକୁ ମେସିନ ଦ୍ୱାରା କରାଇ ଅର୍ଥ ହରିଲୁଟ କରୁଛନ୍ତି କିଛି ଅସାଧୁ ଅଫିସର ଓ ପଦପଦବିରେ ଥିବା କିଛି ବ୍ୟକ୍ତିବିଶେଷ। ସ୍ଥାନୀୟ ଲୋକଙ୍କ ନାମରେ ମନରେଗା କୋଡ଼ ବାହାର କରି କାମକୁ କରାଇ ସେହି କାମରେ ଅଫିସରମାନେ ପାର୍ଟନର ରହି ସହଯୋଗ କରି ରାତାରାତି ମେସିନ ଲଗାଇ କାମ ସାରି ଦେଉଛନ୍ତି। ଯାହାଫଳରେ ସରକାରୀ ଅର୍ଥ ଆତ୍ମସାତ କରିବାକୁ କିଛି ବି ସମସ୍ୟା ଉପୁଜୁ ନାହିଁ। ସେହି ପଞ୍ଚାୟତର ପଞ୍ଚାୟତ ଲେବଲ ସରକାରୀ କର୍ମଚାରୀଙ୍କୁ ଫୋନ କଲେ ଏମିତି କିଛି ବି କାମ ହୋଇନାହିଁ, କି ଆମ ଦୃଷ୍ଟିକୁ ଆସିନାହିଁ, ସେମିତି କାମ ଯଦି ହୋଇଥାଏ ତଦନ୍ତ ହେବ ବୋଲି କହୁଛନ୍ତି। ଏଠାରେ ପ୍ରଶ୍ନ କିଏ କରିବ ତଦନ୍ତ ଓ କ'ଣ ବାହାରିବ ଏହାର ଫଳାଫଳ। ବାସ୍ତବତା ଭିନ୍ନ ହେଉଥିବା ବେଳେ ପ୍ରଥମେ ମେସିନ ଲଗାଇ କାମ ସାରିଦେଇ ତା'ର କିଛି ମାସ ପରଠାରୁ ଡିମାଣ୍ଡ ଆରମ୍ଭ କରାଯାଏ। ଏହା ଏକ ସହଜ ଓ ଭୟ ମୁକ୍ତ ଭାବେ ସରକାରୀ ଅର୍ଥ ହରିଲୁଟ କରିବାର ସରଳ ରାସ୍ତା। ବିଭିନ୍ନ ସମୟରେ କମ୍ୟୁନିଟି କାମରେ ଗୋଟିଏ ଫଟୋ ଦେଇ ବାରମ୍ବାର ଏନଏମଏମଏସ କରାଯାଇଛି ଏହା ସରକାରୀ ୱେବ୍‌ସାଇଟ ମାଧ୍ୟମରେ ପ୍ରମାଣିତ ହୋଇଯାଉଛି। ଟିଗେଲ,୧୧୨ ଓ ୧୧୩ରେ ମନରେଗା ଯୋଜନାରେ କାମ ହେଇଛି କାମର କୋଡ- ୨୪୩୧୦୧୦୦୨୦/ ଆଇଏଫ୍/ ୧୧/ ୧୧୨୦୪୧୮୯, ୨୪୩୧୦୧୦୦୨୦/ ଆଇଏଫ୍/ ୧୧୨୦୪୧୯୪,୨୪୩୧୦୧୦୦୨୦/ ଆଇଏଫ୍/୧୧୨୩୨୭୯୭, ୨୪୩୧୦୧୦୦୨୦/ ଆଇଏଫ୍/ ୧୧୨୩୨୮୦୩,୨୪୩୧୦୧୦୦୨୦/ ଆଇଏଫ୍/୧୧/୨୩୨୮୦୯, ୨୪୩୧୦୧୦୦୨୦/ଆଇଏଫ୍/ ୧୧/ ୨୩୨୯୦୩ ଏହା ୧୧୨ ଗ୍ରାମର ପଖୋରୀ କାମର କୋଡ଼ ଏହା ସହିତ ୧୧୩ ଗ୍ରାମର କୋଡ-୨୪୩୧୦୧୦୦୨୦/ ଆଇଏଫ୍/୧୧/୨୩୨୮୬୨, ୨୪୩୧୦୧୦୦୨୦/ଆଇଏଫ୍/ ୧୧୨୩୨୮୬୭,୨୪୩୧୦୧୦୦୨୦/ ଆଇଏଫ୍/୧୧୨୩୨୮୬୯, ୨୪୩୧୦୧୦୦୨୦/ ଆଇଏଫ୍/୧୧/ ୨୩୨୮୭୧,୨୪୩୧୦୧୦୦୨୦/ ଆଇଏଫ୍/୧୧୨୩୨୮୭୩, ୨୪୩୧୦୧୦୦୨୦/ଆଇଏଫ୍/ ୧୧୨୩୨୮୭୫,୨୪୩୧୦୧୦୦୨୦/ ଓର /୧୧/୭୧ଏହି ଏନଏମଏମଏସ କରିଥିବା ୱେବ ସାଇଟରେ ପ୍ରକାଶିତ। ଏହି କାମ ଫିଲଡ ଚେନାଲ ଟିଗେଲରୁ ଏମିଭି ୯୬ ପର୍ଯ୍ୟନ୍ତ। କୋଡ -୨୪୧୦୧୦୦୨୦/ ଆଇଏଫ୍/୧୦୬୨୦୨୩୮ ଏହି ସବୁ କାମ ସରାସରି ମେସିନ ଲଗାଇ କାର୍ଯ୍ୟ କରାଯାଇଛି। ସେଥିପାଇଁ ଆମେ ସରା ସରି ଜୈଇ ସାରଙ୍କୁ ଫୋନ୍ ମାଧ୍ୟମରେ ପଚାରି ଥିଲୁ କିନ୍ତୁ ସେମିତି କିଛି ଜବାବ ଆମକୁ ମିଳିନଥିଲା ବର୍ତ୍ତମାନ ସୁଦ୍ଧା ଦେଖିବାକୁ ବାକି ରହିଲା ପ୍ରଶାସନ କି ପଦକ୍ଷେପ ନେଇଛନ୍ତି ଓ ଏହା କେତେ ଅର୍ଥ ସରକାରୀ ତହବିଲକୁ ଫେରୁଛି। ଏହା ସହ ଦୁର୍ନୀତିଗ୍ରସ୍ତ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ବିରୋଧରେ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଗୋରକ୍ଷକ ସନ୍ତୋଷ ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଧୀନ କଷଟି ଗ୍ରାମର ଗୋରକ୍ଷକ ସନ୍ତୋଷ ପରିଡ଼ାଙ୍କୁ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଭରତ ଚନ୍ଦ୍ର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ସାଳନ୍ଦୀ କଲେଜର ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ହେମନ୍ତ କୁମାର ସ୍ୱାଇଁ ସଞ୍ଚାଳନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୁଲିସ ଏସଡିପିଓ ତ୍ରିଲୋଚନ ସେଠୀ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସଞ୍ଜୀବ କୁମାର ବେହେରା, ବିଶ୍ୱ ହିନ୍ଦୁ ପରିଷଦ ଜିଲା ସଂଯୋଜକ ବିପିନ ବିହାରୀ ପଣ୍ଡା, ସମାଜସେବୀ ପ୍ରାଣବନ୍ଧୁ ରାଉତ, ଶରତ କୁମାର ନାୟକ, ପୀତବାସ ଜେନା, ଗଣେଶ



ପ୍ରସାଦ ରାଉତ, ସାଇଶରଣ ବେହେରା, ବାସୁଦେବ ସେଠୀ, ରବିନାରାୟଣ ବେହେରା, ନରହରି ସାହୁ, ସୁରେଶ ପରିଡ଼ା, କୈଳାସ ଚନ୍ଦ୍ର ଜେନା, ଜୟଶ୍ରୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସନ୍ତୋଷଙ୍କ ସ୍ମୃତିଚାରଣ କରିଥିଲେ।

# ହନୁମାନ ମନ୍ଦିରରୁ ଗହଣା ଚୋରି



ଜଳେଶ୍ୱର, (ଭାସ୍କର ନ୍ୟୁଜ): ଦିନକୁ ଦିନ ପଞ୍ଚାୟତ ଅଫିସ, ସ୍କୁଲ ଗୃହ ଇତ୍ୟାଦିରୁ ଚୋରୀ ହେଉଥିବା ବେଳେ ଗତ କାଲି ବିଳମ୍ବିତ ରାତିରେ ଏକ ମନ୍ଦିରରୁ ସୁନା ଓ ରୂପାର ଠାକୁରଙ୍କ ଗହଣା ଦୁର୍ବୃତ୍ତମାନେ ତାଲା ଭାଙ୍ଗି ନେଇଯାଇଛନ୍ତି। ସୂଚନା ଅନୁଯାଇ ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ୧୧ନମ୍ବର ୱାର୍ଡ଼ ଦେଉଳିପଞ୍ଚୁଘଣ୍ଟା ସ୍ଥିତ ହନୁମାନ ମନ୍ଦିର ଠାକୁରଙ୍କ ରୂପା ଓ ସୁନାଗହଣା କୌଣସି ଦୁର୍ବୃତ୍ତ ଚୋରି କରି ନେଇଯାଇଛନ୍ତି। ଗହଣା ମଧ୍ୟରେ ରୂପା ମୁକୁଟ, ୨୫ଟି ରୂପା ପତାକି, ୩ ଟି ସୁନା ପତାକି, ୧ ଟି ରୁପା କାଠି ୧ଟି, ରୁପା ପଇତା ୧ ଟି, ସୁନାର ଚିତା ୨ଟି, ଗୋପାଳ ଠାକୁରଙ୍କ ରୁପା ମୁକୁଟ, ରୁପା ବଂଶୀ ଆଦି ଚୋରି ହୋଇଛି। ମନ୍ଦିରର ପୂଜକ କମଳାକାନ୍ତ ଆଚାର୍ଯ୍ୟ ଶୁକ୍ରବାର ରାତି ୯ ଘଟିକା ସମୟରେ ପ୍ରତିଦିନ ଭଳି ଠାକୁରଙ୍କ ଆରତୀ ସାରି ଘରକୁ ଫେରିଥିଲେ। ଶନିବାର ସକାଳ ୬ ଘଟିକା ସମୟରେ ପୂଜକ ମନ୍ଦିରକୁ ପୂଜା କରିବାକୁ ଆସି ଦେଖନ୍ତି ମନ୍ଦିରର ପୂର୍ବପଟ ଗ୍ରିଲରେ ୩ ଟି ତାଲା ଭଙ୍ଗାଯାଇ ଠାକୁରଙ୍କ ସମସ୍ତ ଗହଣା ଚୋରି ହୋଇଛି। ଏହା ଦେଖି ମନ୍ଦିରର ମୁଖ୍ୟ ଓ ମନ୍ଦିରର ପାଖ ଲୋକଙ୍କୁ ଡାକି ଚୋରି ବାବଦରେ କହିବା ସହ ଚୋରି ହୋଇଥିବା ସ୍ଥାନ ଦେଖାଇଥିଲେ। ପରେ ପୂଜକ କମଳାକାନ୍ତ ଆଚାର୍ଯ୍ୟ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ସହ ସାଇଣ୍ଟିଫିକ ଦଳ ଦ୍ୱାରା ତଦନ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଜଳେଶ୍ୱର ପୋଲିସ ଏତାଲା ପାଇବା ପରେ ଜଳେଶ୍ୱର ଥାନାର ଏସଆଇ ରାଜଲକ୍ଷ୍ମୀ ଦାସ ମନ୍ଦିରକୁ ଯାଇ ତଦନ୍ତ କରିଥିବା ଜଣାପଡ଼ିଛି।

# ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ଗ୍ରାମପଞ୍ଚାୟତ ନାହାଳପୁରସ୍ଥିତ ହନୁମାନ ମନ୍ଦିରର ତାଲା ଭାଙ୍ଗି ଲୁଟେରାମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଲୁଟି ନେଇଥିବାର ଅଭିଯୋଗ ହୋଇଛି। ଲୁଟେରାମାନେ ମନ୍ଦିର ଉପରେ ଲୋଲୁପ ଦୃଷ୍ଟି ପକାଇଥିବାରୁ ଏଥିନେଇ ବୁଦ୍ଧିଜୀବୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନାହାଳପୁରସ୍ଥିତ ହନୁମାନ ମନ୍ଦିରକୁ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ପୂଜାର୍ଚ୍ଚନା କରିବା ନିମନ୍ତେ ଆସିଥାନ୍ତି। ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ଲୁଟେରାମାନେ ଏହି ମନ୍ଦିରର ତାଲା ଭାଙ୍ଗି ପ୍ରବେଶ କରିଥିଲେ। ମନ୍ଦିର ଭିତରେ ଥିବା ମହାବୀରଙ୍କର ଏକ ରୂପା ମୁକୁଟ, ପିତଳ ଘଣ୍ଟ, ଘଣ୍ଟି, ବାସନକୁସନ ସମେତ ବିଭିନ୍ନ ପୂଜା ସାମଗ୍ରୀ ଓ ଏକ ମାଇକ୍ ସେଟ ଲୁଟି ନେଇଥିବାର ଅଭିଯୋଗ ହୋଇଛି। ଶନିବାର ସକାଳୁ ଏହି ଘଟଣା ପ୍ରଚାରିତ ହେବା କ୍ଷଣି ଘଟଣା ସ୍ଥଳରେ ସ୍ଥାନୀୟ ଅଂଚଳର ବହୁ ଲୋକଙ୍କ ଭିଡ ଜମିଥିଲା। ଏ ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ତରଫରୁ ନେମାଳ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତି କରି ନେମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ରିପୋର୍ଟ ଲେଖାହେଲା ବେଳକୁ କୌଣସି ଲୁଟେରାଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇ ନଥିବାର ଜଣାଯାଇଛି। ତେବେ ଏହି ଅଞ୍ଚଳରେ ଅବାଧରେ ମାଦକ ଦ୍ରବ୍ୟ କାରବାର ହେତୁ ଦିନକୁଦିନ ଅପରାଧ ବୃଦ୍ଧି ପାଉଥିବାର ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଲୁଟେରାମାନେ ସ୍ଥାନୀୟ ଅଞ୍ଚଳର ଦେବାଦେବୀ ମନ୍ଦିର ଉପରେ ଲୋଲୁପ ଦୃଷ୍ଟି ପକାଉଥିବା କାରଣରୁ ଦେବାଦେବୀ ସୁରକ୍ଷିତ ନୁହନ୍ତି ବୋଲି ବୃଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# କାର୍ଯ୍ୟକାରୀ ହେଉନି ପିଏମ୍ ସୂର୍ଯ୍ୟଘର ଯୋଜନା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): କେନ୍ଦ୍ରରେ ବିଜେପି ସରକାରଙ୍କ ବହୁ ଆକାଂକ୍ଷିତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହୋଇପାରୁନି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀଙ୍କ ସୌରଶକ୍ତି ମାଧ୍ୟମରେ ମାଗଣା ବିଜୁଳି ପାଇବାର ସ୍ୱପ୍ନ ଧୀରେଧୀରେ ମିଳାଇବାରେ ଲାଗିଛି। ଦାୟିତ୍ୱରେ ଥିବା ବିଦ୍ୟୁତକରଣ କମ୍ପାନୀର ଏଥିପ୍ରତି ଅନାଗ୍ରହ ଓ ବେସରକାରୀ ସଂସ୍ଥା ପ୍ରତି ଲୋକଙ୍କ ବିଶ୍ୱାସ, ଭରସା ପାଉ ନଥିବାରୁ ଏହି ଯୋଜନା ପ୍ରାୟ ସବୁ ଅଞ୍ଚଳରେ ଆଗକୁ ବଢ଼ି ପାରୁନି। ଫଳରେ ଡବଲ ଇଂଜିନ ସରକାର ସତ୍ତ୍ୱେ ଏହି କେନ୍ଦ୍ରୀୟ ଯୋଜନା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବିଫଳ ହୋଇଛି। ଏହି ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଭଲ ସବସିଡ଼ି ଯୋଗାଇ ଦେଉଛନ୍ତି। ଏହି ଯୋଜନାରେ ପ୍ରତ୍ୟେକ ନିଜ ନିଜ ଘର ଉପରେ ସୌର ପ୍ୟାନେଲ ବସାଇ ଅଳ୍ପ ଅର୍ଥ ବ୍ୟୟରେ ମାଗଣାରେ ବିଦ୍ୟୁତ ଶକ୍ତି ପାଇପାରିବେ। ଏହା ଦ୍ୱାରା ବିଜୁଳି ସଂଚୟ ଖର୍ଚ୍ଚ କମ୍ ଓ ଅନ୍ୟାନ୍ୟ ବହୁ ସୁବିଧା ରହିଛି। ସରକାରଙ୍କ ପକ୍ଷରୁ ଏ ନେଇ ବିଭିନ୍ନ ସମୟରେ ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ସ୍ଥାନରେ ଫ୍ଲେକ୍ସ ମାଧ୍ୟମରେ ଅବଗତ କରାଯାଇଛି। କେତେକ ଆଗ୍ରହୀ ବ୍ୟକ୍ତି ଏଥିପାଇଁ ନାମ ପଞ୍ଜିକରଣ କରିଛନ୍ତି। ମାତ୍ର ହାତ ଗଣତି ଲୋକ ସୌର ପ୍ୟାନେଲ ବସାଇଛନ୍ତି। ଏହି ଯୋଜନାକୁ ସଫଳ କରିବା ପାଇଁ ବିଦ୍ୟୁତ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ହେଲେ କମ୍ପାନୀ ପକ୍ଷରୁ ଆଗ୍ରହୀ ଗ୍ରାହକଙ୍କୁ ଯେଉଁଳି ସୂଚନା ଦେବା କଥା ଏପରିକି ଏହାର ଭଲ ଦିଗ ଉପରେ ବିଶଦ ଭାବେ ବୁଝାଇବା କଥା ତାହା ହେଉନାହିଁ। ସରକାରୀ ନିୟନ୍ତ୍ରିତ ସଂସ୍ଥା ଆଗ୍ରହୀ ନଥିବା ବେଳେ ମାଳମାଳ ବେସରକାରୀ ସଂସ୍ଥା କିନ୍ତୁ ଏହି ଯୋଜନା ପାଇଁ ଆଗେଇ ଆସୁଛନ୍ତି। କିନ୍ତୁ ସେମାନେ ଲୋକଙ୍କୁ ସବସିଡ଼ି ବାବଦରେ ଯେତେ ବୁଝାଇଲେ ବି ସାଧାରଣ ଲୋକଙ୍କ ଭରସା ଜିତି ପାରୁନାହିଁ। ଗତ ୨୦୨୪ସାଧାରଣ ନିର୍ବାଚନରେ ବିଜେପି ପକ୍ଷରୁ ଯେଉଁ ୩ଶହ ୟୁନିଟ ମାଗଣା ସଂକ୍ରାନ୍ତରେ କୁହାଯାଇଥିଲା ତାହା ବାସ୍ତବରେ ଥିଲା ଏହି ସୌର ପ୍ରକଳ୍ପ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଲୋକ ସୌର ପ୍ରକଳ୍ପ ସ୍ଥାପନ କଲେ କିଭଳି ମାଗଣାରେ ବିଜୁଳି ପାଇବେ ତାହା ହିଁ କୁହାଯାଇଥିଲା। ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ରହିବା ଏବଂ ମାଗଣା ବିଜୁଳିକୁ ପ୍ରସଙ୍ଗ କରି ବିରୋଧୀ ଦଳ ବାରମ୍ବାର ସମାଲୋଚନା କରିବା ସତ୍ତ୍ୱେ କାହିଁକି ଏହି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ ସେଥିରେ ପ୍ରଶ୍ନ ଉଠିଛି। ସୌରଶକ୍ତି ମାଧ୍ୟମରେ ବିଜୁଳି ଉତ୍ପାଦନ କଲେ ନାନା ପ୍ରକାର ସୁବିଧା ନିଜ ପାଇଁ ଏବଂ ପରିବେଶ ପାଇଁ ମିଳିଥାଏ। ମାତ୍ର ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ଲୋକେ ସୌରପ୍ରକଳ୍ପ ସ୍ଥାପନ କରିବାକୁ ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି। ସରକାର ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବୀ ହୋଇଛି।

## ସ୍ୱୟଂ ଶାସିତ ମହାବଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ସ୍ୱଂୟ ଶାସିତ ମହାବିଦ୍ୟାଳୟ ଠାରେ ଏକାଦଶ ଆନ୍ତର୍ଜାତୀୟ ଯୋଗ ଦିବସ (ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ) ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ଯୋଗ ପ୍ରଶିକ୍ଷିକା ଡ. ସରସ୍ୱତୀ ରାୟ ଯୋଗର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରି ମଣିଷର ସୁସ୍ଥ ଶାରୀରିକ ଓ ମାନସିକ ଜୀବନ ପାଇଁ ଯୋଗର ମହତ୍ତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ହରିତ୍ ଯୋଗ ପର୍ଯ୍ୟାୟରେ ରାୟଗଡ଼ା ସହକାରୀ ଜଙ୍ଗଲ ସଂରକ୍ଷଣକାରୀ ସତୀଶ କୁମାର ଧାଡୁଆଙ୍କ ସହାୟତାରେ ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଯୋଗ କ୍ଲବ୍, ଏନ.ସି.ସି, ଏନ. ଏସ. ଏସ, ଓ ରେଡ୍ କ୍ରସ୍ ଦ୍ୱାରା ସଫଳତାର ସହ ଆୟୋଜିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପି.ଅରୁଣ କୁମାର, ଟି. ଜ୍ୟୋତି, ଲେଫ୍ଟନାଣ୍ଟ ଉଦୟ ନାଏକ, ଏମ ଶ୍ରୀନିବାସ ଆଚାରି ,ସୁବ୍ରତ ପ୍ରଧାନ, ପ୍ରଶାନ୍ତ କୁମାର ସାହୁ , ଭବେସ ମହାନ୍ତି, ମୋନାଲିସା ପାଣିଗ୍ରାହୀ, ତୃପ୍ତିମୟୀ ଭୋଇ ସହଯୋଗ କରିଥିଲେ।

# ଆଖଡ଼ା ଗୃହ ଭାଙ୍ଗି ଲୁହା ସାମଗ୍ରୀ ଚୋରି



ଡାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ସଦର ନୂଆଗୁଡା ଠାରେ ଥିବା ସୂର୍ଯ୍ୟବଂଶୀ ୟୁଥ୍ କ୍ଲବ୍‌ର ଏକ ଆଖଡା ଗୃହକୁ ଦୃର୍ବୁତ୍ତମାନେ ଭାଙ୍ଗି ଲୁହା ସାମଗ୍ରୀ ଚୋରି କରି ନେଇ ଯାଇଛନ୍ତି। ଏ ନେଇ ସୂର୍ଯ୍ୟବଂଶୀ ୟୁଥ୍ କ୍ଲବ୍‌ର ସମୀର ପାତ୍ର ଡ଼ାବୁଗାଁ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାଇ ଡାବୁଗାଁ ସଦର ନୂଆଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ନିକଟରେ ସୂର୍ଯ୍ୟବଂଶୀ ୟୁଥ୍ କ୍ଲବ୍‌ର ଏକ ଆଖଡ଼ା ଗୃହ ୨୦୦୪ ମସିହାରେ ନିର୍ମିତ ହୋଇଥିଲା। ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀଙ୍କ ଅନୁଦାନ ପାଣ୍ଠିରୁ ୪ଲକ୍ଷ ବ୍ୟୟରେ ୟୁଥ୍ କ୍ଲବ୍ ନିର୍ମାଣ ହୋଇଥିଲା। ଏହି ୟୁଥ୍ କ୍ଲବ୍ ଗୃହରେ ପ୍ରଥମେ ଏକ ପବ୍ଲିକ ସ୍କୁଲ ଚାଲିଥିବା ବେଳେ କିଛି ବର୍ଷ ପରେ ସ୍କୁଲ ଅନ୍ୟତ୍ର ସ୍ଥାନାନ୍ତର ପରେ ଆଖଡ଼ା ଗୃହ ଚାଲିଥିଲା। ସୂର୍ଯ୍ୟବଂଶୀ ୟୁଥ୍ କ୍ଲବ୍‌ର ଯୁବକ ସହ ଅନ୍ୟ ଯୁବକ ମାନେ ଏହି ଗୃହରେ ଶାରିରୀକ ବ୍ୟାୟାମ ଆଦି କରୁଥିଲେ। ତେବେ କୌଣସି କାରଣରୁ ଗତ ୧ବର୍ଷରୁ ଉର୍ଦ୍ଧ୍ୱ ହେବ ଆଖଡ଼ା ଗୃହ ବନ୍ଦ ହେବା ଫଳରେ ଆଖଡ଼ା ଗୃହ ତାଲା ପଡି ରହିଥିଲା। ଆଖଡା ଗୃହ ଗ୍ରାମର ଶେଷ ମୁଣ୍ଡରେ ଏକ ନିର୍ଜନ ସ୍ଥାନରେ ଥିବାରୁ ଏହାର ସୁଯୋଗ ନେଇ ଦୃର୍ବୁତ୍ତ ମାନେ ୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆଖଡା ଗୃହ ର ଛାତ ଭାଙ୍ଗି ଲୁହା ରୋଡ, ଲୁହା କବାଟ, ଲୁହା ଝରକା ଓ ଇଟା ଚୋରି କରି ନେଇଥିଲେ। ଶୁକ୍ରବାର ସୂର୍ଯ୍ୟବଂଶୀ ୟୁଥ୍ କ୍ଲବ୍‌ର ସଦସ୍ୟ ସମୀର ପାତ୍ର କୌଣସି ସୂତ୍ରରୁ ଖବର ପାଇ ଯାଇ ଆଖଡା ଗୃହକୁ ଦେଖିବା ସମୟରେ ତାହା ଗୃହ ଭାଙ୍ଗି ମାଟିରେ ମିଶି ଯାଇଥିବା ଦେଖିଥିଲେ। ଗୃହର କବାଟ, ଝରକା, ସମସ୍ତ ଲୁହା ଛଡ ଓ ଇଟା ଚୋରି ହୋଇଥିବା ଦେଖି ଡ଼ାବୁଗାଁ ପୁଲିସରେ ଏତଲା ଦେଇଥିଲେ। ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ବେଳେ ଚୋରି ଲୁହା ସାମଗ୍ରୀ କବାଡିରେ ବିକ୍ରୀ ହୋଇଥିବା ସନ୍ଦେହ କରାଯାଉଛି।

# ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟରେ ପ୍ରଶାସନ ପକ୍ଷରୁ ଯୋଗ ଦିବସ ପାଳନ କରାଯାଇଛି। ଏଥିରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଂଜନ ବାରିକ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଏବିଡିଓ ମାନସ କୁମାର ଜେନା, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକ ପ୍ରମୁଖ ଯୋଗ ଦେଇ ଯୋଗ ଶିକ୍ଷା କରିଥିଲେ। ଯୋଗ ଗୁରୁ କିଶୋର କୁମାର ନାୟକ ଯୋଗ ଶିକ୍ଷା ଦେଇଥିଲେ। ସେହିପରି ତିହିଡ଼ି ଡାକ୍ତରଖାନା, କୋହ୍ଲ ହୋମିଓ ପ୍ୟାଥିକ ଚିକିତ୍ସାଳୟ, ତିଆଡ଼ିସାହି ପ୍ରଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଶାନ୍ତି ଆଶ୍ରମ, ଯୋଗୀ ଋଷି ଲଛମନ ଦାସ ଶିଶୁ ଆଶ୍ରମ, ଗୁଆମାଳ ପଞ୍ଚାୟତ, ତିହିଡ଼ି ସିଆରଏସ ହାଇସ୍କୁଲ, ତିହିଡ଼ି ସରକାରୀ ହାଇସ୍କୁଲ, ତିହିଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଙ୍ଗଳପୁର ପ୍ରକଳ୍ପ ପ୍ରଥମିକ ବିଦ୍ୟାଳୟ, ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ ବ୍ଲକର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ବେସରକାରୀ ଅନୁଷ୍ଠାନ ଓ ବିଭିନ୍ନ ପଞ୍ଚାୟତରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି।

## ସିଲେଇ ତାଲିମ୍ କେନ୍ଦ୍ର ଉଦ୍‌ଘାଟିତ

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଇଣ୍ଡିଆନ ଅଏଲ ଆଦାନୀ ଭେଞ୍ଚର ଲିମିଟେଡ୍ ସହାୟତାରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପ ଗଡ ଗ୍ରାମ ପଞ୍ଚାୟତର କତକୁଲା ଗ୍ରାମରେ ଏକ ସିଲେଇ ଶିକ୍ଷା ତାଲିମ୍‌କେନ୍ଦ୍ର ଉଦ୍‌ଘାଟିତ ହୋଇ ଯାଇଛି। ସମ୍ପୃକ୍ତ କମ୍ପାନୀ ସିଇଓ ଏବଂ ଡାଇରେକ୍ଟର ରେଜିଥ୍ ଭାସ୍କର, ଟର୍ମିନାଲ ମ୍ୟାନେଜର ଏନ୍. ଭି. ସୁବ୍ରମଣ୍ୟମ, ମାନବ ସମ୍ବଳ ଅଧିକାରୀ ସତ୍ୟ ରଞ୍ଜନ ଦାସ, ନିରାପତ୍ତା ମୂଖ୍ୟ ପ୍ରିତି ରଞ୍ଜନ ବେହେରା, ଅର୍ଥ ଦାୟିତ୍ୱ ଅଜିତ୍ ଦାସ, ସରପଞ୍ଚ ସସ୍ମିତା ବେହେରା, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ର ଶେଖର ଚୌଧୁରୀ ପ୍ରମୁଖ ଯୋଗଦେଇ ଉକ୍ତ ସିଲେଇ ଶିକ୍ଷା ତାଲିମ୍ କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉକ୍ତ ତାଲିମ୍ କେନ୍ଦ୍ରରେ ପ୍ରାଥମିକ ପର୍ଯ୍ୟାୟରେ ୩୫ ଜଣ ଛାତ୍ରୀଙ୍କୁ ତାଲିମ୍ ଦିଆଯିବ ଓ ତାଲିମ୍ ସମ୍ପୂର୍ଣ୍ଣ ହେବା ପରେ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏ ସିଲେଇ ମେସିନ୍ ପ୍ରଦାନ କରାଯିବ।

# ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ନୀଳାଚଳ ଇସ୍ପାତ ନିଗମରେ ଯୋଗ ଦିବସ ପାଳିତ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ୍ କଳିଙ୍ଗନଗର ଓ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନ୍ଏଲ୍) ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ନିରୋଗୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏହି ଅବସରରେ, କଳିଙ୍ଗନଗର ଟାଉନସିପର ୱେଲନେସ୍ କର୍ଣ୍ଣର୍ ବ୍ୟାନର୍ ଅଧୀନରେ ଜଏଣ୍ଟ ଡିପାର୍ଟମେଣ୍ଟାଲ୍ କାଉନସିଲ୍, ଷ୍ଟିଲ୍ ଏବଂ ମିଲ୍ସ ଏବଂ ଅକ୍ୟୁପେସନାଲ୍ ହେଲ୍ଥ ସେଣ୍ଟର୍ ଦ୍ୱାରା ଏକ ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା। ଟାଟା ଷ୍ଟିଲ୍ କଳିଙ୍ଗନଗରର ଚିଫ୍, କୋଲ୍ଡ ରୋଲିଂ ମିଲ୍, ପ୍ରବୀଣ ଥାମ୍ପୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ଗତ ସପ୍ତାହରେ ଆୟୋଜିତ 'ସର୍ବୋତ୍ତମ ଯୋଗ ଆସନ' ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସିକ୍ୟୁରିଟି ବିଭାଗ ମଧ୍ୟ ସେମାନଙ୍କ ଟ୍ରେନିଂ ଗ୍ରାଉଣ୍ଡରେ ପୃଥକ୍ ପୃଥକ୍ ଯୋଗ ଅଧିବେଶନ ଆୟୋଜନ କରିଥିଲା। ଏଥିରେ କମ୍ପାନୀର କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ସଂସ୍ଥାର ପ୍ରତିଶ୍ରୁତି ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ୨୫୦ରୁ ଅଧିକ କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗ ଅଂଶଗ୍ରହଣ କରି ଉତ୍ସାହର ସହିତ ଯୋଗ ଅଧିବେଶନରେ ଏକତା ଏବଂ କଲ୍ୟାଣ ଭାବନାକୁ ବଢ଼ାଇଥିଲେ। ସେହିଭଳି, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ୍) ପକ୍ଷରୁ ମଧ୍ୟ ପ୍ଲାଣ୍ଟ ଏବଂ ଟାଉନସିପରେ ଆୟୋଜିତ ବିଭିନ୍ନ ଯୋଗ ଅଧିବେଶନରେ ୨୫୦ରୁ ଅଧିକ କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗ ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ଏନ୍ଆଇଏନ୍ଏଲ୍ ଦ୍ୱାରା ଆୟୋଜିତ ଏପରି କାର୍ଯ୍ୟକ୍ରମ ପାଳନ ସଂସ୍ଥା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ସୁଖସମୃଦ୍ଧି ପାଇଁ ପ୍ରତିବଦ୍ଧତାର ଏକ ପ୍ରମାଣ।

## ଚରମ୍ପାରେ ବ୍ୟବସାୟୀଙ୍କୁ ଗୁଳିମାଡ଼

ଭଦ୍ରକ, (ଭାସ୍କର ନ୍ୟୁଜ୍): ଶନିବାର ସନ୍ଧ୍ୟାରେ ଭଦ୍ରକ ଚରମ୍ପା ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ କେତେକ ଦୃବୃତ୍ତ ବାଇକ୍‌ରେ ଆସି ଗୁଳିମାଡ କରି ଫେରାର ହୋଇଯାଇ ଥିବାର ଜଣାପଡିଛି। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଗୋଖାଦ୍ୟ ଦୋକାନ କରିଥିବା ବିଦ୍ୟାଧର ପାତ୍ର ଆଜି ସନ୍ଧ୍ୟାରେ ଚରମ୍ପାରେ ନିଜ ଦୋକାନ ବନ୍ଦ କରି ପାଖରେ ଥିବା ଘରକୁ ଯିବା ସମୟରେ ରାମ ମନ୍ଦିର ନିକଟରେ ୩ ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ଉପରକୁ ଦୁଇରାଉଣ୍ଡ ଗୁଳି ଚାଳନା କରିଥିଲେ। ଗୁଳି ଫୁଟିବାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଭାବେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାର ବନ୍ଦୋବସ୍ତ କରିଥିଲେ। ତେବେ ବିଦ୍ୟାଧରଙ୍କ ପାଖରେ ଥିବା ଟଙ୍କା ବ୍ୟାଗ୍‌ଟି ଏପର୍ଯ୍ୟନ୍ତ ମିଳି



ନଥିବା ବେଳେ ତାଙ୍କ ପେଟରେ ଗୁଳି ବାଜିଥିବାର ଜଣାପଡିଛି। ଡାକ୍ତରଖାନାରେ ଏବେ ତାଙ୍କର ଚିକିତ୍ସା କରାଯାଉଥିବା ବେଳେ ଏସ୍‌ପି ମନୋଜ ରାଉତ ଦୃବୃତ୍ତଙ୍କ ପିଛା କରୁଥିବାର ଜଣାପଡିଛି। ତେବେ ଆଡିସ୍‌ନାଲ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ସହରାଞ୍ଚଳ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି।

# ଜବାହରଲାଲ ନେହେରୁ ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ



ମାହାଙ୍ଗା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜବାହରଲାଲ ନେହେରୁ ମହାବିଦ୍ୟାଳୟର ଆଥଲେଟିକ କ୍ଲବ, ଯୁବ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ୧୧ ତମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ହୋଇଯାଇଛି। ମହା-ବିଦ୍ୟାଳୟର ଅଧ୍ୟକ୍ଷ, ପ୍ରାଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପତଞ୍ଜଳି ଯୋଗ ପରିବାର ସାଲେପୁରର ଯୋଗ ପ୍ରଶିକ୍ଷିକା ସୁପ୍ରଭା ଜେନା ଓ ସୁଶ୍ରୀ ସ୍ୱର୍ଣ୍ଣପ୍ରଭା ରାଉତରାୟ ଅତିଥି ଭାବରେ ଯୋଗଦେଇ ନିୟମିତ ଯୋଗ ଅଭ୍ୟାସର ଉପାଦେୟତା ଓ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ବିକାଶ କ୍ଷେତ୍ରରେ ଯୋଗର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ଦୀର୍ଘ ୧ ଘଣ୍ଟା ଧରି ବିଭିନ୍ନ ଯୋଗାସନ ଓ ତାହାର ମହତ୍ୱ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ପ୍ରାଧ୍ୟାପକ ରବି ନାରାୟଣ ବାରିକ, ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ବେହେରା, ଅଧ୍ୟାପକ ବସନ୍ତ କୁମାର ସେଠୀ, ଅଧ୍ୟାପକ ଆଶିଷ କୁମାର ବରାଳ, ଅଧ୍ୟାପକ ଅଶୋକ କୁମାର ସାହୁ, ଅଧ୍ୟାପକ ଦାଶରଥି ସ୍ୱାଇଁ, ଅଧ୍ୟାପକ ବିଶ୍ୱନାଥ ସାହୁ, ଅଧ୍ୟାପକ ଶୁଭମ ଦାସ, ଅଧ୍ୟାପିକା ଚିନ୍ମୟୀ ସାହୁ, ଅଧ୍ୟାପିକା ସନ୍ଧ୍ୟାରାଣୀ ମହାପାତ୍ର, ଅଧ୍ୟାପିକା ମହାଶ୍ୱେତା ଲେଙ୍କା, ଅଧ୍ୟାପକ ବିଶିକେଶନ ଦାସ, ଅଧ୍ୟାପକ ମଳୟ ନାୟକ, ଭରତ ଦଳେଇ, ଅଧ୍ୟାପକ ବାଇଧର ଦାସ, ପ୍ରଦୀପ୍ତ କୁମାର ସୁତାର, ମୁଖ୍ୟ କିରାଣୀ ଗୌତମ କୁମାର ରାଉତରାୟ, ଅରୁଣ କୁମାର ବାରିକ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ ଯୋଗ ଅଭ୍ୟାସ କରି ଗୋଟିଏ ବିଶ୍ୱ ଗୋଟିଏ ସ୍ୱାସ୍ଥ୍ୟର ବାର୍ତ୍ତାକୁ ସଫଳ କରିଥିଲେ। ଯୁବ ରେଡ଼କ୍ରସ କାଉନ-ସେଲର ଅଧ୍ୟାପକ ରୁଦ୍ର ନାରାୟଣ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଘୋଷିତ ବିଦ୍ୟୁତକାଟ୍ ନେଇ ଜନ ଅସନ୍ତୋଷ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଟାଟା ପାୱାରର ଘନ ଘନ ଅଘୋଷିତ ବିଦ୍ୟୁତ କାଟ ଯୋଗୁ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଉଥିବାର ଜଣାଯାଇଛି। କେନ୍ଦ୍ରାପଡା ଜିଲ୍ଲା କୁଦାନଗରୀ ଟାଟା ପାୱାର କନିଷ୍ଠ ଯନ୍ତ୍ରୀ କାର୍ଯ୍ୟାଳୟ ଉପରେ ବିଦ୍ୟୁତ ଶକ୍ତି ନିମନ୍ତେ ନିଶ୍ଚିନ୍ତକୋଇଲି ବ୍ଲକର ନରେନ୍ଦ୍ରପୁର, ଦାଉଦପୁର ପ୍ରଭୃତି ଗ୍ରାମପଞ୍ଚାୟତର ଶହଶହ ବିଦ୍ୟୁତ ଉପଭୋକ୍ତା ନିର୍ଭର କରିଥାନ୍ତି। ଟାଟା ପାୱାର ବିଦ୍ୟୁତ ଉପଭୋକ୍ତାଙ୍କ ଠାରୁ ଜୋର ଜୁଲମ କରି ବିଦ୍ୟୁତ ଦେୟ ଆଦାୟ କରୁଛି। ଏପରିସ୍ଥଳେ ବିଦ୍ୟୁତ ଉପଭୋକ୍ତା କୌଣସି କାରଣରୁ ବିଲ ଦେଇ ନପାରିଲେ ଟାଟା ପାୱାର ଭଡାଟିଆ ଗୁଣ୍ଡା ମାନଙ୍କୁ ଲଗାଇ ଉପଭୋକ୍ତାଙ୍କୁ ପରିବାର ଉପରେ ଆକ୍ରମଣ କରିବାକୁ ପଛାଉ ନାହିଁ। ଟାଟା ପାୱାର ସେବା ଅପେକ୍ଷା ନେବା ଉପରେ ଅଧିକ ଗୁରୁତ୍ୱା-ରୋପ କରୁଥିବାର ବିଦ୍ୟୁତ ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳର ବହୁ ସ୍ଥାନରେ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକ ଖୋଲାମେଲାରେ ବିପଦ ସଙ୍କୁଳ ଅବସ୍ଥାରେ ପଡି ରହିଥିବାର ଦେଖିବାକୁ ମିଳିଛି। ସେହିପରି ଭାବେ ବହୁ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଓ ତାର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ବହୁ ସମୟରେ ବିଦ୍ୟୁତ ତାର ଛିଣ୍ଡି, ଖୁଣ୍ଟ ଭାଙ୍ଗି ବହୁ ଧନଜୀବନ ନଷ୍ଟ ହେଉଥିବା ଘଟଣା କାହାରିକୁ ଅଛପା ନାହିଁ। ଘନ ଘନ ବିଦ୍ୟୁତ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ଏସମ୍ପର୍କରେ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି। ଟାଟା ପାୱାର ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ ନକଲେ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି।



ବ୍ୟାସନଗର(ଭାସ୍କର ନ୍ୟୁଜ୍): ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଣ୍ଡୋରଷ୍ଟାଡିୟମ ରେ ଏକାଦଶ ଆନ୍ତର୍ଜାତୀୟ ଯୋଗ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କୋରାଇ ର ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଯୋଗ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ମହାବିଦ୍ୟାଳୟର ଅଧକ୍ଷ ଶରତ କୁମାର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଏନ୍‌ସିସି ଅଫିସର କ୍ୟାପ୍‌ଟେନ୍ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦାସ ନାୟକ ଯୋଗର ଉପକାରୀତା ଓ ପ୍ରଭାବ ବିଷୟରେ ସମବେତ ଯୋଗାଭ୍ୟାସୀମାନଙ୍କୁ ବୁଝାଇଥିଲେ। ଅଧକ୍ଷ ଶ୍ରୀଯୁକ୍ତ ମଲ୍ଲିକ ଯୋଗକୁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଗୋଟିଏ ଅଙ୍ଗ ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଯୋଗ ଶିକ୍ଷକ ବଟକୃଷ୍ଣ ପ୍ରଧାନ ସମବେତ ଜନତାଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏହି ଯୋଗ ମହୋତ୍ସବରେ ମହାବିଦ୍ୟାଳୟ ର ୧୨୦ ଜଣ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ, ୧୦୦ ଜଣ ଏନ୍‌ସିସି କ୍ୟାଡେଟ, ନିତ୍ୟ ଯୋଗ କକ୍ଷର ୬୦ ଜଣ ସଭ୍ୟସଭ୍ୟା, ଆଦର୍ଶ ଯୋଗକକ୍ଷର ୨୦ ଜଣ ସଦସ୍ୟ, କିଡ୍ସ ପ୍ରିମିୟମ ସ୍କୁଲର ୫୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ୧୫୦ଜଣ ସାଧାରଣ ଜନତା ଏହିପରି ମୋଟ ୫୦୦ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ।

# ଖାଇପଡ଼ିଆରେ ସଂଘବଦ୍ଧ ଆକ୍ରମଣ ଘଟଣା, ଜଣେ ଗିରଫ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଶାଳଗାଁ ପଂଚାୟତ ଅନ୍ତର୍ଗତ ଖାଇ ପଡ଼ିଆରେ ଗତ ମାର୍ଚ୍ଚ ମାସରେ ୩ଜଣ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାକୁ ନେଇ ଟାଙ୍ଗୀ ଥାନାରେ ଏକ ଅଭିଯୋଗ କରାଯାଇଥିଲା । ଉକ୍ତ ଗ୍ରାମର ବିଜୟ କୁମାର ସ୍ୱାଇଁ ଓ ତାଙ୍କର ଦୁଇଜଣ ସମ୍ପର୍କୀୟଙ୍କୁ ସେହି ଗ୍ରାମର ୧୦ଜଣ ବ୍ୟକ୍ତି ଘରପାଖକୁ ଆସି ବିଭିନ୍ନ ମାରଣାସ୍ତ୍ର ସାହାଯ୍ୟରେ ସଂଘବଦ୍ଧ ଆକ୍ରମଣ କରିଥିଲେ । ଫଳରେ ବିଜୟଙ୍କର ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିଲା । ଘଟଣା ଘଟିବା ପରେ ସମସ୍ତ ଅଭିଯୁକ୍ତ ଫେରାର ହୋଇ ଯାଇଥିବା ବେଳେ ଗତକାଲି ଟାଙ୍ଗୀ ପୋଲିସ୍ ଫେରାର ଅଭିଯୁକ୍ତଙ୍କ ମଧ୍ୟରୁ ଖାଇପଡ଼ିଆ ଗ୍ରାମର ଜ୍ୟୋତିରଂଜନ ମଲ୍ଲିକ ଓରଫ ଲକି (୨୨)କୁ ଗିରଫ୍ କରି କୋର୍ଟଚାଲାଣ କରାଯାଇଛି । ଫେରାର ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ୍ କରାଯିବ ବୋଲି ଟାଙ୍ଗୀ ଥାନା ଅଧିକାରୀ ଶିବପ୍ରସାଦ ଭଦ୍ର ପ୍ରକାଶ କରିଛନ୍ତି ।

# ସ୍କୁଲ ଛାତ୍ରଛାତ୍ରୀଙ୍କ ବିପଜ୍ଜନକ ଯାତ୍ରା

## ପରିବହନ ବିଭାଗ ନିର୍ଦ୍ଦେଶନାମାକୁ ମାନୁନାହାଁନ୍ତି



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ଖରାଛୁଟି ପରେ ପାଠପଢା ଆରମ୍ଭ ହୋଇଛି। ପ୍ରାୟତଃ ବିଦ୍ୟାଳୟ ଗୁଡିକରେ ସମ୍ପୂର୍ଣ୍ଣ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ଏଭଳି ସମୟରେ ବିପଜ୍ଜନକ ଭାବେ ଛାତ୍ର ଛାତ୍ରୀ ଙ୍କୁ ପରିବହନ କରୁଥିବା ଅଟୋ ଗୁଡିକ ଉପରେ ନିୟନ୍ତ୍ରଣ ଏବଂ ଯାଞ୍ଚ ହେଉନଥିବାରୁ ବିପଜ୍ଜନକ ଅବସ୍ଥାରେ ଛାତ୍ର ଛାତ୍ରୀ ଯାତାୟତ କରୁଛନ୍ତି। ସୂଚନାଯୋଗ୍ୟଯେ ଅର୍ଥଲୋଭରେ ଅଟୋରେ ଛାତ୍ର ଛାତ୍ରୀଙ୍କୁ ବିପଜ୍ଜନକ ଭାବେ ପ୍ରତିଦିନ ପରିବହନ କରାଯାଉଛି। ପ୍ରାୟ ଗାଡିର ଫିଟନେସ ଅଛି କି ନାହିଁ ଯାଞ୍ଚ କରାଯାଉନାହିଁ। ଅଟୋ ଚଳାଉଥିବା ଡ୍ରାଇଭରର ଲାଇସେନ୍ସ ରହିଛି କି ନାହିଁ ତାହାକୁ ବି କେହି ଯାଞ୍ଚ କରୁନାହାନ୍ତି। ନିୟମ ଅନୁସାରେ ଗୋଟିଏ ଅଟୋରେ ୫ଜଣ ଛାତ୍ରଛାତ୍ରୀଙ୍କୁ ନେବାର ପ୍ରାବଧାନ ଥିବାବେଳେ ସ୍କୁଲ ବିଶେଷରେ ଗୋଟିଏ ଅଟୋରେ ୧୦ଜଣରୁ ଅଧିକ ପିଲା ନେଉଥିବା ଦେଖିବାକୁ ମିଳୁଛି। କାକଟପୁର, ଅସ୍ତରଙ୍ଗ, ନୂଆଗଡ ଥାନା ଅଧିକାରୀ, ପୁରୀ ଏସ୍ପି, ଆରଟିଓ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ବିଶେଷ କରି ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକ ସକାଳ ୬ଘ ୧୫ମିନିଟ ରୁ ୭ଘ ୩୦ମିନିଟ ଓ ଅପରାହ୍ନ ରେ ୧୨ଘ ରୁ ୨ଘଟିକା ଏବଂ ସରକାରୀ ବିଦ୍ୟାଳୟ ସକାଳ ୮ଘ ୩୦ମିନିଟରୁ ୧୦ଘ ୩୦ମିନିଟ ଓ ଅପରାହ୍ନ ୪ଘରୁ ୫ଘ ୩୦ମିନିଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥିବାରୁ ଏକକାଳୀନ ଦୁଇ ତିନିଟି ଯାଞ୍ଚ ଟିମ୍ କରି ଦୁଇ ତିନି ଦିନ ଚଢ଼ଉ କରାଗଲେ କିଛି ମାତ୍ରାରେ ଅଘଟଣକୁ ପ୍ରତିହତ କରାଯାଇ ପାରନ୍ତା। ସ୍କୁଲ ଛାତ୍ର ଛାତ୍ରୀ ପରିବହନ କରୁଥିବା ଅଟୋ ସହିତ ଭ୍ୟାନ ଓ ଟାଟା ମ୍ୟାଜିକ ଇତ୍ୟାଦି ବି ତନଖି ହେବା ଆବଶ୍ୟକ। କେଉଁ ଗାଡ଼ିରେ କେତେ ପିଲାଙ୍କୁ ନେଇ ପାରିବେ ସେଥି ନିମନ୍ତେ ଆରଟିଓ ନିର୍ଦ୍ଦେଶନାମା ରହିଛି। ଯଦି ଏହା ପ୍ରତି ଦୃଷ୍ଟି ନ ଦିଆଯାଏ ଆଗାମୀ ଦିନରେ କିଛି ଅଘଟଣ ହେଲେ ଦାୟି କିଏ ରହିବେ ?

## ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଖଲିଆକାନୀ ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଠାରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ କୃଷ୍ଣ ଗୋପାଳ ସାତାନି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ସିଡିପିଓ ସ୍ୱର୍ଣ୍ଣ ମଞ୍ଜରି ସାମଲ, ୱାର୍ଡନମ୍ବର ୧୫ କାଉନ୍ସିଲର ଗୁନୁ ବାଗ, ୱାର୍ଡ ନମ୍ବର ୧୬ କାଉନ୍ସିଲର ଦ୍ରୌପଦୀ ମେହେର ଯୋଗଦେଇଥିଲେ। ଆମନ୍ତ୍ରିତ ଅତିଥି ଭାବେ ଯୋଗଗୁରୁ ଅଭୟ ଜାଜୁ, ଯୋଗ ଶିକ୍ଷିକା ରୋହିଣୀ ମହାନନ୍ଦ ଯୋଗ ଶିକ୍ଷା ପ୍ରଦାନ କରିବା ସହିତ ତାର ଉପକାରୀତା ବାବଦରେ ସୂଚନା ଦେଇଥିଲେ। ଏହି ଯୋଗ ଶିବିରକୁ ଗୋଷ୍ଠୀ ସଂଗଠିକା ନିଲୁ ହଂସା, ପରିମଳ ବିଭାଗର ଦେବକୀ ନନ୍ଦନ ମହାନ୍ତି, ପରିମଳ ବିଭାଗର ପ୍ରଦୀପ୍ତ ବେହେରା, ଗୋଷ୍ଠୀ ସଂଗଠିକା ତନୁଜା ବାଗ, ଗୋଷ୍ଠୀ ସଂଗଠିକା ବବି ନାୟକ ସୂଚାରୁ ରୂପେ ପରିଚାଳନା କରିଥିଲେ।

# ସୁବର୍ଣ୍ଣରେଖାରେ ଚଳିତବର୍ଷର ପ୍ରଥମ ବନ୍ୟା



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍ତର ବାଲେଶ୍ୱରରେ ବର୍ଷା ନଥିବାବେଳେ ଗତ ଗୁରୁବାର ମଧ୍ୟରାତ୍ରିରେ ସୁବର୍ଣ୍ଣରେଖା ନଦୀପାଣି ଫୁଲିବାକୁ ଲାଗିଥିଲା। ଭୋର ସମୟରେ ନଦୀରେ ଅସ୍ଥାୟୀଭାବେ ନିର୍ମାଣ ହୋଇଥିବା କାଠପୋଲ ଗୁଡିକ ଭାସିଯିବା ସହିତ ନଦୀକୂଳ ଗ୍ରାମ ନିକଟରେ ବନ୍ଧା ହୋଇଥିବା ବହୁ ନୌକା ନିଖୋଜ ରହିଛି। ଶୁକ୍ରବାର ଦିନ ୧ଟା ବେଳକୁ ରାଜଘାଟ ଠାରେ ଜଳର ସତର୍କସ୍ତର ୯.୪୫ମି. ଡେଇଁଥିଲା । କିନ୍ତୁ ସଂଧ୍ୟା ୬ଟାରେ ଏହା ବିପଦ ସଂକେତ ୧୦.୩୬ ଡେଇଁ ରାତି ୭ଟାରେ ୧୦.୭୮ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା । ମିଳିଥିବା ଖବରରୁ ପ୍ରକାଶ ଗତ ୨ଦିନ ଧରି ଚାନ୍ଦିଲି, ଜାମସେଦପୁର, ଫେକଘାଟ, ଗାଲୁଡିହ ଅଞ୍ଚଳରେ ବ୍ୟାପକ ବର୍ଷା ଲାଗି ରହିଥିଲା । ଏବେ ସେଠାରେ ବର୍ଷା କମିଥିଲେ ମଧ୍ୟରେ ବିଭିନ୍ନ ନାଳ, ଖାଳ, ଉପନଦୀରୁ ପାଣି ପ୍ରବାହିତ ହୋଇ ଆସୁଥିବାରୁ ଏସମସ୍ତ ପାଣି ଏଠାକୁ ପହଞ୍ଚିବାକୁ ଅନ୍ୟୁନ ୩୦ଘଣ୍ଟା ଲାଗିବ । ଫଳରେ ଶନିବାର ସକାଳ ସୁଦ୍ଧା ପାଣିସ୍ତର ରାଜଘାଟଠାରେ ୧୧.୩୫ ହେବ ବୋଲି ଆକଳନ କରାଯାଇଛି। ଜଳସ୍ରୋତକୁ ଲକ୍ଷ୍ୟ କରି ଜଳେଶ୍ୱରରେ ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ଗୌରାଙ୍ଗ ଚରଣ ଘୋଷ, ଅତିରିକ୍ତ ତହସିଲଦାର ନିଧି ବେହେରା, ରାଜସ୍ୱ ନିରିକ୍ଷକ, ଜଳସେଚନ ବିଭାଗ ଏସ୍‌ଡିଓ ବିଭିନ୍ନ ତଳିଆ ଅଂଚଳ ବୁଲୁଥିବା ବେଳେ ରାୟାଁରାମଚନ୍ଦ୍ରପୁର ପଂଚାୟତର ମେଳକଗାଁ ଜଳାର୍ଣ୍ଣବ ହୋଇଛି। ଏହା ବ୍ୟତିକ ପାଇକସିଦା, ପଶ୍ଚିମବାର୍ଡ, ବାଇଗଣବାଡିଆ, ଖରିଦପିମ୍ପଳ, ଗଡସାହି ବାଲିଆପାଳ, ରାୟାଁରାମଚନ୍ଦ୍ରପୁର, ମହମ୍ମଦନଗର ପାଟଣା, ଶିଖରପୁର ଇତ୍ୟାଦି ପଂଚାୟତର ବିଭିନ୍ନ ଗ୍ରାମରେ ଥିବା ଖାଳ ଓ ନାଳ ଦ୍ୱାରା ବନ୍ୟାପାଣି ପ୍ରବାହିତ ହୋଇ ଚାଷଜମିକୁ ପଶୁଥିବା ଜଣାଯାଇଛି । ସେହିପରି ତଳିଆ ଅଂଚଳରେ ଜଳସେଚନବିଭାଗ ଅଧିକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ ନଦୀର ଦୁର୍ବଳ ବନ୍ଧଠାରେ ବାଲିବସ୍ତା ମହଜୁଦ ରଖାଯାଇଥିବା କହିଛନ୍ତି । ବନ୍ୟାପ୍ରତି ସତର୍କ ଦୃଷ୍ଟି ରଖାଯାଇଥିବା ବେଳେ ଜଳେଶ୍ୱରର ବିଭିନ୍ନ ପଂଚାୟତରେ ସରକାରୀ କର୍ମଚାରୀ ମାନଙ୍କୁ ମୁତୟନ କରାଯିବା ସହିତ ଶୁଖିଲା ଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ ମହଜୁଦ ରଖାଯାଇଥିବା ସଂପର୍କରେ ବିଡିଓ ଶ୍ରୀ ଘୋଷ କହିଛନ୍ତି । ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକମାନଙ୍କୁ ସତର୍କ ଓ ସଚେତନ କରାଯାଇଛି ।

## ଗ୍ରାହକଙ୍କ ଆକାଉଣ୍ଟରୁ ଟଙ୍କା ଆତ୍ମସାତ୍ ଅଭିଯୋଗ

ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ଶଶାଙ୍କ ନାୟକଙ୍କ ବ୍ୟାଙ୍କ ଅଫ ବରୋଦାରେ ଥିବା ଏକାଉଣ୍ଟ ନଂ ୨୦୬୫୮୧୦୦୦୦୬୫୫୪ରୁ ଗୁରୁବାର ଖୁଅଡ ପଂଚାୟତରେ ଥିବା ବ୍ୟାଙ୍କ ବିସି ପଏଣ୍ଟ(ଗ୍ରାହକ ସେବାକେନ୍ଦ୍ର) ରେ ୫ହଜାର ଟଙ୍କା ଉଠାଣ ହୋଇଥିବା ଅଭିଯୋଗ ହୋଇଛି। ଶ୍ରୀ ନାୟକ ଗୁରୁବାର ସଂଧ୍ୟାରେ ଉକ୍ତ ଗ୍ରାହକ ସେବାକେନ୍ଦ୍ରକୁ ଯାଇ ୩ହଜାର ଟଙ୍କା ଉଠାଇବାକୁ କହିବା ପରେ ସେ ଉକ୍ତ ଟଙ୍କା ପୈଠ କରିଥିଲେ। ମାତ୍ର ଏହି ଏକାଉଣ୍ଟ ସହିତ ସଂଲଗ୍ନ ଥିବା ତାଙ୍କ ମୋବାଇଲକୁ ୫ହଜାର ଟଙ୍କା ଉଠାଣ ହୋଇଥିବା ମେସେଜ୍ ଆସିବାପରେ ଶୁକ୍ରବାର ସକାଳେ ତାଙ୍କ ସହିତ ସେ ଯୋଗାଯୋଗ କରିଥିଲେ । ଗ୍ରାହକ ସେବାକେନ୍ଦ୍ର ମାଳିକ ତତ୍‌କ୍ଷଣାତ୍ ୨ହଜାର ଟଙ୍କା ତାଙ୍କ ଏକାଉଣ୍ଟରେ ଜମା କରିଦେଇଥିଲେ । ଆଦିବାସୀ ଅଧୁଷିତ ରାଇବଣିଆ ଅଂଚଳରେ ବହୁ ଲୋକ ଅଶିକ୍ଷିତ ଥିବାରୁ ଉକ୍ତ ଗ୍ରାହକ ସେବାକେନ୍ଦ୍ର ମାଲିକ ଲୋକଙ୍କୁ ଠକାଉଥିବା ଅଭିଯୋଗ ହୋଇଛି । ଏ ସଂପର୍କରେ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଜଣାଇ ଦିଆଯାଇଥିବା ଶ୍ରୀ ନାୟକଙ୍କ ସହିତ କେତେକ ଗ୍ରାମବାସୀ କହିଛନ୍ତି ।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ଖଇରପୁଟ(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଡାରଉଇନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଜେପି ଜିଲ୍ଲା ସଭାପତି ଅଶୋକ କୁମାର ପରିଡ଼ା, ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲିପ କୁମାର ଗଣ୍ଡ, ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ପ୍ରଧାନ, ଯୋଗ ଶିକ୍ଷକ ବିବେକାନନ୍ଦ ଜେନା, ଯୋଗ ଶିକ୍ଷକ ଭଗବାନ ସାହୁ, ସମାଜସେବୀ ବାଳକୃଷ୍ଣ ପ୍ରଧାନ ଓ ଜ୍ୟୋତି ରଞ୍ଜନ ବେହେରାଙ୍କ ସହିତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନେ ଉପସ୍ଥିତ ରହି ପ୍ରଥମେ ଯୌଗିକ ଜଗିଂ, ବ୍ୟାୟାମ, ସୂକ୍ଷ୍ମ ଅଙ୍ଗଚାଳନା, ସୂର୍ଯ୍ୟ ନମସ୍କାର, ବିଭିନ୍ନ ପ୍ରକାରର ଆସନ ଓ ପ୍ରାଣାୟାମ ମାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରି ପ୍ରତ୍ୟେକ୍ଷ ଯୋଗ ଶିକ୍ଷା ନେଇଥିଲେ। ଶେଷରେ ମହାବିଦ୍ୟାଳୟ ଅଧ୍ୟାପକ ବିଶ୍ୱଜିତ ମହାନ୍ତି, ଜନ୍‌କରା, ଅଧ୍ୟାପିକା ସଞ୍ଜିତା ଖୋସଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନଏସ୍‌ଏସ୍ ୟୁନିଟ ତରଫରୁ ମହାବିଦ୍ୟାଳୟର ସଫେଇ ଅଭିଯାନରେ ସାମିଲ ହୋଇ ସମ୍ପୂର୍ଣ୍ଣ ପରିସରକୁ ପରିଷ୍କାର ପରିଛନ୍ନତା କରିଥିଲେ।

# ବିପର୍ଯ୍ୟୟ ପରିଚାଳନା ମୁକାବିଲା କର୍ମଶାଳା

ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନାପ୍ରସ୍ତୁତି ସମ୍ପନ୍ଧରେ ଏକ କର୍ମଶାଳା ରାଜୀବଗାନ୍ଧୀ ସେବା କେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ସ୍ତର ପର୍ଯ୍ୟନ୍ତ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଉକ୍ତ କର୍ମଶାଳାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ ସୁମନ ସୁଧା କୁଣ୍ଡୁ ପୌରହିତ୍ୟ କରିଥିଲେ। ପର୍ଯ୍ୟବେକ୍ଷକ ରୂପେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ ଯୋଗଦେଇ ଏହାର ଉଦ୍ଦେଶ୍ୟ ଲକ୍ଷ୍ୟ ତଥା ବିଭିନ୍ନ ପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ। ବୈଠକରେ ବୋଲଗଡ଼ ଅଗ୍ନିଶମ ଅଧିକାରୀ ବିପର୍ଯ୍ୟୟର ପରିଚାଳନାରେ ବ୍ୟବହୃତ ବିବିଧ ଯନ୍ତ୍ରାଂଶର ଉପଯୋଗିତା ନେଇ ଆଲୋଚନା କରିଥିଲାବେଳେ ଉପସ୍ଥିତ ଶିକ୍ଷା,ସ୍ୱାସ୍ଥ୍ୟ, ପାନୀୟଜଳ ଓ ଅନ୍ୟାନ୍ୟ ବିଭାଗ ଅଧିକାରୀ ମାନେ ନିଜ ବିଭାଗର ପ୍ରାକ୍ ବିପର୍ଯ୍ୟୟ, ବିପର୍ଯ୍ୟୟ ସମୟ ଓ ଉତ୍ତର ବିପର୍ଯ୍ୟୟ ପର୍ଯ୍ୟାୟରେ ନେବାକୁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ତଥ୍ୟପ୍ରଦାନ କରିଥିଲେ । ଅତିରିକ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ ଡଃ.ରତିକାନ୍ତ ମିଶ୍ର ସଭା ପରିଚାଳନା କରି ବିପର୍ଯ୍ୟୟ ପରିଚାଳନା ଓ ତାର ମୁକାବିଲାରେ ଓଡିଶା ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ।ଏହି କର୍ମଶାଳାରେ ପ୍ରାୟ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଅଂଶଗ୍ରହଣ କରିଥିବାବେଳେ ବରିଷ୍ଠ ରାଜସ୍ୱ ସହାୟକ ଆଲୋକକୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




# ମୁଖ୍ୟବଜାରରେ ପାନୀୟ ଜଳ ସମସ୍ୟା, ବ୍ୟବସାୟୀ ହନ୍ତସନ୍ତ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ବାଣିଜ୍ୟିକ ପେଣ୍ଠସ୍ଥଳ ହୋଇଥିବା ବେଳେ ବିଭିନ୍ନ ସମୟରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଗ୍ରାହକ ଓ ଦୂର ଦୂରାନ୍ତରୁ ବସ ମାଧ୍ୟମରେ ଆସି ଓହ୍ଲାଇଲେ ପାନୀୟ ଜଳ ମୁନ୍ଦାଏ ପାଇଁ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଦିନ ଏହି ବଜାରରେ ଅନେକ ଲୋକ ଚଳପ୍ରଚଳ କରୁଥିଲେ ମଧ୍ୟ ସାଧାରଣତଃ ପାନୀୟ ଜଳସୁବିଧା ନାହିଁ। ଅନ୍ୟପଟେ ବସଷ୍ଟାଣ୍ଡ ନଥିବାରୁ ଯାତ୍ରୀ ମାନେ ଦୋକାନ ନିକଟରେ କିମ୍ବା ଦୋକାନ ସାମ୍ନାରେ ବସୁଛନ୍ତି। ବ୍ଲକଛକ, ନୂତନ ଥାନାଛକ, ଲକ୍ଷ୍ମୀବଜାର, ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ, ଅସ୍ଥାୟୀ ବସଷ୍ଟାଣ୍ଡ, ଏମିତିକି ଷ୍ଟେଟ ବ୍ୟାଙ୍କ ପର୍ଯ୍ୟନ୍ତ କୌଣସି ପାନୀୟ ଜଳସୁବିଧା ନାହିଁ। ପାନୀୟ ଜଳ ସମସ୍ୟା ଲାଗିରହୁଥିବା ବେଳେ ବ୍ୟବସାୟୀ କିମ୍ବା କୌଣସି ବ୍ୟକ୍ତିଙ୍କୁ ତୃଷ୍ଣା ମେଣ୍ଟାଇବା ପାଇଁ ନିକଟସ୍ଥ ଦୋକାନରୁ ପାଣି ବୋତଲ କିଣୁଛନ୍ତି କିମ୍ବା କୌଣସି ଜଳଖିଆ ଦୋକାନ, ହୋଟେଲ ପାଣି ମାଗିକି ପିଉଛନ୍ତି ଲୋକେ। ଅସ୍ତରଙ୍ଗ ବଜାରକୁ ବିଭିନ୍ନ ଅଞ୍ଚଳରୁ ଲୋକ ଆସିବା ସହ ରାଜ୍ୟ କୋଣ ଅନୁକୋଣରୁ ବିଭିନ୍ନ ବ୍ୟବସାୟୀ, ପର୍ଯ୍ୟଟକ ଆସୁଥିବା ବେଳେ ସେମାନଙ୍କ ପାଇଁ ପାନୀୟ ଜଳ ସୁବିଧା ନାହିଁ। ମାଛ ବଜାର ନିକଟ ନଳକୂପଟି ଅସ୍ୱାସ୍ଥ୍ୟକର ପରିବେଶ ଥିବାରୁ ତାହା ନିକଟକୁ ଅଧିକାଂଶ ଲୋକେ ଯାଉନାହାନ୍ତି। ଏହାସହ ସାପ୍ତାହିକ ହାଟ ମଧ୍ୟରେ ସେମିତି କିଛି ପାନୀୟ ଜଳ ସୁବିଧା ନାହିଁ । ବଜାର ରେ ଏମିତି କୌଣସି ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ମଧ ସେମିତି କିଛି ସୁବିଧା ନାହିଁ। ବର୍ଷ ବର୍ଷ ଧରି ଏଠାରେ ପାନୀୟ ଜଳ ସମସ୍ୟା ସମାଧାନ ହୋଇ ପାରୁନଥିବାରୁ ବ୍ୟବସାୟୀ ଓ ଦୂରଦୁରାନ୍ତରୁ ଆସୁଥିବା ପର୍ଯ୍ୟଟକ ଅଭିଯୋଗ କରିଛନ୍ତି। ବଜାରରେ ଖରାଦିନେ ଲୋକଙ୍କ ସୁବିଧା ପାଇଁ ଜଳଛତ୍ର ଖୋଲାଯାଉଛି, କିନ୍ତୁ ଅନ୍ୟଦିନେ ଲୋକେ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ଅସ୍ତରଙ୍ଗ ବଜାରରେ ହେଉଛନ୍ତି। ଏ ପଟେ ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ କହିଛନ୍ତି ଖୁବ ଶୀଘ୍ର ଏକ ସପ୍ତାହ ମଧ୍ୟରେ ବଜାରର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହେବ। ଦେଖିବାକୁ ଅପେକ୍ଷା କେବେ ଲୋକଙ୍କ ସୁବିଧା ପାଇଁ ପାନୀୟ ଜଳ ଯୋଗାଇ ଦିଆଯାଉଛି।

## ଏମ୍‌ସିଏଲ ପକ୍ଷରୁ ରକ୍ତଦାନ ଶିବିର

କଣିହାଁ(ଭାସ୍କର ନ୍ୟୁଜ୍): ଏମସିଏଲ କଣିହାଁ କୋଇଲା କ୍ଷେତ୍ର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳ ରକ୍ତ ଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ୫୯ ୟୁନିଟ୍ ରକ୍ତ ସଂଗ୍ରହ କରଯାଇଥିଲା। ମୁଖ୍ୟ ଅତିଥି ଭାବରେ କଣିହାଁ କୋଇଲା କ୍ଷେତ୍ର ମହାପ୍ରବନ୍ଧକ ନରେଶ ସିଂହ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏମସିଏଲ କଣିହାଁ ମେଡ଼ିକାଲର ଡାକ୍ତର ସୁରେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଜିଏମ (ଖନନ), ଦିନେଶ କୁମାର ମାଳି, ପ୍ରକଳ୍ପ ଅଧିକାରୀ ଅକ୍ଷୟ କୁମାର ଦାସ, ବରିଷ୍ଠ ଅଧିକାରୀ, ବିଭିନ୍ନ ୟୁନିଅନର ର ପ୍ରତିନିଧିଗଣ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଏମ୍‌ସିଏଲ ସଂଜୀବନୀ ମହିଳା ମଣ୍ଡଳର ସଭାନେତ୍ରୀ ଅର୍ଚ୍ଚନା ରଣା, ସମ୍ପାଦିକା ଇପାଲି ଅପରାଜିତା ଦାଶ, ସହସଂପାଦକ ନର୍ମଦା ବେହେରା, କୋଷାଧ୍ୟକ୍ଷ ରାଜଲକ୍ଷ୍ମୀ ନିୟୋଗି ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ରକ୍ତଦାନ ନିମିତ୍ତ ସଚେତନ କରାଇଥିଲେ। ଅନୁଗୋଳ ରକ୍ତ ଭଣ୍ଡାର ର ଡାକ୍ତର ସତ୍ୟବ୍ରତ ପାଟ୍ଟଯୋଶୀଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

# କୁଡୁମୀ ଛାତ୍ର ସେନାର ବୈଠକ



ବେତନଟୀ (ଭାସ୍କର ନ୍ୟୁଜ୍): କୁଡୁମୀ ଛାତ୍ର ସେନା ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୯୫୦ ମସିହାରେ ହୋଇଥିବା ଷଡଯନ୍ତ୍ର ବା ପ୍ରତାରଣାରର ଶିକାର ଆମ କୁଡୁମୀ ଜାତି ସହିତ ମଧ ହୋଇଛି ବୋଲି ଛାତ୍ର ସେନା ପକ୍ଷରୁ କୁହାଯାଇଥିଲା।। ସେଥିଲାଗି କୁଡୁମୀ ସେନା ଦୀର୍ଘ ୧୨ ବର୍ଷ ଧରି ଆନ୍ଦୋଳନ କରିଆସୁଛି। ଯେତେଦିନ ଯାଏ ଆମ କୁଡୁମୀ ଜାତିକୁ ଆମ ଅଧିକାର ଫେରସ୍ତ ନମିଳିଛି ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ, ଯୁବ ସାଥୀ ଏହି ଆନ୍ଦୋଳନରେ ଅଧିକ ସାମିଲ ହେବେ ଏବଂ ଆମ ଅଧିକାର,ଆମ ଇତିହାସ, ଆମ ସଂସ୍କୃତି, ଆମ ପରମ୍ପରା ବିଷୟରେ ଅବଗତ ରହିବେ। କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଛାତ୍ର ସେନାକୁ ସମ୍ବୋଧନ କରି ସେମାନଙ୍କୁ ନିଶା ଠାରୁ ଦୂରେଇ ରହିବା ପାଇଁ, ଶିକ୍ଷା କ୍ଷେତ୍ରରେ ସମସ୍ତଙ୍କୁ ଆଗକୁ ବଢିବା ପାଇଁ, ଅନ୍ଧବିଶ୍ୱାସରୁ ଦୂରେଇ ରହିବାକୁ ଏବଂ ନିଜର ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବ ପାଇଁ କହିଥିଲେ । ଆଗାମୀ ଦିନରେ ଆନ୍ଦୋଳନକୁ କିପରି ତୀବ୍ର କରାଯିବ ସେ ନେଇ ମଧ ବିସ୍ତୃତ ଭାବେ ଆଲୋଚନା କରାଗଲା। ଏହି ସଭାରେ କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ସହ ଝାରଖଣ୍ଡ କୁଡୁମୀ ସେନାର ଅଧକ୍ଷ ଲାଲଟୁ ମହାତ ମଧ ଯୋଗ ଦେଇଥିଲେ। ଏହି ସଭା ଯୁବନେତା ମାନଗୋବିନ୍ଦ ମହାନ୍ତଙ୍କ ନେତୃତ୍ୱରେ ହେଇଥିଲା ଏଥିରେ କୁଡୁମୀ ସେନାର ବିବେକାନନ୍ଦ ମହାନ୍ତ, ସରୋଜ ମହାନ୍ତ, ମିଣ୍ଟୁ ମହାନ୍ତ, ଟୁକୁନ ମହାନ୍ତ, ହିମାଂଶୁ ମହାନ୍ତ, ନୁକୁ ମହାନ୍ତ, ଟିକିଲି ମହାନ୍ତ ଏବଂ କୁଡୁମୀ ଛାତ୍ରସେନାର ଲିପୁନ ମହାନ୍ତ, ରାଜୁ ମହାନ୍ତ, ଅଜୁ ମହାନ୍ତ, ଡେଭିଡ ମହାନ୍ତ, ତପନ ମହାନ୍ତ, କୃଷ୍ଣ ମହାନ୍ତ, ଦୀପକ ମହାନ୍ତ, ବିକାଶ ମହାନ୍ତ, ବିଶ୍ୱଜିତ ମହାନ୍ତ, ତୋଫାନ ମହାନ୍ତ, ମୋହନ ମହାନ୍ତ, ବିଜୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣକୁ ନେଇ ବିଜେଡିର ଚେତାବନୀ

ବଡ଼ଚଣା (ଭାସ୍କର ନ୍ୟୁଜ୍): ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ ମାଫିଆ ମାନଙ୍କ ଦ୍ୱାରା କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଛି ବୋଲି ଚଣ୍ଡିଖୋଲ ସ୍ଥିତ ରାଜୀବ ମେମୋରିଆଲ କେନ୍ଦ୍ର ଠାରେ ବଡଚଣା ବିଜେଡ଼ି ପକ୍ଷରୁ କ୍ୟାପଟେନ ରାଜନାରାୟଣଙ୍କ ନିର୍ଦ୍ଦେଶରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି । ଏକବର୍ଷ ଭିତରେ ସମଗ୍ର ବଡଚଣା ବ୍ଲକ୍ ରେ ବାଲି, ମାଟି, ମହରମ୍, ମାଙ୍କଡ଼ା ପଥର ଚୋରା ଚାଲାଣ କରି ମାଫିଆମାନେ ଲାଲେ ଲାଲ ହେଉଥିବାବେଳେ ବିଧାୟକଙ୍କ ପ୍ରଚ୍ଛନ୍ନ ସମର୍ଥନ ଯୋଗୁଁ ପ୍ରଶାସନ କୋଟିକୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡୁଛି। ଏହା ବିରୁଦ୍ଧରେ ବଡଚଣା ବ୍ଲକ୍ ବିଜେଡ଼ି ପକ୍ଷରୁ ଗତ ଏପ୍ରିଲ ୨୦ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଥିଲା। କିଛି ମାସର ବିରତି ପରେ ଲଘୁ ଖଣିଜ ପଦାର୍ଥ ମାଫିଆମାନେ ପୁଣି ସକ୍ରିୟ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତ୍ରିରେ ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ନାୟକ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଥାନା ଅଧିକାରୀ ବିଶେଷ ସୂତ୍ରରୁ ଖବର ପାଇ ବଡ଼ଚଣା ଗଣ୍ଡି ଛକରେ ଅଟକାଇ ଥିଲେ। ଚାଳକ ଏହା ଜାଣିପାରି ଚୋରା ମାଙ୍କଡ଼ା ପଥର ଟ୍ରକ ଛାଡ଼ି ପଡାଉ ଥିବାବେଳେ ପୋଲିସ ଧରିବାରେ ସକ୍ଷମ ହୋଇଥିଲା ବୋଲି ଜଣାପଡିଛି ।ଓଆର୍ ୦୪ଇ ୨୨୭୯,ଗାଡି ମାଲିକ ନବଜ୍ୟୋତି ଜେନା,ଓ ଆର୍ ୦୯ଡି ୫୩୪୭ ଏସ୍ କେ ବଳ ଓଆର୍ ୦୪ଡି ୮୧୧୮ ସୁନିଲ କୁମାର ଦାଶଙ୍କର ତିନୋଟି ବୋଝେଇ ଚୋରା ମାଙ୍କଡ଼ା ପଥର ଟ୍ରକକୁ ବଡଚଣା ପୋଲିସ ଜବତ କରିଛି। ଏହି ଅଟକଥିବା ତିନି ଜଣ ଚାଳକ ମାଲିକଙ୍କ ବିରୁଦ୍ଧରେ ବଡ଼ଚଣା ଅଧିନରେ ଥିବା ଚଣ୍ଡିଖୋଲ ଫାଣ୍ଡିରେ କେଶ୍ ନମ୍ବର -୧୯୧/ ୨୫, ୩୦୩, ୨-୩, ୫-ବି, ଏନ, ଏସ-୫୧ ଓ ଏମ୍ ଏମ୍ ସି ରେ ଦଫା ଲଗାଇ ମାମଲା ରୁଜୁ କରାଯାଇଛି । ଏହାର ତଦନ୍ତ ଭାର ଏସ୍‌ଆଇ ସୁରେନ୍ଦ୍ର କୁମାର ଜେନା ନେଇଛନ୍ତି। ଅଟକ ଥିବା ତିନି ଜଣ ଚାଳକଙ୍କୁ ବ୍ୟକ୍ତିଗତ ନୋଟିସ ଦିଆଯାଇ ଛାଡ଼ିଦେଇ ଥିବା ଜଣାପଡିଛି। ଖୁବଶୀଘ୍ର ଏହି ଚୋରା ମାଙ୍କଡ଼ା ରପ୍ତାନୀ କରୁଥିବାମାନଙ୍କ ବିରୁଦ୍ଧ ରେ ଆଇନ ଅନୁଯାୟୀ ତଦନ୍ତ କରାଯିବ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ମଧୁସ୍ମିତା ନାୟକ ଗଣମାଧ୍ୟମକୁ ଜଣାଇଛନ୍ତି । ଅପର ପକ୍ଷରେ ଚୋରା ମାଙ୍କଡ଼ା ପଥର ପୋଲିସ ଦ୍ୱାରା ଜବତ ହୋଇଥିବା ଟ୍ରକ ମାଲିକମାନଙ୍କ ସହିତ ବିଧାୟକ ଙ୍କ ବିଭିନ୍ନ ସମୟର ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି ବୋଲି ବିଜେଡ଼ି ଅଭିଯୋଗ କରିଛି। ବିଶେଷ କରି ବୈରୀ ଓ ବାଲିଚନ୍ଦ୍ରପୁର ପୋଲିସ ସହିତ ଚୋରା ଚାଲାଣକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜବତ ହୋଇଥିବା ଗାଡି ଗୁଡ଼ିକର କାଗଜ ପତ୍ର ଯାଞ୍ଚ କରି ଗାଡ଼ି ମାଲିକମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଆଗାମୀ ଦିନରେ ବଡଚଣା ବ୍ଲକ୍‌ରେ ହେଉଥିବା ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣକୁ ବନ୍ଦ କରା ନଯାଏ ତେବେ ବଡଚଣା ବିଜେଡ଼ି ରାଜରାସ୍ତା କୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବଡଚଣା ବ୍ଲକ ବିଜେଡ଼ି ସଭାପତି ତାପସ ରାୟ, ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବ୍ଲକ ବିଜେଡ଼ି ଉପ ସଭାପତି ଦିଲ୍ଲିପ କୁମାର ସାମଲ, ମନ୍ମଥ ସାହେବ ରାୟ, ନିରଂଜନ ବିଶ୍ୱାଳ, ପ୍ରଦୀପ୍ତ କୁମାର ମହାନ୍ତି, ଧନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁ ସାଥୀଙ୍କ ମନମୁଖୀ କାର୍ଯ୍ୟ

## ମନରେଗା ପ୍ରାପ୍ୟ ପାଇଁ ଜିଲ୍ଲାପାଳ ଓ ବିଡିଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ




ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ପଦ୍ମନପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଡ ଖଲିଗାଁ ଗ୍ରାମର ଧାନ ଶୁଖାଠାରୁ ଦାଦର ପର୍ଯ୍ୟନ୍ତ ମନରେଗା ଯୋଜନାରେ ରାସ୍ତା କାମ ଚାଲିଥିଲା। କିଛି ଖଳ ପ୍ରକୃତିର ଲୋକ ଏହି କାମକୁ ଦଳୀୟ ଭିତ୍ତିରେ କରିବାକୁ ଚାହୁଁଥିଲେ। ଏଥିରେ ଅସଫଳ ହେବାରୁ କାମ ସମ୍ପର୍କରେ ବୌଦ୍ଧ ବିଡ଼ିଓଙ୍କୁ ଅଭିଯୋଗ କରିବାରୁ ବିଡ଼ିଓ କାମ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ କାମ କରିଥିବା ଶ୍ରମିକଙ୍କ ଡିମାଣ୍ଡ ଶୂନ ହୋଇଥିଲା। ଏହାକୁ ନେଇ ଶ୍ରମିକ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଗାଁ ସାଥୀଙ୍କ ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ଓ ଶ୍ରମିକମାନଙ୍କ ମଜୁରୀ ପ୍ରାପ୍ୟ ପାଇଁ ଆଜି ଶ୍ରମିକ ଓ ଗ୍ରାମବାସୀ ଜିଲ୍ଲାପାଳ ଓ ବୌଦ୍ଧ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀ କରିଥିବା ଅଭିଯୋଗ ଅନୁଯାୟୀ ଗାଁ ସାଥୀ ଥିବା ମହିମାବତୀ ଭୋଇ ମନରେଗା କାର୍ଯ୍ୟରେ ସହଯୋଗ କରୁନଥିବା ହେତୁ ଶ୍ରମିକ ମାନେ ହଇରାଣ ହେବା ସହ ମନରେଗା ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଥିଲା। ଦ୍ୱିତୀୟ ଗାଁ ସାଥୀ ଝୁଲଣାବତୀ ଭୋଇ ମଧ ବିବାହ କରି ଦୀର୍ଘ ୧୦/୧୨ ବର୍ଷ ହେଲା ଶାଶୂଘରେ ରହୁଛନ୍ତି। ଫଳରେ ମନରେଗା କାର୍ଯ୍ୟରେ ବାଧାପ୍ରାପ୍ତ ହେଉଥିଲା। ସେଥିପାଇଁ ଗ୍ରାମବାସୀ ପଲିସଭା ଜରିଆରେ ଗ୍ରାମର ବିଜୟ ରଣାଙ୍କୁ ୨୦୨୨ ମସିହାରୁ ଗାଁ ସାଥୀ ମନୋନୀତ କରିଥିଲେ । ତେଣୁ ଗ୍ରାମରେ ଓ ସମସ୍ତ କାର୍ଯ୍ୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଗାଁ ସାଥୀ ମହିମାବତୀ ଭୋଇଙ୍କୁ ବାଦ ଦେଇ ଅନ୍ୟ ବିକଳ୍ପ ମାଧ୍ୟମରେ ମନରେଗା ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ପାଇଁ ଗ୍ରାମବାସୀ ଜିଲ୍ଲାପାଳ ଓ ବିଡ଼ିଓଙ୍କ ନିକଟରେ ଦାବି କରିଛନ୍ତି।



# ଆମ କଳାହାଣ୍ଡି





## ଜିଲ୍ଲାସ୍ତରୀୟ ଡାଇରିଆ ନିରାକରଣ ସମୀକ୍ଷା ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାସ୍ତରୀୟ ଡାଇରିଆ ନିରାକରଣ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ହଲ ଠାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସମୀକ୍ଷା ବୈଠକରେ ଅଭାଷୀ ମାଧ୍ୟମରେ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ସହରାଞ୍ଚଳ ନିର୍ବାହୀ ଅଧିକାରୀ, ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଅଂଶ ଗ୍ରହଣ କରିଥିଲେ । ବିଶେଷ କରି ଜିଲ୍ଲାର ସହରାଞ୍ଚଳ ଭବାନୀପାଟଣା, ଧର୍ମଗଡ଼, ଜୁନାଗଡ, କେସିଙ୍ଗା ତଥା ବ୍ଲକସ୍ତରରେ ଥିବା ସମସ୍ତ ନାଳ ନର୍ଦ୍ଦମା, ଅଳିଆ ଆବର୍ଜନା, ପାଣିଜମି ରହୁଥିବା ସ୍ଥାନ ଇତ୍ୟାଦିକୁ ସଫାସୁତୁରା କରାଇ ଆବଶ୍ୟକ ଫିନାଇଲ, ବ୍ଲିଚିଙ୍ଗ ପକାଇ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବ୍ଲକସ୍ତରରେ ବିଡିଓ, ତହସିଲଦାର, ମେଡ଼ିକାଲ ଅଫିସର,ଗୋଷ୍ଠୀ ଶିକ୍ଷାଅଧିକାରୀ,ସିଡିପିଓଙ୍କୁ ନେଇ ଏକ କମିଟି ଗଠନ କରି ସ୍ୱଚ୍ଛତା ଓ ଡାଇରିଆ ନିରାକରଣର ସଚେତନତା ବାର୍ତ୍ତା ଗ୍ରାମପଞ୍ଚାୟତରୁ ଗାଁ ପର୍ଯ୍ୟନ୍ତ ଘରକୁ ଘର ବୁଲି ଅଙ୍ଗନବାଡି,ଆଶା କର୍ମୀମାନେ ଲୋକଙ୍କୁ ଡାଇରିଆ ନିରାକରଣ ନିମନ୍ତେ ଆବଶ୍ୟକ ସତର୍କତା ଓ ସଚେତନତାର ବାର୍ତ୍ତା ଦେବାପାଇଁ ଏବଂ ବି.ଡି.ଓ., ତହସିଲଦାର ଏହାର ତଦାରଖ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସ୍ୱାସ୍ଥ୍ୟ ସଚେତନତା ଡାଇରିଆ ନିରାକରଣ ଦିଗରେ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବା, ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ଦୋକାନ,ବଜାର, ହୋଟେଲରେ ଉପଲବ୍ଧ ଖାଦ୍ୟର ଗୁଣବତ୍ତା ନିୟମିତ ଯାଞ୍ଚ କରିବା ପାଇଁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ହଷ୍ଟେଲ ପରିବେଶ ସଫାସୁତୁରା ରଖିବା, ଛାତ୍ରଛାତ୍ରୀଙ୍କୁ ଡାଇରିଆ ନିରାକରଣ ନିମନ୍ତେ ସଚେତନ କରିବା ପାଇଁ ଜିଲ୍ଲା ଶିକ୍ଷାଅଧିକାରୀ, ଜିଲ୍ଲା ମଙ୍ଗଳଅଧିକାରୀଙ୍କୁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ପ୍ରୋବେଶନାରୀ ଆଇଏଏସ ଅନିମେଶ ପ୍ରଧାନ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲ୍ଲା ମଙ୍ଗଳଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରାକେଶ କୁମାର ସାହୁ, ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଆଭାଷୀ ମାଧ୍ୟମରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଏହି ସମୀକ୍ଷା ବୈଠକରେ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ସହିଦ ରେଣ୍ଡୋ ମାଝୀଙ୍କ ସ୍ମାରକୀପୀଠରେ ସ୍ମୃତିଚାରଣ ସଭା





ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାର ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ସେମାନଙ୍କ ଜନ୍ମସ୍ଥାନକୁ ସ୍ମାରକୀ ପୀଠରେ ରୂପାନ୍ତରିତ କରିବା ଅବସରରେ ଶହୀଦ ରେଣ୍ଡୋ ମାଝିଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମସ୍ଥଳୀ ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଉର୍ଲାଦାନିସ୍ଥିତ ରେଣ୍ଡୋ ମାଝିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିପୀଠରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ ଜନସାଧାରଣଙ୍କୁ ସମ୍ବୋଧିତ କରୁଥିବା କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ମଧ୍ୟ ସିଧା ପ୍ରସାରଣ କରାଯାଇଥିଲା । ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନକରି ,ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକାରିତା ବର୍ଷେ ଏକ ଉପଲବ୍ଧି ଅନେକ, ଓଡ଼ିଶାର ବିକାଶ ଓ ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ । ଉର୍ଲାଦାନୀ ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ କଳାହାଣ୍ଡି ପାୱାର ସଚିନ ପ୍ରକାଶ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରବେଶନ) ଅନିମେଶ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା,ଜିଲ୍ଲା ବି ଜେ ପି ସଭାପତି,ଯୁଗଳ କିଶୋର ପୋଡ଼, ସଂସାଦ କଳାହାଣ୍ଡିଙ୍କ ପ୍ରତିନିଧି ଜୟ ଶଙ୍କର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ,ମଦନ ପୁର ରାମପୁର ବିଡିଓ ଏବଂ ତହସିଲଦାର, ସରପଞ୍ଚ, ପିଆର୍ଆଇ ସଦସ୍ୟ, ଜନସାଧାରଣ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଶହୀଦ ରେଣ୍ଡୋ ମାଝୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇ ଶହୀଦଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ସହିଦ ରେଣ୍ଡୋ ମାଝି ଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପାଢୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ

## ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ





**ଧର୍ମଗଡ,(ଭାସ୍କର ନ୍ୟୁଜ୍):** ଭାରତୀୟ ଆଦିମ ଜାତି ସେବକ ସଂଘ ଦ୍ୱାରା ପରିଚାଳିତ ଧର୍ମଗଡ ଶକ୍ତି ସଦନ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ଅନ୍ତେଃବାସୀନିମାନେ ସାମୁହିକ ଭାବେ ଯୋଗ କରିଥଲେ । ପ୍ରୋଗ୍ରାମ ଅଫିସର ଫୁଲ ଟେନସିଆ ଏଥିରେ ଯୋଗଦେଇ ମଣିଷର ସ୍ୱାସ୍ଥ୍ୟ ପାଇଁ ଯୋଗର ଆବଶ୍ୟକତା ଉପରେ ଅନ୍ତେଃବାସୀନିମାନଙ୍କୁ ବୁଝାଇ ଥିଲେ । ସୁସ୍ଥ ଜୀବନ ପାଇଁ ଦରକାର ଯୋଗ କେବଳ ଶରୀର ନୁହେଁ, ମାନସିକ ଶାନ୍ତି ଓ ଏକାଗ୍ରତା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ ଏବଂ ସମସ୍ତଙ୍କୁ ଯୋଗଭ୍ୟାସ କରାଇଥିଲେ । ଶକ୍ତି ସଦନ ର ପରିଚାଳିକା ସସ୍ମିତା ପାତ୍ର , କାର୍ଯ୍ୟାଳୟ ମ୍ୟାନେଜର ଦେବରାଜ ମହାନନ୍ଦ, ରୋଜାଲିନ ନାୟକ, ସ୍ୱାତି ମହାନ୍ତି, ସୋଭାସିନି ରାଉତ, ମୌସୁମୀ ମେହେର,ବନ୍ଦନା ଗମାଙ୍ଗୋ, ଝରଣା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

ସେହି ପରି ଧର୍ମଗଡ ବ୍ଲକ ପର୍ଲାଗ୍ରାମ ପଞ୍ଚାୟତ ପକ୍ଷରୁ ଶିବ ମନ୍ଦିର -ନୂତନ ନିର୍ମାଣ ସରୋବର ଠାରେ ଯୋଗ ଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ବ୍ରିଜଲାଲ ନାଏକଙ୍କ ନେତୃତ୍ୱରେ କାର୍ଯ୍ୟନିବାହି ଅଧିକାରୀ କ୍ଷେତ୍ର ମୋହନ ବିହାରୀ,ଏ ଡି ଇ ଓ-ବିଶ୍ୱଦୀପ ପାଣିଗ୍ରାହୀ,ସ୍ୱରୂପ ପୁରୋହିତ ,ଗଜପତି ଗୋପାଳ, ଲଛମନ ଗୋପାଳ, ସମାଜ ସେବୀ ସୁବାସ ଦାସ ଓ ଗ୍ରାମର ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମ ସାମିଲ ହୋଇ ଯୋଗ ଅଭ୍ୟାସ କରିଥିଲେ । ଯୋଗ -ଅସାଧାରଣ ରୋଗକୁ ଦୂରୀକରଣ କରିବା ସହ ଆଧାତ୍ମିକ ଭାବନା ସୃଷ୍ଟି କରେ । ସୁସ୍ଥତା ଓ ସ୍ୱଚ୍ଛ ଚିନ୍ତା ଜାଗରଣ କରିବାରେ ବେଶ ସହାୟତା ହୋଇଥାଏ ବୋଲି ସରପଞ୍ଚ ବ୍ରିଜଲାଲ ନାଏକ କହିଥିଲେ । ସମସ୍ତେ ଦୈନିକ କେବଳ ଅଧଘଣ୍ଟା ସମୟ ଦେଇ ଯୋଗକୁ ଏକ ଅଂଶ ଭାବେ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମରେ ସୁଶାନ୍ତ ଦାସ ଓ ଗୋଲକ ସେଠିଆ ଯୋଗ ଶିକ୍ଷା ଦେଇଥିବା ବେଳେ ବିଜେପି ଜିଲ୍ଲା ପ୍ରତିନିଧି ପରାସର ସାହୁ ସମସ୍ତ ଅଙ୍ଗନବାଡି କର୍ମୀ, ଏମବିକେ , ସିଆର୍‌ପି କର୍ମୀମାନେ ଉପସ୍ଥିତ ରହିଥିଲେ ।



କେସିଙ୍ଗା, (ଭାସ୍କର ନ୍ୟୁଜ୍): ‘ ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ’ ମୂଳମନ୍ତ୍ରକୁ ଧ୍ୟେୟ କରି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗା ପରିସରରେ ୧୧ତମ ଆନ୍ତର୍ଜାତିକ ଯୋଗ ଦିବସ-୨୦୨୫ ସ୍ଥିରୀକୃତ ନିର୍ଦ୍ଦେଶାବଳୀ ଅନୁସାରେ ଆୟୋଜିତ ହୋଇଯାଇଛି । ପ୍ରଧାନଶିକ୍ଷକ ଶ୍ରୀ ସମୀର କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ବିଦ୍ୟାଳୟ ପରିଚାଳନା ସଭାପତି ଶ୍ରୀ ଶିବ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଯୋଗାସନକୁ ଜୀବନର ପରମ ବ୍ରତ ରୂପେ ଗ୍ରହଣ କରିବା ନିମନ୍ତେ ଉପସ୍ଥିତ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଶିକ୍ଷୟିତ୍ରୀ ମୋନାଲିସା ନାୟକ ଯୋଗ ସାଧନା ଅଧିବେଶନକୁ ପରିଚାଳନା କରିଥିଲେ ଏବଂ ବିଦ୍ୟାଳୟର ସମସ୍ତ ଶୈକ୍ଷିକ ଓ ଅଣଶୈକ୍ଷିକ କର୍ମଚାରୀମାନେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିଲେ ।





ନର୍ଲା, (ଭାସ୍କର ନ୍ୟୁଜ): ଯୋଗ ମଣିଷକୁ ସୁସ୍ଥ ରଖେ । ଏହାର ଉପକାରିତା ବିଷୟରେ ବିଶ୍ୱର ପ୍ରତ୍ୟେକ୍ ଦେଶ ଜାଣିପାରିବା ପରେ ପ୍ରତି ବର୍ଷ ଜୁନ ମାସର ୨୧ ତାରିଖକୁ ସାରା ବିଶ୍ୱରେ ବିଭିନ୍ନ ସ୍ଥାନରେ ଆନ୍ତର୍ଜାତୀୟ ଯୋଗ ଦିବସ ଭାବରେ ପାଳନ କରୁଥିବା ବେଳେ ଆଜି କଳାହାଣ୍ଡି ଜିଲ୍ଲାର ନର୍ଲା ବ୍ଲକ୍ ପରିସରରେ ମଧ୍ୟ ଏହି ଦିବସକୁ ପାଳନ କରାଯାଇଛି । ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିପିନ୍ ବିହାରୀ ଦୀପଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନର୍ଲା ବ୍ଲକର ବିଭିନ୍ନ ପଦାଧିକାରୀଙ୍କ ସହିତ ସାମ୍ବାଦିକ ଓ ସାଧାରଣ ଜନତା ଭାଗ ନେଇ ଥିଲେ । ପ୍ରଶିକ୍ଷକ ଭାବେ ଶିକ୍ଷକ ନିର୍ମଳ୍ କୁମାର୍ ବାରିକ୍ ଯୋଗଦେଇ ଯୋଗ ବିଷୟରେ ସମସ୍ତଙ୍କୁ ଅବଗତ କରିବା ସହିତ ଯୋଗାଭ୍ୟାସ କରାଇ ଥିଲେ ।

## ଲଙ୍କେଶ୍ୱରୀ ପ୍ରେସ୍ କ୍ଲବ୍‌ର ନୂତନ କର୍ମକର୍ତ୍ତା ଚୟନ

ଜୁନାଗଡ଼,(ଭାସ୍କର ନ୍ୟୁଜ) କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଭତରାଡ୍ୟାମ ଠାରେ ଆଜି ଜୁନାଗଡ଼ ଲଙ୍କେଶ୍ୱରୀ ପ୍ରେସ କ୍ଲବ ର ନୂତନ କର୍ମକର୍ତ୍ତା ଚୟନ ହୋଇଛି , ଚୟନ ପ୍ରକ୍ରିୟା ରେ ସର୍ବସମତିକ୍ରମେ ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ମାଝୀ ଙ୍କୁଦ୍ୱିତୀୟ ଥର ପାଇଁ ସଭାପତି ରୂପେ ଚୟନ କରିଥିଲେ, ଏବଂ ସମ୍ପାଦକ ରୂପେ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ ସହସମ୍ପାଦକ ବାଲେଶ୍ୱର ସୁନାନୀ ଙ୍କୁ ପ୍ରସ୍ତାବ ଆଗତ ହୋଇଥିଲା,ଉପ ସଭାପତି ଗୟା ରାମ ପୁଝାରୀ, କୋଷାଦକ୍ଷ ପ୍ରଦୀପ କୁମାର ଡୋଙ୍ଗରି, ଏହି ଚୟନ ପ୍ରକ୍ରିୟା ରେ, , ଗୟା ରାମ ପୂଝାରୀ, ଚନ୍ଦ୍ରଧ୍ୱଜ ନାଏକ, ଲଚ୍ଛମନ ପୋଡ଼, ଜଗନାଥ ନାଏକ,ଲାବାନ୍ୟ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିତ



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡସ୍ଥିତ ଚେନାଇ ରାଧା ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡର ଅଧ୍ୟକ୍ଷ ଏସ. ଭେଙ୍କଟେସନଙ୍କ ୮୦ତମ ଜନ୍ମଦିବସକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି କମ୍ପାନୀ କର୍ତ୍ତୃପକ୍ଷ । ସର୍ବ ପ୍ରଥମେ କେକ କାଟି ଜନ୍ମଦିବସ ପାଳନ କରିବା ପରେ ପରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରିଛନ୍ତି । ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆୟୋଜିତ ରକ୍ତଦାନ ଶିବିରରେ ଲାଞ୍ଜିଗଡ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡା. ଭବାନୀଶଙ୍କର ଲେଙ୍କା, ବେଦାନ୍ତ ଲିମିଟେଡ ପାୱାର ପ୍ଲାଣ୍ଟ ମୁଖ୍ୟ ପ୍ରବୋଧ କୁମାର ସିଂହ, ସଞ୍ଜୟ ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜେନ୍ଦ୍ର ପ୍ରତାପ ସିଂଦେଓ, ଆଞ୍ଚଳିକ ବିକାଶ ପରିଷଦର ସଭାପତି ଶ୍ରୀଧର ପେସନିଆ, ବରିଷ୍ଠ ନାଗରିକ କାମରାଜ ଦଳବେହେରା, ଆଇଜାକ କମ୍ପାନୀର ପ୍ରକଳ୍ପ ଇନଚାର୍ଜ ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇଥିଲେ । ଚେନାଇରାଧା କମ୍ପାନୀର ଆବାସିକ ପରିଚାଳକ ଦିଲିପ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଭି. ଶିବ କୁମାର, ସନ୍ତୋଷ କୁମାର ସାହୁ, ଅନୁଜ ସାସମଲ, ରାକେଶ ଜେନା ପ୍ରମୁଖ ପରିଚାଳନା କରିଥିଲେ । ଓଡ଼ିଶା ରକ୍ତଭଣ୍ଡାରର ଟେକ୍ନିସିଆନ ଅଜିତ କୁମାର ନାଏକ, ସଞ୍ଜୀବ ମହାଖୁଡ଼, ଗିରୀଶ ନାଏକ, ଡୋଳାମଣି ମାଝୀ ପ୍ରମୁଖ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ । ସେହିପରି ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମକର୍ତ୍ତା ତଥା ଲାଞ୍ଜିଗଡ ପ୍ରେସ କ୍ଲବ ପକ୍ଷରୁ ସଦସ୍ୟ ଧର୍ମେନ୍ଦ୍ର ପଣ୍ଡା, ରମେଶ ନାୟକ, ଦିଲୀପ ନାଏକ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ୩୦ରୁ ଅଧିକ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

## ପଣ୍ଡରାମାଳି ସମାଜର ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତା ଚୟନ

ଜୁନାଗଡ଼, (ଭାସ୍କର ନ୍ୟୁଜ)କଳାହାଣ୍ଡି ଜିଲ୍ଲା ପଣ୍ଡରାମାଳି ସମାଜ ତରଫରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଜୁନାଗଡ଼ ଲଙ୍କେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା ।ଗତ ୪,୫,୨୦୨୫ ଦିନ ଚାହାରବାହାଲ ଠାରେ ସମାଜର ସମ୍ବିଧାନ ଅନୁଯାୟୀ ଜିଲ୍ଲା ସ୍ତରୀୟ ପଣ୍ଡରାମାଳି ସମାଜର ଜିଲ୍ଲା ସ୍ତରୀୟ କାର୍ଯ୍ୟକର୍ତା ଚୟନ କରଯାଇଥିଲା ।ଏହି ଦିନ ଜିଲ୍ଲାର ସବୁ ବ୍ଲକର କୋଣଅନୁକୋଣରୁ ସହସ୍ରାଧିକ ସାମାଜିକ ଲୋକ ଅଂଶ ଗ୍ରହଣ କରି କର୍ମକର୍ତ୍ତା ଚୟନ ଓ ସ୍ୱୀକୃତି ପ୍ରଦାନ କରିଥିଲେ ।ହେଲେ ସମ୍ପ୍ରତି ସଙ୍ଗଠନକୁ ମଜଭୁତ କରିବା ବଦଳରେ ପୁଣି ଏକ ବୈଠକ ଗଡ଼ିଆଜୋର ଠାରେ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ କରାଯାଉଥିବା ଚେଷ୍ଟାକୁ ନିନ୍ଦା କରାଯାଇଥିଲା ।ଆଗାମୀ ଦିନରେ ସଂଗଠନକୁ ମଜଭୁତ କରାଯିବା ସହ ବିଭ୍ରାନ୍ତି ସୃଷ୍ଟିକାରୀଙ୍କ ଠାରୁ ସାମାଜିକ ଲୋକେ ଦୁରେଇ ରହିବା ପାଇଁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଆହ୍ୱାନ ଦେଇଥିଲେ ।ଏହି ସମ୍ମିଳନୀରେ କୁଳପତି ପ୍ରକାଶ ଚନ୍ଦ୍ର ନାଏକ,ସଭାପତି ଈଶ୍ୱର ପୂଝାରୀ,ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ନାଏକ,ବିଷ୍ଣୁ ନାଏକ,ଧନୁର୍ଜ୍ୟ ମାଝୀ, ବାଲ୍ମୀକି ନାଏକ,ଲକ୍ଷଣ ଭୋଇ,ଦୁଷ୍ମନ୍ତ ନାଏକ,ଭବାନୀ ବଣିଆ, ଲୋକେଶ ନାଏକ,ଅଜାମ୍ବିଳ ପୁଝରୀ, ରତନ ନାଏକ,ସୋମ୍ୟ ନାଏକ ଆଇନ ପରାମର୍ଶଦାତା ଦୁର୍ଗାପ୍ରସାଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।


## ଗୋତମୁଣ୍ଡା ଅଞ୍ଚଳରୁ ବେଆଇନ କାଠ ଚାଲାଣ




କୋକସରା, (ଭାସ୍କର ନ୍ୟୁଜ୍): ଧର୍ମଗଡ ଦକ୍ଷିଣ ବନାଞ୍ଚଳ ଅଧିନ ବେହେରା ଫରେଷ୍ଟ ସେକ୍ସନର ଗୋତମୁଣ୍ଡା, ସାନପୋଡାଗୁଡା ଅଞ୍ଚଳରୁ ଗତ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ବେଆଇନ ଭାବେ ଟ୍ରକ୍ ଟ୍ରକ୍ କାଠ ଚାଲାଣ ହେଉଛି । କିନ୍ତୁ ବନ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । ଅଭିଯୋଗ କଲେ ଆସୁଛୁ କହି ବନ ବିଭାଗର ଦେଖା ଦର୍ଶନ ମିଳୁନଥିବା ଅଭିଯୋଗ ହୋଇଛି । ଯାହା ଫଳରେ ଜନ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ’ ଗତ କିଛି ମାସ ହେଲା ନବରଙ୍ଗପୁର ଅଞ୍ଚଳର କାଠ ମାଫିଆମାନେ ଆସି ଏହି ଅଞ୍ଚଳରେ ଆଡ୍ଡା ଜମାଇଛନ୍ତି । ଏବଂ ସ୍ଥାନୀୟ କିଛି ଲୋକଙ୍କୁ ହାତ କରି ଲୋକଙ୍କ ଚାଷ ଜମି ଓ ବିଭିନ୍ନ ସ୍ଥାନରେ ଥିବା ସରକାରୀ ଜମି, ନଈ, ନାଲାରୁ ‘ଖ’ ଗଛ ଗୁଡ଼ିକୁ କାଟି ବିନା ଅନୁମତିରେ ଚାଲାଣ କରୁଥିବା ଦେଖିବାକୁ ମିଳୁଛି । ସାଧାରଣତଃ ନୀଳଗିରି, ବାଉଁଶ, ଛୋଟ ଚାକୁଣ୍ଡା, ବମୁର ଆଦି ଗଛ ଫ୍ରି ସେଲ୍ ରହିଛି । ତଥାପି ଏହି ସବୁ ଗଛକୁ ଚାଲାଣ କରିବାକୁ ହେଲେ ବନ ବିଭାଗର ଏସିଏଫ୍ କିମ୍ବା ଡିଏଫ୍‌ଓଙ୍କ ଅନୁମତି ଆବଶ୍ୟକ ରହିଛି । ହେଲେ ଏହି ସବୁ ଗଛ ନେବା ବାହାନାରେ ଜିଲ୍ଲା ବାହାରର କିଛି କାଠ ମାଫିଆ ଗୋତମୁଣ୍ଡା, ସାନପୋଡାଗୁଡା ଅଞ୍ଚଳର ଚାଷୀମାନଙ୍କ କ୍ଷେତରେ ଥିବା ଖ’ ଗଛ ଗୁଡିକକୁ ଅଳ୍ପ କିଛି ଟଙ୍କା ଦେଇ କାଗଜ କଲକୁ ନେଉଥିବା ଜଣାପଡିଛି । ଚାଷୀଙ୍କ ଜମି କେବଳ ମୋହରା ହୋଇଯିବା ବେଳେ ଏହି କାଠ ମାଫିଆ ମାନେ ନଦି, ନାଲ ଗୋଚର ଜମି ଆଦି ସ୍ଥାନରେ ଥିବା ଗଛ ଗୁଡ଼ିକକୁ ମଧ୍ୟ କାଟି ନେଇଥିବା ଅଭିଯୋଗ ହେଉଛି । ଏମିତି କି ଅନେକ ମୂଲ୍ୟବାନ ଗଛ ଗୁଡ଼ିକୁ ମଧ୍ୟ ନିଳଗିରି ଗଛ ନାଁରେ ଟ୍ରକ୍‌ରେ ଭର୍ତ୍ତି କରି ଚାଲାଣ କରୁଥିବା ଜଣାପଡିଛି । ଯଦି କୌଣସି ବ୍ୟକ୍ତି ଦରକାର ସମୟରେ ନିଜ ଜମିରୁ ମଧ୍ୟ ଗଛ କଟିବାକୁ ହେଲେ ସ୍ଥାନୀୟ ସରପଞ୍ଚ କିମ୍ବା ରାଜସ୍ୱ ବିଭାଗକୁ ଲିଖିତ ଭାବେ ପ୍ରଥମେ ଜଣାଇବାକୁ ପଡ଼ିଥାଏ । ଏହାପରେ ରାଜସ୍ୱ ବିଭାଗ ପକ୍ଷରୁ ସ୍ଥାନ ଯାଞ୍ଚ କରି ଚିହ୍ନଟ କରିବା ପରେ ଅନୁମତି ପାଇଁ ବନ ବିଭାଗକୁ ଅନଲାଇନ୍ ମାଧ୍ୟମରେ ଆବେଦନ କରାଯାଇଥାଏ । ଏବଂ ପରବର୍ତ୍ତୀ ସମୟରେ ଅନୁମତି ମିଳିଲେ ଗଛ କଟାଯାଇଥାଏ । ଏହା ବାଦ୍ ମଧ୍ୟ ଅନ୍ୟ ସ୍ଥାନକୁ ଚାଲାଣ କରିବାକୁ ହେଲେ ଏସିଏଫ କିମ୍ବା ଡିଏଫ୍‌ଓଙ୍କ ଠାରେ ଟ୍ରାନ୍ସପୋର୍ଟ ପରମିଟ ନେବାକୁ ପଡିଥାଏ । ହେଲେ ଏଠାରେ କିନ୍ତୁ ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳୁଛି । ହଜାର ହଜାର ‘ଖ’ ଗଛ ବିନା ଅନୁମତିରେ ମେସିନ ଲଗାଇ କାଟି ଦିଆଯାଇଛି । ଏବଂ ସ୍ଥାନୀୟ ଅଞ୍ଚଳର କିଛି ଦଲାଲଙ୍କୁ ଧରି ଜିଲ୍ଲା ବାହାରକୁ ଚାଲାଣ କରାଯାଇଛି । ଏହାସତ୍ତ୍ୱେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଅନ୍ୟପଟେ କାଠ ଚାଲାଣ କରୁଥିବା କିଛି ବ୍ୟକ୍ତିଙ୍କୁ ପଚାରିବାରୁ କାଗଜ କଳକୁ ନେଉଥିବା କହିଥିବାବେଳେ ଅନୁମତି ଅଛି କି ନାହିଁ ବୋଲି ପଚାରିବାରୁ ଅନୁମତି ନଥିବା କଥାକୁ ମାନିଥିଲେ । ଏବଂ ବନ ବିଭାଗ ସହିତ ବୁଝାମଣାରେ କାଠ ଚାଲାଣ ହେଉଥିବା କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠେ ଯେ’ ଏତେ ପରିମାଣରେ ଗଛ ବିନା ଅନୁମତିରେ କେମିତି ଜିଲ୍ଲା ବାହାରକୁ ଚାଲାଣ ହେଉଛି, ତାହା ବନ ବିଭାଗ ଓ କାଠ ମାଫିଆଙ୍କ ସଲାସୁତୁରା ଥିବା ଜଳ ଜଳ ହୋଇ ଦିସୁଛି । ଅନ୍ୟପଟେ ଗୋଟିଏ ଟ୍ରକ କାଠ ଲୋଡ୍ ହେଲେ ବନ ବିଭାଗର ଭାଗ ୨୦ ରୁ ୨୫ ହଜାର ଟଙ୍କା ଥିବା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ବିଗତ ଦିନରେ ଯେଉଁମାନେ ସାହାଜଖୋଲ ଜଙ୍ଗଲକୁ ସୁରକ୍ଷା ଦେଉଥିଲେ ସେହି ବନ ସୁରକ୍ଷା ସଂଘର କିଛି ଲୋକ ଏହି କାଠ ଚାଲାଣ କରବାରରେ ସଂଶ୍ଳିଷ୍ଟ ଥିବା ସବୁଠାରୁ ବଡ଼ ଚର୍ଚ୍ଚାର ବିଷୟ ହୋଇଛି । ଏ ବିଷୟରେ ଧର୍ମଗଡ଼ ବନାଞ୍ଚଳ ଅଧିକାରୀ ଭବାନୀ ଶଙ୍କର କାଉଁରଙ୍କୁ ଅବଗତ କରିବାରୁ ଷ୍ଟାଫ୍ ପଠାଉଛି କହି କଥା ହାଲକା ନେଇଥିଲେ ।

## ରାଶିଫଳ


**ରବିବାର, ୨୨ ଜୁନ୍ ୨୦୨୫**



**ମେଷ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ । ଚାକିରିରେ ସମସ୍ୟା ହୋଇପାରେ । ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ । ହଠାତ୍ ଆପଣ ଅସୁବିଧା ମଧ୍ୟ ବଢ଼ିପାରେ ।




**ବୃଷ:** ବ୍ୟବସାୟରେ ବ୍ୟସ୍ତ ରହିବେ । ସାମାଜିକ ସ୍ତରରେ ସମ୍ମାନ ମିଳିବ । କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ । ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ । ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି ।




**ମିଥୁନ:** ଶୀଘ୍ର କେଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ । ବ୍ୟବସାୟ ଭଲ କରିବ । ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ । ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ ।




**କର୍କଟ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ । ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ । ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ । ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢ଼ିପାରେ । ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ । ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନିଅନ୍ତୁ ।




**ସିଂହ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ । ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ । ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ । ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ । ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ । ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ ।




**କନ୍ୟା:** ପରିବାର ସାହାଯ୍ୟ କରିବେ । ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । କାର୍ଯ୍ୟ ସମାପ୍ତ ହୋଇପାରିବ । ସ୍ୱାସ୍ଥ୍ୟ ମଧ୍ୟ ଉନ୍ନତି କରିପାରିବ । ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିପାରିବ ।



**ତୁଳା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ । ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ । ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ । ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ । ଆଜିର ଦିନଟି ଆପଣଙ୍କ ପାଇଁ ସ୍ୱାଭାବିକ ।



**ବିଛା:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ । ପରିବାର ସାହାଯ୍ୟ ମିଳିବ । ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । କାର୍ଯ୍ୟ ସମାପ୍ତ ହୋଇପାରିବ । ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ । ବସ୍ ସହିତ ସମ୍ପର୍କ ବିଷୟରେ ଆପଣ ଟିକିଏ ସଚେତନ ହେବା ଉଚିତ୍ ।




**ଧନୁ:** ଭାଗ୍ୟ ଆପଣଙ୍କ ସହିତ ରହିପାରେ । ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ । ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ । ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ । ଆପଣଙ୍କର ଆୟ ବଢ଼ିବାର ସମ୍ଭାବନା ମଧ୍ୟ ଅଧିକ ।



**ମକର:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍ । ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ । କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି । ସମୟର ଯତ୍ନ ନିଅନ୍ତୁ । କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ । ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍ ।



**କୁମ୍ଭ:** ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ । ପାରିବାରିକ ସମ୍ପର୍କ ଆନ୍ତରିକ ହେବ । ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ । ଚିନ୍ତା ସମାପ୍ତ ହୋଇପାରିବ । ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ । ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କ ଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ । ଆୟ ବୃଦ୍ଧି ପାଇବ । ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯